# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୧୫/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, May 15/2019 | ★★★★★★

୪୫ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ହାସ୍ୟ ଅଭିନୟ କରିବାକୁ ଚାହାନ୍ତି ନୀନା**

୧୯୮୫ରେ ଫିଲ୍ମ ଦୁନିଆରେ ପାଦ ଥାପିଥିବା ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ହାସ୍ୟ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

୦୨

୧୯

**ଓଡ଼ିଶାର ସୁମନ ଉପ ଅଧିନାୟକ**


ଜୁନ ୧୦ରୁ ସ୍ପେନଠାରେ ହେବାକୁଥିବା ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ଓଡ଼ିଶାର ସୁମନ ବେକ୍ ଭାରତୀୟ ଦଳର ଉପ ଅଧିନାୟକ ମନୋନୀତ ହୋଇଛନ୍ତି ।



# ବିଳମ୍ବ ହେବ ମୌସୁମୀ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ବିଳମ୍ବରେ ପହଞ୍ଚିବ ଏବଂ କମ୍ ବର୍ଷିବ ବୋଲି ପାଣିପାଗ ବିଶେଷଜ୍ଞ ଭବିଷ୍ୟବାଣୀ କରିଛନ୍ତି। ସାଧାରଣତଃ ମୌସୁମୀ ମେ ୨୦ ତାରିଖରେ ଆଣ୍ଡାମାନରେ ପହଞ୍ଚିଥାଏ। ଜୁନ୍ ପହିଲାରେ କେରଳ ଉପକୂଳ ଛୁଇଁଥାଏ। ଜୁନ୍ ୧୦ ତାରିଖ ସୁଦ୍ଧା ଓଡ଼ିଶାକୁ ଆସିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେବା ସମ୍ଭାବନା ରହିଛି । ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ମେ ୨୦ ବଦଳରେ ୨୪ କିମ୍ବା ୨୫ ତାରିଖରେ ପହଞ୍ଚିବ। ଜୁନ୍ ପହିଲା ବଦଳରେ ୪ କିମ୍ବା ୫ ତାରିଖରେ କେରଳ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ଏହାର ୨ ସପ୍ତାହ ପରେ ଅର୍ଥାତ୍ ଜୁନ୍ ୧୫ରୁ ୧୮ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିପାରେ ବୋଲି ଅନୁମାନ କରାଯାଉଥିବା



- ଜୁନ୍ ୧୫ ପରେ ଓଡ଼ିଶା ଛୁଇଁପାରେ
- ଜୁନ୍ ୪ରେ କେରଳ
- ଏଥର କମ୍ ବର୍ଷିବ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି। ତେବେ ଘରୋଇ ଏଜେନ୍ସି ସ୍କାଇମେଟ୍ ଆକଳନ ଅନୁଯାୟୀ ଚଳିତ ବର୍ଷ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ମେ ୨୨ ତାରିଖ ଓ କେରଳରେ ଜୁନ୍ ୪ରେ ପହଞ୍ଚିବ। ସ୍କାଇମେଟ୍ର ସିଇଓ ଜିତନ ସିଂ କହିଛନ୍ତି ଯେ ଚଳିତ ବର୍ଷ ଦେଶର ୪ ଭାଗରେ କମ୍ ବର୍ଷା ହେବ। ପୂର୍ବ, ପୂର୍ବୋତ୍ତର ଓ ମଧ୍ୟ ଭାରତରେ ଉତ୍ତର-ପଶ୍ଚିମ ଭାରତ ଅପେକ୍ଷା କମ୍ ବର୍ଷା ହେବ। ଦେଶରେ ସାମାନ୍ୟରୁ କମ୍ ବର୍ଷା(୯୩%) ହେବ ବୋଲି ସ୍କାଇମେଟ୍ ଅନୁମାନ କରିଛି।

ଏଲ୍ ନିନ୍ୟୋ ଦୁର୍ବଳ ରହିଥିଲେ ମଧ୍ୟ ଏହାର ପ୍ରଭାବ ମୌସୁମୀ ଉପରେ ପଡ଼ିବା ଆଶଙ୍କା ରହିଛି। ଏଥିଯୋଗୁ ଓଡ଼ିଶା ସମେତ ସମଗ୍ର ଦେଶରେ ବର୍ଷା ପରିମାଣ କମିବା ସମ୍ଭାବନା ରହିଛି। ଗତବର୍ଷ ମୌସୁମୀ ସଅଳ ଅର୍ଥାତ ଜୁନ୍ ୮ରେ ଓଡ଼ିଶାକୁ ପ୍ରବେଶ କରିଥିଲା। ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁ ପାରିଥିଲା। ବଲାଙ୍ଗୀର ଜିଲାର ଟିଟିଲାଗଡ଼କୁ ବାଦ୍ ଦେଲେ ସମ୍ବଲପୁର, ଝାରସୁଗୁଡା, ବରଗଡ଼, ସୋନପୁର, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାକୁ ☞ପୃଷ୍ଠା-୧୬

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

**ଅବିଶ୍ୱସନୀୟ ଦୃଷ୍ଟାନ୍ତ**

**ଆଜିର ମନ୍ତବ୍ୟ**

"ନିର୍ବାଚନ ପରବର୍ତ୍ତୀ ମେଣ୍ଟ ନେଇ ଭାଜପା ସହ ଡିଏମ୍କେ ଆଲୋଚନା କରୁଛି ବୋଲି ଚର୍ଚ୍ଚା ହେଉଛି। ଏହା ଯଦି ପ୍ରମାଣିତ ହୁଏ ତେବେ ମୁଁ ରାଜନୀତି ଛାଡ଼ିଦେବି।

-ଏମ.କେ. ଷ୍ଟାଲିନ୍, ଡିଏମ୍କେ ସଭାପତି

**କିଛି ତଥ୍ୟ**

୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡରେ ୧୧୪୩ ମାମଲା ବିଚାରାଧୀନ ରହିଛି।

- କ୍ରିସିଲ୍


NATIONAL EGG CO-ORDINATION COMMITTEE | 14.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 109 | 170 | 180 |
| CTC | 109 | 170 | 180 |
| DKL | 104 | 163 | 173 |
| BDK | 110 | 171 | 181 |
| BLS | 112 | 174 | 184 |
| ANG | 104 | 163 | 173 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


# ସରିପାରିନି ଯୁକ୍ତ୨ ଖାତାଦେଖା

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ କେବେ ପ୍ରକାଶ ପାଇବ, ତାହାକୁ ନେଇ ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। କାରଣ ଏ ପର୍ଯ୍ୟନ୍ତ ଖାତାଦେଖା ଶେଷ ହୋଇନାହିଁ। ଦୁଇଟି ପର୍ଯ୍ୟାୟରେ ମୂଲ୍ୟାଙ୍କନ ହେବା ପରେ ମେ ଶେଷ ସପ୍ତାହ ସୁଦ୍ଧା ଫଳାଫଳ ପ୍ରକାଶ ପାଇବ ବୋଲି ଆଶା କରାଯାଉଥିଲା। କିନ୍ତୁ ସବୁକିଛି ଓଲଟପାଲଟ ହୋଇଗଲା। ଗୋଟିଏ ପର୍ଯ୍ୟାୟ ଖାତାଦେଖା ସରିଥିବା ବେଳେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଚାଲିଛି। ବାତ୍ୟା 'ଫନୀ' ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖାରେ ବ୍ୟାଘାତ ସୃଷ୍ଟି ହେଲା। ଏପ୍ରିଲ ୨୫ରୁ ମେ ୫ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଗତ ୩ତାରଖରେ ବାତ୍ୟା ହେବାରୁ ରାଜ୍ୟର ଅଧିକାଂଶ ଜିଲାରେ କ୍ଷୟକ୍ଷତି ଘଟିଲା। ବିଦ୍ୟୁତ୍ ସଂଯୋଗ କଟିଗଲା। ☞ପୃଷ୍ଠା-୧୬

**ଫନୀ ପ୍ରଭାବ**

- ଫଳ ପ୍ରକାଶନକୁ ନେଇ ଚିନ୍ତାରେ ଛାତ୍ରୀଛାତ୍ର

## ୨୧ ସୁଦ୍ଧା ମାଟ୍ରିକ ପରୀକ୍ଷାଫଳ

କଟକ ଅଫିସ,୧୪।୫

ଚଳିତ ମାସ ୨୧ ତାରିଖ ସୁଦ୍ଧା ପ୍ରକାଶ ପାଇବ ମାଟ୍ରିକ ପରୀକ୍ଷା ଫଳ। ବିଧିବଦ୍ଧ କୌଣସି ତାରିଖ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଆଉ ୭ ଦିନ ଭିତରେ ଫଳ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସଭାପତି ଡ. ଜହାଁଆରା ବେଗମ୍ ମଙ୍ଗଳବାର କହିଛନ୍ତି। ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ତ୍ରୁଟିଶୂନ୍ୟ ଫଳ ପ୍ରକାଶ କରାଯିବା ଦିଗରେ ଗୁରୁତ୍ୱ ଦିଆଯାଇଛି ବୋଲି ସଭାପତି ବେଗ୍‌ମ କହିଛନ୍ତି। ଅନ୍ୟପକ୍ଷରେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣା ସମ୍ପର୍କିତ ରିପୋର୍ଟ ପରୀକ୍ଷା କମିଟି ପ୍ରଦାନ କରିସାରିଛି। ତେବେ ଉକ୍ତ ରିପୋର୍ଟରେ ପରୀକ୍ଷା କମିଟି କ'ଣ ଦର୍ଶାଇଛି ତାହା ଗୋପନୀୟ ରହିଛି। ଫଳ ପ୍ରକାଶ ପାଇବା ପରେ କମିଟିର ନିଷ୍ପତ୍ତି ସ୍ପଷ୍ଟ କରାଯିବ ବୋଲି ସେ କହିଛନ୍ତି।

# ଲକ୍ଷ୍ମୀ ପ୍ରଥମ ମହିଳା ଆଇସିସି ମ୍ୟାଚ ରେଫରି

ଦୁବାଇ, ୧୪।୫

ଭାରତର ଜି.ଏସ. ଲକ୍ଷ୍ମୀ ବିଶ୍ୱର ପ୍ରଥମ ମହିଳା ଭାବେ ଆଇସିସି ମ୍ୟାଚ ରେଫରି ହେବାର ସୌଭାଗ୍ୟଲାଭ କରିଛନ୍ତି। ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରି ତାଲିକାରେ ଏହି ପୂର୍ବତନ ଭାରତୀୟ ମହିଳା କ୍ରିକେଟର୍ ସ୍ଥାନ ପାଇଛନ୍ତି। ଲକ୍ଷ୍ମୀ ବର୍ତ୍ତମାନ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ରେଫରି ଭାବେ ଦାୟିତ୍ୱ ତୁଲାଇବେ ବୋଲି ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିଭଳି ଅଷ୍ଟ୍ରେଲିଆର ଏଲୋଇସେ ସିରିଡାନ ଅଷ୍ଟମ ମହିଳା ଭାବେ ଡେଭଲପ୍‌ମେଣ୍ଟ ପ୍ୟାନେଲ୍ ଅଫ୍ ଅମ୍ପାୟର ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି।

୫୧ ବର୍ଷୀୟା ଲକ୍ଷ୍ମୀ ୨୦୦୮-୦୯ରେ ପ୍ରଥମେ ଘରୋଇ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ରେଫରି ଭାବେ ପଦାର୍ପଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୩ଟି ଲେଖାଏ ମହିଳା ଦିନିକିଆ ଓ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ନିର୍ବାହ କରିସାରିଛନ୍ତି। 'ଆଇସିସିର ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଙ୍କୁ ମନୋନୀତ ହେବା ମୋ ପାଇଁ ବହୁତ ବଡ଼ ସମ୍ମାନ ଏବଂ ଏକ ନୂଆ ରାସ୍ତା ଖୋଲିଛି। ଜଣେ କ୍ରିକେଟର ଭାବେ ଭାରତ ପକ୍ଷରୁ ଅନେକ ମ୍ୟାଚ୍ ଖେଳିଛି ଏବଂ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଛି। ମୋର କ୍ରିକେଟ୍ ଓ ମ୍ୟାଚ୍ ଅଫିସିଆଲ ଅଭିଜ୍ଞତାକୁ ଅନ୍ତର୍ଜାତୀୟ ସର୍କିଟ୍‌ରେ ପ୍ରୟୋଗ କରିବି' ବୋଲି ଏକ ସାକ୍ଷାତକାର ଅବସରରେ ଲକ୍ଷ୍ମୀ କହିଛନ୍ତି। 'ଏଭଳି ଏକ ବଡ଼ ସୁଯୋଗ ଦେଇଥିବାରୁ ଆଇସିସି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଅଫିସିଆଲଙ୍କ ସମେତ କ୍ରିକେଟରେ ମୋ ସିନିୟର ଖେଳାଳି, ପରିବାର ଓ ବନ୍ଧୁଙ୍କୁ ଧନ୍ୟବାଦ ଦେବି' ବୋଲି ଲକ୍ଷ୍ମୀ କହିଛନ୍ତି।



ଜି.ଏସ. ଲକ୍ଷ୍ମୀ

# ୬୫ ଆସନରେ କଡ଼ା ଟକ୍କର

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଦେଶରେ ଚାଲିଥିବା ସାଧାରଣ ନିର୍ବାଚନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ମେ' ୧୯ରେ ସପ୍ତମ ପର୍ଯ୍ୟାୟ ଲାଗି ଭୋଟ ଗ୍ରହଣ କରାଯିବ। ଏହାର ଠିକ୍ ୪ ଦିନ ପରେ ଅର୍ଥାତ ୨୩ରେ ଭୋଟ ଗଣତି । ଓଡ଼ିଶାରେ ୨୦୦୦ ମସିହାରୁ ବିଜୁ ଜନତା ଦଳ(ବିଜେଡି) କ୍ଷମତାରେ ରହି ଆସିଛି। ଚଳିତ ନିର୍ବାଚନରେ ପୂର୍ବାପେକ୍ଷା ବିଜେଡି ଶାସକ ବିରୋଧୀ ହାୱାର ସମ୍ମୁଖୀନ ହୋଇଥିବା ସମୀକ୍ଷକମାନେ ମତ ଦେଉଛନ୍ତି। ହେଲେ ସେହି ବିରୋଧୀ ହାୱାର ଫାଇଦା ଅନ୍ୟ ଦଳ କେତେ ନେଇଛନ୍ତି, ତାହା କେବଳ ଫଳାଫଳ ଘୋଷଣା ପରେ ସ୍ପଷ୍ଟ ହେବ। ନିର୍ବାଚନ ପରେ ବିଜେଡି ପକ୍ଷରୁ ବିଭିନ୍ନ ସଂସ୍ଥା ଦ୍ୱାରା ଏକାଧିକ ସର୍ଭେକ୍ଷଣ କରାଯାଇଛି। ଏହାକୁ ନେଇ କେତେକ ନେତା ନାମ ଗୋପନ ରଖି କିଛି ତଥ୍ୟ ଦେଇଛନ୍ତି।

ବିଜେଡି ଦ୍ୱାରା କରାଯାଇଥିବା ସର୍ଭେରେ ଦଳ ୬୫ଟି ବିଧାନସଭା ଆସନରେ କଡା ମୁକାବିଲାର ସମ୍ମୁଖୀନ ହୋଇଥିବା କୁହାଯାଇଛି। କୋରାପୁଟ ଲୋକ ସଭା ଅଧୀନ ୬ଟି ବିଧାନସଭା ଆସନରେ ଦଳ କଡା ଟକ୍କରର ସମ୍ମୁଖୀନ ହୋଇଛି। ଏହି ଆସନ ଗୁଡ଼ିକ ହେଉଛି ରାୟଗଡା, ଲକ୍ଷ୍ମୀପୁର, ଜୟପୁର, ପଟ୍ଟାଙ୍ଗୀ, ଗୁଣୁପୁର ଏବଂ ବିଷମ କଟକ। ଏହି ସବୁ ସ୍ଥାନରେ ଦଳକୁ ଭାଜପା, କଂଗ୍ରେସ, ସ୍ୱାଧୀନ ଏବଂ ବିଏସ୍‌ପିକୁ ମୁକାବିଲା କରିବାକୁ ପଡିଛି। ତେଣୁ କୋରାପୁଟ ଲୋକ ସଭା ଆସନକୁ ଜିତିବା ନେଇ ସର୍ଭେରେ ଆଶଙ୍କା ପ୍ରକାଶ ପାଇଛି। ନବରଙ୍ଗପୁର ଲୋକ ସଭାରେ ଦଳ ଅନୁରୂପ ଅବସ୍ଥା ଭୋଗିଛି। ଏହା ଅଧୀନ ଝରିଗାଁ, ମାଲକାନଗିରି, ଚିତ୍ରକୋଣ୍ଡାରେ ଭାଜପା ସହିତ ଏବଂ ଉମରକୋଟ, ଡାବୁଗାଁ ଏବଂ ନବରଙ୍ଗପୁରରେ କଂଗ୍ରେସ ସହ କଡ଼ା ମୁକାବିଲା ହୋଇଛି। ☞ପୃଷ୍ଠା-୧୬

**ବିଜେଡିର ଆକଳନ**

- ୧୦୦ ବିଧାନସଭା ଆସନ ହାତେଇବ ଦଳ
- ପୂର୍ବାପେକ୍ଷା ୪ରୁ ୭ ଲୋକ ସଭା ସିଟ୍ ହରାଇବା ଆଶଙ୍କା






“ ଭାରତୀୟ ବାୟୁସେନା ଲାଗି ୧୨୬ ରାଫାଲ୍ ଯୁଦ୍ଧ ବିମାନ କିଣାଯିବାକୁ ଯୋଜନା ରହିଥିଲା। ଅର୍ଥାଭାବର ଆଳ ଦେଖାଇ ମାତ୍ର ୩୬ଟି କିଣାଗଲା। କମ ରାଫାଲ୍ ଯୁଦ୍ଧ ବିମାନ କିଣି ମୋଦି ସରକାର ଦେଶର ସୁରକ୍ଷା ସହ ଖେଳିଛନ୍ତି।

ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର





ପାଟନାସାହିବରେ ରୋଡ୍ ଶୋ ବେଳେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ନଭଜୋତ ସିଂ ସିଦ୍ଧୁ ଓ ସୁନୀଲ ଜାଖର।



ପଞ୍ଜାବର ଗୁରୁଦାସପୁରଠାରେ ଭାଜପା ପ୍ରାର୍ଥୀ ସନ୍ନି ଦେଓଲ ନିଜ ସମର୍ଥକମାନଙ୍କ ସହ ହାତ ମିଳାଉଛନ୍ତି।




ଉତ୍ତର କଶ୍ମୀରରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯିବା ପରେ ମହିଳାମାନେ ପ୍ଲାକାର୍ଡ ଧରି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ■ ର୍ୟାଲି ପୂର୍ବରୁ ଭାଜପା ପୋଷ୍ଟର ହଟାଗଲା

# ଶାହଙ୍କ ରୋଡ୍ ଶୋ'ବେଳେ ହିଂସା

**କୋଲ୍‌କାତା,୧୪।୫**

କୋଲ୍‌କାତାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ମେଗା ରୋଡ୍ ଶୋ ଓ ଜୟ ଶ୍ରୀରାମ ଉଚ୍ଚାରଣ ଟିଏମ୍‌ସି ଲାଗି ଚ୍ୟାଲେଞ୍ଜ୍ ଆଣିଦେଇଛି। ଭାଜପା କର୍ମକର୍ତ୍ତାଙ୍କ ଉତ୍ସାହ ଏହାଦ୍ୱାରା ବୃଦ୍ଧି ପାଇଥିଲାବେଳେ କେତେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଛି। ରୋଡ ଶୋ' ବେଳେ ଟିଏମ୍‌ସି କର୍ମୀ କଳା ପତାକା ଦେଖାଇବା ସହ 'ଗୋ ବ୍ୟାକ୍' ସ୍ଲୋଗାନ୍ ଦେବାରୁ ପରିସ୍ଥିତି ବିଗିଡ଼ି ଯାଇଥିଲା। ପରେ କୋଲ୍‌କାତାର ବିଧାନ ସରିଣିଠାରେ ଶାହଙ୍କ ଶୋଭାଯାତ୍ରା ଉପରକୁ ଢେଲାମାଡ଼ କରାଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟିଏମ୍‌ସି ଛାତ୍ର ଶାଖାର କର୍ମକର୍ତ୍ତା ଓ ଭାଜପା କର୍ମୀଙ୍କ ମଧ୍ୟରେ ବଚସା ପରେ ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରିଥିଲା। କୋଲ୍‌କାତା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଏରିଆରେ ଦୁଇ ଥର ଏଭଳି ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ସେହିଭଳି କଲେଜ୍ ଷ୍ଟ୍ରିଟ୍ ନିକଟରେ ସଂଘର୍ଷ ହେବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ବିଦ୍ୟାସାଗର କଲେଜ ହଷ୍ଟେଲ୍ ନିକଟରେ ମାଡ଼ପିଟ୍ ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରାଯାଇଥିବା ଟିଏମ୍‌ସି ଓ ଭାଜପା ସମର୍ଥକମାନେ ଝଙ୍କାପଞ୍ଝା ଅବସ୍ଥାରେ ଥିବା ଜଣାପଡ଼ିଛି। ଏଭଳି ଘଟଣାକୁ ନେଇ ଭାଜପା ପକ୍ଷରୁ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଟିଏମ୍‌ସିକୁ ଦୋଷାରୋପ କରାଯାଇଛି। ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ହିଂସାକୁ ପ୍ରଶ୍ରୟ ଦେଉଥିବା ଶାହ ଅଭିଯୋଗ କରିଛନ୍ତି। ତାଙ୍କୁ ନିର୍ବାଚନ ପ୍ରଚାର କାର୍ଯ୍ୟରୁ ବାଦ୍ ଦେବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି। ସେପଟେ ମମତା ଶାହଙ୍କୁ ଗୁଣ୍ଡା ବୋଲି କହି ବାହାର ଲୋକଙ୍କୁ ଆଣି ଆତଙ୍କରାଜ ଚଳାଇଥିବା ଅଭିଯୋଗ କରିଛନ୍ତି।



କୋଲ୍‌କାତାରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ ଶୋ।



ହିଂସାକାଣ୍ଡ ପରେ ପୋଡାଜଳା।

ମଙ୍ଗଳବାର କୋଲକାତା ର୍ୟାଲି ପୂର୍ବରୁ ରାସ୍ତାରୁ ସମସ୍ତ ଦଳୀୟ ପୋଷ୍ଟର ହଟାଇ ଦିଆଯାଇଥିଲା। ଏହାକୁ ନେଇ ଭାଜପା ପକ୍ଷରୁ ଶାସକ ଟିଏମ୍‌ସିକୁ ଦୋଷାରୋପ କରାଯାଇଥିଲା। ର୍ୟାଲି ହେବାକୁ ଥିବା ରାସ୍ତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ପ୍ରମୁଖଙ୍କ ପୋଷ୍ଟର ହଟାଯିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଭାଜପା କର୍ମକର୍ତ୍ତାମାନେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ବିରୋଧ କରି ବିକ୍ଷୋଭ କରିଥିଲେ। ରାଜ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ପୋଲିସ ଟିଏମ୍‌ସିକୁ ସମର୍ଥନ କରି ଚୁପ ରହୁଥିବା ଅଭିଯୋଗ କରାଯାଇଛି।

ଶହୀଦ ମିନାର ମଇଦାନରୁ ଶାହଙ୍କ ର୍ୟାଲି ବାହାରିବା ପୂର୍ବରୁ ପୋଲିସ ଏଥିଲାଗି ଅନୁମତି ଦେଇ ନ ଥିଲା। ତେଣୁ ଧର୍ମତାଲାରୁ ଶିମ୍‌ଲା ଷ୍ଟ୍ରିଟ୍‌ସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ଘର ପର୍ଯ୍ୟନ୍ତ ଶାହଙ୍କ ରୋଡ୍ ଶୋ ହେବାକୁ ଥିଲା। କିନ୍ତୁ ହିଂସା ଯୋଗୁ ରୋଡ୍ ଶୋ'କୁ କାଟଛାଣ୍ଟ କରିବାକୁ ପଡ଼ିଥିଲା। ପ୍ରକାଶଥାଉ କି, ର୍ୟାଲି ପୂର୍ବରୁ ଶାହ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କୁ ସୋମବାର ଚ୍ୟାଲେଞ୍ଜ ଦେବା ସହ କୋଲ୍‌କାତାରେ ଜୟ ଶ୍ରୀରାମ ଉଚ୍ଚାରଣ କରିବି, ମୋତେ ବାନ୍ଧି ଦେଖ କହି ଚ୍ୟାଲେଞ୍ଜ୍ ଦେଇଥିଲେ। ମଙ୍ଗଳବାର ମେଗା ର୍ୟାଲିରେ ଭାଜପା କର୍ମକର୍ତ୍ତାଙ୍କ ଜୟ ଶ୍ରୀରାମ ଉଚ୍ଚାରଣ ଓ ଟିଏମ୍‌ସି କର୍ମୀଙ୍କ ସହ ଗଣ୍ଡଗୋଳ ଭିନ୍ନ ମୋଡ଼ ନେଇଛି। ପ୍ରକାଶଥାଉ କି, ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକ ସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ୯ଟି ଆସନରେ ମତଦାନ କରାଯିବ।

■ ଭାଜପା ଓ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ

■ ଢେଲାମାଡ଼ରେ ଗାଡ଼ି ଭାଙ୍ଗିଲା, ପୋଡ଼ାଜଳା, ଲାଠିଚାର୍ଜ

■ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେଲା ଭାଜପା

# ଏଲ୍‌ଟିଟିଇ ଉପରେ ୫ ବର୍ଷ ପ୍ରତିବନ୍ଧକ

**ନୂଆଦିଲ୍ଲୀ,୧୪।୫:** କେନ୍ଦ୍ର ସରକାର ମଙ୍ଗଳବାର କଠୋରପନ୍ଥୀ ଗୋଷ୍ଠୀ ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ଉପରେ ଅଧିକ ୫ ବର୍ଷର ପ୍ରତିବନ୍ଧକ ଲଗାଇଛନ୍ତି। ରାଜୀବ ଗାନ୍ଧୀ ହତ୍ୟା ମାମଲା ପଛରେ ଏହି ଗୋଷ୍ଠୀର ସମ୍ପୃକ୍ତି ଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ୨୦୧୪ରେ ଏହି ଗୋଷ୍ଠୀ ବିରୋଧରେ ୫ ବର୍ଷର ପ୍ରତିବନ୍ଧକ ଲଗାଯାଇଥିଲା। ଶ୍ରୀଲଙ୍କାର ଏହି କଠୋରପନ୍ଥୀ ଗୋଷ୍ଠୀର ଏଜେଣ୍ଟ ଓ ସମର୍ଥକମାନେ ଭାରତରେ ଅଛନ୍ତି। ସ୍ୱତନ୍ତ୍ର ରାଜ୍ୟ ଗଠନ (ତାମିଲ ଇଲମ୍) ଗଠନ ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ; ଯାହାକି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ଲାଗି ବିପଦ ସୃଷ୍ଟିକରିଛି। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ କରି ଶାନ୍ତିଭଙ୍ଗ କରିବା ଏମାନଙ୍କର ଉଦ୍ଦେଶ୍ୟ। ୨୦୦୯ରେ ଶ୍ରୀଲଙ୍କାରେ ପରାଜୟବରଣ କରିଥିଲେ ବି ଏମାନେ ନିଜର ଆଭିମୁଖ୍ୟରୁ ହଟିନାହାନ୍ତି। ପୁନଃ ସଙ୍ଗଠିତ ହୋଇ ଏମାନେ ନିଜର ଶକ୍ତି ଓ ସଙ୍ଗଠନ ବୃଦ୍ଧି କରିବାରେ ଲାଗିଛନ୍ତି।

## ■ ସଂଘୀୟ ମେଣ୍ଟ ଫେରିବା ନେଇ କେସିଆର୍ ଆଶାବାଦୀ

# କେନ୍ଦ୍ରରେ କଂଗ୍ରେସକୁ ଡ୍ରାଇଭର ସିଟ୍ ଦେବୁନି

**ନୂଆଦିଲ୍ଲୀ/ହାଇଦ୍ରାବାଦ୍,୧୪।୫**



କେନ୍ଦ୍ରରେ କାହାକୁ ସଂଖ୍ୟାଗରିଷ୍ଠତା ମିଳିବ, କାହା ନେତୃତ୍ୱରେ କେନ୍ଦ୍ର ସରକାର ଗଠନ ହେବ, ସେନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଗଲାଣି। ତେବେ ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଗଠିତ ସଂଘୀୟ ମେଣ୍ଟ ବିପୁଳ ବିଜୟ ହାସଲ କରିବ ବୋଲି ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ(କେସିଆର୍) କହିଛନ୍ତି।

ମ୍ୟାଜିକ୍ ନମ୍ବରଠାରୁ ଆମେ ପଛରେ ରହିଲେ କଂଗ୍ରେସର ସମର୍ଥନ କଥା ବିଚାରକୁ ନେବୁ ବୋଲି କହି ଡ୍ରାଇଭର ଆସନ କଂଗ୍ରେସକୁ ଦେବୁ ନାହିଁ ବୋଲି ସେ ମତ ଦେଇଛନ୍ତି। ଅଣଭାଜପା ଓ ଅଣକଂଗ୍ରେସ ସଂଘୀୟ ମେଣ୍ଟ ସପକ୍ଷରେ ସେ ଯୁକ୍ତି ବାଢ଼ିଥିଲାବେଳେ କଂଗ୍ରେସ ବାହାରୁ ସରକାରକୁ ସମର୍ଥନ ଦେଇପାରିବ ବୋଲି କହିଛନ୍ତି। ନିର୍ବାଚନ ଫଳାଫଳ ଆସିବା ପରେ ଆଞ୍ଚଳିକ ଦଳଗୁଡ଼ିକ ଏକାଠି ବସି ସର୍ବସମ୍ମତିକ୍ରମେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବାଛିବେ। ଭାଜପା ସହ ସଂଘୀୟ ମେଣ୍ଟ କରିବାର ପ୍ରଶ୍ନ ଉଠୁନାହିଁ ବୋଲି କେସିଆର୍ କହିଛନ୍ତି।

# ସଙ୍କୁଚିତ ହେଉଛନ୍ତି ଜହ୍ନମାମୁ

**ୱାଶିଂଟନ,୧୪।୫**

ପୃଥିବୀର ପିଲାଙ୍କ ପାଇଁ 'ଜହ୍ନମାମୁ' ଆଖ୍ୟା ପାଇଥିବା ଚନ୍ଦ୍ର ଶହେ ନିୟୁତ ବର୍ଷ ମଧ୍ୟରେ ସଙ୍କୁଚିତ ହୋଇଛି। ଏହା ସହିତ ଏଥିରେ ବାରମ୍ବାର ଭୂକମ୍ପନ ମଧ୍ୟ ସୃଷ୍ଟି ହେଉଥିବା ନାସା ପକ୍ଷରୁ ସୂଚନା ଦିଆଯାଇଛି। ନାସାର ଲୁନାର ରିକୋନାଇସାନ୍ସ ଅର୍ବିଟର(ଏଲ୍‌ଆର୍‌ଓ) ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଉତ୍ତୋଳିତ ୩,୫୦୦ ଫଟୋଚିତ୍ର ମିଳିଛି। କେତେକ ଫଟୋରେ ଭୂସ୍ଖଳନ, ଫାଟ ଓ ପଥରଖଣ୍ଡ ଜମା ହୋଇଥିବା ଭଳି ଚିତ୍ର ସ୍ପଷ୍ଟ ହୋଇଥିବାରୁ ଜହ୍ନମାମୁରେ ଅନେକ ସମୟରେ କମ୍ପନ ସୃଷ୍ଟି ହେଉଥିବା ବୈଜ୍ଞାନିକମାନେ ନିଶ୍ଚିତ ହୋଇଛନ୍ତି। ଇତିମଧ୍ୟରେ ଚନ୍ଦ୍ର ୫୦ ମିଟର ସଙ୍କୁଚିତ ହୋଇଥିବା ଏଥିରେ ଦର୍ଶାଯାଇଛି। ୪୫୦ କୋଟି ବର୍ଷ ତଳେ ଏହାର ଉତ୍ପତ୍ତି ସମୟର ତାପମାତ୍ରା ଏବଂ ବର୍ତ୍ତମାନର ତାପମାତ୍ରା ମଧ୍ୟରେ ଫରକ ଥିବା ଜାଣିବାକୁ ମିଳିଛି। ଚନ୍ଦ୍ରର ତାପମାତ୍ରା କମିବାରୁ ଏହାର ଆୟତନ ସଙ୍କୁଚିତ ହେଉଥିବା ଗବେଷକମାନେ ସୂଚନା ଦେଇଛନ୍ତି। ଏହା ସହିତ ଚନ୍ଦ୍ରରେ ଭୂକମ୍ପନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ୧୯୬୯ରୁ ୧୯୭୭ ମଧ୍ୟରେ ଚନ୍ଦ୍ରରେ ୨୮ଟି ଭୂକମ୍ପନ ହୋଇଥିବା ଗବେଷକମାନେ ଅଧ୍ୟୟନ କରି ଜାଣିପାରିଛନ୍ତି। ଚନ୍ଦ୍ରରେ ସୃଷ୍ଟି ହେଉଥିବା ଭୂକମ୍ପନର ତୀବ୍ରତା ରିକ୍ଟର ସ୍କେଲରେ ୨ରୁ ୫ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି।



## ■ ସପ୍ତମ ପର୍ଯ୍ୟାୟ ନିର୍ବାଚନ

# ୧୭୦ ପ୍ରାର୍ଥୀଙ୍କ ବିରୋଧରେ ଅପରାଧ ମାମଲା

**ଏଡିଆର୍ ରିପୋର୍ଟ**

**ନୂଆଦିଲ୍ଲୀ,୧୪।୫**

ଆସନ୍ତା ୧୯ ତାରିଖରେ ସପ୍ତମ ତଥା ଶେଷ ପର୍ଯ୍ୟାୟ ଲାଗି ଭୋଟଗ୍ରହଣ କରାଯିବ। ମୋଟ ୯୦୯ ପ୍ରାର୍ଥୀ ମଇଦାନରେ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୭୦ ପ୍ରାର୍ଥୀଙ୍କ ବିରୋଧରେ ଅପରାଧୀକ ମାମଲା ରହିଥିବା ଜଣାପଡ଼ିଛି। ୧୨୭ ଜଣଙ୍କ ବିରୋଧରେ ଜଘନ୍ୟ ଅପରାଧୀକ ମାମଲା ରହିଥିବାବେଳେ ୧୨ ଜଣଙ୍କ ବିରୋଧରେ ହତ୍ୟା ମାମଲା, ୩୪ ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା, ୪ ଜଣଙ୍କ ବିରୋଧରେ ଅପହରଣ ମାମଲା, ୨୦ ଜଣଙ୍କ ବିରୋଧରେ ମହିଳାଙ୍କ ବିରୋଧରେ ଅପରାଧ ମାମଲା ରହିଛି।

ଭାଜପାର ୧୮, କଂଗ୍ରେସର ୧୪, ବିଏସ୍‌ପିର ୬,ଏଏପିର ୩ ଓ ୨୯ ସ୍ୱାଧୀନ ପ୍ରାର୍ଥୀଙ୍କ ବିରୋଧରେ ଏଭଳି ଅପରାଧୀକ ମାମଲା ରହିଛି। ଜଘନ୍ୟ ଅପରାଧ ମାମଲାରେ ଭାଜପାର ୧୫, କଂଗ୍ରେସର ୧୦, ବିଏସ୍‌ପିର ୪, ଏଏପିର ଜଣେ ଓ ୨୪ ସ୍ୱାଧୀନ ପ୍ରାର୍ଥୀଙ୍କ ନାମ ରହିଛି।

# ଜେଇଏମ୍ ଆତଙ୍କବାଦୀ ଗିରଫ



**ଶ୍ରୀନଗର,୧୪।୫:** ଜମ୍ମୁ-କଶ୍ମୀରରୁ ଜଣେ ଜୈଶ-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଅବଦୁଲ୍ ମାଜିଦ୍ ବାବା। ଶ୍ରୀନଗରରୁ ତାଙ୍କୁ ଗିରଫ କରାଯିବା ପରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଛି। ଫେରାର୍ ଥିବା ଏହି ଆତଙ୍କବାଦୀଙ୍କୁ ଧରିବା ଲାଗି ଦିଲ୍ଲୀ ପୋଲିସ ପକ୍ଷରୁ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଲ୍ଲୀ ପୋଲିସ ଆଣିବ ବୋଲି ଜଣାପଡ଼ିଛି।

# ପାପୁଆ ନ୍ୟୁ ଗିନିରେ ଭୂକମ୍ପ

**କାନ୍‌ବେରା,୧୪।୫(ଏପି)**

**ସୁନାମି ଆଶଙ୍କା**

ମଙ୍ଗଳବାର ସନ୍ଧ୍ୟାରେ ପାପୁଆ ନ୍ୟୁ ଗିନିରେ ଶକ୍ତିଶାଳୀ ଭୂକମ୍ପ ସୃଷ୍ଟି ହେବା ଫଳରେ ସୁନାମି ସତର୍କତା ଜାରି କରାଯାଇଛି। ଆମେରିକାର ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍)ର ସୂଚନା ଅନୁଯାୟୀ, ରିକ୍ଟର ସ୍କେଲ୍‌ରେ ଭୂକମ୍ପର ମାତ୍ରା ୭.୫। ଏହାର କେନ୍ଦ୍ରସ୍ଥଳ କୋକୋପୋଠାରୁ ଉତ୍ତର-ପୂର୍ବକୁ ୪୫ କିଲୋମିଟର ଦୂରରେ ଭୂପୃଷ୍ଠଠାରୁ ୧୦କିଲୋମିଟର ଗଭୀରତାରେ ଠାବ କରାଯାଇଛି।


ଭୂକମ୍ପ ଅଧିକ କ୍ଷୟକ୍ଷତି କରିବା ଆଶଙ୍କା ଅଛି। କିନ୍ତୁ ବିକ୍ଷିପ୍ତ ଜନବସତି ପାଇଁ ମୃତାହତ ସଂଖ୍ୟା କମ୍ ହୋଇପାରେ ବୋଲି ୟୁଏସ୍‌ଜିଏସ୍ ପକ୍ଷରୁ ସୂଚନା ଦିଆଯାଇଛି। ଇଣ୍ଡୋନେସିଆର ପୂର୍ବକୁ ନ୍ୟୁ ଗିନିର ପୂର୍ବ ଅର୍ଦ୍ଧାଂଶରେ ପାପୁଆ ନ୍ୟୁ ଗିନି ଅବସ୍ଥିତ। ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର' ମଧ୍ୟରେ ଏହା ଅବସ୍ଥିତ ଥିବାରୁ ଅଧିକାଂଶ ସମୟରେ ଏଠାରେ ଭୂକମ୍ପ ଓ ଅଗ୍ନି ଉଦ୍‌ଗିରଣ ଘଟିଥାଏ।

## ଇତିହାସର ଆଇନାରେ

### ମେ ୧୫ର ପ୍ରମୁଖ ଘଟଣା

୧୯୭୬ ମେ ୧୫ରେ ଏରୋଫ୍ଲଟ ଫ୍ଲାଇଟ ୧୮୦୨ ଚେର୍ନିଭ ରାୟନ୍‌ର ଭିକ୍ଟୋରୋଭ୍‌କାଠାରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୫୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବାଣିଜ୍ୟିକ ବିମାନଟି ଭିନ୍ନିସିଆଠାରୁ ମସ୍କୋ ଯାତ୍ରା କରୁଥିଲା। ୫୨ ମୃତଯାତ୍ରୀଙ୍କ ମଧ୍ୟରେ ବିମାନ କର୍ମଚାରୀ ଅନ୍ତର୍ଭୁକ୍ତ ଥିଲେ।

୨୦୦୮ ମେ ୧୫ରେ ଆମେରିକାର କାଲିଫର୍ନିଆ ରାଜ୍ୟରେ ସମଲିଙ୍ଗୀ ବିବାହ ଆଇନସମ୍ମତ ହେଲା। ଦେଶର ସୁପ୍ରିମକୋର୍ଟ ପୂର୍ବ ନିଷେଧାଜ୍ଞାକୁ ଅଣସାମ୍ବିଧାନିକ ଘୋଷଣା ପରେ ୨୦୦୪ରେ ମାସାଚୁସେଟ୍ସ ରାଜ୍ୟରେ ସମଲିଙ୍ଗୀ ବିବାହକୁ ବିଧିସମ୍ମତ କରାଯାଇଥିଲା। ୨୦୦୮ ଜୁନ ୧୬ରେ ପ୍ରଥମକରି କାଲିଫର୍ନିଆରେ ସମଲିଙ୍ଗୀ ଦମ୍ପତିଙ୍କୁ ବିବାହ ଲାଇସେନ୍ସ ଜାରି କରାଯାଇଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୩.୧ |
| ଚାନ୍ଦବାଲି | ୩୯.୦ | ୨୮.୬ |
| କଟକ | ୩୯.୫ | ୨୫.୨ |
| ପାରାଦ୍ୱୀପ | ୩୩.୦ | ୨୮.୨ |
| ଭୁବନେଶ୍ୱର | ୩୯.୪ | ୨୬.୨ |
| ଗୋପାଳପୁର | ୩୩.୫ | ୨୫.୮ |
| ପୁରୀ | --- | ୨୭.୨ |
| ଅନୁଗୋଳ | ୪୦.୧ | ୨୪.୦ |
| ବାରିପଦା | ୩୬.୫ | ୨୪.୬ |
| ଝାରସୁଗୁଡ଼ା | ୪୧.୦ | ୨୫.୮ |
| କେନ୍ଦୁଝର | ୩୫.୨ | ୨୫.୧ |
| ସମ୍ବଲପୁର | ୪୦.୫ | ୨୬.୯ |
| ସୁନ୍ଦରଗଡ଼ | ୩୮.୦ | ୨୨.୦ |
| ହୀରାକୁଦ | ୩୯.୭ | ୨୭.୪ |
| ତାଳଚେର | ୪୨.୫ | ୨୬.୭ |
| ଭବାନୀପାଟଣା | ୩୮.୫ | ୨୨.୫ |
| ବଲାଙ୍ଗୀର | ୪୦.୨ | ୨୫.୩ |
| କୋରାପୁଟ | ୩୩.୬ | ୧୯.୪ |
| ଫୁଲବାଣୀ | ୩୯.୦ | --- |
| ଟିଟିଲାଗଡ଼ | ୪୧.୦ | ୨୩.୫ |
| ମାଲକାନଗିରି | ୩୭.୪ | ୧୮.୪ |
| ସୋନପୁର | ୪୧.୦ | ୨୩.୦ |
| ଦାରିଙ୍ଗିବାଡ଼ି | ୩୪.୫ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

# ହାସ୍ୟ ଅଭିନୟ କରିବାକୁ ଆଗ୍ରହୀ





**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ହାସ୍ୟ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେ ୧୯୮୫ରେ ପ୍ରଥମକରି ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ତାହା ପରଠୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଅଭିନୟ ପାଇଁ ଅଫର ତାଙ୍କ ପିଛା ଛାଡିନି। ୨୦୧୮ରେ ତାଙ୍କ ଅଭିନୀତ ଫିଲ୍ମ ହେଉଛି 'ବଧାଇ ହୋ'। ୬୦ ବର୍ଷୀୟା ଅଭିନେତ୍ରୀ ବର୍ତ୍ତମାନ ହାସ୍ୟରସାତ୍ମକ ଅଭିନୟ କରିବାକୁ ଉତ୍କଣ୍ଠିତ ଥିବା ପ୍ରକାଶ କରିଛନ୍ତି। 'ପାଙ୍ଗା' ଅଥବା ଅକ୍ଷୟ କୁମାରଙ୍କ ଅଭିନୀତ 'ସୂର୍ଯ୍ୟବଂଶୀ'ରେ ନୀନା ମା' ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। କିନ୍ତୁ ସେ ଏଣିକି କମେଡି ରୋଲ୍‌ରେ ଦୃଶ୍ୟମାନ ହେବାକୁ ଚାହାନ୍ତି। ଏପରି କି ସେ ଅବସ୍ଥା ଓ ପରିସ୍ଥିତିକୁ ଚାହିଁ ଭଲ କମେଡି କରିପାରିବେ ବୋଲି ପ୍ରକାଶ କରିଛନ୍ତି। ଅଭିନୟ ପାଇଁ ତାଙ୍କୁ ଦୁଇଥର ଜାତୀୟ ପୁରସ୍କାର ମିଳିଛି। 'ବଧାଇ ହୋ' ପରେ ନେଟ୍‌ଫ୍ଲିକ୍ସ ଫିଲ୍ମ 'ମ୍ୟୁଜିକ୍ ଟିଚର', ଆମାଜନ୍ ପ୍ରାଇମ ଭିଡିଓ ୱେବ୍ ସିରିଜ୍ 'ମେଡ୍ ଇନ୍ ହେଭେନ' ଏବଂ ଫିଚର ଫିଲ୍ମ 'ଦି ଲାଷ୍ଟ କଲର'ରେ ନୀନାଙ୍କୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ବ୍ୟସ୍ତତା ଭିତରେ ରହୁଥିବା ପ୍ରକାଶ କରିଛନ୍ତି।



କଳିଙ୍ଗନଗର ଦାନଗଦୀ ବ୍ଲକ ଅନ୍ତର୍ଗତ ମାନପୁର ଓଭର ବ୍ରିଜ୍ ନିକଟରେ ରହୁଥିବା ଶିବ ପ୍ରସାଦ ଜେନାଙ୍କ ଘରୁ ମଙ୍ଗଳବାର ୧୩ ଛୁଆ ସହ ନାଗ ଉଦ୍ଧାର କରାଯାଇଛି। ଉଦ୍ଧାର ନାଗଗୁଡ଼ିକୁ ନିକଟସ୍ଥ ଜଙ୍ଗଲରେ ଛଡାଯାଇଛି। ଯାଜପୁର ରୋଡ ବନବିଭାଗ କର୍ମଚାରୀଙ୍କ ସହ ସ୍ନେକ୍ ହେଲ୍ପ ଲାଇନ୍‌ର ମଣିଭଦ୍ର ମଲିକ ପହଞ୍ଚି ଥିଲେ। ବହୁ ସମୟ ଧରି ଖୋଜାଖୋଜି ପରେ ଶିବଙ୍କ ଘର ପାଖରେ ପଡିଥିବା ଭଙ୍ଗା ଆଜବେଷ୍ଟସ୍ ତଳୁ ୧୩ ଛୁଆ ସହ ନାଗକୁ ଉଦ୍ଧାର କରାଯାଇଥିଲା।

ଦରଜ ରୁ ଉପଶମ
ଗଣ୍ଠିବାତ ତୈଳ™
Joint Pain Reliever
ଆର୍ୟୁବେଦିକ ଔଷଧ
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ
ଏହି ତୈଳର ଉପଯୋଗରେ ଅଣ୍ଟା, ଆଣ୍ଠୁ, ପିଠି ଓ ମାଂସପେଶୀୟ ଦରଜରୁ ଉପଶମ ମିଳେ।
A Product of KHPL




## 'ଫନୀ'କୁ ୧୨ ଦିନ ବିତିଲା

# ଏବେ ବି ବିଜୁଳି ଅପହଞ୍ଚ

- ଆଜି ପୁରୀ, କୋଣାର୍କକୁ ଆସିପାରେ ବିଜୁଳି
- ଆଜିଠୁ ଖୋଲିବ ଆହାର କେନ୍ଦ୍ର
- ସହରାଞ୍ଚଳର କ୍ଷତି ୫୨୪ କୋଟି
- ୨୯୧ କି.ମି. ଡ୍ରେନ୍, ୨୭ ଆହାର କେନ୍ଦ୍ର ନଷ୍ଟ
- ବୈଷୟିକ ଶିକ୍ଷା ବିଭାଗର ୫୧ ଅନୁଷ୍ଠାନ କ୍ଷତିଗ୍ରସ୍ତ
- ବୋଲଗଡ଼ରେ ଝାଡ଼ାବାନ୍ତି

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ରାଜ୍ୟରେ ଅସହ୍ୟ ଗରମ ଓ ଗୁଳୁଗୁଳି ଲାଗି ରହିଛି। ବାତ୍ୟା 'ଫନୀ' ଯିବାର ୧୨ ଦିନ ବିତିଗଲାଣି। ଏପର୍ଯ୍ୟନ୍ତ ପୁରୀ ଓ ଭୁବନେଶ୍ୱର ସହରରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ପୁରୀ ସହରକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ପହଞ୍ଚି ନ ଥିବାବେଳେ ଭୁବନେଶ୍ୱର ସହରାଞ୍ଚଳରେ ୯୫ ପ୍ରତିଶତ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଅଳ୍ପ କେତେକ ଅଞ୍ଚଳକୁ ବାଦ୍ ଦେଲେ ସହରାଞ୍ଚଳର ସମସ୍ତ ଭାଗରେ ବିଦ୍ୟୁତ୍ ପୁନଃସଂଯୋଗ ଦିଆଯାଇଛି। ବୁଧବାର ପୁରୀ ଓ କୋଣାର୍କ ସହରକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହେବ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପୁରୀକୁ ଯାଇଥିବା ୧୩୨ କେଭି ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଥିବାରୁ ଯୋଗାଣରେ ବିଳମ୍ବ ହେଉଛି ବୋଲି ମଙ୍ଗଳବାର ସୂଚନାଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ କହିଛନ୍ତି। ସେ କହିଛନ୍ତି ଯେ, ଭୁବନେଶ୍ୱରର ବିସିଡିଡି-୧ର ୪୪ଟି ଫିଡ଼ର କାର୍ଯ୍ୟକ୍ଷମ କରାଯାଇ ଏହା ଅଧୀନରେ ଥିବା ସମସ୍ତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ସେହିପରି ବିସିଡିଡି-୨ରେ ୬୬ଟି ଫିଡ଼ର କାର୍ଯ୍ୟକ୍ଷମ ହୋଇଛି। ଏହି ଡିଭିଜନରେ ଥିବା ୯୭ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୯୫ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ବିଇଡ଼ିରେ ୨୬ଟି ଫିଡ଼ର ରହିଛି। ଏଥିରେ ୧୧ଟି ସହରାଞ୍ଚଳରେ ଥିବାବେଳେ ୧୫ଟି ଗ୍ରାମାଞ୍ଚଳରେ ରହିଛି। ଏହି ଡିଭିଜନରେ ଥିବା ୮୭ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୮୦ହଜାରଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଉତ୍ତରା, ବାରଙ୍ଗ, କଳିଙ୍ଗନଗର, ଚନ୍ଦକା ଓ କେତେକ ବହୁତଳ ଆପାର୍ଟମେଣ୍ଟକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଇ ଦିଆଯାଇ ନ ଥିବା ସିଂ ସୂଚନା ଦେଇଛନ୍ତି। ପୁରୀକୁ ଯାଇଥିବା ୨୨୦ କେଭି ଲାଇନର ୭୫ଟି ଟାୱାର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଚନ୍ଦକା ପୁରୀ ଲାଇନ୍‌ର ୧୩୨ କେଭିର ୨୫ଟି ଟାୱାର ନଷ୍ଟ ହୋଇଛି। ଖୋର୍ଦ୍ଧା ଓ ପୁରୀ ୩୨ କେଭି ଲାଇନ୍‌ର ୩୦ଟି ଟାୱାର କ୍ଷତିଗ୍ରସ୍ତ ହୋଇଛି। ନୂଆ ଟାୱାର ଜରିଆରେ ବିଦ୍ୟୁତ୍ ଯୋଗାଣ କରାଯିବ। ଏଥିପାଇଁ ୪୫ଟି ଗ୍ୟାଙ୍ଗ ଦିନରାତି କାମ କରୁଛନ୍ତି।

ବାତ୍ୟା ଯୋଗୁ ସହରାଞ୍ଚଳରେ ହୋଇଥିବା କ୍ଷତି ସମ୍ପର୍କରେ ସୂଚନା ଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ କହିଛନ୍ତି ଯେ, ବାତ୍ୟାରେ ୧୩ଟି ଜିଲାର ୫୩ଟି ପୌରାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ପାର୍କ, ଆହାର କେନ୍ଦ୍ର, ଟ୍ରାନ୍‌ଜିଟ୍ ହାଉସ୍, ଷ୍ଟ୍ରିଟ୍‌ଲାଇଟ୍, ଡ୍ରେନ, ରାସ୍ତା, କଲଭର୍ଟ ଆଦି କ୍ଷତିଗ୍ରସ୍ତ ହୋଇଛି। କଟକ, ଭୁବନେଶ୍ୱର ସମେତ ୧୩ଟି ଜିଲାର ୨୨ ପୌରାଞ୍ଚଳରେ ୨୯୧ କିଲୋମିଟର ଡ୍ରେନ୍, ୭୫୦କିମି ରାସ୍ତା, ୨୬୭କିମି କଲଭର୍ଟ, ୨୭ଟି ଆହାର କେନ୍ଦ୍ର ଏବଂ ୨୬,୮୨୧ ଏଲ୍‌ଇଡି ଲାଇଟ୍ ନଷ୍ଟ ହୋଇଛି। ଏସବୁକୁ ହିସାବ କଲେ ୫୩ଟି ପୌରାଞ୍ଚଳର ୫୨୪କୋଟି ଟଙ୍କାର କ୍ଷତି ହୋଇଛି। ବାତ୍ୟା ପରଠାରୁ ବନ୍ଦ ହୋଇଥିବା ଆହାର କେନ୍ଦ୍ର ବୁଧବାରଠାରୁ ଆରମ୍ଭ ହେବ। ପୂର୍ବଭଳି ସକାଳ ୧୧ଟାଠାରୁ କାର୍ଯ୍ୟକ୍ଷମ ହେବ। ବାତ୍ୟାଯୋଗୁ ବଡ଼ ବଡ଼ ପାର୍କ ନଷ୍ଟ ହୋଇଥିଲା। ସେଗୁଡ଼ିକରୁ ଅଧିକାଂଶ ପୁନରୁଦ୍ଧାର କରାଯାଇ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯାଇଛି। ବିଭିନ୍ନ ସ୍ଥାନରୁ କଠିନ ବର୍ଜ୍ୟବସ୍ତୁ ହଟାଇବା ପାଇଁ ୫୦୦୦ ପରିମଳ କର୍ମଚାରୀ, ୬୦୦ ଅଫିସର, ୯୪୩ ଜେସିବି, ଟ୍ରାକ୍ଟର, ଡମ୍ପର ଆଦି କାର୍ଯ୍ୟରେ ଲଗାଯାଇଛି। ବିଏମ୍‌ସିରୁ ଏପର୍ଯ୍ୟନ୍ତ ୪୯୦୦ ଟ୍ରିପ୍ ଏବଂ କଟକରୁ ୧୩୦୦୦ ଟ୍ରିପ୍ ବର୍ଜ୍ୟବସ୍ତୁ ହଟାଯାଇଛି। ପାନୀୟ ଜଳ ସମସ୍ତ ସହରକୁ ସ୍ୱାଭାବିକ କରାଯାଇଛି ବୋଲି ସେ କହିଛନ୍ତି। ଯଦି କୌଣସି ଅଞ୍ଚଳକୁ ପାନୀୟ ଜଳ ପହଞ୍ଚିନାହିଁ ତେବେ ସେମାନେ ୧୯୧୬କୁ ଫୋନ୍ କରି ଅଭିଯୋଗ ଜଣାଇପାରିବେ। ଭୁବନେଶ୍ୱରରେ ଏପର୍ଯ୍ୟନ୍ତ ୨୩୬୪ଟି ଅଧା ଉପୁଡ଼ା ଗଛକୁ ସିଧା କରାଯାଇଛି। ବାତ୍ୟା ଯୋଗୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୫୧ଟି ଅନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ୩୦.୫୭ କୋଟି ଟଙ୍କା କ୍ଷତି ବୋଲି ପ୍ରାଥମିକ ଆକଳନ କରାଯାଇଛି। ଟେଲି ଯୋଗାଯୋଗରେ ସୁଧାର ଆସିଛି। ଖୋର୍ଦ୍ଧାରେ ୯୯ ଟେଲିଫୋନ୍ ଏକ୍ସଚେଞ୍ଜରୁ ୯୨ଟି କାର୍ଯ୍ୟକ୍ଷମ ହୋଇଥିଲାବେଳେ ପୁରୀ ଜିଲାର ୪୧ରୁ ୨୯ ଏବଂ କଟକ ସହରର ସମସ୍ତ ୭୭ଟି କାର୍ଯ୍ୟକ୍ଷମ ହୋଇଥିବା ସଞ୍ଜୟ ସିଂ ସୂଚନା ଦେଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲାରେ ୬୫ ପ୍ରତିଶତ ମୋବାଇଲ୍ ଟାୱାର କାର୍ଯ୍ୟକ୍ଷମ ଥିବାବେଳେ ପୁରୀ ୪୨ପ୍ରତିଶତ ଏବଂ କଟକରେ ୮୧ ପ୍ରତିଶତ କାର୍ଯ୍ୟକ୍ଷମ ରହିଛି। ଆସନ୍ତା ୨ଦିନ ମଧ୍ୟରେ ନେଟ୍‌ୱର୍କ ଶତପ୍ରତିଶତ ଆସିପାରେ ବୋଲି ସେ କହିଛନ୍ତି। ପୁରୀ ଓ ଭୁବନେଶ୍ୱରରେ ବାତ୍ୟା ନିରୋଧୀ ଟେଲିକମ୍ ଏବଂ ଶକ୍ତିବିଭାଗର ଭିତ୍ତିଭୂମି ସ୍ଥାପନ କରିବା ପାଇଁ ମଙ୍ଗଳବାର କେନ୍ଦ୍ର ଟେଲିକମ୍ ସଚିବଙ୍କ ସହ ଆଲୋଚନା କରାଯାଇଛି। ଖୋର୍ଦ୍ଧା ଜିଲାର ବୋଲଗଡ଼ରେ ୪ଟି ସାହିରେ ଭୋଜି ଖାଇବା ପରେ ଝାଡ଼ାବାନ୍ତି ହୋଇଥିବା ଖବର ମିଳିବା ପରେ ୩ଟି ମେଡ଼ିକାଲ ଟିମ୍ ସେଠାକୁ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ପୁରୀର ଗୋଲା ଏବଂ ଭୋଇସାହିରେ ଏଭଳି ଅଭିଯୋଗ ଆସିବା ପରେ ସେଠାକୁ ମୋବାଇଲ୍ ହେଲ୍‌ଥ ଟିମ୍ ପଠାଯାଇଛି। ରିଲିଫ୍ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କ୍ଷତିଗ୍ରସ୍ତ ୫ଟି ଜିଲା ଓ ବିଏମ୍‌ସି ଅଞ୍ଚଳରେ ୧୭,୯୨,୧୨୫ ଉପଭୋକ୍ତାଙ୍କ ମଧ୍ୟରୁ ୧୬, ୧୦, ୯୬୮ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଥିବାବେଳେ ୧୫, ୪୪, ୦୦୭ଜଣଙ୍କୁ ଚାଉଳ ଏବଂ ୪,୧୪,୩୦୬ ଜଣଙ୍କୁ ପଲିଥିନ୍ ଦିଆଯାଇଛି।

# ବୁଢ଼ା ନଦୀରେ ବୁଡ଼ି ୨ ମୃତ

**ଯାଜପୁର ଟାଉନ,୧୪।୫(ଡି.ଏନ୍.ଏ.)**

ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ ରୁଢିଆ ଆନିକଟ ବୁଢା ନଦୀରେ ମଙ୍ଗଳବାର ୨ଜଣ ଯୁବକ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଅପରାହ୍ନ ୩ଟାରେ ଯାଜପୁର ଟାଉନର ଫେମୁଲ ହୋଦାଙ୍କ ପୁଅ ଅନୱାର ହୁଲ (୨୦) ତାଙ୍କ ସାଙ୍ଗ କୁଆଖିଆ ରାଜେନ୍ଦ୍ରପୁରର ମୋଜସେମ୍(୨୦) ଓ ଅନ୍ୟ ୩ଜଣ ସାଙ୍ଗଙ୍କ ସହ ବୁଢ଼ାନଦୀ ଆନିକଟ ନିକଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବାବେଳେ ଅନୱାରଙ୍କ ଗୋଡ଼ ଖସି ଯିବାରୁ ସେ ନଦୀରେ ବୁଡ଼ିଯାଇ ଥିଲେ। ଏହାଦେଖି ମୋଜାସମ ତାଙ୍କୁ ରକ୍ଷା କରିବାକୁ ଯାଇ ନିଜେ ମଧ୍ୟ ବୁଡ଼ି ଯାଇଥିଲେ। ପରେ ଅନ୍ୟ ୩ଜଣ ସାଙ୍ଗ ଡରି ଯାଇ ଜୋରରେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଖୋଜାଖୋଜି କରିଥିଲେ। ପ୍ରାୟ ୧ଘଣ୍ଟା ପରେ ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ହସ୍ପିଟାଲରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗଛ ପକାଇ ମାଓବାଦୀଙ୍କ ରାସ୍ତା ଅବରୋଧ

**ବାଲିଗୁଡ଼ା,୧୪।୫(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ମାଓବାଦୀମାନେ ପୁଣି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସୋମବାର ମଧ୍ୟ ରାତିରେ ବାଲିଗୁଡ଼ା-କଣ୍ଟାମାଳ ମୁଖ୍ୟରାସ୍ତାର ପରୁଭଙ୍ଗା ଘାଟିରେ ଗଛକାଟି ରାସ୍ତା ଅବରୋଧ କରିଥିଲେ। ସେଠାରେ ପୋଷ୍ଟର ମଧ୍ୟ ଛାଡି ଯାଇଥିଲେ। ମଙ୍ଗଳବାର ସକାଳୁ ଏହା ଜଣାପଡ଼ିଥିଲା। ରାସ୍ତା ଉପରେ ଗଛ ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ବିଭିନ୍ନ ଗାଡ଼ି ଚାଳକ, ଯାତ୍ରୀ ଓ ଆଖପାଖ ଜନସାଧାରଣ ମିଶି ରାସ୍ତାରୁ ଗଛ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ତଥାପି ଲୋକଙ୍କ ମଧ୍ୟରେ ଭୟ ରହିଛି। ରାସ୍ତା ଅବରୋଧସ୍ଥଳରେ କେକେବିଏନ୍ ସଙ୍ଗଠନ ପକ୍ଷରୁ ଲଗା ଯାଇଥିବା ପୋଷ୍ଟରରେ ମେ ୧୩ ତାରିଖକୁ ସୁନ୍ଦୁକୁମ୍ପା ଶହୀଦ ସାଥୀଙ୍କ ସ୍ମରଣ ଦିନ ଭାବେ ପାଳନ କରିବା ଓ ସୁନ୍ଦୁକୁମ୍ପା ଶହୀଦ ସାଥୀଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ମେ ୧୫ରେ ୨୪ ଘଣ୍ଟିଆ କେକେବିଏନ୍ ଡିଭିଜନ୍ ବନ୍ଦକୁ ସଫଳ କରିବାକୁ ମାଓବାଦୀମାନେ ଆହ୍ୱାନ ଦେଇଛନ୍ତି। ସୁନ୍ଦୁକୁମ୍ପା ଶହୀଦ ସାଥୀଙ୍କ ପ୍ରତିଶୋଧ ନେବା ପାଇଁ ପିଏଲ୍‌ଜିଏରେ ଭର୍ତ୍ତି ହେବା, ପୋଲିସ୍‌ର ଦମନ ଅତ୍ୟାଚାର ବିରୋଧରେ ଜନତା ସଶସ୍ତ୍ର ସଂଘର୍ଷକୁ ଜୋରଦାର କରିବା ଏବଂ ପୋଲିସ୍ ପାଖରେ ଆତ୍ମସମର୍ପଣ କରିଥିବା ପ୍ରତିବିପ୍ଳବୀ ରଙ୍କି ଓ ରାକେଶଙ୍କୁ ଜନତା କ୍ଷମା ନ ଦେବାକୁ ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ଶେଷରେ କେକେବିଏନ୍ ଡିଭିଜନାଲ୍ କମିଟି, ଭାକପା (ମାଓବାଦୀ) ବୋଲି ଉଲ୍ଲେଖ ରହିଛି।

YERA Storage Jars
MORRION, CUTTACK (9861927291, 9437519754)
MAA MANGALA ASSOCIATES, CUTTACK (8918251034)

ODM PUBLIC SCHOOL
SCHOOL OF HUMAN EXCELLENCE
Ensuring Sky is the Limit !!!
Congratulating our Achievers

CLASS XII COMMERCE RESULTS-2019
Chetan Agarwal | 97.2%
STATE TOPPER COMMERCE
49% of total students Above 80% marks
100% of total students FIRST DIV. ABOVE 60%

CLASS XII SCIENCE RESULTS-2019
Prayusha Swain | 96.4%
SCIENCE TOPPER
Swagat Nayak | 96.2%
Sagar Samal | 96.2%
07 STUDENTS ABOVE 95%
62 STUDENTS ABOVE 90%
201 STUDENTS ABOVE 80%
100% STUDENTS ABOVE 60%
84.43% SCHOOL AVERAGE

CLASS X CBSE RESULTS-2019
Pragnya P. Sahoo | 98%
SCHOOL TOPPER
Tanisha Patra 97.8%
Jyoti Prakash Panda 97.6%
Sandeep Mohapatra 97.2%
33 STUDENTS ABOVE 95%
69 STUDENTS ABOVE 90%
82% OF STUDENTS ABOVE 80%
100% STUDENTS ABOVE 60%
84.8% SCHOOL AVERAGE

ADMISSION OPEN
CLASS XI - SCIENCE | COMMERCE
BEST EMERGING SCHOOL OF EASTERN INDIA
1800-120-2316 | admission@odmegroup.org | www.odmps.org

LPU RANKED AMONGST INDIA'S TOP UNIVERSITIES
IN MHRD, GOVT. OF INDIA, NIRF RANKINGS 2019
Think BIG
From Google to Microsoft, LPU Students are working with top brands at packages of over ₹ 1 crore.
UNBEATABLE PLACEMENTS
1000's of LPU students placed in top MNCs in USA, UK, Canada, Australia etc. 500+ multinational & national companies including Google, Amazon, Lutron, HP, Bosch have recruited LPU Students. 110+ companies that recruit from IITs, NITs and IIMs also recruit from LPU.
ENCOURAGING ENTREPRENEURSHIP
To instil the spirit of entrepreneurship, LPU has its own Start-Up School, inaugurated by the Hon'ble Finance Minister of India, Mr. Arun Jaitley. At LPU, students are encouraged to innovate and assisted in the development and launch of products & services. 100+ Start-Ups already launched.
STUDY ABROAD OPPORTUNITIES
LPU has tie-ups with 200 top universities across the globe including in USA, UK, Canada, Australia, Singapore, New Zealand, France for student exchange programmes, study abroad and collaborative research opportunities.
APPLICATIONS OPEN FOR
B.Tech./ B.Tech. (Hons.)
Integrated B.Tech.-M.Tech.
Integrated B.Tech.-MBA
(ECE, CSE, IT, ME, Mechatronics, Aerospace Engg., Automobile Engg., Civil Engg, Electrical Engg., Electrical & Electronics Engg., Biotechnology+, Food Technology+, Biomedical Engg.+, Chemical Engg, Petroleum Engg.)
M.Tech. [Full Time]
Dip. (Engg.) - ECE, CSE, ME, CE, EE, AE
B.Arch./ B.Plan./ BCA/ MCA
BBA/ MBA/ MBA (Hons.)
B.Com./ M.Com./ B.Sc. (Hons.) Eco.
B.Pharm./ M.Pharm./ BPT/ B.Sc. (MLT)
B.Sc./ M.Sc. (Hotel Mgmt.)
B.Design/ M. Design (Fashion)
B.Sc./ M.Sc. (Design - Multimedia)
B.Sc./ M.Sc. (Film & TV Prod.)
B.Sc. (Hons.)/M.Sc. Agriculture
B.Sc./M.Sc. (Forensic Sciences)
B.Design/ M.Design (Inter. & Furniture)
M.A. (Psychology/ History/ Sociology)
B.Sc./ M.Sc. (Chemistry/ Phy./ Maths)
Admission to Dual Degree, Integrated Programmes, Honours, Lateral Entry, Specializations are also open in various disciplines. Admission to Ph.D. Programmes also open.
For details, refer university website www.lpu.in
+Medical students can also apply For stream details, refer website www.lpu.in
SCHOLARSHIPS OF UPTO ₹ 4 LAKH PER STUDENT
Meet our Counsellors in your State | Time: 10 AM to 7 PM | Toll Free : 1800-102-4052
BHUBANESWAR | The Presidency, 1471/A, Nayapalli | Ph: 09875912783 | 15-16 May
CUTTACK | Hotel Ambica Residency, College square | Ph: 09875912783 | 17-19 May
LOVELY PROFESSIONAL UNIVERSITY (LPU)
Jalandhar-Delhi G.T. Road, Phagwara, Punjab
admissions@lpu.co.in | SMS LPU to 53030
Toll Free: 1800-102-4052
www.lpu.in
LOVELY PROFESSIONAL UNIVERSITY
Transforming Education Transforming India

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ମାମୁନ
ପରିବାରବର୍ଗ


ରାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୩ ବର୍ଷର ନାବାଳିକା ୭ ମାସ ଗର୍ଭବତୀ

**ଜୟପୁର,୧୪।୫(ଡି.ଏନ୍.ଏ.):** ଜଣେ ବିବାହିତ ବ୍ୟକ୍ତି ଜଣୈକା ୧୩ବର୍ଷର ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ସମ୍ପୃକ୍ତ ନାବାଳିକା ଏବେ ୭ ମାସର ଗର୍ଭବତୀ ହେବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି। ଅଭିଯୁକ୍ତ ଜଣକ ଏବେ ବାହାର ରାଜ୍ୟରେ କାମ କରିବାକୁ ଚାଲିଯାଇଛନ୍ତି। କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ତଥା ବି.ସିଙ୍ଗପୁର ଥାନା ଅଧୀନ ଏକ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅଭିଯୁକ୍ତ ଉଦ୍ଧବ ସରକାରଙ୍କ ନାଁରେ ଏତଲା ଦିଆଯାଇଛି। ଉଦ୍ଧବ ବିବାହିତ ଏବଂ ଘରେ ତାଙ୍କର ୨ଟି ସନ୍ତାନ ମଧ୍ୟ ରହିଥିବା ଜଣାପଡ଼ିଛି।

# ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ଅବତରଣ କଲା ବିମାନ

**ଢେଙ୍କାନାଳ ଅଫିସ, ୧୪।୫**

■ ପଶ୍ଚିମବଙ୍ଗ ବାୟୁସେନା ଶାଖା ବ୍ୟବହାର କରିବା ସମ୍ଭାବନା
■ ୧୬ରେ ସ୍ଥିତି ପରଖିବେ ଅଧିକାରୀ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ପଶ୍ଚିମବଙ୍ଗର ଭାରତୀୟ ବାୟୁସେନା ଶାଖା ବ୍ୟବହାର କରିବା ସମ୍ଭାବନା ରହିଛି। ଏହାକୁ ନେଇ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି ପ୍ରକ୍ରିୟା। ମଙ୍ଗଳବାର କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ବିଭାଗ ତାଲିମ ପ୍ରତିଷ୍ଠାନର ଚିଫ୍ ଫ୍ଲାଇଟ୍ ଇନ୍‌ଷ୍ଟ୍ରକ୍ଟର କ୍ୟାପଟେନ୍ ଓ.ବି.କେ. ସିଂଙ୍କ ନେତୃତ୍ୱରେ କ୍ୟାପ୍ଟେନ ଓମ୍‌ପ୍ରକାଶ ସୁରୀ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ମନୋଜ କୁମାର ରାୟଙ୍କ ସମେତ ୨ଜଣ ପ୍ରଶିକ୍ଷାର୍ଥୀ ଏକ ସ୍ୱତନ୍ତ୍ର ବିମାନରେ ଏୟାରଷ୍ଟ୍ରିପରେ ଅବତରଣ କରିବା ସହ ସ୍ଥିତି ପରଖିଛନ୍ତି। ଆସନ୍ତା ୧୬ ତାରିଖରେ ବାୟୁସେନା ଅଧିକାରୀମାନେ ଏଠାକୁ ଆସି ଭିତ୍ତିଭୂମି ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ବୀରାଶାଳରେ ୫୦ ଏକର ପରିମିତ ଅଞ୍ଚଳରେ ରହିଛି ପୁରାତନ ଏୟାରଷ୍ଟ୍ରିପ୍। ଏଠାରେ ଇନ୍ଦିରା ଗାନ୍ଧୀ, ବିଜୁ ପଟ୍ଟନାୟକଙ୍କ ଭଳି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିମାନରେ ଅବତରଣ କରିଛନ୍ତି। ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ପରିତ୍ୟକ୍ତ ହୋଇପଡ଼ିଥିଲା। ଦୀର୍ଘଦିନ ପରେ ଏହା ଉପରେ ନଜର ପକାଇଥିଲା ବେସାମରିକ ବିମାନ ଚଳାଚଳ ବିଭାଗ। ଏୟାରଷ୍ଟ୍ରିପକୁ ବିମାନ ଉଡାଣ ତାଲିମ କେନ୍ଦ୍ର ପାଇଁ ବ୍ୟବହାର କରିବାକୁ ପ୍ରସ୍ତୁତ କରାଯାଇଥିଲା ବ୍ଲୁପ୍ରିଣ୍ଟ। ୨୦୧୭-୧୮ ଆର୍ଥିକ ବର୍ଷରେ ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୯ କୋଟି ୧୮ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଏହାର ଭିତ୍ତିଭୂମି ବିକାଶ ଦାୟିତ୍ୱ ନେଇଥିଲା ପୂର୍ତ୍ତ ବିଭାଗ। ଯୁଦ୍ଧକାଳୀନ ଭିତ୍ତିରେ ରନ୍‌ୱେ, ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରାଯାଇଥିଲା। ଏଥିସହ ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ସୁରକ୍ଷା ପାଚେରି। ୨୦୧୮-୧୯ରେ ସମସ୍ତ କାର୍ଯ୍ୟ ଶେଷ ହେବାପରେ ବିମାନ ଉଡାଣ ତାଲିମ ପାଇଁ ଏନ୍‌ଓସି ମଧ୍ୟ ମିଳିସାରିଛି। ଅପରପକ୍ଷେ ଭୁବନେଶ୍ୱରରୁ ତାଲିମ ପାଇଁ ପାଇଲଟମାନେ ଏଠାକୁ ଆସି ବିମାନ ଅବତରଣ କରିବା କୌଶଳ ଶିଖିବେ। ଏଥିସହ ପୁନର୍ବାର ଭୁବନେଶ୍ୱର ଅଭିମୁଖେ ଉଡ଼ାଣ କରିବା ଯୋଜନା ମଧ୍ୟ ରହିଛି। ଦୀର୍ଘଦିନର ପ୍ରତୀକ୍ଷା ପରେ ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ବିମାନ ଅବତରଣ କରିଥିବାରୁ ଜିଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ବିମାନ ଉଡ଼ାଣ ତାଲିମ ପାଇଁ ବ୍ୟବହାର କରାଯିବାକୁ ଯୋଜନା ରହିଛି। ଆବଶ୍ୟକ ଅନୁଯାୟୀ ଏହାର ଉନ୍ନତୀକରଣ କରାଯାଇଛି। ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ବିଭାଗର ଅଧିକାରୀମାନେ ଏୟାରଷ୍ଟ୍ରିପ୍ ପରିଦର୍ଶନ କରି ଫେରିଥିବା ସେ ସୂଚନା ଦେଇଛନ୍ତି।


ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ବିମାନ ଅବତରଣ କରିଛି।

# ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ରାଜ୍ୟ ସଂଗ୍ରହାଳୟ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟ ସଂଗ୍ରହାଳୟ ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ପୂର୍ବରୁ ୧୫ତାରିଖ ପର୍ଯ୍ୟନ୍ତ ସଂଗ୍ରହାଳୟକୁ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ବେଳେ ମରାମତି କାମ ଶେଷ ହୋଇ ନ ଥିବାରୁ ପୁଣିଥରେ ଏହାକୁ ଘୁଞ୍ଚାଇ ଦିଆଯାଇଛି। ସଂଗ୍ରହାଳୟ ଉଦ୍ୟାନ, ସୌନ୍ଦର୍ଯ୍ୟକରଣ, ଝରକା ରେଲିଂ ସହ କେତେକ ଗ୍ୟାଲେରୀର କିଛି ଅଂଶ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିବାରୁ ମରାମତିରେ ବିଳମ୍ବ ହେଉଥିବା କୁହାଯାଇଛି। ସେହିଭଳି ବିଦ୍ୟୁତ୍ ଓ ପାନୀୟ ଜଳଯୋଗାଣ ସ୍ୱାଭାବିକ ହେବାର ଆବଶ୍ୟକତା ରହିଛି। ସଂଗ୍ରହାଳୟର ଅଧିକାଂଶ ଏସି ଖରାପ ହୋଇଯାଇଛି, ଯାହାକି ଏ ପର୍ଯ୍ୟନ୍ତ ସଜଡ଼ା ଯାଇପାରିନାହିଁ। ତେଣୁ ପରିସ୍ଥିତି ସ୍ୱାଭବିକ ନ ହେବା ପର୍ଯ୍ୟନ୍ତ ରାଜ୍ୟ ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ ରଖାଯିବ ବୋଲି ଅଧୀକ୍ଷକଙ୍କ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ବାତ୍ୟାରେ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ କିନ୍ତୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। 'ଫନୀ' ଦ୍ୱାରା ମ୍ୟୁଜିୟମ୍‌ର ସବୁଜିମା ପରିପୂର୍ଣ୍ଣ କ୍ୟାମ୍ପସ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ଏଠାରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିଲା। ହେଲେ ବାତ୍ୟା ପରଦିନଠାରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସଂଗ୍ରହାଳୟର ୫ ମୁଖ୍ୟ ପ୍ରକୋଷ୍ଠ ଏବେ ଖୋଲାଯାଇଛି। ମାତ୍ର ରାଜ୍ୟ ସଂଗ୍ରହାଳୟର ଆଭ୍ୟନ୍ତରୀଣ ଓ ଗ୍ୟାଲେରୀ ସେଭଳି କ୍ଷତିଗ୍ରସ୍ତ ହୋଇ ନ ଥିଲେ ମଧ୍ୟ କ'ଣ ପାଇଁ ଏତେଦିନ ପର୍ଯ୍ୟନ୍ତ ବନ୍ଦ ରହିଛି, ତାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏହାସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଂଗ୍ରହାଳୟ ଭିତରକୁ ଛଡ଼ା ନ ଯିବା ଆହୁରି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୩୪ ବୁଥ୍‌ରେ ସାନି ମତଦାନ କାହା ସ୍ୱାର୍ଥରେ: ଭାଜପା

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀ କରି ଆସନ୍ତା ୧୯ରେ ୩୪ଟି ବୁଥ୍‌ରେ ସାନି ମତଦାନ ହେବ ବୋଲି ଘୋଷଣା କରିଥିଲେ। ହେଲେ କେନ୍ଦ୍ରୀୟ ମୁଖ୍ୟ ନିର୍ବାଚନ ଆୟୋଗ ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି। ତେବେ କାହା ସ୍ୱାର୍ଥରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ସାନି ମତଦାନ କରିବା ପାଇଁ ଯାଉଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି। ଯେଉଁ ବୁଥ୍‌ରେ ଭାଜପା ଭଲ କରିବାର ଥିଲା ବିଜେଡି ସେହିଭଳି ୬୪ଟି ବୁଥ୍‌ରେ ରିଗିଂ ଏବଂ କ୍ୟାପଚରିଂ କରିଛି। ଏହି ସବୁ ବୁଥରେ ଆଉ ଥରେ ମତଦାନ କରିବା ଦାବିରେ ସମସ୍ତ ତଥ୍ୟ ପ୍ରମାଣ ସହ ଭାଜପା ଦାବିକରିଥିଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। କୌଣସି ରାଜନୈତିକ ଦଳ ସେହି ୩୪ ବୁଥ୍‌ରେ ସାନି ମତଦାନ ପାଇଁ ଦାବି କରିନାହାନ୍ତି। ବେଆଇନ ଭାବେ କେନ୍ଦ୍ରୀୟ ନିର୍ବାଚନ କମିଶନଙ୍କ ବିନା ଅନୁମତି ମୁଖ୍ୟ ନିର୍ବାଚନ ଅଧିକାରୀ ସାନି ନିର୍ବାଚନ ପାଇଁ ନିଷ୍ପତ୍ତି ନେଲେ? ଏହା ବିରୋଧରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସାନି ମତଦାନ ହେବାକୁ ଥିବା ବୁଥ୍‌ରେ ବିଜେଡି ବର୍ତ୍ତମାନ ଟଙ୍କା ଓ ବାହୁବଳରେ ଦେଖାଇ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛି। ତେଣୁ ଏହି ବୁଥ୍‌ଗୁଡ଼ିକରେ ସୁରକ୍ଷା ଦେବା ପାଇଁ ସିସିଟିଭି ମାଧ୍ୟମରେ କଡା ନଜର ରଖିବା ଏବଂ ସଶସ୍ତ୍ର ବଳକୁ ମୁତୟନ କରିବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କାମଗୁଡ଼ିକୁ ସମ୍ପନ୍ନ କରିବାରେ କିଛି ଅସୁବିଧା ହେବନାହିଁ। ରହିଯାଇଥିବା ଫାଇଲ କାମଟିକୁ ଆଜିହିଁ ଆରମ୍ଭ କରିବାକୁ ମନ ବଳାଇବେ ଓ ଶେଷ ମଧ୍ୟ କରିପାରିବେ। ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ପାରିବାରିକ ଝମେଲା ସମାଧାନ ଆଡକୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଘରେ କିମ୍ବା ଅଫିସରେ ଏକ ସାଧାରଣ କଥାରେ ବିତର୍କ ହୋଇପାରେ। ସାଂଗଠନିକ କିମ୍ବା ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ । ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ ଓ ନିର୍ମାଣ, ଜମିଜମା କିମ୍ବା ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ** ପାରିବାରିକ ସମସ୍ୟାର ସମାଧାନ ଘଟିବ, କିନ୍ତୁ ଏଥିପାଇଁ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡିବ। ବନ୍ଧୁମାନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**କର୍କଟ** ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବ୍ୟବସାୟରେ ପ୍ରଚୁର ଲାଭରୁ ମନ ଖୁସି ରହିବ। ଅଫିସ୍ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲା ମନ୍ଥର ହୋଇପାରେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଆଜି ଆପଣଙ୍କ କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ଲାଗି ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନିଜକୁ ଖାପ ଖୁଆଇ ଚଳିବା ଭଲ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ।

**କନ୍ୟା** ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିପାରିବେ। ଯାନବାହନରେ ଲାଭ, ଦୋକାନ ବାଡିରେ ଉନ୍ନତି, ଅଚାନକ ଗୃହ ଭୂମି ଲାଭ ଯୋଗ ରହିଛି। କିନ୍ତୁ ଆଳସ୍ୟ ଓ ଅବହେଳିତ କାମରୁ ନିରାଶ ହେବାକୁ ପଡିପାରେ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ତୁଳା** ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବହୁତ ଅନୁନୟ ବିନୟ ପରେ ଧାର ସୂତ୍ରରେ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମଗୁଡିକ ସହଜ ଓ ସୁବିଧାରେ ହୋଇଯିବ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ଅନ୍ୟମାନଙ୍କ କ୍ଷେତ୍ରରେ ପାରିବାରିକ ସମ୍ପର୍କ ମଧୁର ରହିବ।

**ଧନୁ** ଆଜି ଦିନଟିରେ ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମକର** ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଆଜି ଯାହାକୁ ଯାହା ମାଗିବେ ସେହି ବ୍ୟକ୍ତି କଦାପି ମନା କରିବେ ନାହିଁ। ଅବଶ୍ୟ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିବେ। କର୍ମକ୍ଷେତ୍ରରେ ପରସ୍ପର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅଭାବ ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କୁମ୍ଭ** ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବା କାରଣରୁ ମନ ଭଲ ଲାଗିବ ନାହିଁ। ପିଲାମାନଙ୍କ ବୈବାହିକ କର୍ମ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ସକାଶେ ଚିନ୍ତା କରିପାରନ୍ତି। କେତେକ ସାଧାରଣ ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ହେବନାହିଁ।

**ମୀନ** ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସଭାସମିତିରେ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟଗତ କାରଣରୁ କୌଣସି କାମ ଅଟକି ଯାଇପାରେ।

ଆଜି ବୃଷମାସ ବିଷ୍ଣୁପଦୀ ସଂକ୍ରାନ୍ତି, ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ମୋହିନୀ ଏକାଦଶୀ ବୁଧବାର, ମେ ୧୫ ତାରିଖ, ବିଶ୍ୱ ପରିବାର ଦିବସ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, କର୍କଟ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଏକାଦଶୀର ବ୍ରତ, ଉପବାସ, ଦିବା ଘ୬।୫୧ମି. ଗତେ ଘ୮ ।୨୬ମି.ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୫ମି. ଗତେ ଘ୧୧ ।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧ ।୪୩ମି. ଗତେ ଘ୧ ।୨୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Divorcee groom JE 40, Engineer 43, Clerk 39 (caste-no-bar). 7873374269. D-66452

କୌଣସି ଜାତିର ଛାଡ଼ପତ୍ର ବା ସ୍ୱାମୀ ନଥିବା ପାତ୍ରୀ ସରକାରି ଚାକିରି କରିଥିବା କନ୍ୟାପାତ୍ରୀ ଆବଶ୍ୟକ। 38+, 8260793228, 8280507228. D-12477

Kumbhara boy 30, B.Tech (NIT) MBA (IIM) Engineer MNC: 9437555525. D-58083

**GROOM WANTED**

43 ବୟସ୍କା ସରକାରୀ ଚାକିରିଆ ଅବିବାହିତା ଗୁଡ଼ିଆ ଝିଅଙ୍କ ପାଇଁ ଯେକୌଣସି ଜାତି ବିବାହିତ/ଅବିବାହିତ ପୁଅ ଦରକାର। 7381460017. D-60833




**SALE**

Hyundai I10 sportz model 2010 run 22,000k.m. in excellent condition. 7008129593. D-12485




**SALE**

Jupiter Science back side, Per sqft. 300/- possession plot. 9777544478. D-56642

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Fully furnished 700sqft flat for sale at 2nd floor, Daru brahma apartment, Laxmi Talkies road, Ramachandi sahi, Puri. 09674665535, 9861032518. D-64769

New 1BR flat 597sqft. furnished with 4 wheeler garage near ITER, Khandagiri for sale. Contact: 9439331053. D-66522

Now Matrimonial ads. only on Wednesday & Sunday
Book 1 Get 1 FREE

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366




Ground floor 2BHK, 2 wheeler potico, Bomikhal, Santoshi Kalyan Mandap, Bhubaneswar. 7978730629. D-12454

25,000 sqft of land near Dhauli on rent for any commercial use/marriage/function/events etc. For long term lease basis. Contact: 8917576258. D-12462

17'x10', 25'x21', 50'x21' shops, fully furnished, mainroad, Sahidnagar, Bhubaneswar, 9438344444. D-12482

Independent fully furnished house. 3BHK 1st floor parking, Kalpana family or Job Bachelors. Rent 18,000/- 9348888914. D-12486

Shop at NH-16, 260 sqft., Rasulgarh, Bhubaneswar. Phone: 9861031002, 8480830749. D-12489




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674- 2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

Summer special mesmerizing offer expert therapeutic refreshing massage appointment. 9668374480. D-66521

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

It is notified for the information that my original qualifying examination certificate of senior secondary examination of year 2017 and roll no. 6601014 issued by CBSE has been actually destroyed. Name of the candidate Samar Sekher Pattanayak full address:- At/Po-Azimabad Balasore 756001, phone No. 8637211379. D-12490

By virtue of an affidavit before the Notary Public Purushottampur (Ganjam), I Nirupama Nahak, D/o-Purushottam Nahak. I have married to one Gangadhara Pradhan. That after my marriage the surname has been changed from Nahak to Pradhan. I shall be known as Nirupama Pradhan for all purpose. D-12491

**EDUCATION**

MBBS (Clinical Medicine in English) at Kunming Medical University, China, Contact: School of Chinese Language, Kolkata. 7596011781-5, Dr. Dash-8249817936. D-12499

**ଜନ୍ମଦିନ ଶୁଭେଚ୍ଛା**


(ରାନି)
**ଅର୍ଚ୍ଚିତା ପ୍ରିୟଦର୍ଶିନୀ**
ଝାରପଡ଼ା, ଭୁବନେଶ୍ୱର
ଆଜି ତୋର ୧୩ତମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘାୟୁ କାମନା କରୁଛୁ। ତୋର ଚଲାପଥ କୁସୁମିତ ହେଉ, ଏହାହିଁ କାମନା।
ଶୁଭେଚ୍ଛା ସହ
ବାବା, ମାମା, ବାବୁ, ବବୁଲୁ, ମାନସ, ଚିକୁନୁ, ବିକାଶ, ଲିଜା, ଲିନା, ଲକି, ପିଙ୍କି, ରିଙ୍କି, ସୋନି, ଲୋନି, ସ୍ନେହା, ନେହା, ଅଂଶୁ, ଗୁଲୁ।
ଧ-୧୨୪୮୪

**ଜନ୍ମଦିନ ଶୁଭେଚ୍ଛା**


**ତ୍ରିସ୍ତା ତଲିନା (ମାମୁନ)**
କଣ୍ଟି, ଗୋପ, ପୁରୀ
ଆଜି ତୋର ଦଶମ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ସୁଖୀ ଓ ଦୀର୍ଘ ନିରାମୟ ଜୀବନଯାପନ କର ସର୍ବଦା ଖୁସି ରୁହ।
ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା, ସବୁ ଅଙ୍କଲ ଆଣ୍ଟି, ଭାଇ, ଅଜା, ଆଈ, ମାମୁ, ମାଇଁ, ଲିକି, ଲକି, ଗୁଡୁ, ଚିଣ୍ଟୁ, ଟ୍ୱିଙ୍କିଲ, ବାବା, ମାମା, ଏବଂ ସମସ୍ତ ପରିବାରବର୍ଗ।
ଧ-୬୪୦୫୯

**୧୩ତମ ଜନ୍ମଦିନ ଶୁଭେଚ୍ଛା**


**କାହ୍ନୁଚରଣ ଦାସ (କାହ୍ନା)**
ମା ଭଗବତୀ ବସ୍ତି, ଭୁବନେଶ୍ୱର-୨
ଆଜି ତୁମର ୧୩ତମ ଜନ୍ମବାର୍ଷିକ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେ ପ୍ରାର୍ଥନା କରୁଛୁ କି ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଦୀର୍ଘାୟୁ କରନ୍ତୁ ଏବଂ ସର୍ବଦା ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ।
ଶୁଭେଚ୍ଛା ସହ
ଅଜା, ଆଈ, ମାମୁ, ମାଇଁ, ମୁନ୍ନା, ବୋଉ, ବିନୋଦ, ଗୁରୁଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୪୮୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

# ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)

# ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ବି/୨ ପର୍ଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ୨୫୪୫୧୭୦, ୨୫୪୨୭୧୧, ଇ-ମେଲ: 0815ro@iobnet.co.in & 0815law@iob.in
**ମଣ୍ଡଳ କାର୍ଯ୍ୟାଳୟ:** କୋଲକାତା, ୧୧୯, ହ୍ୱାଇଟ୍ ହାଉସ୍ ପାର୍କ ଷ୍ଟ୍ରିଟ୍, କୋଲକାତା-୭୦୦୦୧୬

## ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି

(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୮(୬) ଓ ୯(୧) ଅନୁଯାୟୀ)

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଓ ୯(୧)ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି)**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍ଦାରମାନେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟକୁ ଅସୁଲ କରିବା ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ସୁରକ୍ଷିତ ଋଣଦାତା) ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଗଠନମୂଳକ ଦଖଲ ନେଇ **"ଯାହାବି ସେଠାରେ ଅଛି"**, **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି । ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା, ସମ୍ପତ୍ତି ବିବରଣୀ ଏବଂ ଅନ୍ୟାନ୍ୟ ବିବରଣୀ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ | ଶାଖାର ନାମ/ ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ |
|---|---|---|
| ୧. | **ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ପେଟ୍ ଇଣ୍ଡଷ୍ଟ୍ରିଜ୍, ସତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ୍ ପରିଡ଼ା, ପିତା-କ୍ଷେତ୍ରମୋହନ ପରିଡ଼ା, ସା:ଏସ୍-୩/୫, ନିଉ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଜଗତପୁର, କଟକ-୭୫୪୦୨୧, ବାସସ୍ଥାନ ଠିକଣା: ସା-ଗୋପାଳ ସାହି, ମଙ୍ଗଳାବାଗ, ଜିଲ୍ଲା-କଟକ, **ଜାମିନ୍ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତି**, ପିତା-ଚନ୍ଦ୍ରମଣୀ ମହାନ୍ତି, ସା-ଗୋପାଳ ଜିଉ ଲେନ୍, ମଠ ସାହି, ତେଲେଙ୍ଗା ବଜାର, ଜିଲ୍ଲା: କଟକ-୭୫୩୦୦୯ । | **ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ** ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ଯାହା ପ୍ଲଟ ନଂ.୧୧୨୪, ଖାତା ନଂ.୮୭୦/୭, ମୌଜା-କଟକ ସହର, ୟୁନିଟ୍-୧୪, ଏରିଆ-୦.୦୨୭ ଡିସିମିଲି, ଗୃହ ଏରିଆ-୯୨୫ ବର୍ଗଫୁଟ, ଘର ନଂ.-୩୮୯, ଗୋପାଳ ଜିଉ ଲେନ୍, ମଠ ସାହି, ଜିଲ୍ଲା-କଟକ, ଓଡିଶାରେ ଅବସ୍ଥିତ । ଚଉହଦି: ଉତ୍ତର-ରତ୍ନାକର ଘଡେଇ, ପୂର୍ବ-ରାସ୍ତା, ପଶ୍ଚିମ-ବଂଶୀଧର ସ୍ୱାଇଁ, ଦକ୍ଷିଣ-ରମେଶ ଚନ୍ଦ୍ର ମହାନ୍ତି । |
| ୨. | **ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜି ଏଜେନ୍ସିସ୍, ସତ୍ତ୍ୱାଧିକାରୀ:ଶ୍ରୀମତୀ ସୁଧା ତିବ୍ରେୱାଲ, ଜାମିନ୍ଦାର ଏବଂ ବନ୍ଧକଦାତା: ଶ୍ରୀ ମନୋଜ କୁମାର ତିବ୍ରେୱାଲ, ପ୍ଲଟ ନଂ.: ୧୦୯୬, ରାଜେନ୍ଦ୍ର ନଗର, ପୋ-ମଧୁପାଟଣା, କଟକ-୭୫୩୦୧୦, ବାସସ୍ଥାନ ଠିକଣା: ପ୍ଲଟ ନଂ.୧୨୨୮, ମହାନଦୀ ବିହାର, କଟକ-୭୫୩୦୦୪ । | **ଶ୍ରୀ ମନୋଜ କୁମାର ତିବ୍ରେୱାଲଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହା ଫ୍ଲାଟ ନଂ.୧୮୩ ଏବଂ ୧୮୪, ୩ୟ ମହଲା, ଷ୍ଟେଡିୟମ କମ୍ପ୍ଲେକ୍ସ, ଅନୁରୂପ ରେଭିନ୍ୟୁ ପ୍ଲଟ ନଂ.-୨୮୨, ଖାତା ନଂ.-୪୧, ମୌଜା-ଫଇଜ ନଗର, ଥାନା-ମଙ୍ଗଳାବାଗ, ତହସିଲି-କଟକ ସଦର, ଏରିଆ-୨୦୦୦ ବର୍ଗଫୁଟ, ଜିଲ୍ଲା-କଟକରେ ଅବସ୍ଥିତ । ଚଉହଦି: ଉତ୍ତର-ଜୟ ନଟିଆ, ପୂର୍ବ-ଭେଣ୍ଡର, ପଶ୍ଚିମ-ବକ୍ସିବାଟି ରୋଡ, ଦକ୍ଷିଣ-ରାସ୍ତା । |
| ୩. | **ଯୋବ୍ରା ଶାଖା, ଫୋନ୍:୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ଜୀବଦାନୀ ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ସତ୍ୟଜିତ ପରିଡ଼ା, ପିତା-କ୍ଷେତ୍ରମୋହନ ପରିଡ଼ା, ଜାମିନ୍ଦାରମାନେ: (୧)ପୁଷ୍ପଲତା କବି, (୨)ସୁଲୋଚନା କବି/ପରିଡ଼ା, ଉଭୟଙ୍କ ବାସଗୃହ ଠିକଣା: ସା-ଗୋପାଳ ସାହି, ମଙ୍ଗଳାବାଗ୍, କଟକ । | **ସୁଲୋଚନା କବି ଏବଂ ପୁଷ୍ପଲତା କବିଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା- କଟକ ସହର, ୟୁନିଟ୍ ନଂ.-୨୨, ମିର୍‌କମଲ ପାଟଣା, ତହସିଲ୍ ନଂ.-୫, ଖାତା ନଂ.-୧୦୬୮/୪୩, ପ୍ଲଟ ନଂ.-୧୦୧୭, ଏରିଆ-ଏକର୦.୪୨ ଡିସିମିଲି, ଏହାର ଚଉହଦି: ପୂର୍ବ-ରାସ୍ତା, ପଶ୍ଚିମ-କୈଳାସ କବି (ଏସି ଷ୍ଟ୍ରିଟ୍), ଉତ୍ତର- ରାଜେଶ କବି, ଦକ୍ଷିଣ- ନର୍ସିଂ ହୋମ୍ । |
| ୪. | **ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୨୭୦, ମୋ-୯୯୬୭୯୧୩୯୨୫** ଋଣଗ୍ରହୀତା: ମେସର୍ସ ସାର୍କ ଫାର୍ମାସ୍ୟୁଟିକାଲ୍ସ, ସତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ପାତ୍ର, ପିତା-ନନ୍ଦ କିଶୋର ପାତ୍ର, ସା-ସାଇଲୋ ଝାରପଡା, ଝାରପଡା, କଟକ-୭୫୪୦୦୩, **ଜାମିନ୍ଦାର ଏବଂ ବନ୍ଧକଦାତା: ଶ୍ରୀ ଚିରଞ୍ଜନ ସିଂହ**, ସା-ମହିଦାସ ବଜାର, ଚାନ୍ଦିନି ଚୌକ, ଜିଲ୍ଲା-କଟକ, ଓଡିଶା-୭୫୩୦୦୨ । | **ଶ୍ରୀ ଚିରଞ୍ଜନ ସିଂହଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହା ମୌଜା ନଂ.-୫, କଟକ ସହର ୟୁନିଟ୍ ନଂ.-୩୭, ବାଦାମବାଡି, ଥାନା-ମଧୁପାଟଣା, ଜିଲ୍ଲା-କଟକ, ଖାତା ନଂ.-୧୬୦, ପ୍ଲଟ ନଂ.-୩୧୯/୭୯୬, ହାଲ/ସାବକ ଖାତା ନଂ.-୩୯୧, ପ୍ଲଟ ନଂ.-୧୨୦୭, ୧୨୦୮, ଏରିଆ- ଏକର ୦.୦୫୧ ଡିସିମିଲିରେ ଅବସ୍ଥିତ । ଚଉହଦି: ଉତ୍ତର- ପ୍ଲଟ ନଂ.୩୨୦, ପୂର୍ବ-ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୯୧, ଦକ୍ଷିଣ-୭୯୭ (କ୍ରିମେସନ୍ ପଡିଆ) । |
| ୫. | **ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୨୭୦, ମୋ-୯୯୬୭୯୧୩୯୨୫** ଋଣଗ୍ରହୀତା: ମେସର୍ସ ଭାରତ ଫ୍ଲାଏ ଆଶ ବ୍ରିକ୍ସ, ସତ୍ତ୍ୱାଧିକାରୀ: (୧)ଶ୍ରୀମତୀ ଝରଣା ରାଉତ, ସ୍ୱାମୀ: ଶ୍ରୀ ପ୍ରଶାନ୍ତ ରାଉତ, ସା-ମେଟ୍ରୋ ଗାର୍ଡେନ ଇଷ୍ଟେଟ୍, ପୋ-ତେଲେଙ୍ଗା ବଜାର, ଥାନା-ପୁରୀ ଘାଟ, କଟକ, (୨)ମହମ୍ମଦ ରଫିକ୍, ପିତା-ହାଜି ମହମ୍ମଦ ସୋହେବ, ସା-ତୁଳସୀପୁର (ଗୋରା କବର), ପୋ-ବକ୍ସି ବଜାର, ଥାନା-ବିଡାନାସୀ, କଟକ-୭୫୩୦୦୧ । | **ଶ୍ରୀ ପ୍ରଶାନ୍ତ କୁମାର ରାଉତ ଏବଂ ମହମ୍ମଦ ରଫିକ୍‌ଙ୍କ** ନାମରେ ଥିବା ଜମି ଏବଂ ଛୋଟ ଗୃହ ସହିତ କାରଖାନା ଗୃହ ଯାହାର ମୌଜା- ଅତୁଡା, ଥାନା/ତହସିଲି- ସାଲେପୁର, ଜିଲ୍ଲା-କଟକ, ପ୍ଲଟ ନଂ.-୩୫୫୭, ଖାତା ନଂ.-୫୫୩, ଏରିଆ-ଏକର୧.୫୨୯ ଡିସିମିଲି, ଏହାର ଚଉହଦି: ପୂର୍ବ- ପ୍ଲଟ ନଂ.-୩୫୬୬, ୩୫୬୭, ୩୫୬୮, ୩୫୬୯, ପଶ୍ଚିମ- ପ୍ଲଟ ନଂ.୩୫୫୨, ୩୫୫୬, ଉତ୍ତର- ସରକାରୀ ଜଳସେଚିତ ଜମି, ଦକ୍ଷିଣ- ପ୍ଲଟ ନଂ.୩୫୫୨ । |
| ୬. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ସ୍ୱାଇଲୋ କ୍ରେସେସ୍, ଦୋକାନ ନଂ.-୩୪, ଆଳି ମାର୍କେଟ କମ୍ପ୍ଲେକ୍ସ, ସତ୍ତ୍ୱାଧିକାରୀ - ଶ୍ରୀ ସୁରେନ୍ଦ୍ର ସେନ୍, ପିତା-କୈଳାସ ସେନ୍, ଜାମିନ୍ଦାର: ଶ୍ରୀମତୀ ବାସନ୍ତୀ ସେନ୍, ଉଭୟଙ୍କ ବାସସ୍ଥାନ ଠିକଣା: ପ୍ଲଟ ନଂ.-୩୫୬/୩୭୪୬ ଏବଂ ୩୫୬/୩୪୦୪, ପୁରୁଣା ରାଉସପାଟଣା, ପୋ-ବକ୍ସିବଜାର, ଥାନା-ପୁରୀଘାଟ, ଜିଲ୍ଲା-କଟକ, ଓଡିଶା । | **ଶ୍ରୀ ସୁରେନ୍ଦ୍ର ସେନ୍ ଙ୍କ** ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ପ୍ଲଟ ନଂ.-୩୫୬/୩୭୪୬ ଏବଂ ୩୫୬/୩୪୦୪, ଖାତା ନଂ.-୧୨୦୫/୮୪୩ ଏବଂ ୧୨୦୫/୫୩୪, ମୌଜା-ସାମନ୍ତ ସାହି, (ୟୁନିଟ୍-୨୩), ଥାନା-ପୁରୀଘାଟ, ତହସିଲି-କଟକ ସଦର, ଜିଲ୍ଲା-କଟକ, ଓଡିଶା, ପ୍ଲଟ ନଂ. ୩୫୬/୩୭୪୬ ର ଏରିଆ-ଏକର ୦.୦୦୭.୫ ଡିସିମିଲି ଏବଂ ପ୍ଲଟ ନଂ. ୩୫୬/୩୪୦୪ ର ଏରିଆ- ଏକର ୦.୦୧୫ ଡିସିମିଲି, ସମୁଦାୟ ଏରିଆ-ଏକର୦.୦୨୨.୫ ଡିସିମିଲିରେ ଅବସ୍ଥିତ । ଚଉହଦି: ଉତ୍ତର- ରାସ୍ତା, ପୂର୍ବ- ନାଗିନ୍‌ସେନ୍, ପଶ୍ଚିମ-ସାଧାରଣ ଗଳି ରାସ୍ତା, ଦକ୍ଷିଣ- ଉପେନ୍ଦ୍ର ସେନ୍ । |
| ୭. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା: ମେସର୍ସ ଗୁରୁକୃପା ବୋରୱେଲ, ସତ୍ତ୍ୱାଧିକାରୀ: ଶ୍ରୀ ବୈକୁଣ୍ଠ ବିହାରୀ ମୁଦୁଲୀ, ଜାମିନ୍ଦାର/ବନ୍ଧକଦାତା: ସଂଯୁକ୍ତା ମୁଦୁଲି, ସ୍ୱାମୀ-ବସନ୍ତ ମୁଦୁଲି, ଉଭୟଙ୍କ ଠିକଣା: ସା-ପ୍ଲଟ ନଂ.୩୧୬/୧୬୯୨, ଆଦିତ୍ୟ ନଗର, ପୋ-ନୂଆ ବଜାର, ଥାନା-ଚାଉଳିଆଗଞ୍ଜ, ଜିଲ୍ଲା-କଟକ, ଓଡିଶା । | **ସଂଯୁକ୍ତା ମୁଦୁଲିଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୬୫୦/୪୪, ପ୍ଲଟ ନଂ.-୩୧୬/୧୬୯୨, ଏରିଆ-ଏକର୦.୦୪୦ ଡିସିମିଲି, ମୌଜା-ପଇସା (ୟୁନିଟ୍-୨୮), ଥାନା-ଚାଉଳିଆଗଞ୍ଜ, ତହସିଲି-କଟକସଦର, ଜିଲ୍ଲା-କଟକ, ଓଡିଶା, ଚଉହଦି: ଉତ୍ତର-ପଙ୍କଜିନୀ ମିଶ୍ର (ପ୍ଲଟ ନଂ.-୩୧୬/୧୧୭୬), ଦକ୍ଷିଣ-ରାସ୍ତା, ପୂର୍ବ-ଉର୍ମିଳା ସାହୁ (ପ୍ଲଟ ନଂ.-୩୧୬/୧୧୭୫), ପଶ୍ଚିମ- ପଙ୍କଜିନୀ ମିଶ୍ର (ପ୍ଲଟ ନଂ.-୩୧୬/୧୧୭୭) । |
| ୮. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତା: ମେସର୍ସ ବ୍ଲୁ ଇଞ୍ଜିନିୟର୍ସ ପ୍ରା.ଲି., ପରିଚାଳନା ନିର୍ଦ୍ଦେଶକ: ବିଶ୍ୱଜିତ୍ ପୃଷ୍ଟି, ପ୍ଲଟ ନଂ.-୪୮, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡିଶା, ନିର୍ଦ୍ଦେଶକ: ମିନା ମଲ୍ଲିକ, ପ୍ଲଟ ନଂ.-୪୭, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡିଶା । | ଯନ୍ତ୍ରପାତିର ସମସ୍ତ ଅଂଶବିଶେଷ ଯାହାର ସିଏନ୍‌ସି ଲେନ୍, ପ୍ଲାଜମା କଟିଂ, ମ୍ୟାଗ୍ନେଟିକ୍ ଡ୍ରିଲିଂ, ଅଟୋମେଟିକ୍ ୱେଲ୍ଡିଂ ସିଷ୍ଟମ, ହେଭି ଡ୍ରେଲିଂ ମେସିନ, ପ୍ଲେଟ ରୁଲର, ଡିଜେଲ ଜେନେରେଟର, ଅଟୋମେଟେକ କଟିଂ ସେଟ୍, ମେକିଂ ଇନ୍‌ଷ୍ଟ୍ରୁମେଣ୍ଟସ୍, ହାଇଡ୍ରୋଲିକ୍ ଏବଂ ସ୍କ୍ରିଭ ଜ୍ୟାକ୍, ଲିଫ୍ଟିଂ ଟୁଲ୍ସ, ରେଡିଓଗ୍ରାଫି ସେଟ୍ କମ୍ପ୍ରେସର, ବ୍ଲାଷ୍ଟିଂ ମେସିନ, ପେଣ୍ଟ ଗନ୍ ସହିତ ମିକ୍ସଚର, ଇଲେକ୍ଟ୍ରିକାଲ୍ ଟେଷ୍ଟିଂ କିଟ୍ ଏବଂ ଆପାରେଟସ୍, ୬୩ କେଭିଏ ଟ୍ରାନ୍ସଫର୍ମର, ହାଇଡ୍ରୋଲିକ୍ ପ୍ରେସ୍ ବ୍ରେକ୍ ଗଜ ସହିତ ଡିଆରଓ, ଇଞ୍ଜିନକଟ ସିଏନ୍‌ସି ପ୍ଲାଜମା ପ୍ରୋଫାଇଲ କଟିଂ ସିଷ୍ଟମ୍ । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ହରିପୁର ରୋଡ୍ ଶାଖାରେ ବନ୍ଧକପ୍ରାପ୍ତ । |
| ୯. | **ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ମାମା ଏଜେନ୍ସି, ସତ୍ତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ପ୍ରହରାଜ, ପିତା-ଉପେନ୍ଦ୍ର ପ୍ରହରାଜ, ଜାମିନ୍ଦାର/ବନ୍ଧକଦାତା: ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀ, ସ୍ୱାମୀ-ଶ୍ରୀ ବୃନ୍ଦାବନ ପ୍ରହରାଜ, ସା/ପୋ-ଦୋଳମୁଣ୍ଡାଇ, ଥାନା/ଜିଲ୍ଲା-କଟକ, ଓଡିଶା-୭୫୩୦୦୧, ସ୍ଥାୟୀ ଠିକଣା: ସା-ଖରିବିଲ୍, ପୋ-ଏରଞ୍ଚ, ଥାନା- ନିଆଳି, ଜିଲ୍ଲା-କଟକ-୭୫୪୧୦୫, ଓଡିଶା, ବର୍ତ୍ତମାନ ଠିକଣା: ମାର୍ଫତ ପି.ସି ମଙ୍ଗରାଜ, ସା-କଡେଇ ସାହି, ରାଜା ବଗିଚା, ତଳତେଲେଙ୍ଗା ବଜାର, ଜିଲ୍ଲା-କଟକ-୭୫୩୦୦୯, ଓଡିଶା, ପିନ୍-୭୫୩୦୦୧ । | (କ)ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀଙ୍କ ନାମରେ ଥିବା ସରକାରୀ ଜମିର ସମସ୍ତ ଅଂଶବିଶେଷ ଯାହର ମୌଜା-ବାସୁଘାଇ, ଥାନା-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୩୯୦/୨୧୬, ପ୍ଲଟ ନଂ.-୨୫୧/୯୩୪, ଏରିଆ- ଏକର ୦.୦୩୦ ଡିସିମିଲି, ଏହର ଚଉହଦି: ପୂର୍ବ- ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ- ଡ୍ରେନ୍, ଉତ୍ତର- ସବ୍ ପ୍ଲଟ ନଂ.୪୮୫, ଦକ୍ଷିଣ-ରାସ୍ତା । (ଖ) ଶ୍ରୀ ବୃନ୍ଦାବନ ପ୍ରହରାଜଙ୍କ ନାମରେ ଥିବା ଘରବାରୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା-ବାସୁଘାଇ, ଥାନା-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୩୯୦/୨୧୫, ପ୍ଲଟ ନଂ.-୨୫୧/୯୩୪/୧୦୩୫, ଏରିଆ-ଏକର୦.୦୩୫ ଡିସିମିଲି, ଏହର ଚଉହଦି: ପୂର୍ବ- ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ- ଡ୍ରେନ୍, ଉତ୍ତର- ସବ୍ ପ୍ଲଟ ନଂ.୪୮୫, ଦକ୍ଷିଣ-ରାସ୍ତା । |
| ୧୦. | **ନନ୍ଦପୁର ଶାଖା, ଫୋନ୍: ୦୬୭୫୬-୨୫୦୨୨୦, ମୋ-୮୪୩୮୫୦୪୨୯୧** ଋଣଗ୍ରହୀତା:ଶ୍ରୀ ଦେବାଶିଷ ମହାପାତ୍ର, ପିତା-ରାମଚନ୍ଦ୍ର ମହାପାତ୍ର, ଜାମିନ୍ଦାର/ବନ୍ଧକଦାତା: ଶ୍ରୀ ରାମଚନ୍ଦ୍ର ମହାପାତ୍ର, ଜାମିନ୍ଦାର: ଶ୍ରୀ ଶ୍ରୀକାନ୍ତ ମହାପାତ୍ର ଏବଂ ଝିନା ମହାପାତ୍ର, ସା-ଅଳାଇଡିହ, ପୋ-ବାଲୁଗାଁ, ଜିଲ୍ଲା-ଖୋର୍ଦ୍ଧା, ଓଡିଶା-୭୫୨୦୩୦ । | **ଶ୍ରୀ ରାମଚନ୍ଦ୍ର ମହାପାତ୍ରଙ୍କ** ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-ଗୋପିକାନ୍ତପୁର, ଥାନା-ବାଣପୁର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.- ୧୩୪, ପ୍ଲଟ ନଂ.-୪୦୫, ଏରିଆ-ଏକର୦.୦୩୨ ଡିସିମିଲି, ପ୍ଲଟ ନଂ.-୪୦୬, ଚକ ନଂ.-୭୬, ଏରିଆ-ଏକର୦.୮୭୯ ଡିସିମିଲିରେ ଅବସ୍ଥିତ । ଚଉହଦି: ପୂର୍ବ-କଣ୍ଠ ମଙ୍ଗରାଜ, ପଶ୍ଚିମ-ନରସିଂହ ପ୍ରଧାନ, ଉତ୍ତର-ନରସିଂହ ପ୍ରଧାନ, ଦକ୍ଷିଣ- ରାମଚନ୍ଦ୍ର ମହାପାତ୍ର । |
| ୧୧. | **ନୟାଗଡ ଶାଖା, ଫୋନ୍: ୦୬୭୫୩-୨୫୨୪୬୫, ୨୫୨୪୭୫** ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଜେନା ଟାୟାର ହାଉସ୍, ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଜେନା, [illegible] ନୟାଗଡ, [illegible] ଓଡିଶା, ଜାମିନ୍ଦାର/ବନ୍ଧକଦାତା: ଶ୍ରୀମତୀ ବିଦ୍ୟୁଲତା ଜେନା, [illegible] ନୟାଗଡ-[illegible], ଓଡିଶା । | **ଶ୍ରୀମତୀ ବିଦ୍ୟୁଲତା ଜେନାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର [illegible] ଦକ୍ଷିଣ-ଖାଲି ଜାଗା । |
| ୧୨. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତା: [illegible] ଜେନା, ଜାମିନ୍ଦାର: [illegible] ଜେନା, [illegible] ଜିଲ୍ଲା-ଯାଜପୁର-୭୫୫[illegible], ଓଡିଶା । | [illegible] ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର [illegible] ଥାନା/ଜିଲ୍ଲା-ଯାଜପୁର, ଖାତା ନଂ.- [illegible] ଡିସିମିଲି । |
| ୧୩. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତା: (୧)[illegible] ଜେନା, (୨)ଶ୍ରୀ ଦୁର୍ଯ୍ୟୋଧନ ଜେନା, ଜାମିନ୍ଦାର: ଶ୍ରୀ ଦୁର୍ଯ୍ୟୋଧନ ଜେନା, [illegible] ଜିଲ୍ଲା-ଯାଜପୁର । | **ଶ୍ରୀ ଦୁର୍ଯ୍ୟୋଧନ ଜେନାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର [illegible] ଜିଲ୍ଲା-ଯାଜପୁର, ଖାତା ନଂ.-[illegible] ଡିସିମିଲି । |
| ୧୪. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ମହାପାତ୍ର, [illegible] ଜିଲ୍ଲା-ଯାଜପୁର, ଓଡିଶା । | **ଶ୍ରୀ ଅରୁଣ କୁମାର ମହାପାତ୍ରଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର [illegible] ଜିଲ୍ଲା-ଯାଜପୁର, ଖାତା ନଂ.-[illegible] ଡିସିମିଲି । |
| ୧୫. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତା: ଶ୍ରୀ ତପନ କୁମାର ବେହୁରିଆ, [illegible] ଜିଲ୍ଲା-ଯାଜପୁର, ଓଡିଶା । | **ଶ୍ରୀ ତପନ କୁମାର ବେହୁରିଆଙ୍କ** ନାମରେ ଥିବା ଜମି ଯାହାର [illegible] ଜିଲ୍ଲା-ଯାଜପୁର, ଖାତା ନଂ.-[illegible] ଡିସିମିଲି । |
| ୧୬. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ଋଣଗ୍ରହୀତା: ଶ୍ରୀ ସୁଭାସ ଚନ୍ଦ୍ର ରାଉତ, [illegible] ଜାମିନ୍ଦାର: ଶ୍ରୀ ଭରତ ଚନ୍ଦ୍ର ରାଉତ, [illegible] ଜିଲ୍ଲା-ଯାଜପୁର-[illegible], ଓଡିଶା । | **ଶ୍ରୀ ଭରତ ଚନ୍ଦ୍ର ରାଉତଙ୍କ** ନାମରେ ଥିବା ଜମି ଯାହାର [illegible] ଜିଲ୍ଲା-ଯାଜପୁର, ଖାତା ନଂ.-[illegible] ଡିସିମିଲି । |
| ୧୭. | **ଚଣ୍ଡିଖୋଲ ଶାଖା, ଫୋନ୍: ୦୬୭୨୬-୨୭୭୨୬୬, ମୋ-୯୯୩୮୫୩୦୭୭୦** ଋଣଗ୍ରହୀତା: ମେସର୍ସ କେ.ଆର୍. ମୋଟର୍ସ, ପାର୍ଟନରମାନେ: (୧)ଶ୍ରୀ ରଶ୍ମି ରଞ୍ଜନ ସୁଆର, [illegible] ଜିଲ୍ଲା-ଜାଜପୁର, [illegible] | **କମଳା ସୁଆରଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର [illegible] |
| ୧୮. | **ଭୁବନେଶ୍ୱର ଶାଖା, ଫୋନ୍: ୦୬୭୪-୨୫୩୨୫୩୪/୫୪୩/୨୪୯** ଋଣଗ୍ରହୀତା: ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ଶ୍ରୀ ଜ୍ୟୋତିପ୍ରକାଶ ନାୟକ, [illegible] ଭୁବନେଶ୍ୱର, [illegible] | (କ)ଶ୍ରୀ ଜ୍ୟୋତିପ୍ରକାଶ ନାୟକଙ୍କ ନାମରେ ଥିବା [illegible] (ଖ)ଶ୍ରୀ ଜ୍ୟୋତିପ୍ରକାଶ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ [illegible] |
| ୧୯. | **ବାଲୁଗାଁ ଶାଖା, ଫୋନ୍: ୦୬୭୫୬-୨୫୧୧୭୪, ମୋ-୯୯୩୭୩୩୫୨୨୩** ଋଣଗ୍ରହୀତା/ବନ୍ଧକଦାତା: କେ.କେ ସାହୁ ଆଣ୍ଡ କୋ. ପାର୍ଟନରସିପ୍ ଫାର୍ମ, ସତ୍ତ୍ୱାଧିକାରୀ: ଶ୍ରୀ କେଦାର [illegible] | **ଶ୍ରୀ କେଦାର କୁମାର ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ [illegible] |
| ୨୦. | **ମଙ୍ଗଳପୁର ଶାଖା, ମୋ-୯୪୩୭୩୪୭୬୭୩** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସତ୍ୟ ନାରାୟଣ ମଲ୍ଲିକ, [illegible] ଜିଲ୍ଲା-ଯାଜପୁର, [illegible] | **ଶ୍ରୀ ସତ୍ୟ ନାରାୟଣ ମଲ୍ଲିକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର [illegible] |
| ୨୧. | **ଯାଜପୁର ରୋଡ ଶାଖା, ଫୋନ୍: ୦୬୭୨୬-୨୨୦୮୧୦, ମୋ-୭୬୦୮୭୫୧୫୮୪** ଋଣଗ୍ରହୀତା: ମେସର୍ସ ଶର୍ମିଷ୍ଠା ଇଣ୍ଡଷ୍ଟ୍ରି, ସତ୍ତ୍ୱାଧିକାରୀ: ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ [illegible] | **ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ** [illegible] ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି [illegible] |
| ୨୨. | **ଯାଜପୁର ରୋଡ ଶାଖା, ଫୋନ୍: ୦୬୭୨୬-୨୨୦୮୧୦, ମୋ-୭୬୦୮୭୫୧୫୮୪** ଋଣଗ୍ରହୀତା: ଶ୍ରୀ ଧରଣୀଧର ମଲ୍ଲିକ, [illegible] ଜାମିନ୍ଦାରମାନେ: (୧)ଶ୍ରୀ କରୁଣାକର ମଲ୍ଲିକ, [illegible] (୨)ଶ୍ରୀମତୀ ବାସନ୍ତୀ ମଲ୍ଲିକ, [illegible] ଜିଲ୍ଲା-ଯାଜପୁର-[illegible] | (କ) [illegible] (ଖ) ଶ୍ରୀ ଧରଣୀଧର ମଲ୍ଲିକ, ଶ୍ରୀ କରୁଣାକର ମଲ୍ଲିକ ଏବଂ ଶ୍ରୀମତୀ ବାସନ୍ତୀ [illegible] ଜିଲ୍ଲା-ଯାଜପୁରରେ ଅବସ୍ଥିତ । * ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି କେବଳ ଏସ୍‌ସି (ଅନୁସୂଚିତ ଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ । |
| ୨୩. | **ବାରିପଦା ଶାଖା, ଫୋନ୍: ୦୬୭୯୨-୨୫୭୭୯୭, ମୋ-୮୮୯୫୨୩୩୨୯୦** ଋଣଗ୍ରହୀତା/ବନ୍ଧକଦାତା: ଗୋପିନାଥ ହେମ୍ବ୍ରମ, ସା/ପୋ-କଖାରୁ ସୋଲ, ଭାୟା/ଥାନା-ଚାନ୍ଦୁଆ, ଜିଲ୍ଲା-ମୟୁରଭଞ୍ଜ, ଓଡିଶା, ପିନ୍-୭୫୭୦୧୪ । | **ଗୋପିନାଥ ହେମ୍ବ୍ରମଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୨୬୬/୧୦୩, ପ୍ଲଟ ନଂ.-୧୫୫୫/୧୮୮୫, ଏରିଆ-ଏକର୦.୧୫୦ଡିସିମିଲି, କିସମ-ଘରବାରୀ, ମୌଜା-ଚାନ୍ଦୁଆ, ଥାନା-ଚାନ୍ଦୁଆ, ଜିଲ୍ଲା-ମୟୁରଭଞ୍ଜ, ଏହାର ଚଉହଦି: ପୂର୍ବ/ଉତ୍ତର-ଖୋଲା ଥିବା ଜମି, ପଶ୍ଚିମ-ରାସ୍ତା, ଦକ୍ଷିଣ-ରାସ୍ତା ଏବଂ ନଗେନ୍ଦ୍ର ନାଥ ମହନ୍ତ, *ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି କେବଳ ଏସ୍‌ଟି (ଅନୁସୂଚିତ ଜନଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ । |
| ୨୪. | **ଢେଙ୍କାନାଳ ଶାଖା, ଫୋନ୍: ୦୬୭୬୨-୨୨୬୪୩୬, ମୋ-୯୪୩୭୦୮୧୪୭୭** ଋଣଗ୍ରହୀତା: ମେସର୍ସ ମେଟ୍ରୋ ଗାର୍ଡେନ, ସତ୍ତ୍ୱାଧିକାରୀ-ଶ୍ରୀ ସରୋଜ କୁମାର ସାହୁ, ପିତା-ଶ୍ରୀ ମାୟାଧର ସାହୁ, ସା-ରତନପ୍ରଭା (ପୋଡପଡା, ପୋ-ହିନ୍ଦୋଳ ରୋଡ, ଥାନା-ମୋଟଙ୍ଗା, ଜିଲ୍ଲା-ଢେଙ୍କାନାଳ, ପିନ୍-୭୫୯୦୧୯ । | **ଶ୍ରୀ ସରୋଜ କୁମାର ସାହୁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୧୮/୪୯୪୨, ଖାତା ନଂ.-୨୭୨/୧୩୬, ଏରିଆ-ଏକର୦.୨୯ ଡିସିମିଲି, ଥାନା-ମୋଟଙ୍ଗା, ଜିଲ୍ଲା-ଢେଙ୍କାନାଳ, ଏହାର ଚଉହଦି: ପୂର୍ବ-ଶ୍ରୀ ଜଗା ନାୟକ, ପଶ୍ଚିମ-ଶ୍ରୀ ପ୍ରହଲ୍ଲାଦ ବାରିକ, ଉତ୍ତର-ରେଙ୍ଗାଲି ରାଇଟ୍ କେନାଲ, ଦକ୍ଷିଣ-ଏନ୍‌ଏଚ୍-୪୨ । |
| ୨୫. | **ଧୁରୁକୁଡିଆ ଶାଖା, ମୋ-୭୮୯୮୬୧୩୧୩୯, ୭୩୫୪୧୬୨୨୨୪** ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତା: ମେସର୍ସ ସର୍ବେଶ୍ୱର ଡାଲ୍ ମିଲ୍, ସତ୍ତ୍ୱାଧିକାରୀ-ଶ୍ରୀ ବିଜୟ କୁମାର ସ୍ୱାଇଁ, ସା-ଶ୍ରୀରଙ୍ଗାପୁର, ପୋ-ଧୁରୁଶିଆ, ଥାନା-ଖୁଣ୍ଟୁଣି, ଜିଲ୍ଲା-କଟକ-୭୫୪୦୨୭, ଓଡିଶା । | **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ ନଂ.୦୧, ଖାତା ନଂ.୦୧, ମୌଜା-ଶ୍ରୀରଙ୍ଗାପୁର, ଥାନା-ଗୁରୁଡିଝାଟିଆ, ପୋ-ଧୁରୁଶିଆ, ଏରିଆ-ଏକର୦.୦୮୩ ଡିସିମିଲି (୩୬୧୫୪ ବର୍ଗଫୁଟ), ଜିଲ୍ଲା-କଟକ, ପିନ୍-୭୫୪୦୨୭, ଓଡିଶା, ଏହାର ଚଉହଦି: ଉତ୍ତର-ପ୍ଲଟ ନଂ.୦୨, ପୂର୍ବ-ରାସ୍ତା, ପଶ୍ଚିମ-ପ୍ଲଟ ନଂ.୦୨, ଦକ୍ଷିଣ-ପ୍ଲଟ ନଂ.୦୧, ଏବଂ ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ ନାମରେ ଥିବା କଳକବଜା ଏବଂ ଯନ୍ତ୍ରପାତୀ (କଳକବଜା ଏବଂ ଯନ୍ତ୍ରପାତୀ ବିବରଣୀ: ଫଟକା, ଡ୍ରମ୍, ପୋକୁଲାର ମେସିନ୍ ସହିତ ମେସିନ୍, ପୋକୁଲାର କନେକ୍ଟ ଏଲିମିଟର, ଷ୍ଟୋନର, ଡ୍ରାୟର ସେକ୍ସନ, ଏଲିମିଟର ୫ଟି, ବ୍ରଫଲର, ବ୍ଲୋଓର, ରୋଜା ସହିତ ମୋଟର (୧୦ ଏଚ୍‌ପି)ଥିବାର ଚଲା ସହିତ ମୋଟର, ୪ଟି ଚଲା ସହିତ ମୋଟର)ଯାହାକି ପ୍ଲଟ ନଂ.୦୧, ଖାତା ନଂ.୦୧, ମୌଜା-ଶ୍ରୀରଙ୍ଗାପୁର, ଥାନା-ଗୁରୁଡିଝାଟିଆ, ପୋ-ଧୁରୁଶିଆ, ଜିଲ୍ଲା-କଟକ, ଓଡିଶା-୭୫୪୦୨୭ରେ ଅବସ୍ଥିତ । |

| କ୍ର. ନଂ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ/ ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତଅଧିକାରୀ/ ସେବା ପ୍ରଦାନକାରୀଙ୍କ ନିକଟରେ ବିଡ୍ /ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ/ ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରିଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ ।) |
|---|---|---|---|---|---|---|---|
| ୧. | ଟ.୩୦,୯୫,୦୦୦/- | ଟ.୩,୦୯,୫୦୦/- | ଟ.୫୨,୪୬,୧୬୦/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୪.୨୦୧୭ / ୦୫.୦୯.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨. | ଟ.୪୨,୫୪,୦୦୦/- | ଟ.୪,୨୫,୪୦୦/- | ଟ.୩୭,୦୧,୬୨୭/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୭.୦୪.୨୦୧୭ / ୧୯.୦୭.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୩. | ଟ.୫୯,୧୨,୨୦୦/- | ଟ.୫,୯୧,୨୨୦/- | ଟ.୩୫,୩୩,୪୭୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୩.୧୨.୨୦୧୬ / ୨୨.୦୩.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୪. | ଟ.୪୫,୯୦,୦୦୦/- | ଟ.୪,୫୯,୦୦୦/- | ଟ.୨୯,୫୧,୨୩୭.୫୬ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୭.୨୦୧୭ / ୦୯.୧୦.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୫. | ଟ.୪୯,୮୯,୦୦୦/- | ଟ.୪,୮୯,୯୦୦/- | ଟ.୪୪,୭୬,୪୫୫/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୯.୦୬.୨୦୧୫ / ୧୦.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୬. | ଟ.୩୭,୪୫,୦୦୦/- | ଟ.୩,୭୪,୫୦୦/- | ଟ.୨୧,୧୫,୬୯୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୭.୨୦୧୭ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୭. | ଟ.୨୯,୮୦,୦୦୦/- | ଟ.୨,୯୮,୦୦୦/- | ଟ.୪୨,୫୫,୭୫୭.୩୮ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୪.୦୪.୨୦୧୭ / ୧୧.୧୦.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୮. | ଟ.୧୧,୭୪,୦୦୦/- | ଟ.୧,୧୭,୪୦୦/- | ଟ.୧,୦୯,୭୭,୪୬୯.୭୪ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୨.୧୨.୨୦୧୭ / ୨୧.୦୮.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୯(କ). | ଟ.୧୦,୭୫,୦୦୦/- | ଟ.୧,୦୭,୫୦୦/- | ଟ.୩୨,୮୭,୦୨୫.୩୩ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୦.୧୦.୨୦୧୮ / ୦୭.୦୨.୨୦୧୯ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୯(ଖ). | ଟ.୧୨,୬୦,୦୦୦/- | ଟ.୧,୨୬,୦୦୦/- | | | | | |
| ୧୦. | ଟ.୩୪,୮୦,୦୦୦/- | ଟ.୩,୪୮,୦୦୦/- | ଟ.୯,୧୫,୨୮୪.୦୮ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୦.୦୭.୨୦୧୮ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୧. | ଟ.୨୮,୦୦,୦୦୦/- | ଟ.୨,୮୦,୦୦୦/- | ଟ.୨୦,୨୮,୯୮୫.୦୬ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୯.୦୧.୨୦୧୮ / ୦୪.୦୫.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୨. | ଟ.୬,୦୦,୦୦୦/- | ଟ.୬୦,୦୦୦/- | ଟ.୭,୫୦,୭୧୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୧.୦୩.୨୦୧୬ / ୦୮.୦୬.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୩. | ଟ.୮,୦୦,୦୦୦/- | ଟ.୮୦,୦୦୦/- | ଟ.୪,୪୩,୪୬୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୫.୦୫.୨୦୧୬ / ୨୬.୦୭.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୪. | ଟ.୫,୦୦,୦୦୦/- | ଟ.୫୦,୦୦୦/- | ଟ.୬,୪୫,୭୭୭/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୫. | ଟ.୫,୦୦,୦୦୦/- | ଟ.୫୦,୦୦୦/- | ଟ.୫,୩୮,୫୯୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୬. | ଟ.୭,୦୦,୦୦୦/- | ଟ.୭୦,୦୦୦/- | ଟ.୫,୨୫,୩୩୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୭. | ଟ.୧,୮୭,୮୦,୦୦୦/- | ଟ.୧୮,୭୮,୦୦୦/- | ଟ.୧,୮୮,୭୮,୯୦୩.୫୪ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୨.୦୬.୨୦୧୨ / ୨୫.୦୮.୨୦୧୨ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୮(କ). | ଟ.୬୧,୬୧,୭୦୦/- | ଟ.୬,୨୦,୦୦୦/- | ଟ.୧,୨୩,୨୯,୭୯୧.୮୭ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୧.୦୪.୨୦୧୭ / ୧୮.୦୭.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୧୮(ଖ). | ଟ.୧୬,୦୦,୦୦୦/- | ଟ.୧,୬୦,୦୦୦/- | | | | | |
| ୧୯. | ଟ.୩୪,୫୫,୦୦୦/- | ଟ.୩,୪୫,୫୦୦/- | ଟ.୯,୬୨,୭୨୨/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୧୮ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୦. | ଟ.୯,୪୦,୦୦୦/- | ଟ.୯୪,୦୦୦/- | ଟ.୬,୩୮,୩୦୧/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୧. | ଟ.୭,୩୦,୦୦୦/- | ଟ.୭୩,୦୦୦/- | ଟ.୮,୬୬,୮୭୧/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୩୦.୦୧.୨୦୧୪ / ୩୦.୦୭.୨୦୧୪ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୨(କ). | ଟ.୬,୮୫,୦୦୦/- | ଟ.୬୮,୫୦୦/- | ଟ.୫,୫୧,୮୦୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୧୪ / ୩୦.୦୭.୨୦୧୪ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୨(ଖ). | ଟ.୬,୪୦,୦୦୦/- | ଟ.୬୪,୦୦୦/- | | | | | |
| ୨୩. | ଟ.୧୨,୯୦,୦୦୦/- | ଟ.୧,୨୯,୦୦୦/- | ଟ.୧୧,୪୦,୨୫୫/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୬.୦୨.୨୦୧୭ / ୨୬.୦୪.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୪. | ଟ.୧,୨୧,୨୧,୩୦୦/- | ଟ.୧୨,୧୨,୧୩୦/- | ଟ.୧,୧୫,୫୦,୪୪୩/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୧୬ / ୧୯.୦୨.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |
| ୨୫. | ଟ.୫୨,୭୮,୦୦୦/- | ଟ.୫,୨୭,୮୦୦/- | ଟ.୩୩,୨୮,୧୫୪.୫୭ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୮.୦୬.୨୦୧୭ / ୦୫.୦୯.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା |

**ନିୟମ ଏବଂ ସର୍ତ୍ତାବଳୀ:**

(୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ: **M/s. e-Procurement Technologies Ltd. (Auction Tiger)** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ (୨) ଇ-ନିଲାମ ବିଡ୍ ଫାର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ ପୋର୍ଟାଲ **https://iob.auctiontiger.net** ରେ ଉପଲବ୍ଧ । (୩)ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜୀକରଣ କରିବା ଦରକାର । ସେମାନଙ୍କୁ ସେବାପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସ୍‌ୱାର୍ଡ଼ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ । (୪)ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ୍" ମାଧ୍ୟମରେ ପୋର୍ଟାଲ **https://iob.auctiontiger.net** କିମ୍ବା ବ୍ୟାଙ୍କର ମେଲ୍ ଆଇଡ଼ି **0815ro@iobnet.co.in & 0815law@iob.in** ରେ ଅମାନତ ରାଶି (**UTR** ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡ଼ି କାର୍ଡ଼/ଡ୍ରାଇଭିଂ ଲାଇସେନ୍ସ/ ପାସ୍‌ପୋର୍ଟ/ପ୍ୟାନ କାର୍ଡ଼/ଆଧାର କାର୍ଡ଼ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତପ୍ରାପ୍ତ ଅଧିକାରୀଙ୍କଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରେ ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ । (୫)ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକି **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account" ସହୀଦ ନଗର ଶାଖା, ଭୁବନେଶ୍ୱର** ଆକାଉଣ୍ଟ ନଂ. **087302000001058, (IFSC Code- IOBA0000873)** ସପକ୍ଷରେ ପଇଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ । ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ । (୬) ଅମାନତ ରାଶି ବିନା ପ୍ରସ୍ତାବଗୁଡ଼ିକ ବାତିଲ କରାଯିବ (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡ଼ାକ ଦ୍ୱାରା ସମ୍ପନ୍ନ ହେବ । ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ । ଇ-ନିଲାମ ବନ୍ଦ ହେବାର ପୂର୍ବ ୫ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ମିନିଟ୍ ବୃଦ୍ଧି ପାଇବ । (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତି କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ । ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ । ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପଇଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ । (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ପ୍ରଦାନ କରାଯିବ । (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା: ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁର୍ଯ୍ୟ ତାହା ବହନ କରିବେ । (୧୧) କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି । (୧୨) ସମ୍ପତ୍ତିଗୁଡ଼ିକ **"ଯାହାବି ସେଠାରେ ଅଛି"**, **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତିରେ ବିକ୍ରୟ କରାଯିବ । ବ୍ୟାଙ୍କ ସମସ୍ତ ଜ୍ଞାତ ଏନକମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱକି ସେ ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ । (୧୩) ଉପର ଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧୀକାର ଦିଆଯିବ । ଏହାବ୍ୟତିତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟୀତ୍ୱ ରହିବ ନାହିଁ । (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ । (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କର ଇ-ମେଲ ଆଇଡ଼ି ମାଧ୍ୟମରେ ଜଣାଇଦିଆଯିବ । (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ । କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ/ଅଧିକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ । (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୁଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ ନମ୍ବରରେ ଜମା କରାଯିବ । ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ । (୧୮) ଇ-ନିଲାମ/ ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସମ୍ପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized officer, Sri Lingaraj Gouda, Mob.: 9437141805, 7978370113,& Sri Siba Prasad Rath, Mob.: 8758623041, Indian Overseas Bank, Regional Office, Bhubaneswar, Phone No.: 0674-2540032, mail ID- 0815ro@iobnet.co.in & 0815law@iob.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ: **M/s. e-Procurement Technologies Ltd. (Auction Tiger), Contact Person- Ram Sharma - 08000023297, Rakesh Nayak - 9937220319, Land Line No. 079- 40230821/823/824/826/827/816/806, Toll free no. 18001035342, E-mail ID: orissa.auctiontiger.net, ramprasad@auctiontiger.net & support@auctiontiger.net, Website: https://iob.auctiontiger.net** . (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି : **ଟ.୩୦,୦୦୦/-** ରଖାଯାଇଛି । (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ଉପରେ ବର୍ଣ୍ଣିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ **୧୫ ଦିନିଆ** ନୋଟିସ୍ ଅଟେ ।

ସ୍ଥାନ-ଭୁବନେଶ୍ୱର
ତାରିଖ- ୧୩.୦୫.୨୦୧୯

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

> ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ବୈଦିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି।
> –ଶ୍ରୀଅରବିନ୍ଦ



# ଅବିଶ୍ୱସନୀୟ ଦୃଷ୍ଟାନ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଏକ ହିନ୍ଦୀ ଟେଲିଭିଜନ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ୧୯୮୭–୮୮ରେ ସେ ଡିଜିଟାଲ କ୍ୟାମେରା ବ୍ୟବହାର କରୁଥିଲେ। ଏପରି କି ଗୁଜରାଟର ବିରାମଗାମରେ ଏକ ସାଧାରଣ ସଭାରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡ୍‌ଭାନୀଙ୍କ ରଙ୍ଗିନ ଡିଜିଟାଲ ଫଟୋ ଉଠାଇ ସେ ଦିଲ୍ଲୀକୁ ପଠାଇଥିଲେ। ପରଦିନ ଖବରକାଗଜରେ ରଙ୍ଗିନ ଫଟୋ ଦେଖି ଆଡ୍‌ଭାନୀ ଆଶ୍ଚର୍ଯ୍ୟ ହୋଇ ଏହା କିଭଳି ଆସିଲା ବୋଲି ପଚାରିଥିଲେ। ଏହି ସାକ୍ଷାତ୍‌କାର ପ୍ରସାରଣ ହେବା ପରେ ମୋଦିଙ୍କ ଦାବିକୁ ସମାଲୋଚନା କରାଯାଇଛି। ବିରୋଧୀ ତାଙ୍କୁ ମିଛର ଆଶ୍ରୟ ନେଉଥିବା ଜଣେ ନେତା କହୁଥିବା ବେଳେ ବୁଦ୍ଧିଜୀବୀ ଭାରତରେ ଯେତେବେଳେ ଡିଜିଟାଲ ବୈଷୟିକ ଜ୍ଞାନ ଆସି ନ ଥିଲା, ସେତେବେଳେ ସେ ଡିଜିଟାଲ ଫଟୋ କିଭଳି ଉଠାଇଲେ ବୋଲି ପ୍ରଶ୍ନ ଉଠାଇଛନ୍ତି।

ଇତିହାସ ଦେଖିଲେ, ଡିଜିଟାଲ କ୍ୟାମେରା ଚିନ୍ତା ୧୯୭୫ରେ ବୈଷୟିକବିତ୍‌ଙ୍କ ମୁଣ୍ଡକୁ ଜୁଟିଥିଲା। ଜାପାନର ଫୁଜି କମ୍ପାନୀ ପ୍ରଥମେ ୧୯୮୯ରେ ଡିଜିଟାଲ କ୍ୟାମେରା ବିକ୍ରି କରିଥିଲା। ତେଣୁ ମୋଦି କିଭଳି ଏଭଳି ଅତ୍ୟାଧୁନିକ କ୍ୟାମେରା ୧୯୮୭–୮୮ରେ ବ୍ୟବହାର କଲେ, ଏହା ଅଦ୍ଭୁତ ଲାଗିବା ସ୍ୱାଭାବିକ ଏବଂ ତାହା କେଉଁ କମ୍ପାନୀ ଦ୍ୱାରା ନିର୍ମିତ ଚିନ୍ତା କରିବା କଷ୍ଟକର। ଅନୁରୂପ ଭାବେ ପ୍ରଥମେ ଆମେରିକାର ପ୍ରତିରକ୍ଷା ବିଭାଗ ଆଡଭାନ୍ସଡ୍ ରିସର୍ଚ୍ଚ ପ୍ରୋଜେକ୍ଟସ୍ ଏଜେନ୍ସି ନେଟ୍‌ୱର୍କ (ଅର୍ପାନେଟ୍) ୧୯୭୩ରେ ଇ–ମେଲ୍ ବ୍ୟବହାର କରିଥିଲା। ଭାରତରେ ଏଜୁକେଶନାଲ ରିସର୍ଚ୍ଚ ନେଟ୍‌ୱର୍କ (ଇର୍‌ନେଟ୍) ୧୯୮୬ରେ ଇଣ୍ଟରନେଟ୍ ବ୍ୟବହାର କରିଥିଲା। କିନ୍ତୁ ଜନସାଧାରଣଙ୍କ ନିକଟରେ ଏହି ସୁବିଧା ଉପଲବ୍ଧ ଲାଗି ଏକ ଦଶନ୍ଧି ଲାଗିଯାଇଥିଲା। ଅର୍ଥାତ୍ ପ୍ରାୟ ୧୯୯୬ ମସିହା ବେଳକୁ ଭାରତୀୟମାନେ ଏହାର ଉପଯୋଗ ଲାଗି ସୁଯୋଗ ପାଇଥିଲେ। ହେଲେ ପ୍ରଧାନମନ୍ତ୍ରୀ ମୋଦି ଦାବି କରୁଛନ୍ତି ଯେ, ୧୯୮୭–୮୮ରେ ସେ ଆଡ୍‌ଭାନୀଙ୍କ ଫଟୋ ଗୁଜରାଟରୁ ଦିଲ୍ଲୀକୁ ଇ–ମେଲ୍ କରିଥିଲେ। ଉଭୟ କଥାର ସମୟଖଣ୍ଡକୁ ତୁଳନା କଲେ ମୋଦିଙ୍କ ମନ୍ତବ୍ୟ ଅସତ୍ୟ ମନେହେଉଛି। ସୋସିଆଲ ମିଡିଆରେ ତାଙ୍କ ଉକ୍ତିକୁ ବହୁଳ ଭାବେ ଟ୍ରୋଲ (ନିନ୍ଦା) କରାଯାଉଛି। କଂଗ୍ରେସ ନେତା ତେହସିନ ପୁନାୱାଲା ଟୁଇଟ୍ କରି କହିଛନ୍ତି ଯେ, ଡିଜିଟାଲ କ୍ୟାମେରା କିମ୍ବା ଇ–ମେଲ୍‌କୁ ନେଇ ମୋଦିଙ୍କୁ ତାଚ୍ଛଲ୍ୟ କରିବେ ନାହିଁ। ଯଦି ୧୯୮୭–୮୮ରେ ଜଣେ ଗରିବ ଚା ବାଲା ନିଜ ବିଳାସ ପାଇଁ ଏସବୁ କିଣିପାରିଛନ୍ତି, ତେବେ ରାଜୀବ ଗାନ୍ଧୀ କିଭଳି ବିକାଶ ଆଣିଥିଲେ ତାହା ଏଥିରୁ ଚିନ୍ତା କରାଯାଉ। ଏଥିରୁ ବୁଝିବାକୁ ହେବ ଯେ, ମୋଦି ଏବେ ଯେଉଁ ବିକାଶ କଥା କହୁଛନ୍ତି, ଯଥେଷ୍ଟ ପୂର୍ବରୁ ସମ୍ଭବତଃ ଏ ଦେଶ ପ୍ରଯୁକ୍ତିବିଦ୍ୟାରେ ବହୁ ଆଗରେ ରହିଥିଲା। ତେବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ନେଇ ମୋଦିଙ୍କ ଏବର ଦାବି ନୂଆ ନୁହେଁ ବୋଲି କୁହାଯାଇପାରିବ। କେନ୍ଦ୍ରରେ କ୍ଷମତାସୀନ ହେବା ପରେ ମୋଦି କହିଥିଲେ, ଭାରତୀୟଙ୍କୁ ଆବହମାନ କାଳରୁ ପ୍ଲାଷ୍ଟିକ୍ ସର୍ଜରି ଜଣାଥିଲା। ଏହାର ଦୃଷ୍ଟାନ୍ତ ଦେବାକୁ ଯାଇ ଗଣେଶଙ୍କ କାନ୍ଧରେ ହାତୀ ମୁଣ୍ଡ ଲଗାଯିବା ବିଷୟ ଅବତାରଣା କରିଥିଲେ।

ଆଜିର ଅତ୍ୟାଧୁନିକ ବିଜ୍ଞାନଯୁଗରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଗବେଷଣା ଓ ବାସ୍ତବ ଅନୁଧ୍ୟାନ କରି ନୂତନ ଉଦ୍ଭାବନ କରିବାରେ ବ୍ୟସ୍ତ ଥିବା ବେଳେ ଆମ ଦେଶର ରାଜନୈତିକ ନେତୃତ୍ୱ ଅବାସ୍ତବ ଓ ମନଗଢ଼ା କାହାଣୀକୁ ବିଜ୍ଞାନସମ୍ମତ କରିବାକୁ ଚାହୁଁଥିବା ଆଦୌ ଗ୍ରହଣୀୟ ହେଉନାହିଁ। ଏହାଦ୍ୱାରା ଅନ୍ଧବିଶ୍ୱାସ ପ୍ରସାରଲାଭ କରିବା ସହ ଦେଶବାସୀଙ୍କୁ ପଛକୁ ନେଇଯିବାର ପ୍ରୟାସ କରାଯାଉଛି ବୋଲି କୁହାଯାଇପାରେ। ଯେଉଁ ଜାତି ବୈଜ୍ଞାନିକ ମିଜାଜ୍ ନେଇ ଆଗକୁ ବଢ଼ିବ ନାହିଁ, ତାହା ବିଶ୍ୱ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ। ଗୋଟିଏ ପଟେ ପୌରାଣିକ ଚିନ୍ତାଧାରା ଉପରେ ବିଶ୍ୱାସ କରିବାକୁ କୁହାଯାଉଥିବା ବେଳେ ଅନ୍ୟପଟେ ସୁପରପାୱାର ହେବାର ସ୍ୱପ୍ନ ଦେଖାଇବା ବିରୋଧାଭାସ ସ୍ଥିତି ସୃଷ୍ଟି କରୁଛି। ଏଭଳି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଉଥିବା ବ୍ୟକ୍ତି ବାସ୍ତବଧର୍ମୀ ହେବା ସହ ସତ୍ୟବାଦୀ ହେବା ବାଞ୍ଛନୀୟ।

## ସଜ ସମ୍ପତ୍ତି – ବାସି ସମ୍ପତ୍ତି



ନାରାୟଣ ପଣ୍ଡା

କୌଣସି ଏକ ଜନପଦରେ ଜନୈକ ଧନୀ ବ୍ୟବସାୟୀ ବାସକରୁଥିଲେ। ଅଚଳାଚଳ ସମ୍ପତ୍ତିର ମାଲିକ ଥିବା ବ୍ୟବସାୟୀଙ୍କର ନିକଟବର୍ତ୍ତୀ ଗ୍ରାମପୁଞ୍ଜରେ ଥିଲା ଯଥେଷ୍ଟ ସମ୍ମାନ ଓ ପ୍ରତିଷ୍ଠା। ଘରେ ତାଙ୍କର ସ୍ତ୍ରୀ ଓ ଏକମାତ୍ର ପୁତ୍ର। ଦାସଦାସୀ ତଥା ବନ୍ଧୁ ଓ କୁଟୁମ୍ବଙ୍କ ସହିତ ସୁଖଶାନ୍ତିରେ ଅତିବାହିତ ହେଉଥିଲା ତାଙ୍କ ଜୀବନ। ସବୁଦିନ ସମାନ ଯାଏନାହିଁ। ଏକ ଭୟଙ୍କର ରୋଗରେ ପୀଡିତ ହୋଇ ସେ ସଂସାର ତ୍ୟାଗକରନ୍ତି। ତାଙ୍କ ବିଧବା ସ୍ତ୍ରୀ ଓ ପୁତ୍ର ଅତି ଆଡମ୍ବର ସହକାରେ ଧନିକଙ୍କର ଅନ୍ତ୍ୟେଷ୍ଟି ଓ ଦଶାହକ୍ରିୟା ସମ୍ପାଦନ କଲେ। କିଛିଦିନ ପରେ ଗୃହପତ୍ନୀ ଜଣେ ସୁନ୍ଦରୀ ଓ ଉଚ୍ଚକୁଳସମ୍ଭୂତା କନ୍ୟା ସହିତ ପୁତ୍ରର ବିବାହ ସମ୍ପାଦନ କରାଇଲେ। ନବବଧୂର ଆଗମନରେ ପୂରିଉଠିଲା ଗୃହାଙ୍ଗନ। କିନ୍ତୁ ପୁତ୍ରଜଣକ ପିତାଙ୍କର ବ୍ୟବସାୟରେ ମନୋଯୋଗୀ ନ ହେବା ଓ ଭୂସମ୍ପତ୍ତିର ରକ୍ଷଣାବେକ୍ଷଣରେ ଉଦାସୀନ ହେବା ଲକ୍ଷ୍ୟକରି ଦୁଃଖୀତା ହେଲେ ମା'। ଅବଶ୍ୟ ତାଙ୍କର ସ୍ୱାମୀ ଯେତେ ସମ୍ପତ୍ତି ସଞ୍ଚୟ କରିଯାଇଥିଲେ ତାହା ତାଙ୍କର ଆଗାମୀ ଦୁଇତିନିପୁରୁଷ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ। ତଥାପି ରୋଜଗାର କରିବା ବୟସରେ ତାଙ୍କର ଏକମାତ୍ର ଯୁବକ ପୁତ୍ର ବ୍ୟବସାୟରେ ଧ୍ୟାନ ନ ଦେଇ ଆଳସ୍ୟରେ ସମୟ ଅତିବାହିତ କରିବା ଯୋଗୁ ମା' ଚିନ୍ତିତା ହୋଇପଡିଲେ। କିନ୍ତୁ ପୁତ୍ରଙ୍କ ପ୍ରତି ତାଙ୍କର ବ୍ୟବହାରରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହେଲାନାହିଁ। ପୂର୍ବରୁ ପୁତ୍ରଙ୍କୁ ଯେଭଳି ଭଲପାଉଥିଲେ, ଆନନ୍ଦରେ ଖୁଆଉଥିଲେ– ସେଥିରୁ ସାମାନ୍ୟ ବିଚ୍ୟୁତ ମଧ୍ୟ ହେଲେନାହିଁ ସେ। ପ୍ରତିଦିନ ଖାଇବା ସମୟ ହେଲେ ଆଦରରେ ପୁଅକୁ ଡାକନ୍ତି,– ''ବାବୁ, ଖାଇବା ସମୟ ହେଲାଣି, ବାସି ଗଣ୍ଡିଏ ଖାଇଦେଇଯାଅ।'' କିନ୍ତୁ ପ୍ରକୃତରେ ପୁଅକୁ ସେ କୌଣସି ବାସି ଖାଦ୍ୟ ପରଷୁ ନ ଥିଲେ। ପୂର୍ବପରି ଦୁଧଘିଅ, ଖିରିପିଠା, ତଥା ସୁସ୍ୱାଦୁ ଅନ୍ନବ୍ୟଞ୍ଜନ ଖୁଆଇବାରେ ମା'ଙ୍କର ଆଦୌ ହେଳା ନ ଥିଲା। ମାତ୍ର ପ୍ରତିଦିନ 'ବାସି ଗଣ୍ଡେ ଖାଇଦିଅ' କହିବାକୁ ଭୁଲୁ ନ ଥିଲେ ସେ। ପୁଅ ବେଳେବେଳେ ଭାବନ୍ତି, ମା' ପୂର୍ବପରି ଉତ୍ତମ ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ 'ବାସି' ଶବ୍ଦଟି କାହିଁକି ବ୍ୟବହାର କରନ୍ତି। ଥରେ କୌଣସି କାରଣବଶତଃ ଦୂର ଗାଁର ବନ୍ଧୁଙ୍କ ଘରକୁ ଯିବାକୁ ପଡିଲା ମା'ଙ୍କୁ। ଯିବା ପୂର୍ବରୁ ପୁଅର ଉପଯୁକ୍ତ ଯତ୍ନନେବାକୁ ଓ ତାହାର ଖାଇବା ସମୟରେ 'ବାସି ଗଣ୍ଡେ ଖାଇନିଅ' କହିବାକୁ ନ ଭୁଲିବାପାଇଁ ନିର୍ଦ୍ଦେଶ ଦେଇଗଲେ। ଶାଶୁଙ୍କର ପ୍ରବାସ ଆରମ୍ଭ ହେଲା। ଏଣେ ଘରେ ଖାଇବା ସମୟ ହେଲେ ଗୃହବଧୂ 'ବାସି ଗଣ୍ଡେ ଖାଇନିଅ' କହି ସ୍ୱାମୀଙ୍କୁ ଭୋଜନ ପାଇଁ ଆହ୍ୱାନ କରନ୍ତି। ମା'ଙ୍କ ଭାଷା ସ୍ତ୍ରୀଙ୍କ ମୁଖରୁ ଶୁଣି ଆଶ୍ଚର୍ଯ୍ୟଚକିତ ପୁଅଙ୍କ ମୁଖମଣ୍ଡଳରେ ବିରକ୍ତିର ରେଖା ପ୍ରକାଶ ପାଇଲା। ସଜ ଓ ସୁସ୍ୱାଦୁ ଖାଦ୍ୟ ଦେଇ ମା'ଙ୍କ ପରି ବାସି ବୋଲି କହିବା ପଛରେ କି ରହସ୍ୟ ଅଛି ବୋଲି ଜିଜ୍ଞାସା କଲେ ଯୁବକ। ଏପରି କହିବାକୁ ଶାଶୁଙ୍କର ନିର୍ଦ୍ଦେଶ ରହିଥିବା ସ୍ତ୍ରୀ ବିନମ୍ର ଭାବେ ପ୍ରକାଶକଲେ। ପୁଅ ଏହି ଉତ୍ତରରେ ସନ୍ତୁଷ୍ଟ ନ ହୋଇ ମା' ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସ୍ଥିରକଲେ। ନିର୍ଦ୍ଧାରିତ ଦିନରେ ଫେରିଆସିଲେ ମା', ପୁନଶ୍ଚ, 'ବାସି ଗଣ୍ଡେ' ଖାଇବା ପାଇଁ ପୁଅକୁ ସ୍ନେହରେ ଡାକିଲେ। ପୂର୍ବରୁ କୌଣସି ପ୍ରଶ୍ନ ନ କରି ଖାଉଥିବା ପୁତ୍ର ଆଜି କିନ୍ତୁ ଅତି ନମ୍ରତାର ସହିତ ପଚାରିଲେ– ମା', ସବୁଦିନ ମୋତେ ତୁମେ ସୁସ୍ୱାଦୁ ଓ ସଦ୍ୟ ପ୍ରସ୍ତୁତ ଖାଦ୍ୟ ଦେଇ, ଏହାକୁ ବାସି ବୋଲି କାହିଁକି କହୁଛ? ମା'ଙ୍କ ମୁହଁରେ ସ୍ମିତହାସ୍ୟଟିଏ ଉଙ୍କିମାରିଲା। ସତେଯେପରି ଦୀର୍ଘଦିନ ଧରି ଏହି ପ୍ରଶ୍ନଟି ଶୁଣିବା ପାଇଁ ସେ ଆତୁରତାର ସହିତ ଅପେକ୍ଷା କରିଥିଲେ। ବର୍ତ୍ତମାନ ସେହି ମାହେନ୍ଦ୍ର ମୁହୂର୍ତ୍ତ ଉପସ୍ଥିତ। ଧୀର କଣ୍ଠରେ ସେ କହିଲେ,– ବାବୁ, ତୋ ପିତାଙ୍କ ନିଧନ ପରଠାରୁ ମୁଁ ଏହି ବାସି ଶବ୍ଦଟି ବ୍ୟବହାର କରିଆସୁଛି। ତୁମେ ଜାଣ, ଯାହା ସଦ୍ୟ ନୁହେଁ ତାହା ହିଁ ବାସି। ଯାହା ସଦ୍ୟ ପ୍ରସ୍ତୁତ ତାହା ସଜ। ଖାଇବାରେ ଯେପରି ସଜ ଓ ବାସିର ପ୍ରଶ୍ନ ରହିଛି, ସମ୍ପତ୍ତି ଉପଭୋଗରେ ମଧ୍ୟ ଏହି ଉକ୍ତିର ପ୍ରାସଙ୍ଗିକତା ନିହିତ। ଆମେ ଯେଉଁ ସମ୍ପତ୍ତି ବର୍ତ୍ତମାନ ଭୋଗକରୁଛେ, ତାହା ତୁମ ପିତାଙ୍କଦ୍ୱାରା ଅର୍ଜିତ। ତୁମେ ନିଜେ ଆଜି ପର୍ଯ୍ୟନ୍ତ କୌଣସି ଧନ ଅର୍ଜନ କରି ପିତାଙ୍କ ସମ୍ପତ୍ତିରେ ଯୋଗ କରିନାହଁ। କିନ୍ତୁ ତାଙ୍କ ସମ୍ପତ୍ତି ଭୋଗ କରିଚାଲିଛ, ଯାହାକି ବାସ୍ତବରେ 'ବାସି' ସମ୍ପତ୍ତି। ତୁମେ ତୁମ ସାମର୍ଥ୍ୟ ଓ ପୁରୁଷାକାରର ଉପଯୋଗ କରି ପିତାଙ୍କ ସମ୍ପତ୍ତିର ଅଭିବୃଦ୍ଧି ସାଧନ କରିପାରିଲେ, ତାହା 'ସଜ' ସମ୍ପତ୍ତି ତୁଲ୍ୟ ହେବ। ପୁରୁଷଟିଏ ପାଇଁ ତାହାର ସମୟ ଓ ସାମର୍ଥ୍ୟର ଉପଯୋଗ କରିବାର ପ୍ରକୃଷ୍ଟ ସମୟ ହିଁ ଯୌବନକାଳ। ଆମ ସଂସ୍କୃତିରେ ଗୃହସ୍ଥର ଚତୁରାଶ୍ରମ ଗୁରୁଗୃହ ବାସ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ– ମଧ୍ୟରେ ଉକ୍ତ ଗୃହସ୍ଥାଶ୍ରମ ହିଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ଜୀବନର ସେଇ ସମୟଟି ତା'ର ସମସ୍ତ ପ୍ରଗତିର ଆଧାରଶିଳା। ଉକ୍ତ ସମୟର ସଦୁପଯୋଗ ନ ହେଲେ ମଣିଷଜୀବନ ଦିଗହରା ହୋଇଥାଏ। ପୁଅ ବର୍ତ୍ତମାନ 'ବାସି' ର ଯଥାର୍ଥ ଅର୍ଥ ବୁଝିପାରି ଏକ ନବଚେତନାର ଉତ୍ତରଣ ଅନୁଭବକଲା, ଦେହମନପ୍ରାଣକୁ ଆଚ୍ଛନ୍ନକଲା ଏକ ନୂତନ ଭାବନା। ଏହା ଏକ ଗଳ୍ପ ହୋଇପାରେ, କିନ୍ତୁ ଏହାର ଅନ୍ତରାଳରେ ସମାଜ ପାଇଁ ଉତ୍ତମ 'ମଣିଷ' ସୃଷ୍ଟି କରିବାକୁ ଯଥେଷ୍ଟ ସନ୍ଦେଶ ରହିଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ପିତା ଯେତେ ଧନୀ ହେଲେ ମଧ୍ୟ ଉପାର୍ଜନ କରିବାର ସମୟ ଉପଗତ ହେଲେ ପୁତ୍ରକନ୍ୟାମାନେ ନିଶ୍ଚୟ ନିଯୁକ୍ତି ସନ୍ଧାନରେ ରହିଥାନ୍ତି। ଏପରି କି ସେମାନେ ନିଜ ପିତାଙ୍କ କମ୍ପାନୀରେ କର୍ମଚାରୀରୂପେ ଯୋଗଦେବାକୁ କୁଣ୍ଠା ପ୍ରକାଶକରି ନ ଥାନ୍ତି। ବର୍ତ୍ତମାନ ଆମ ସମାଜରେ ଏହାର ଘୋର ବ୍ୟତିକ୍ରମ ଦେଖାଯାଉଛି। ବିତ୍ତଶାଳୀ ଗୃହସ୍ଥଙ୍କ ସନ୍ତାନମାନେ ନିଜେ ନିଯୁକ୍ତିରହିତ ଥାଇ ବିଳାସବ୍ୟସନରେ ପିତାଙ୍କର ସମ୍ପତ୍ତିକୁ ଯୌବନର ଉନ୍ମାଦନାରେ ଅକାତରେ ବ୍ୟୟ କରିଚାଲିଥିବା ଦୃଶ୍ୟ ବିରଳ ନୁହେଁ। ଏହି ପରାଙ୍ଗପୁଷ୍ଟ ସନ୍ତାନମାନଙ୍କ ପାଇଁ ଗୌରବ ମଧ୍ୟ ଅନୁଭବ କରିଥାନ୍ତି ମାତାପିତା। ପରିଶେଷରେ ଏହା ବିଷମୟଫଳ ପ୍ରସବ କରିଥାଏ। ମାତାପିତାଙ୍କର ରୋଜଗାର ଓ ଉତ୍ପାଦନ କରିବା କ୍ଷମତା ସମୟକ୍ରମେ ନିଃଶେଷ ହୋଇଯାଏ। ଅସମର୍ଥ ସନ୍ତାନମାନେ ସଞ୍ଚିତ ସମ୍ପତ୍ତି ବ୍ୟୟ କରିସାରି ''କ'ଣ କରିବି'' ପଞ୍ଚାକ୍ଷର ଜପକରିବା ସହିତ ବୋଝ ହୋଇପଡନ୍ତି ମାତାପିତାଙ୍କ ଉପରେ। କାହାରି କାହାରି ଜୀବନରେ ଅପରାଧର ପଙ୍କିଳ ରାସ୍ତାକୁ ଆପଣେଇବାକୁ ପଡିଥାଏ। ସୁତରାଂ ସନ୍ତାନମାନଙ୍କର ଉତ୍ତର ଜୀବନ ପ୍ରତି ମାତାପିତା ଯେତିକି ଧ୍ୟାନଶୀଳ ହେବେ, ସନ୍ତାନମାନେ ମଧ୍ୟ ଅନୁରୂପ ଭାବେ ନିଜ ଉତ୍ତର ଜୀବନ ପ୍ରତି ଯତ୍ନଶୀଳ ହୋଇ ଜୀବନକୁ ସ୍ୱଚ୍ଛଳ ଓ ପୁଷ୍କଳ କରିବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରିବେ। ସନ୍ତାନମାନଙ୍କ ଜୀବନର ପ୍ରଥମାର୍ଦ୍ଧରେ ସେମାନଙ୍କ ଚରିତ୍ର ଗଠନପ୍ରତି ଅମନଯୋଗୀ ହୋଇ ପରିଣତ ବୟସରେ ନୀରବରେ ଅଶ୍ରୁମୋଚନ କରୁଥିବା ମାତାପିତା ଆଜି ଆମ ସମାଜରେ ବହୁ ସଂଖ୍ୟାରେ ଅଛନ୍ତି। କୁହାଯାଏ, ବିବାହ ଉପଯୋଗୀ କନ୍ୟା ଓ ରୋଜଗାର କରୁ ନ ଥିବା ପୁତ୍ର ଘରେ ରହିଲେ ଗୃହସ୍ଥଙ୍କ ପ୍ରତି ଅଭିଶାପ ସାବ୍ୟସ୍ତ ହୁଅନ୍ତି। ସନ୍ତାନମାନଙ୍କୁ ଯୋଗ୍ୟ କରିବା ମାତାପିତାଙ୍କର ସର୍ବୋଚ୍ଚ ଦାୟିତ୍ୱ। ପିଲାମାନଙ୍କୁ ଉପଯୁକ୍ତ ଭାବେ ନ ଗଢି ସେମାନଙ୍କୁ ସଂସାରଭାର ଅର୍ପଣକରିବା ଅବା ନିଜର ଆର୍ଥିକ ଓ ବ୍ୟବସାୟିକ ସାମ୍ରାଜ୍ୟକୁ ତାଙ୍କ ହାତରେ ଟେକିଦେବା, ନିଜର ଦୁର୍ଭାଗ୍ୟକୁ ନିମନ୍ତ୍ରଣ କରିବା ସହିତ ସମାନ। ବର୍ତ୍ତମାନ ରାଜନୀତି କ୍ଷେତ୍ରରେ ମଧ୍ୟ ଏହି ପରମ୍ପରା କେଉଁଠି କେଉଁଠି ଦୃଷ୍ଟିଗୋଚର ହୋଇଥାଏ। ବୟସ ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ପ୍ରତିକୂଳ ଅବସ୍ଥାରେ ଗତିକରୁଥିବା ରାଜନୈତିକ ବ୍ୟକ୍ତିମାନେ ନିଜର ରାଜନୀତି ଅନଭିଜ୍ଞ ସନ୍ତାନମାନଙ୍କୁ ଉତ୍ତରାଧିକାରୀରୂପେ ଘୋଷଣା କରିଥାନ୍ତି। ନିଜର କର୍ମସକାଶେ ସମାଜରେ କଳଙ୍କିତ ଓ ଲଜ୍ଜିତ ଭାବମୂର୍ତ୍ତି ରଖୁଥିବା କେତେକ ରାଜପୁରୁଷ କ୍ଷମତାକୁ ପୁରୁଷାନୁକ୍ରମେ ଉପଭୋଗ କରିବାର ଆଶା ରଖି, ନିଜେ ପରଦା ଅନ୍ତରାଳରେ ରହି, ସମାଜ ପାଇଁ ବିଶେଷ ଅବଦାନ ରଖି ନ ଥିବା ସନ୍ତାନମାନଙ୍କୁ ନିର୍ବାଚନ ରଣକ୍ଷେତ୍ରରେ ଯୋଦ୍ଧାରୂପେ ଅବତୀର୍ଣ୍ଣ କରାଇଥାନ୍ତି। ସନ୍ତାନମାନଙ୍କୁ ସବୁଦିନେ 'ସଜ' ଖୋଜିବାର ନିଶା ସେମାନଙ୍କୁ ପ୍ରଲୁବ୍ଧକରେ। ଏମାନଙ୍କ ମଧ୍ୟରୁ କେହିକେହି ଜୀବନଯୁଦ୍ଧରେ ବିଜୟଲାଭ କରନ୍ତି, କେତେକ ପରାଜୟର ଅନ୍ଧକାରରେ ନିଶ୍ଚିହ୍ନ ହୋଇ ଗଚ୍ଛିତଥିବା 'ବାସି' ଖାଦ୍ୟରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୁଅନ୍ତି।

ନୂଆବନ୍ଧସାହି, ନବରଙ୍ଗପୁର,
ମୋ– ୯୪୩୭୧୧୮୯୬୨

## ଅଧାଗଢ଼ା ଡଙ୍ଗରିଆ



ଦ୍ୱିତୀ ଚନ୍ଦ୍ର ସାହୁ

ବିରାଟକାୟ କାନ୍ଥ ଭଳି ଠିଆହୋଇଛି ନିୟମଗିରି ପାହାଡ଼। ତା'ରି ପାଦଦେଶରେ ଡଙ୍ଗରିଆ ଗାଁ ରାଇଲିମା। ବିନା ଦ୍ୱିଧାରେ ଗାଁରେ ପହଞ୍ଚିବା ଲାଗି ଆମନ୍ତ୍ରଣ ମୁଦ୍ରାରେ ରାସ୍ତାଟିଏ ଲମ୍ବିଛି ଆଗକୁ। ଦି'କଡ଼ରେ ଥିବା ଜଙ୍ଗଲ ସରି ସରି ଆସୁଛି ଅଧା ଚନ୍ଦାମୁଣ୍ଡ ପରି। ହାତଗଣତି କେତୋଟି ଗଛ ନିଜର ସ୍ଥିତି ଜାହିର କରୁଛନ୍ତି। କିଛି ଦୂର ଗଲାପରେ ଆଉ ସେଇ ରାସ୍ତା ଦେଇ ଗାଡି ଯିବା ସମ୍ଭବ ହେଲାନାହିଁ। ରାସ୍ତା ମଝିରେ ବର୍ଷାଜଳ ଯାଇ ଆଁ ହୋଇଯାଇଛି ଠିକ୍ ମୁହଁରେ ଥିବା ଅଲିଭା କଟାଦାଗ ପରି। ଆବୁ ଭଳି ସ୍ଥାନେ ସ୍ଥାନେ ମୁଣ୍ଡିଆ ପାହାଡ଼ର କିଛି ଅଂଶ ରାସ୍ତା ଦଖଲ କରି ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ରାସ୍ତାଟି ନିଜର ସ୍ଥିତି ଜାହିର କରୁଛି ଅଥଚ ଉପର ଦେଇ ଗାଡ଼ି ଯିବା ଲାଗି ମନା କରୁଛି ଯେମିତି। ଗାଡ଼ି ରଖି ସେଇଠୁ ଚାଲି ଚାଲି ଆଗକୁ ବଢ଼ିଲୁ। ମାଓବାଦୀ ଇଲାକା ଭାବେ ପରିଚିତ ସେଇ ଅଞ୍ଚଳ ସାଧାରଣ ଅପରିଚିତ ଲୋକଙ୍କ ପାଇଁ ଆଦୌ ସୁରକ୍ଷିତ ନୁହେଁ, ଏ କଥା ବହୁପୂର୍ବରୁ ବୁଝି ସାରିଥିଲୁ। କିନ୍ତୁ ଆଦିବାସୀଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସକୁ ନେଇ ଏକ ପ୍ରାମାଣିକ ଚିତ୍ର ପ୍ରସ୍ତୁତ ପାଇଁ ସ୍ଥିତି ଅନୁଧ୍ୟାନ ଲାଗି ଗାଁକୁ ଯିବା ଥିଲା ଆମ ଉଦ୍ଦେଶ୍ୟ। ତୀଖ ରାସ୍ତାରେ ଉପରକୁ ଉଠି ଉଠି ଗାଁରେ ପହଞ୍ଚିଲାବେଳକୁ ସରି ଆସୁଥିଲା ସମସ୍ତ ଶକ୍ତି। ଗାଁର ପ୍ରବେଶପଥ କଡ଼ର ପଣସ ଗଛ ମୂଳେ ଥିବା ପଥର ମୂଳେ ଲଥ୍‌କରି ବସିପଡ଼ିଲୁ। ପହିଲି ଖରାର ପ୍ରକୋପ ସେତେ ନ ଥିଲେ ବି ଅସହ୍ୟ ଗୁଳୁଗୁଳି ହେତୁ ଦେହରେ ଝାଳ ଭର୍ତ୍ତି ହୋଇସାରିଥିଲା। ରେଳ ଲାଇନ ଭଳି ଦୁଇଟି ଧାଡିରେ ଥିବା ଘରଗୁଡିକ ଗାଁର ଚିତ୍ରକୁ ଉପସ୍ଥାପିତ କରୁଥିଲା। ପାରମ୍ପରିକ ଘର ସ୍ଥାନରେ ଥିଲା ଟିଣଘର– ସରକାରଙ୍କ ବିକାଶର ଚିହ୍ନ।

କନ୍ଦର୍ପ ଦିଶୁଥିବା ବସନ୍ତମୁହଁ ପରି ଗାଁ ମୁଣ୍ଡ ପ୍ରବେଶ ପଥରୁ ସାହି ଭିତରକୁ ଲମ୍ବିଥିଲା ମଝିରେ ମଝିରେ ଉଠିଯାଇଥିବା ସିସି ରୋଡ। ସାହିର ଦାଢ଼ରେ ବିରାଟ ପଣସ ଗଛରେ ବସିଥିଲେ ଗାଁ ଲୋକେ। ପାରମ୍ପରିକ ଡଙ୍ଗରିଆ ପୋଷାକରେ କିଛି ବୟସ୍କ ଲୋକ ନିଜ ଗାଁରେ ପରଦେଶୀ ଭଳି ଲାଗୁଥିଲେ। ଯୁବକମାନଙ୍କ ନିକଟରେ ବିରଳ ଜନଜାତିର କୌଣସି ଚିହ୍ନବର୍ଣ୍ଣ ବାରି ହେଉ ନ ଥିଲା ତାଙ୍କ ବେଶଭୂଷାରୁ। କେତେକ ଲୁଙ୍ଗି, ଗଞ୍ଜି ଓ ଗାମୁଛା ଭିତରେ ସୀମିତ ଥିଲେ। ଆଉ କିଛି ଗଜା ଭେଣ୍ଡିଆ ପ୍ୟାଣ୍ଟ ଓ ଶାର୍ଟ ପିନ୍ଧି ଶିକ୍ଷିତ ହୋଇଥିବାର ସୂଚନା ଦେଉଥିଲେ ଯେମିତି। କେଶବିନ୍ୟାସ ବି ବଦଳିଯାଇଥିଲା। ମୁଣ୍ଡରେ ପାରମ୍ପରିକ ଖୋସା ନ ଥିଲା। ନାକରେ ଫାଶା ବି ପିନ୍ଧି ନ ଥିଲେ। ଡଙ୍ଗରିଆଙ୍କ ବିକାଶର ଏଇ ଚିତ୍ର କିଛି ମାତ୍ରାରେ ଆମୋଦିତ କଲା। କିଛି ଘର ସାମ୍ନାରେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବା ଡଙ୍ଗରିଆ ରମଣୀମାନେ ତଥାପି ପାରମ୍ପରିକ ବେଶଭୂଷାରେ ଶୋଭା ପାଉଥିଲେ। ସାଥିରେ ଥିବା ସ୍ଥାନୀୟ ଯୁବକ ଆସିବାର ଉଦ୍ଦେଶ୍ୟ ଜଣାଇଲେ। ବୟସ୍କ ଡଙ୍ଗରିଆ ନିଜ ଭାଷାରେ କ'ଣ କହିଲେ। ଅନ୍ୟମାନେ ହସିଲେ ଜୋରରେ। ପଚାରିବା ପୂର୍ବରୁ ସ୍ଥାନୀୟ ଯୁବକ କହିଲା, ମୁଖିଆଙ୍କ ଅଭିପ୍ରାୟ– ''ସେମିତି ଖାଲିରେ ସିନେମା କରିଦେବୁ କି! ହବନି। ଆମକୁ କିଛି ପଇସା ଦେବାକୁ ପଡ଼ିବ।'' ଯୁବକ ଜଣକ କହିଲା– ''ସିନେମା ଶୁଟିଂ ବେଳେ ଭୋଜି କରି ଖାଇବା।'' ସମସ୍ତେ ଖୁସି ହୋଇଯାଇଥିଲେ।

ଡଙ୍ଗରିଆଙ୍କ ଭିତରେ ଏମିତି ପ୍ରବଣତା ବଢ଼ାଇ ଦିଆଯାଇଛି। ପର୍ଯ୍ୟଟକଙ୍କୁ ଧରି ଆସୁଥିବା ଗାଇଡ୍‌ମାନେ ଚିତ୍ର ଉତ୍ତୋଳନ ଲାଗି ଅନିଚ୍ଛୁକ ଡଙ୍ଗରିଆ ରମଣୀମାନଙ୍କ ହାତରେ କିଛି ପଇସା ଗୁଞ୍ଜି ନିଜ ପସନ୍ଦ ମୁତାବକ ଚିତ୍ର ଉତ୍ତୋଳନ କରି ନିଅନ୍ତି। ପରବର୍ତ୍ତୀ ସମୟରେ ଦେଶ ବିଦେଶରେ ଘୂରି ବୁଲେ ଆମ ଡଙ୍ଗରିଆଙ୍କ ଚିତ୍ର ସହ ଅନେକ ମନଗଢ଼ା ଅଜବ କାହାଣୀ ବଖାଣନ୍ତି। ଏହା ଅନେକ ସମୟରେ ସମସ୍ୟା ସୃଷ୍ଟି କରି ଆସିଛି। ଡଙ୍ଗରିଆ ବସ୍ତ୍ର କାପାଡା ଗୁଣ୍ଡି, ହାତରେ ଓ ବେକରେ ପିନ୍ଧୁଥିବା ଅଳଙ୍କାରର ଚାହିଦା ସ୍ଥାନୀୟ ହାଟରେ ଢେର ଅଧିକ। ଡଙ୍ଗରିଆଙ୍କ ନାମରେ ଡୋକ୍ରା କଳାର ସାମଗ୍ରୀ ବେଶ୍ ଆଗ୍ରହର ସହ କିଣି ନିଅନ୍ତି ଦେଶୀ ବିଦେଶୀ ପର୍ଯ୍ୟଟକ।

କିଛି ଯୁବକମାନଙ୍କ ହାତରେ ଦେଖିଲି ମୋବାଇଲ। ନିଜ ମୋବାଇଲର ସିଗ୍‌ନାଲକୁ ପରଖିଲି ଓ ବୁଝିଗଲି ତୁରନ୍ତ। ପଚାରିଲି ମୋବାଇଲରେ କ'ଣ କରୁଛ? ଯୁବକ ଜଣକ ହସି ଉତ୍ତର ଦେଲା– ବେଶି ସମୟ ଗୀତ ଶୁଣୁଛୁ ଆଜ୍ଞା! କେବେ କେବେ ବାହାରକୁ ଗଲେ ଫୋନ୍ ବ୍ୟବହାର କରୁଛୁ। ତା' କଥା ନ ସରୁଣୁ ଜଣେ ମଧ୍ୟବୟସ୍କ ଡଙ୍ଗରିଆ ସିମିରି ଜାକସିକା କହିଲା– ଏ ମୋବାଇଲ ଏମାନଙ୍କୁ ନଷ୍ଟ କରିଦେଲା ଆଜ୍ଞା! ଦିନରାତି ଏଥିରେ ମାତିଲେ। କାମଧନ୍ଦା ନାହିଁ। ପାଠଶାଠ ତ ପଢ଼ିଲେ ନାହିଁ। ନା ଆମ ଡଙ୍ଗର କାମକୁ ପାରିଲେ ନା ଚାକିରିବାକିରି କଲେ। କଥାଟା ତୀର ଭଳି ହୃଦୟକୁ ଛୁଇଁଗଲା। ଏହା ବିକାଶର ଅନ୍ୟ ଦିଗକୁ ଜଣାଇଦେଲା। ଅଧିକ ଆଲୋଚନା କଲି। ଯାହା ନିଷ୍କର୍ଷ ତାହା ବାସ୍ତବିକ ସାଂଘାତିକ। ଡଙ୍ଗରିଆ ଗାଁରେ ଥିବା 'ଅଧାଗଢା ମୂର୍ତ୍ତି'ଗୁଡ଼ିକ ଏବେ ସେମାନଙ୍କ ପରିବାର ପାଇଁ ପାଲଟିଛନ୍ତି ବୋଝ। ଅଧିକାଂଶ ଡଙ୍ଗରିଆ ପିଲା ମାଟ୍ରିକ୍ ଛୁଇଁ ପାରୁନାହାନ୍ତି। ଅଧାରୁ ପାଠ ଛାଡି ଗାଁରେ ଆସ୍ଥାନ ଜମାଉଛନ୍ତି। ପାଠପଢ଼ା ବେଳେ ସେମାନଙ୍କ ଭିତରେ ବୃଦ୍ଧି ପାଇଥିବା ମାନସିକତା ପାରମ୍ପରିକ ଚାଷ ପ୍ରତି ବିମୁଖ କରୁଛି। ଅଧାପଢୁଆ ହେତୁ କିଛି କାମରେ ଆସୁନି ଏମିତି ଅଲୋଡା ପାଠ। ନା ଏ କୁଳର ହୋଇପାରୁଛନ୍ତି ନା ସେ କୁଳର। ମଝିରେ ରହି ନିଜେ ଦହଗଞ୍ଜ ହେବା ସହ ପରିବାର ପାଇଁ ବୋଝ ହୋଇପଡୁଛନ୍ତି। ସୀମିତ ପାରିବାରିକ ଆୟ ଭିତରେ ଏ ଅର୍ଦ୍ଧଶିକ୍ଷିତ ଯୁବକମାନଙ୍କ ଆଧୁନିକ ଆବଶ୍ୟକତା ମେଣ୍ଟାଇବା ଭାରି କଷ୍ଟକର ହୋଇପଡୁଛି ପରିବାରକୁ। ଏଇ କାରଣରୁ ସେମାନେ ଭିନ୍ନ ମାର୍ଗକୁ ଆପଣେଇବାକୁ ଏକରକମ ବାଧ୍ୟ ହେଉଛନ୍ତି। ବିଭିନ୍ନ ଯୋଜନା ଜରିଆରେ ଡଙ୍ଗରିଆଙ୍କ ବିକାଶ ଦିଗରେ ସରକାରୀ ଉଦ୍ୟମ ଜାରି ରହିଥିଲେ ମଧ୍ୟ ଦିନତମାମ ମୋବାଇଲ ଭିତରେ ବୁଡ଼ିରହି କର୍ମକୁଣ୍ଠ ହେବା ଚିନ୍ତାର କାରଣ। ମିଳିଗଲା ପ୍ରାମାଣିକ ଚିତ୍ର ପାଇଁ ଭଲ ମସଲା। ମନେ ମନେ ସ୍ଥିର ହୋଇଯାଇଥିଲା ଚିତ୍ର, ଚରିତ୍ର ଓ କଥାବସ୍ତୁ। ଫେରିବାକୁ ଉଦ୍ୟମ କଲି। କିନ୍ତୁ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଲା। ଦରସିଝା ଖାଦ୍ୟ, ଦରଗଢ଼ା ଘର, ଅଧାଗଢ଼ା ମୂର୍ତ୍ତି ଯେପରି ନିଜର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ଜାହିର କରିପାରେନା, ଲାଗିଲା ଅଧାଗଢ଼ା ଏଇ ଯୁବ ଡଙ୍ଗରିଆଙ୍କ ଭବିଷ୍ୟତ ମଧ୍ୟ ଠିକ୍ ଅଧାପନ୍ତରିଆ ଓ ଲକ୍ଷ୍ୟଚ୍ୟୁତ ଦୋଛକିରେ ଥିବା ମଣିଷ ପରି ଅସ୍ଥିର। ପୂର୍ଣ୍ଣାଙ୍ଗ ମୂର୍ତ୍ତି ଗଢ଼ିବା ଏବେକାର ସମୟର ଆହ୍ୱାନ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ–୯୫୫୬୨୮୭୭୭୫

## ଏଇ ଭାରତରେ

ଦାନକଲେ ପୁଣ୍ୟ ଅର୍ଜନ ହୋଇଥାଏ। ଅର୍ଥଦାନ, ଅନ୍ନଦାନ, କନ୍ୟାଦାନ, ଗୋ–ଦାନ ଏବଂ ଭୂମିଦାନ ଆଦି ଅନେକ ପ୍ରକାର ଦାନ କରାଯାଉଥିବା ବେଳେ କେଶଦାନ କରିବା ନୂଆ ନିଶ୍ଚୟ। ଉତ୍ତରାଖଣ୍ଡର ରୁର୍କୀ ଅଞ୍ଚଳର ଜଣେ ମହିଳା କ୍ୟାନ୍‌ସର ପୀଡ଼ିତଙ୍କ ସହାୟତା ଲାଗି ନିଜର ସୁନ୍ଦର କେଶ ଦାନ କରିଛନ୍ତି। ସ୍ଥାନୀୟ ରାମନଗରର ସୋନମ୍ ଭଟେଜା ଏଭଳି କରି ଏକ ନିଆରା ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। କ୍ୟାନ୍‌ସର ରୋଗୀଙ୍କୁ ସହାୟତା ନିମନ୍ତେ କେଶ ଦାନ ସମ୍ପର୍କରେ ସେ ମୁମ୍ବାଇର 'ମଦଦ' ନାମକ ଏକ ସଂସ୍ଥାର ୱେବସାଇଟ୍‌ରୁ ଜାଣିବାକୁ ପାଇଥିଲେ। ତେବେ ଏଥିପାଇଁ ୧୨ରୁ ୧୩ ଇଞ୍ଚ ଲମ୍ବ କେଶର ଆବଶ୍ୟକତା ଥିବା ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଥିଲା। ଏହାପରେ ସୋନମ୍ ଯତ୍ନର ସହିତ କେଶ ବଢ଼ାଇ ସମ୍ପୃକ୍ତ ୱେବ୍‌ସାଇଟ୍‌କୁ ସୂଚନା ଦେଇଥିଲେ। ୱେବ୍‌ସାଇଟ୍ କର୍ମଚାରୀ ଏକ ବିୟୁଟି ପାର୍ଲରରେ ସୋନମ୍‌ଙ୍କ କେଶ କଟାଇଥିଲେ। କ୍ୟାନ୍‌ସର ରୋଗୀଙ୍କର କେମୋଥେରାପି ଚିକିତ୍ସା ସମୟରେ ମୁଣ୍ଡର କେଶ ଉପୁଡ଼ି ଯାଇଥାଏ। ୱେବ୍‌ସାଇଟ୍ ଦ୍ୱାରା ସଂଗୃହୀତ କେଶରେ ୱିଗ୍ ପ୍ରସ୍ତୁତ କରାଯାଇ ରୋଗୀଙ୍କୁ ଯୋଗାଇଦେବାର ବ୍ୟବସ୍ଥା ରହିଛି। କ୍ୟାନ୍‌ସର ରୋଗୀଙ୍କ ନିମନ୍ତେ ସୋନମ୍‌ଙ୍କ କେଶଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ମେ ୧୯୯୪**

- ସର୍ବିୟା ଓ ମୋଣ୍ଟେନେଗ୍ରୋ ଉପରୁ ରୁଷିଆ ତା'ର କଟକଣା ଉଠାଇନେଇ ପୁଣି ଦୁଇଦେଶ ସହିତ ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ତଥା କୂଟନୈତିକ ସମ୍ପର୍କ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛି।
- ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ୭ ଦିନିଆ ଆମେରିକା ଗସ୍ତରେ ଯାତ୍ରାରମ୍ଭ କଲେ।
- ଓଡ଼ିଶାର ୩ଟି ଯାକ ମେଡିକାଲ କଲେଜ ଡାକ୍ତରଖାନାରେ ବିଭିନ୍ନ ବିଭାଗର ପ୍ରଫେସର ଓ ଅନ୍ୟ ଉଚ୍ଚ ପଦବୀରେ ଡାକ୍ତରମାନେ ଦିନରେ କରୁଥିବା ଚିକିତ୍ସା କାର୍ଯ୍ୟ ସହିତ ରାତିରେ ଘଣ୍ଟାକ ପାଇଁ ବାଧ୍ୟତାମୂଳକ ଭାବେ ଇନଡୋର ରୋଗୀମାନଙ୍କ ଚିକିତ୍ସା କରିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ।

## ଚିରନ୍ତନୀ

ପାହାଡ କଟିରେ ଉଡଇ ବିହଗ ଦୁଇ
ନ ପାରଇ ତା'ର ତୁଙ୍ଗ ଶିଖର ଛୁଇଁ।
ପ୍ରତୀଚୀ ଗଗନେ ବୁଲାଏ ପଥିକ ଆଖି
ଆଉ ବେଳ କେତେ ରହିଚି ତା' ପାଇଁ ବାକି?
ମାନସେ ନାଚଇ ପାହାଡ ସେପାଖ ଛବି
କେଉଁ ଘରବାଡେ ହସୁଥିବ ଏହି ରବି!
କେଉଁ ଗ୍ରାମପଥେ କୁଟିର ଆଠ କି ଦଶ
ଡାହାଣିଆ ଖରା ହସୁଥିବ ଶେଷ ହସ।

(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku  ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | D | 1 | | | A | | 3 | | |
| 6 | | | | 0 | 2 | | E | | 9 | | | | | 1 |
| 2 | 9 | | | | B | | | | | | E | | | 5 |
| | | D | | | 1 | | | B | | | | 7 | 0 | 2 |
| | | | | | | 9 | | 2 | | 4 | | | C | |
| 9 | 5 | | 8 | | 6 | | 3 | | | B | 2 | | | |
| | | 4 | 1 | A | 9 | | | | | E | | | B | |
| | 3 | 8 | | | 7 | A | 5 | | 0 | | | | 6 | |
| C | | | | | | 8 | | | | | | | | A |
| | | | | 3 | | 2 | | | | 9 | | | | D |
| A | | 3 | 2 | | | 7 | | | 6 | | | | | |
| | 4 | 0 | C | | | 6 | A | 3 | | | | 8 | 5 | |
| | | | | 4 | A | | 0 | | | 8 | 1 | | | C |
| | | 6 | | 5 | 8 | | | 4 | | D | | 9 | | |
| | | 9 | B | 6 | D | | 2 | | E | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | C | D | 4 | 8 | B | 1 | 7 | 6 | 0 | 9 | E | A | 2 | 3 |
| 3 | 6 | 8 | 5 | E | A | D | 4 | 2 | B | C | 1 | 0 | 9 | 7 |
| 2 | 1 | 9 | 0 | 7 | D | 5 | A | C | 3 | 4 | 6 | 8 | E | B |
| 4 | 0 | A | 2 | 9 | 6 | 3 | E | B | 5 | 7 | 8 | D | C | 1 |
| 7 | E | B | 3 | C | 1 | 9 | 8 | 0 | A | 2 | D | 4 | 6 | 5 |
| E | A | 2 | 1 | 3 | 0 | C | B | 7 | 6 | D | 4 | 5 | 8 | 9 |
| 1 | 8 | 7 | E | 5 | C | 6 | 9 | 4 | 2 | A | 3 | B | 0 | D |
| 6 | B | C | 7 | A | 2 | 0 | 5 | D | E | 8 | 9 | 3 | 1 | 4 |
| 0 | D | 4 | 8 | B | 9 | E | 2 | 3 | 7 | 1 | 5 | C | A | 6 |
| 9 | 5 | 3 | D | 6 | 4 | A | 1 | 8 | C | B | 0 | 2 | 7 | E |
| A | 4 | E | B | 1 | 3 | 7 | D | 9 | 8 | 0 | C | 6 | 5 | 2 |
| 8 | 9 | 6 | A | D | E | 2 | 0 | 5 | 4 | 3 | 7 | 1 | B | C |
| B | 7 | 5 | C | 0 | 8 | 4 | 3 | E | 1 | 6 | 2 | 9 | D | A |
| C | 2 | 1 | 9 | 4 | 5 | 8 | 6 | A | D | E | B | 7 | 3 | 0 |
| D | 3 | 0 | 6 | 2 | 7 | B | C | 1 | 9 | 5 | A | E | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ଡାକ୍ତରରେ ମାଗଣା ସ୍ୱାସ୍ଥ୍ୟସେବା

ମହାଶୟ,

ଜଣେ ରୋଗୀକୁ ଆବଶ୍ୟକ ହେଲେ ମାଗଣା ଚିକିତ୍ସା ପାଇଁ ଓଡ଼ିଶା ସରକାର ବାର୍ଷିକ ସାତଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି। ଅପରପକ୍ଷରେ ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଡାକ୍ତର ନାହାନ୍ତି। ଅନେକ ଡାକ୍ତରଖାନାରେ କମ୍ପାଉଣ୍ଡର ଓ ନର୍ସମାନେ ରୋଗୀ ଚିକିତ୍ସା କରୁଛନ୍ତି। ସବୁ ଔଷଧ ମାଗଣାରେ ରୋଗୀଙ୍କୁ ଦିଆଯିବ ବୋଲି କୁହାଯାଉଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ଦେଖିବାକୁ ମିଳୁନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଅସ୍ତ୍ରୋପଚାର ପାଇଁ ସବୁ ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନା କିମ୍ବା ନର୍ସିଂହୋମ୍‌କୁ ପଠାଇ ଦିଆଯାଉଛି। ନର୍ସିଂହୋମ୍‌ଗୁଡ଼ିକରେ ରୋଗୀ ଶୋଷଣର ଶିକାର ହେଉଛନ୍ତି। ଏହାର ବାସ୍ତବିକତା ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ବଡ଼ପଣ୍ଡାମାନେ ଓ ଖୋଦ୍ ମନ୍ତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଯାଇ ତନଖି କରିବା ଦରକାର। ତାହା ନ ହେଲେ ଏହା ପ୍ରହସନରେ ପରିଣତ ହେବ।

ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ସଙ୍କଟରେ ଭାଇ ସାହା

ଏରିକମ୍ କମ୍ପାନୀର ବକେୟା ବାବଦକୁ ସାନ ଭାଇ ଅନିଲ ଅମ୍ବାନୀଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସି ବଡ଼ଭାଇ ମୁକେଶ ଅମ୍ବାନୀ ୫୫୮ କୋଟି ଟଙ୍କା ସୁଧମୂଳ ଫେରସ୍ତ କରିବା ଖବର ପ୍ରକାଶ ପାଇଛି। ମୁକେଶ ଅମ୍ବାନୀ ପୃଥିବୀର ସର୍ବୋଚ୍ଚ ଧନିକ ମଧ୍ୟରେ ସପ୍ତମ ସ୍ଥାନରେ ରହିଥିବା ବେଳେ ସାନଭାଇ ବକେୟା ପରିଶୋଧ କରି ନ ପାରି ଜେଲ ଯାଇଥିଲେ ମୁକେଶଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଥାନ୍ତା। ତେଣୁ ସାନଭାଇର ଏପରି ବିପର୍ଯ୍ୟୟରେ ବଡ଼ଭାଇ ସହାୟତାର ହାତ ବଢ଼ାଇ କିଛି ବଡ଼ କାମ କରିନାହାନ୍ତି। ଏହାଦ୍ୱାରା ସେ ନିଜକୁ ବଦନାମରୁ ରକ୍ଷା କରିଛନ୍ତି। ନ ହେଲେ ଲୋକେ କ'ଣ କହିଥାନ୍ତେ?

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସୋମାଲିଆର ରାଜଧାନୀ ମୋଗାଡିସୁରେ ମଙ୍ଗଳବାର ଆତ୍ମଘାତୀ ବୋମା ବିସ୍ଫୋରଣ ଯୋଗୁ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି। ଆତ୍ମଘାତୀ ଜଣକ ଗୋଟିଏ କାର୍‌ରେ ବିସ୍ଫୋରକ ଦ୍ରବ୍ୟ ଭରି କରି ଏକ ସରକାରୀ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରି ବିସ୍ଫୋରଣ ଘଟାଇଥିବା ପୋଲିସ କହିଛି। ଏଥିରେ ୨ ଜଣ ନିରାପତ୍ତା ରକ୍ଷୀ ଏବଂ ୩ ବେସାମରିକ ବ୍ୟକ୍ତି ପ୍ରାଣ ହରାଇଛନ୍ତି।



## ସଂକ୍ଷେପରେ

### ନିଟ୍ ପାଇଁ ପୁଣି ଘୁଞ୍ଚିଲା ବିପିୟୁଟି ପରୀକ୍ଷା

ଭୁବନେଶ୍ୱର,୧୪।୫(ବ୍ୟୁରୋ): ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି)ର ସେମିଷ୍ଟର ପରୀକ୍ଷାକୁ ପୁଣିଥରେ ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷା ମେ ୨୦ରୁ ଆରମ୍ଭ ହେବାର ଥିଲା। କିନ୍ତୁ ୨୦ତାରିଖରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ଥିବାରୁ ବିପିୟୁଟି ତା'ର ପରୀକ୍ଷା ତାରିଖକୁ ଘୁଞ୍ଚାଇଦେଇଛି। ଜୁନ୍ ୧୩ରୁ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ ବୋଲି ବିପିୟୁଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଥାଉ କି, ପୂର୍ବରୁ ମେ ୬ରୁ ସେମିଷ୍ଟର ପରୀକ୍ଷା ହେବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିପିୟୁଟି ଘୋଷଣା କରିଥିଲା। ହେଲେ ବାତ୍ୟା 'ଫନି'ରେ ବ୍ୟାପକ କ୍ଷୟକ୍ଷତି ଯୋଗୁ ପରୀକ୍ଷା ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା।

### ଡିପ୍ଲୋମା ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୧୪।୫(ବ୍ୟୁରୋ): ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ଅଧୀନରେ ଆସନ୍ତା ୨୦ତାରିଖରେ ହେବାକୁ ଥିବା ସମସ୍ତ ଡିପ୍ଲୋମା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କେବେ ଓ କେଉଁ ସମୟରେ ପରୀକ୍ଷା ହେବ, ସେ ନେଇ ଖୁବ୍‌ଶୀଘ୍ର ସୂଚନା ଦିଆଯିବ ବୋଲି ମଙ୍ଗଳବାର ପରିଷଦ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ତେବେ ୨୧ତାରିଖରୁ ହେବାକୁ ଥିବା ପରୀକ୍ଷାଗୁଡ଼ିକ ହେବ ବୋଲି କୁହାଯାଇଛି।

### ବରୀ ବ୍ଲକ ବିଜେଡି ସଭାପତି ନିଲମ୍ବିତ

ଭୁବନେଶ୍ୱର,୧୪।୫(ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ପାଇଁ ଯାଜପୁର ଜିଲା ବରୀ ବ୍ଲକ ବିଜେଡି ସଭାପତି ଏସ୍.କେ. ସଫିରୁଦ୍ଦିନ୍ (ଟାଲି)ଙ୍କୁ ଦଳ ନିଲମ୍ବନ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଟାଲିଙ୍କୁ ନିଲମ୍ବନ କରାଯାଇଛି। ବରୀ ବିଧାନସଭାରେ ଦଳୀୟ ପ୍ରାର୍ଥୀ ହୋଇଥିବା ସୁନନ୍ଦା ଦାସଙ୍କ ବିରୋଧରେ ସେ ପ୍ରଚାର କରୁଥିବା ଅଭିଯୋଗ ମିଳିଥିଲା। ଏହା ଦ୍ୱାରା ସ୍ଥାନୀୟ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଫାଇଦା ହୋଇଥିଲା। ତେଣୁ ଟାଲିଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ଯଥାର୍ଥତା ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ଗରମ ପାଣି ଫିଙ୍ଗିଲେ ସହାୟିକା

# ଅଙ୍ଗନୱାଡି ଶିଶୁ ଗୁରୁତର

ସୋନପୁର/ବୀରମହାରାଜପୁର, ୧୪।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟିଆପାଲି ଅଙ୍ଗନୱାଡି କେନ୍ଦ୍ରରେ ମଙ୍ଗଳବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। କେନ୍ଦ୍ରର ସହାୟିକା ବେଦମତୀ ମହାକୁର ଶିଶୁକନ୍ୟା ପ୍ରତିମମୟୀ ମହାକୁର(୩)ଙ୍କ ଉପରକୁ ଗରମ ପାଣି ଫିଙ୍ଗି ଦେବାରୁ ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯାଇଛି। ପେଟ ଓ ଛାତିରେ ଚମଡା ଉଠିଯାଇଛି। ପରିବାର ଲୋକେ ଶିଶୁକନ୍ୟାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଳୟରେ ପୋଡା ଘା ଚିକିତ୍ସା ପାଇଁ ସ୍ୱତନ୍ତ୍ର କକ୍ଷ ନଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶଲ୍ୟ ବିଶେଷଜ୍ଞ ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କ ପରାମର୍ଶକ୍ରମେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ପାଇ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ପଣ୍ଡା ଏବଂ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକନ୍ୟାକୁ ଭେଟିଥିଲେ। ଅତିରିକ୍ତ ଜିଲାପାଳ ଚିକିତ୍ସା ପାଇଁ ରେଡ୍‌କ୍ରସ୍‌ରୁ ୩୦ ହଜାର ଟଙ୍କା ମଞ୍ଜୁର କରିବା ସହିତ ବୁର୍ଲାରେ ଶିଶୁର ଚିକିତ୍ସା ପାଇଁ ଦାୟିତ୍ୱରେ ଥିବା ଡାକ୍ତରଙ୍କ ସହିତ ଫୋନରେ କଥା ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲାପାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସନ୍ଧ୍ୟାରେ ଜଟିଆପାଲିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଅଙ୍ଗନୱାଡି ସୁପରଭାଇଜର ମମତାମୟୀ ପଧାନ ତାଙ୍କର ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ବୀରମହାରାଜପୁର ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଥିବା ରିପୋର୍ଟରେ ପ୍ରତିମମୟୀ ପରିଶ୍ରା ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଅଙ୍ଗନୱାଡି କେନ୍ଦ୍ର ସହାୟିକା ବେଦମତୀ ଅଣ୍ଡା ସିଝା ହୋଇ ରହିଥିବା ଗରମ ପାଣିକୁ ରୋଷେଇ ଘର ଝରକା ଦେଇ ଶିଶୁ ଉପରକୁ ଫିଙ୍ଗି ଦେଇଥିବା ଉଲ୍ଲେଖ କରିଛନ୍ତି। ତେବେ ମାନବିକତା ଦୃଷ୍ଟିରୁ କେନ୍ଦ୍ରର କର୍ମୀ ଓ ସହାୟିକା ଶିଶୁକନ୍ୟାର ଚିକିତ୍ସା ପାଇଁ ଉଦ୍ୟମ କରି ନ ଥିବା ଶିଶୁକନ୍ୟାର ମା ପ୍ରିୟଦର୍ଶିନୀ ଓ ବାପା ପଞ୍ଚାନନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅପୁରିଆ କର୍କେଟା କୁହନ୍ତି, ପ୍ରାଥମିକ ତଦନ୍ତରୁ ଉଭୟ ଅଙ୍ଗନୱାଡି କର୍ମୀ ମମତା ମୁନା ଓ ସହାୟିକା ମହାକୁରଙ୍କ ଗୁରୁତର ତ୍ରୁଟି ଥିବା ପରିଲକ୍ଷିତ ହେଉଛି। କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଉଭୟଙ୍କୁ ଚାକିରିରୁ ଅନ୍ତର କରାଯିବ। ଅତିରିକ୍ତ ଜିଲାପାଳ ପଣ୍ଡା କହିଥିଲେ ଆମେ ପ୍ରଥମେ ଶିଶୁର ଚିକିତ୍ସା କଥା ଚିନ୍ତା କରୁଛୁ। ସେ ଶୀଘ୍ର ଭଲ ହୋଇ ଫେରି ଆସୁ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ସିଡିପିଓଙ୍କ ତଦନ୍ତ ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଆହତ ଶିଶୁ କନ୍ୟା ପ୍ରତିମମୟୀ ମହାକୁର।

**ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ**

## କେନ୍ଦ୍ରକୁ ଓଡ଼ିଶାର ଅନୁରୋଧ

# ଏଫ୍‌ସିଆର୍‌ଏ ମଞ୍ଜୁରୀ ତ୍ୱରାନ୍ୱିତ କର

ନୂଆଦିଲ୍ଲୀ, ୧୪।୫

ବାତ୍ୟା ଫନୀ ଯୋଗୁ ଓଡ଼ିଶାର ନାହିଁ ନ ଥିବା କ୍ଷତି ହୋଇଛି। ରାଜ୍ୟରେ ଥଇଥାନ ଓ ପୁନରୁଦ୍ଧାର ଲାଗି ଦେଶର ବିଭିନ୍ନ ପ୍ରାନ୍ତରରୁ ସହାୟତା ମିଳିବାରେ ଲାଗିଛି। ତେବେ ବିଦେଶୀ ସହାୟତା ପାଇବା ଲାଗି ଫରେନ୍ କଣ୍ଟ୍ରିବ୍ୟୁଶନ ରେଗୁଲେଶନ ଆକ୍ଟ(ଏଫ୍‌ସିଆର୍‌ଏ) ଅନୁଯାୟୀ ଅନୁମତି ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି।

ନୂଆଦିଲ୍ଲୀସ୍ଥିତ ରେସିଡେଣ୍ଟ କମିଶନର ସଞ୍ଜୀବ କୁମାର ମିଶ୍ର କହିଛନ୍ତି ଯେ, ଓଡ଼ିଶାର ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ଲାଗି ବିଦେଶରେ ଥିବା ଓଡ଼ିଆଙ୍କ ପକ୍ଷରୁ ପ୍ରସ୍ତାବ ଆସୁଛି। ସେମାନେ ଏ ସମ୍ପର୍କରେ ପଚାରି ବୁଝୁଛନ୍ତି। କିନ୍ତୁ ଏଥିପାଇଁ ଉକ୍ତ ଆଇନ ବାଧକ ସାଜିଛି। ତାଙ୍କର କହିବାନୁଯାୟୀ, ଏଫ୍‌ସିଆର୍‌ଏ ଅନୁମୋଦନ ପ୍ରଦାନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସାଧାରଣତଃ ୨ ମାସରୁ ଅଧିକ ସମୟ ନେଇଥାଏ। କିନ୍ତୁ ଓଡ଼ିଶା ପାଇଁ ୨ରୁ ୩ଦିନ ମଧ୍ୟରେ ଅନୁମୋଦନ ମିଳିଯିବ ବୋଲି ଆଶା କରାଯାଉଛି। ସୂଚନାଥାଉ କି, ରାଷ୍ଟ୍ରହିତରେ ଉକ୍ତ ଆଇନ ଲାଗୁ କରାଯାଇଛି। ଫଳରେ ବିଦେଶରୁ କୌଣସି ବ୍ୟକ୍ତି, ସଂଗଠନ, କମ୍ପାନୀ ଦେଶକୁ ସିଧାସଳଖ ଅର୍ଥ ପଠାଇପାରିବେ ନାହିଁ। ଏଥିଲାଗି ଉକ୍ତ ମନ୍ତ୍ରଣାଳୟର ପ୍ରାକ୍ ମଞ୍ଜୁରୀ ନେବାକୁ ପଡିଥାଏ। ରେଡିଡେଣ୍ଟ କମିଶନର ମିଶ୍ର କହିଛନ୍ତି ଯେ, ବାତ୍ୟା ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟର ସଡ଼କ ତଥା ଭିତିଭୂମିର ନିର୍ମାଣ ଲାଗି କମ୍ପାନୀ ସାମାଜିକ ଦାୟିତ୍ୱବୋଧ(ସିଏସ୍ଆର୍) ଅଧୀନରେ ଆସୁଥିବା ଅର୍ଥକୁ ସିଧାସଳଖ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟକୁ କେନ୍ଦ୍ର ସରକାର ପଠାନ୍ତୁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ଇତିମଧ୍ୟରେ ନୂଆଦିଲ୍ଲୀରୁ ୭୦ ଟନ୍ ଔଷଧ ଓଡ଼ିଶାକୁ ପଠାଯାଇଛି ଏବଂ ଆଗାମୀ ଦିନରେ ଆହୁରି ପଠାଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି, ନ୍ୟାଶନାଲ କ୍ରାଇସିସ୍ ମ୍ୟାନେଜମେଣ୍ଟ କମିଟିର ୧୦ ଥର ବୈଠକ ବସିଥିବା ବେଳେ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗ ଦେଇ ଆସୁଛନ୍ତି। ସେମାନେ କେନ୍ଦ୍ର ସରକାରଙ୍କ ଅଧୀନ ସମସ୍ତ ବିଭାଗ ସହ ନିରନ୍ତର ସମ୍ପର୍କରେ ରହିଛନ୍ତି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟ ସଂକ୍ରାନ୍ତ ସୂଚନା ମିଳିଲେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଗଣମାଧ୍ୟମରେ ପ୍ରକାଶିତ ଯେକୌଣସି ଖବରକୁ ଗୁରୁତ୍ୱ ଦେଇ ସମନ୍ୱିତ ରୋଗ ସର୍ବେକ୍ଷଣ ସେଲ୍ ସେ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶିତ ଖବର ଉପରେ ଅନୁଧ୍ୟାନ କରି ରୋଗର କାରଣ ଏବଂ ନିରାକରଣ ଲାଗି ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ତୁରନ୍ତ ଜଣାଇବାକୁ କୁହାଯାଇଛି। ଏହା ଯେଭଳି ମହାମାରୀର ରୂପ ନ ନିଏ, ସେ ଦିଗରେ ଦୃଷ୍ଟି ଦେବାକୁ ସଚିବ କହିଛନ୍ତି। ମଙ୍ଗଳବାର ରାଜ୍ୟ ସଚିବାଳୟଠାରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ଆଲୋଚନା ସମୟରେ ସେ ଏହି ନିର୍ଦ୍ଦେଶ ଦେଇଛନ୍ତି।

ବାତ୍ୟା ପରେ ପରେ ସାଧାରଣତଃ କେତେକ ସ୍ଥାନରେ ମ୍ୟାଲେରିଆ, ଝାଡ଼ାବାନ୍ତି, ଅଣ୍ଡାଜ୍ୱର ଭଳି ରୋଗ ଦେଖିବାକୁ ମିଳିଥାଏ। ବିଭିନ୍ନ ସ୍ଥାନରୁ ଏ ସଂକ୍ରାନ୍ତ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ଏସବୁ ଖବର ବିଷୟରେ ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ସମନ୍ୱିତ ରୋଗ ସର୍ବେକ୍ଷଣ ସେଲ୍ ସଜାଗ ରହିବା ଆବଶ୍ୟକ। କେବଳ ଗଣମାଧ୍ୟମ ନୁହେଁ, ଅନ୍ୟ ଯେକୌଣସି ସୂତ୍ରରୁ ଖବର ପାଇବା ମାତ୍ରେ ଏହି ସେଲ୍ ତାହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ସଚିବ କହିଛନ୍ତି। କେଉଁ ଅଞ୍ଚଳରେ କି ପ୍ରକାର ରୋଗ କେଉଁ ପରିସ୍ଥିତିରେ ଦେଖାଦେଇଛି ଓ ତାହାର ନିରାକରଣ ଲାଗି କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି, ତୁରନ୍ତ ତାହାର ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ପାଇବା ପରେ ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ରୋଗଠାରୁ ଦୂରେଇ ରହିବା ଲାଗି ବାତ୍ୟାଞ୍ଚଳଗୁଡ଼ିକରେ ଲୋକେ କିଭଳି ପରିଷ୍କାର ପରିଚ୍ଛନ୍ନ ରହୁଛନ୍ତି, ବିଶେଷକରି ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ଭଲ ଭାବେ ହାତକୁ ପରିଷ୍କାର କରିବା, ବିଶୁଦ୍ଧ ପାନୀୟଜଳ ବ୍ୟବହାର କରିବା, ବିଶୋଧିତ ଜଳରେ ସ୍ନାନ କରିବା, ମଶାଙ୍କଠାରୁ ଦୂରେଇ ରହିବା, ତଟକା ଖାଦ୍ୟ ଖାଇବା ଆଦି ଉପରେ ସେମାନଙ୍କୁ ସଚେତନ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ବାତ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ପାନୀୟଜଳ ବିଶୋଧନ ପାଇଁ ଲୋକଙ୍କୁ ପ୍ରଚୁର ପରିମାଣରେ ହାଲୋଜେନ୍ ଓ କ୍ଲୋରିନ ବଟିକା ବଣ୍ଟନ କରାଯାଉଛି। ଗାଁ କଲ୍ୟାଣ ସମିତି ସହଯୋଗରେ ସଫେଇ କାର୍ଯ୍ୟ ଜାରି ରହିଛି। ଏଥିସହିତ ମୁକ୍ତ ଜଳାଶୟଗୁଡ଼ିକୁ ମଧ୍ୟ ବିଶୋଧନ କରାଯାଉଛି। ଗାଁ ଗହଳରେ ମଶାବଂଶ ନିୟନ୍ତ୍ରଣ ଲାଗି ସ୍ଥାନୀୟ ସାମାଜିକ କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଆଲୋଚନାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ସ୍ୱତନ୍ତ୍ର ସଚିବ ଶରତ ଚନ୍ଦ୍ର ମିଶ୍ର, ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

**୧୯ରେ ୩୪ ବୁଥରେ ସାନି ମତଦାନ**

# ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଗତ ନିର୍ବାଚନ ସମୟରେ ତୃତୀୟ (ଏପ୍ରିଲ୍ ୨୩) ଓ ଚତୁର୍ଥ (ଏପ୍ରିଲ୍ ୨୯) ପର୍ଯ୍ୟାୟରେ ମନୁଷ୍ୟାକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ରହିଥିବା ୩୪ଟି ବୁଥ୍‌ରେ ଆସନ୍ତା ୧୯ ତାରିଖରେ ପୁନଃ ମତଦାନ ହେବ। ଏ ନେଇ ମଙ୍ଗଳବାର କଟକ, ଦେବଗଡ, ପୁରୀ, ଅନୁଗୋଳ, କେନ୍ଦୁଝର, ଖୋର୍ଦ୍ଧା, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ ଏବଂ ଜଗତ୍‌ସିଂହପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଚିଠି ଲେଖି ଜଣାଇଛନ୍ତି। । ସାନି ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରିବା ସହ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସେମାନଙ୍କର ଏଜେଣ୍ଟମାନଙ୍କୁ ନିର୍ବାଚନର ତାରିଖ, ସମୟ ଓ ସ୍ଥାନ ବିଷୟରେ ଜଣାଇବାକୁ କୁହାଯାଇଛି। ଏନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସମ୍ପୃକ୍ତ ଅଞ୍ଚଳରେ ମତଦାନ ତାରିଖ ଓ ସମୟ ବିଷୟରେ ମତଦାତାଙ୍କୁ ଜଣାଇବା ପାଇଁ ସମସ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଏଥିସହିତ ସେହି ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଏବଂ ଅବଜରଭରମାନଙ୍କୁ ସୂଚନା ଦେବା ସହ ତୁରନ୍ତ ଏ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ସାନି ନିର୍ବାଚନ ପରେ ଇଭିଏମ୍ ଓ ଭିଭିପିଏଟି ଷ୍ଟ୍ରଙ୍ଗ ରୁମ୍‌ରେ ରଖିବା ବେଳେ ଉପସ୍ଥିତ ରହିବା ପାଇଁ ପ୍ରାର୍ଥୀମାନଙ୍କୁ ଅବଗତ କରାବାକୁ ରିଟର୍ଣ୍ଣିଂ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପାଇଁ ସମସ୍ତ ସୁରକ୍ଷା ବନ୍ଦୋବସ୍ତ କରିବାକୁ ଜିଲାପାଳଙ୍କୁ ସିଇଓ ନିର୍ଦ୍ଦେଶ ଦେଇଛନ୍ତି। ମକ୍‌ପୋଲ, ମତଦାନ ଏବଂ ଅନ୍ୟାନ୍ୟ ବିଷୟରେ ମେସେଜ ଜରିଆରେ ସିଇଓଙ୍କ କାର୍ଯ୍ୟାଳୟକୁ ଅବଗତ କରିବାକୁ କୁହାଯାଇଛି।

ଆସନ୍ତା ୧୯ ତାରିଖରେ ତୃତୀୟ ପର୍ଯ୍ୟାୟର ୧୨ଟି ଓ ଚତୁର୍ଥ ପର୍ଯ୍ୟାୟର ୨୨ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ବଡ଼ମ୍ବା ବିଧାନ ସଭା ନିର୍ବାଚନ ମଣ୍ଡଳୀର ୧୯୬, ଦେବଗଡ଼ ନିର୍ବାଚନ ମଣ୍ଡଳୀର ୧୮୩, ବ୍ରହ୍ମଗିରିର ୨୨୨ ଓ ୬୨, ସତ୍ୟବାଦୀର ୬୮, ତାଳଚେରର ୮୫, ଆଠଗଡ଼ର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରା ୧୭୧, ଭୁବନେଶ୍ୱର ମଧ୍ୟ ୧୨୭, ବିଞ୍ଝାରପୁର ୧୩୫ ଓ ୧୯୧ ଏବଂ ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ୮୨, ୧୮୫, ୧୬୨, ୧୬୩ ଓ ୧୯୪ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୪୮, ସୁକିନ୍ଦା ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରିପୋଷି ୧୦୪, ବାରିପଦା ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭, ୫୮, ୧୪୪ ଓ ୧୫୭, ସାଲେପୁର ୮୭, ୩୯ ଏବଂ ପାରାଦୀପ ବିଧାନସଭାର ୩୯ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ। ଏହି ବୁଥ୍‌ଗୁଡ଼ିକର ଫଳାଫଳ ମଧ୍ୟ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

## ମଦ ନିଶା ନେଲା ଜୀବନ

# ଯୁବକଙ୍କୁ ପଥରରେ ଛେଚି ହତ୍ୟା

ନୂଆଗାଁ,୧୪।୫ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ବଡଧୋଡା ତ୍ରିନାଥ ମଣ୍ଡପଠାରେ ସୋମବାର ରାତିରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ କୋରଡା ଗ୍ରାମ ମଠସାହିର ଜିତୁ ନାହକ (୩୫)। ଜିତୁଙ୍କ ସ୍ତ୍ରୀ ତୁଳସୀ ନାହକଙ୍କ କହିବା ମୁତାବକ ଝିଅପୁଅ ସହ ଆମେ ତିନିଦିନ ହେଲା ବାପଘର ଖାଲମଡାରେ ରହୁଥିଲୁ। ଜିତୁ ଜଣେ ଦିନମଜୁରିଆ ହୋଇଥିବାରୁ ସେଠାରୁ ସେ କାମକୁ ଯାଉଥିଲେ। ସୋମବାର କାମରୁ ଫେରିବା ପରେ ସନ୍ଧ୍ୟାରେ କୋରଡା ଗ୍ରାମର ଗଙ୍ଗା ସେଠୀ ଓ ବାବୁଲା ପ୍ରଧାନ ଫୋନ କରି ଜିତୁଙ୍କୁ ନୂଆଗାଁ ଆସିବା ପାଇଁ କହିଥିଲେ। ତେଣୁ ସେ ନିଜ ବାଇକ୍‌ରେ ନୂଆଗାଁ ଯାଇଥିଲେ। ହେଲେ ରାତିରେ ଆଉ ଘରକୁ ଫେରି ନ ଥିଲେ। ଫୋନ ଲଗାଇବାରୁ ସୁଇଚ୍ ଅଫ୍ ଥିଲା। ସକାଳୁ ସ୍ଥାନୀୟ ଲୋକେ ତ୍ରିନାଥ ମଣ୍ଡପରେ ଏକ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡିଥିବାବେଳେ ନିକଟରେ ବଡ ପଥର ପଡିଥିବା ଦେଖି ଥାନାକୁ ଖବର ଦେଇଥିଲେ। ଥାନା ଆଇଆଇସି ମନୋରମା ମଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ସ୍ଥାନୀୟ ଲୋକେ ମୃତ ଯୁବକ କୋରଡା ଗ୍ରାମର ବୋଲି କହିବା ପରେ ପରିବାର ଲୋକେ ଆସି ଜିତୁଙ୍କୁ ଚିହ୍ନିଥିଲେ। ତୁଳସୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ. ୩୭/୧୯) ରୁଜୁ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଗଙ୍ଗାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବେଳେ ବାବୁଲା ଫେରାର ଥିବାରୁ ତାଙ୍କ ବାପା ମାଟିଆ ପ୍ରଧାନଙ୍କୁ ଅଟକ ରଖିଛି। କିନ୍ତୁ ଜିତୁଙ୍କୁ ସେ ତିନିଦିନ ହେଲା ଦେଖି ନାହାନ୍ତି, ତାଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଥିବା କହିଛନ୍ତି ଗଙ୍ଗା। ଜିତୁଙ୍କ ବାଇକ୍‌ଟିକୁ ପୋଲିସ ଜବତ କରିଛି। ଘଟଣାସ୍ଥଳରେ ନୟାଗଡ଼ ଏସଡିପିଓ ନିରଞ୍ଜନ ପାଢୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ନିଶା ସେବନ ପରେ ଜିତୁଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ହତ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା କହିଛନ୍ତି ଆଇଆଇସି ମଲିକ।



ଶୋକାକୁଳ ପରିବାରବର୍ଗ।


# ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପୁରସ୍କାର ୨୦୧୯

National Foundation for Communal Harmony

National Foundation for Communal Harmony

**ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ଫାଉଣ୍ଡେଶନ୍ (ଏନ୍ଏଫ୍‌ସିଏଚ୍)**

(ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ସ୍ୱୟଂଶାସିତ ସଂଗଠନ)

ଏନ୍ଏଫ୍‌ସିଏଚ୍ ଯୋଗ୍ୟ ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକଠାରୁ ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ଜାତୀୟ ସଂହତିର ପ୍ରସାରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ **ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପୁରସ୍କାର ୨୦୧୯** ଲାଗି ନାମାଙ୍କନ ଆହ୍ୱାନ କରୁଛି। ପୁରସ୍କାରରେ ପ୍ରତ୍ୟେକଙ୍କ ପାଇଁ ଏକ ମାନପତ୍ର ଏବଂ ବ୍ୟକ୍ତିବିଶେଷଙ୍କ ପାଇଁ ଦଶବର୍ଷ ଓ ସଙ୍ଗଠନଗୁଡ଼ିକ ପାଇଁ ପାଞ୍ଚବର୍ଷ ଅବଧିରେ ଉଲ୍ଲେଖନୀୟ ଅବଦାନ ଭିତ୍ତିରେ 'ବ୍ୟକ୍ତିବିଶେଷ'ଙ୍କ ପାଇଁ ପାଞ୍ଚ ଲକ୍ଷ ଟଙ୍କା ଏବଂ 'ସଙ୍ଗଠନ'ଗୁଡ଼ିକ ପାଇଁ ଦଶ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଅନ୍ତର୍ଭୁକ୍ତ। ଏହା ହେଉଛି ଉକ୍ତ ପୁରସ୍କାର ପାଇଁ ଜରୁରୀ ପ୍ରାକ୍–ଯୋଗ୍ୟତା ସର୍ତ୍ତାବଳୀ।

ନାମାଙ୍କନ ଯେକୌଣସି କ୍ଷମତାପ୍ରାପ୍ତ ପ୍ରସ୍ତାବକ ଯଥା ରାଜ୍ୟ ସରକାର/କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଶାସନ; ପୌର ନିଗମ/ପୌର ପରିଷଦ/ଜିଲ୍ଲା ପଞ୍ଚାୟତ (ରାଜ୍ୟରେ ଏହା ଯେକୌଣସି ନାମରେ ପରିଚିତ ହେଉନା କାହିଁକି); ଲୋକ ସଭା/ରାଜ୍ୟ ବିଧାନସଭାର ବାଚସ୍ପତି; ସଂସଦ ଓ ରାଜ୍ୟ ବିଧାନସଭା ସଦସ୍ୟ; ଜାତୀୟ ସଂହତି ପରିଷଦ/ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ଫାଉଣ୍ଡେଶନ୍‌ର ଅନୁଶାସନ ପରିଷଦ କିମ୍ବା କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ; ବିଶ୍ୱବିଦ୍ୟାଳୟର କୁଳପତି; ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପୁରସ୍କାର ବିଜେତା ଏବଂ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଜାତୀୟ ସଂହତି ପାଇଁ ସମର୍ପିତ ପ୍ରତିଷ୍ଠିତ ସଂଗଠନଗୁଡ଼ିକ ମାଧ୍ୟମରେ ପଠାଯାଇପାରିବ।

**ଦ୍ରଷ୍ଟବ୍ୟ:**

- ପୁରସ୍କାର ପାଇଁ ଆବେଦନ କରିବା ପୂର୍ବରୁ, ଫାଉଣ୍ଡେଶନ୍‌ର ୱେବ୍‌ସାଇଟ୍‌ରେ ନିଜର ଯୋଗ୍ୟତା ସମ୍ପର୍କରେ ସୁନିଶ୍ଚିତ ହେବା ପାଇଁ ଆବେଦନକାରୀମାନଙ୍କୁ ଅନୁରୋଧ କରାଯାଉଛି।
- କେବଳ ସବୁ ଦିଗରୁ ସମ୍ପୂର୍ଣ୍ଣ ତଥା ନିର୍ଦ୍ଧାରିତ ସମୟସୀମା (**ଅର୍ଥାତ୍ ୩୦ ଜୁନ୍, ୨୦୧୯**) ମଧ୍ୟରେ ପ୍ରାପ୍ତ ନାମାଙ୍କନଗୁଡ଼ିକୁ ବିଚାରକୁ ନିଆଯିବ।
- ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପୁରସ୍କାର ପାଇଁ କେବଳ ଆବେଦନ କରିଦେବା ହିଁ କୌଣସି ବ୍ୟକ୍ତିବିଶେଷ/ସଙ୍ଗଠନକୁ ଏହି ପୁରସ୍କାର ପାଇଁ ହକ୍‌ଦାର କରେ ନାହିଁ।
- ଏହି ପୁରସ୍କାର ସଂକ୍ରାନ୍ତରେ ବିଚାରକମଣ୍ଡଳୀର ଆଲୋଚନା, ବିଚାରବିମର୍ଶ, ମତାମତ ଓ କାର୍ଯ୍ୟଧାରାକୁ ସର୍ବସାଧାରଣରେ ପ୍ରକାଶିତ କିମ୍ବା ଅନ୍ୟ କୌଣସି ଆକାରରେ ପ୍ରକଟ କରାଯିବ ନାହିଁ।
- ବିଚାରକମଣ୍ଡଳୀର ନିଷ୍ପତ୍ତି ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଅନୁମୋଦନ ଉପରେ ନିର୍ଭର କରିବ ନାହିଁ ଏବଂ ସେମାନଙ୍କ ବିରୋଧରେ କୌଣସି ନିବେଦନ କିମ୍ବା ପ୍ରତିବାଦ କରାଯାଇପାରିବ ନାହିଁ।
- ଏନ୍ଏଫ୍‌ସିଏଚ୍ ନିକଟରେ ଦାଖଲ କରାଯାଇଥିବା ନାମାଙ୍କନ/କାଗଜପତ୍ର ଇତ୍ୟାଦି ଅଣ–ଫେରସ୍ତଯୋଗ୍ୟ। ଆବଶ୍ୟକ ହେଲେ, ଏହାକୁ ସର୍ବସାଧାରଣରେ ପ୍ରକାଶିତ କରାଯାଇପାରେ।

ସବୁ ଦିଗରୁ ସମ୍ପୂର୍ଣ୍ଣ ନାମାଙ୍କନଗୁଡ଼ିକୁ **ସେକ୍ରେଟାରୀ, ଏନ୍ଏଫ୍‌ସିଏଚ୍‌ଙ୍କ** ନିକଟକୁ ନିମ୍ନଲିଖିତ ଠିକଣାରେ **୩୦ ଜୁନ୍, ୨୦୧୯** ସୁଦ୍ଧା ପଠାଯିବା ଆବଶ୍ୟକ। ବିବରଣୀ ୱେବ୍‌ସାଇଟ୍ www.nfch.nic.inରେ ଦେଖାଯାଇପାରିବ କିମ୍ବା ଫାଉଣ୍ଡେଶନ୍ କାର୍ଯ୍ୟାଳୟରୁ ହାସଲ କରାଯାଇପାରିବ।

**ଠିକଣା: ୯ମ ମହଲା, 'ସି' ୱିଙ୍ଗ୍, ଲୋକନାୟକ ଭବନ, ଖାନ୍ ମାର୍କେଟ୍, ନୂଆଦିଲ୍ଲୀ–୧୧୦୦୦୩**

ଇମେଲ୍: nfch@mha.gov.in, ଟେଲି.: ୦୧୧–୨୪୬୪୩୦୫୨, ୨୪୬୪୬୧୩୯ ଫାକ୍ସ: ୨୪୬୧୦୫୨୪

davp 19128/11/0001/1920



# ପୂର୍ବ ତଟ ରେଳପଥ

## ଇଞ୍ଜିନିୟରିଂ କାର୍ଯ୍ୟ

ଟେଣ୍ଡର ସୂଚନା ସଂ. 02/ET/SBP/ENGG/ 2019-20, ତା. :. 06.05.2019ରିଖ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-SDENW-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଖରିଆର-ରହେନବଟା ସେକ୍ସନରେ କ୍ଷତିଗ୍ରସ୍ତ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 2,59,10,832.55, EMD : 2,79,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 10,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-SDENW-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଲାଖୋଲି (Ex)-ଖରିଆର ରୋଡ୍ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକଠାରେ ସେସ୍ (Cess) ଏବଂ କ୍ଷତିଗ୍ରସ୍ତ ଡ୍ରେନ୍‌ଗୁଡ଼ିକର ମରାମତି ତଥା ପ୍ରଶସ୍ତୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1,17,91,120.01, EMD: 2,09,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.08-eT-SDENW-SBP-19
**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ଲାଖୋଲି (Ex)-ରହେନବଟା (In) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1,61,76,989.08, EMD: 2,30,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.09-eT-SDENW-SBP-19
**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରହେନବଟା(Ex)-ଥେରୁବାଲି (In) ଏବଂ ଲାଞ୍ଜିଗଡ଼(Ex)-ଜୁନାଗଡ଼ ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1,81,97,635.70, EMD: 2,41,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.04-eT-DENC-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା (Ex)-ବରଗଡ଼ ରୋଡ୍ (In) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ(ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 88,73,031.42, EMD: 1,77,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-DENC-SBP-19
**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର ରୋଡ୍ (In)- ସମ୍ବଲପୁର (In) ସେକ୍ସନ ବ୍ୟତୀତ ଝାରସୁଗୁଡ଼ା (Ex)-ବରଗଡ଼ ରୋଡ୍ (In) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1,65,66,189.71, EMD: 2,32,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(7)ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-DENC-SBP-19
**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ (ସେଟେଲମେଣ୍ଟ)/ସମ୍ବଲପୁର ପରିସୀମା ଅଧୀନସ୍ଥ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ, ଷ୍ଟେସନ ବିଲ୍ଡିଙ୍ଗ୍ କମ୍ପ୍ଲେକ୍ସ, ORC, ଅଧିକାରୀ ବିଶ୍ରାମ ଗୃହ (ORH), ଅଧସ୍ତନ ବିଶ୍ରାମ ଗୃହ(SRH), DRH, ରେଳବାଇ ମିନି ଷ୍ଟାଡିୟମ ଇତ୍ୟାଦି ସହିତ ସମସ୍ତ ସର୍ଭିସ ବିଲ୍ଡିଙ୍ଗ୍‌ଗୁଡ଼ିକ ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1,29,11,777.18, EMD: 2,14,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(8)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-DENC-SBP-19
**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ସମ୍ବଲପୁର ପରିସୀମା ଅଧୀନସ୍ଥ ସମ୍ବଲପୁର ଠାରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଆବାସିକ ବିଲ୍ଡିଙ୍ଗ୍‌ଗୁଡ଼ିକ ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1,30,74,761.70, EMD: 2,15,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

(9)ଇ-ଟେଣ୍ଡର ବିଜ୍ଞପ୍ତି ସଂ.03-eT-SDENE-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନସ୍ଥ ବରଗଡ଼ ରୋଡ୍(Ex)-ଟିଟିଲାଗଡ଼(Ex) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1,14,39,030.14, EMD: 2,07,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(10)ଇ-ଟେଣ୍ଡର ବିଜ୍ଞପ୍ତି ସଂ.04-eT-SDENE-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ସମ୍ବଲପୁର(Ex)-ଅନୁଗୁଳ(Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1,39,79,042.58, EMD: 2,19,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(11)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-SDENE-SBP-19
**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ସମ୍ବଲପୁର(Ex)-ଅନୁଗୁଳ(Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟଗୁଡ଼ିକ ପାଇଁ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 69,86,125.20, EMD: 1,39,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(12)ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-SDENE-SBP-19
**କାର୍ଯ୍ୟର ନାମ:** ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ୍ (Ex)-ଟିଟିଲାଗଡ଼ (Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ବ୍ରିଜ୍ ମରାମତି କାର୍ଯ୍ୟଗୁଡ଼ିକ ପାଇଁ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 40,42,325.59, EMD: 80,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(13)ଇ-ଟେଣ୍ଡର ବିଜ୍ଞପ୍ତି ସଂ.01-eT-BRIDGE-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ଏବଂ ସମ୍ବଲପୁର ରୋଡ୍ ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.561/15-16 ଠାରେ ଅନୁମୋଦିତ ଡ୍ରଇଂ (ଡ୍ରଇଂ ନଂ.RDSO/B-16014/RI) ଅନୁଯାୟୀ ନୂଆ ୱେଲ୍ଡେଡ୍ ଟାଇପ ବ୍ରିଜ୍ ଗର୍ଡ଼ର (12.2m) ସହିତ କ୍ଷତିଗ୍ରସ୍ତ ଗର୍ଡ଼ରଗୁଡ଼ିକର ରିଗର୍ଡ଼ରିଙ୍ଗ୍ ଦ୍ୱାରା ବ୍ରିଜ୍ ନଂ.67(L-1)1X12.2mର ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 24,61,338.38, EMD: 49,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।।

(14)ଇ-ଟେଣ୍ଡର ବିଜ୍ଞପ୍ତି ସଂ.02-eT-BRIDGE-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର/ବ୍ରିଜ୍/ ସମ୍ବଲପୁର ପରିସୀମା ଅଧୀନରେ ବର୍ଷ 2019-20 ନିମନ୍ତେ ବଳକା ଥିବା ନିମ୍ନ ବର୍ଣ୍ଣିତ ବ୍ରିଜ୍‌ଗୁଡ଼ିକର T/R, M/R, ସିଢ଼ୀ ଏବଂ ଡ୍ରପ୍ ଗାର୍ଡ(67,L-1 ଠାରୁ L-5 ପର୍ଯ୍ୟନ୍ତ) ସହିତ ସମ୍ବଲପୁର ରୋଡ୍-ସମ୍ବଲପୁର ମଧ୍ୟରେ କି.ମି.561/15-16 ଠାରେ ବ୍ରିଜ୍ ନଂ.67(1X12.20m ପ୍ରତ୍ୟେକ L-1 ଠାରୁ L-5 ପର୍ଯ୍ୟନ୍ତ), ସମ୍ବଲପୁର-ହୀରାକୁଦ ଷ୍ଟେସନ ମଧ୍ୟରେ କି.ମି.567/1-568/1 ଠାରେ ବ୍ରିଜ୍ ନଂ.76(25X30.5m), ସମ୍ବଲପୁର-ହୀରାକୁଦ ଷ୍ଟେସନ ମଧ୍ୟରେ କି.ମି.568/7-8 ଠାରେ ବ୍ରିଜ୍ ନଂ.77(2X45.72m) ଏବଂ ଅତାବିରା-ବରଗଡ଼ ରୋଡ୍ ଷ୍ଟେସନ ମଧ୍ୟରେ କି.ମି.598/1-3 ଠାରେ ବ୍ରିଜ୍ ନଂ.160 (2X18.30m+6X24.38m) ର ଥ୍ରୁ ମେଟାଲାଇଜିଙ୍ଗ୍ ଏବଂ ପେଣ୍ଟିଙ୍ଗ୍।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1,69,35,556.72, EMD: 2,34,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 10 ମାସ।।

(15)ଇ-ଟେଣ୍ଡର ବିଜ୍ଞପ୍ତି ସଂ.03-eT-BRIDGE-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର, ବ୍ରିଜ୍/ଟିଟିଲାଗଡ଼ ଅଧୀନସ୍ଥ ବ୍ରିଜ୍‌ଗୁଡ଼ିକ ପାଇଁ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 58,57,024.80, EMD: 1,17,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(16)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-BRIDGE-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର(ବ୍ରିଜ୍)/ସମ୍ବଲପୁର ଅଧୀନସ୍ଥ ବ୍ରିଜ୍‌ଗୁଡ଼ିକ ପାଇଁ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 74,73,932.51, EMD: 1,49,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.30.05.2018ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ)
ସମ୍ବଲପୁର

PR-75/K/19-20

ଶ୍ରୀଲଙ୍କା ସରକାର ନ୍ୟାଶନାଲ ଥୋହିଦ୍ ଜମାତ୍ (ଏନ୍‌ଟିଜେ) ସମେତ ଦୁଇଟି ଇସ୍‌ଲାମିକ୍ ଉଗ୍ରପନ୍ଥୀ ଗୋଷ୍ଠୀକୁ ନିଷିଦ୍ଧ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଏଥିପାଇଁ ଏକ ଉଲ୍ଲେଖଯୋଗ୍ୟ ଗ୍ୟାଜେଟ ଜାରି କରିଥିଲେ। ଗ୍ୟାଜେଟ ଅନୁଯାୟୀ, ନ୍ୟାଶନାଲ ଥୋହିଦ୍ ଜମାଥ(ଏନ୍‌ଟିଜେ), ଜମାଥି ମିଲାଥେ ଇବ୍ରାହିମ (ଜେଏମ୍‌ଆଇ) ଏବଂ ୱିଲାୟାଥ ଆସ୍ ସେୟଲାନି(ଡବ୍ଲ୍ୟୁଏଏସ୍) ସଂଗଠନଗୁଡ଼ିକୁ ନିଷିଦ୍ଧ କରାଯାଇଛି।



## ସଂକ୍ଷେପରେ

### ସୁଆଣ୍ଡୋରେ ରିଲିଫ ବଣ୍ଟନ ଦାୟିତ୍ୱରେ ଅନନ୍ତ ଦାସ

ଭୁବନେଶ୍ୱର,୧୪।୫(ବ୍ୟୁରୋ): ପୁରୀ ଜିଲା ସତ୍ୟବାଦୀ ବ୍ଲକର ବିଦ୍ୟାଧରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଫନୀ ପ୍ରଭାବିତ ଲୋକଙ୍କୁ ୧୧ତାରିଖରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ନେତୃତ୍ୱରେ ରନ୍ଧାଖାଦ୍ୟ ଦିଆଯାଉଛି। ଉକ୍ତ ପଞ୍ଚାୟତର ୬ଟି ସ୍ଥାନରେ ୩ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସ୍ତୁତ କରାଯାଇ ମଧାହ୍ନ ଓ ସନ୍ଧ୍ୟାରେ ବଣ୍ଟନ କରାଯାଉଛି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗ୍ରାମ ସମେତ ଗୁଆଲିଗୋରଡ଼ା, ପାଟଣା, ମାଳିସାହି, ବିଦ୍ୟାଧରପୁର ଓ ନେତ୍ରମାଳି ସାହିରେ ଭୋଗରାଇରୁ ଆସିଥିବା ୩୦ଜଣିଆ ରିଲିଫ୍ ଟିମ୍ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଭୋଗରାଇରୁ ରୋଷେୟା, ସ୍ୱେଚ୍ଛାସେବୀପଞ୍ଚାୟତିରାଜ ପ୍ରତିନିଧିଙ୍କ ସହ ଆବଶ୍ୟକ ଚାଉଳ, ଡାଲି, ପରିବା, ବିସ୍କୁଟ ଆଦି ରିଲିଫ୍ ସାମଗ୍ରୀ ଅଣାଯାଇଛି। ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣ କେନ୍ଦ୍ରରେ ନିଜେ ଅନନ୍ତ ଦାସ ଉପସ୍ଥିତ ରହି ସବୁ କାର୍ଯ୍ୟର ତଦାରଖ କରୁଛନ୍ତି। ବାତ୍ୟାଦୁର୍ଗତ ଲୋକମାନଙ୍କ ସ୍ୱାଭାବିକ ସ୍ଥିତି ନ ଫେରିବା ପର୍ଯ୍ୟନ୍ତ ଏହି ରନ୍ଧାଖାଦ୍ୟ ପ୍ରଦାନ କରାଯିବ। ସୁଆଣ୍ଡୋ ଗ୍ରାମରେ ରିଲିଫ୍ ବଣ୍ଟନ ଦାୟିତ୍ୱ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେକରୁଛନ୍ତି ବୋଲି ଅନନ୍ତ କହିଛନ୍ତି।



**ଭୁବନେଶ୍ୱର:** ବାତ୍ୟାରେ ଭାଙ୍ଗିଥିବା ଗଛର ଡାଳଗୁଡ଼ିକୁ ଏକ ଟ୍ରକରେ ନିଆଯାଉଥିଲାବେଳେ ଶ୍ରମିକମାନେ ବିପଦପୂର୍ଣ୍ଣ ଭାବେ ବସିଛନ୍ତି।

■ ଭୋଟ ଗଣତି ତାଲିମ କର୍ମଶାଳା ଉଦ୍‌ଯାପିତ

# ୬୩ କେନ୍ଦ୍ରରେ ଭୋଟ ଗଣତି ହେବ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଆସନ୍ତା ୨୩ ତାରିଖରେ ୬୩ଟି କେନ୍ଦ୍ରରେ ଭୋଟ ଗଣତି ହେବ। ଏ ନେଇ ଭୁବନେଶ୍ୱର ସ୍ଥିତ ସୂଚନାଭବନଠାରେ ଦୁଇଦିନ ଧରି ୩୦ଟି ଜିଲାର ୧୨୩ ଜଣ ରିଟର୍ନିଂ ଅଫିସରଙ୍କୁ ତାଲିମ ଦିଆଯାଇଛି। ଏହି କର୍ମଶାଳାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଭୋଟ ଗଣତି କିପରି କରାଯିବ ସେ ନେଇ ତାଲିମ ପ୍ରଦାନ କରିଥିଲେ। ରିଟର୍ନିଂ ଅଫିସରମାନଙ୍କ ପାଇଁ ଆଦର୍ଶ ଭୋଟ ଗଣତି କେନ୍ଦ୍ର କରାଯାଇଥିଲା। ସେମାନେ ଭୋଟ ଗଣତି କିପରି ହେବ ସେ ନେଇ ଜ୍ଞାନ ଆହରଣ କରିଥିଲେ। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ରିଟର୍ନିଂ ଅଫିସରମାନଙ୍କୁ ତାଲିମ ଦିଆଯାଇଥିଲା। ପ୍ରଥମ ଦିନ କର୍ମଶାଳାରେ ଭାରତର ନିର୍ବାଚନ କମିଶନଙ୍କ ସିନିୟର କନ୍‌ସଲଟାଣ୍ଟ ଭନୱାର ଲାଲ ଯୋଗ ଦେଇଥିଲେ। ଭୋଟ ଗଣତି ବେଳେ କେଉଁଟା କରାଯିବ ଓ କେଉଁଟା କରାଯିବ ନାହିଁ ସେ ନେଇ ତାଲିମ ଦିଆଯାଇଥିଲା। ଗଣତି ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ପଷ୍ଟ ଗାଇଡ ଲାଇନ ଜାରି କରାଯାଇଛି। ଭୋଟ ଗଣତି କାଉଣ୍ଟରଗୁଡ଼ିକ ବ୍ୟାଙ୍କର କ୍ୟାଶ କାଉଣ୍ଟର ଭଳି ହେବ। ଯେପରି କି ଭିଭିପିଏଟି ସ୍ଲିପ ଉଡି ନ ଯିବ। ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବ। ସମସ୍ତ ଗଣତି କେନ୍ଦ୍ର ଶୀତତାପ ନିୟନ୍ତ୍ରିତ ହେବ। ଏହାକୁ ଦୃଷ୍ଟିରେ ରଖି କର୍ମଶାଳା ପରିସରରେ ଆଦର୍ଶ ଗଣତି କେନ୍ଦ୍ର କରାଯାଇଥିଲା ବୋଲି ସିଇଓ ସୂଚନା ଦେଇଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ଆର. ଯାଦବ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ରଘୁରାମ ଆୟର ଓ ଶତ୍ରୁଘ୍ନ କର, ଯୁଗ୍ମ ଶାସନ ସଚିବ ସରୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

**୧୨୩ ରିଟର୍ନିଂ ଅଫିସର ନେଲେ ତାଲିମ**

# ପ୍ରେମିକାଙ୍କ ତଣ୍ଟି କାଟି ପ୍ରେମିକଙ୍କ ଆତ୍ମହତ୍ୟା ଉଦ୍ୟମ

ବଲାଙ୍ଗୀର ଅଫିସ, ୧୪।୫

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅଞ୍ଚଳରେ ଜଣେ ଯୁବକ ତାଙ୍କ ନାବାଳିକା ପ୍ରେମିକାଙ୍କ ତଣ୍ଟିକାଟି ନିଜେ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସମ୍ପର୍କୀୟ ଭାଇ ଓ ଭଉଣୀଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କକୁ ନେଇ ଏହି ଦୁଃଖଦ ଘଟଣା ଘଟିଛି।। ଏହି ସମ୍ପର୍କକୁ ଉଭୟଙ୍କ ପରିବାର ଲୋକେ ବିରୋଧ କରିଥିଲେ। କୌଣସି ପଟୁ ସମର୍ଥନ ନ ମିଳିବାରୁ ଯୁବକ ଜଣକ ଏପରି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ସମ୍ପର୍କୀୟ ଭାଇ ଭଉଣୀ ଗତ ୪ ବର୍ଷ ହେବ ପରସ୍ପରକୁ ଭଲ ପାଉଥିଲେ। ଭଉଣୀର ବୟସ ୧୫ ବର୍ଷ ହୋଇଥିବା ବେଳେ ସେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ତାଙ୍କ ସମ୍ପର୍କୀୟ ଭାଇଙ୍କ ବୟସ ୨୨ ବର୍ଷ। ଗତ କିଛି ଦିନ ତଳେ ଝିଅ ପାଇଁ ପାଖ ଗାଁରୁ ବିବାହ ପ୍ରସ୍ତାବ ଆସିଥିଲା। ଏ ନେଇ ପରିବାର ଲୋକେ କଥାବାର୍ତ୍ତା ଆରମ୍ଭ କରିଥିଲେ। ଏକଥା ଜାଣିବା ପରେ ଉଭୟେ ନିଜ ପରିବାର ଲୋକଙ୍କୁ ସେମାନଙ୍କ ପ୍ରେମ ସମ୍ପର୍କ ବିଷୟରେ ଜଣାଇଥିଲେ। ହେଲେ ଗୋଟିଏ ବଂଶର ସମ୍ପର୍କୀୟ ଭାଇଭଉଣୀ ହୋଇଥିବାରୁ ସେମାନଙ୍କ ସମ୍ପର୍କକୁ କେହି ଗ୍ରହଣ କରି ନ ଥିଲେ। ଫଳରେ ଦୁହେଁ ଏକ ପ୍ରକାର ଭାଙ୍ଗି ପଡିଥିଲେ।

ମଙ୍ଗଳବାର ଯୁବକ ଜଣକ ତାଙ୍କ ନାବାଳିକା ପ୍ରେମିକାଙ୍କୁ ଏକୁଟିଆ ସ୍ଥାନକୁ ଡାକି ଘରୁ ଲୁଚି ପଳାଇବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ଏଭଳି କଥାରେ ନାବାଳିକା ଜଣକ ରାଜି ହୋଇ ନ ଥିଲେ। ଏଥିରେ ରାଗିଯାଇ ଯୁବକ ଜଣକ ନାବାଳିକାଙ୍କୁ ଏକ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ। ଏଥିରେ ନାବାଳିକାଙ୍କ ବେକ ଏବଂ ହାତ କଟିଯାଇଥିଲା। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକେ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହା ପରେ ନାବାଳିକାଙ୍କ ପରିବାର ଲୋକେ ପୁଅ ଘରକୁ ଯାଇ ଗାଳିଗୁଲଜ କରିଥିଲେ। ଏହାପରେ ଯୁବକ ଜଣକ ନିଜର ମାନସିକ ଭାରସାମ୍ୟ ହରାଇ ବ୍ଲେଡରେ ନିଜ ବେକ ଓ ହାତ କାଟି ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ତାଙ୍କୁ ମଧ ଗୁରୁତର ଅବସ୍ଥାରେ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟିଟିଲାଗଡ଼ ପୋଲିସ ନିଜ ତରଫରୁ ଏହାର ତଦନ୍ତ ଆରମ୍ଭ କରିଛି।

**ସମ୍ପର୍କୀୟ ଭାଇଭଉଣୀଙ୍କ ପ୍ରେମର କରୁଣ ପରିଣତି**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା ଖୋଜେ ପେଟ,**
**ମାଇପ ଖୋଜେ କରାଟ।**

ମା' ସ୍ନେହମୟୀ, ମମତାମୟୀ। ସବୁବେଳେ ପିଲାର ଭଲ ଚାହେଁ। ପିଲାଟି ଖାଇଛି କି ନାହିଁ ବୁଝେ। ପେଟ ଦେଖି ପିଲାର ମନ କଥା ବେଶ୍ ଭଲ ଭାବେ ଜାଣିପାରେ। ଟଙ୍କା ପଇସା ଅପେକ୍ଷା ପିଲାର ଦେହ ପା' ତା' ପାଇଁ ବେଶି ଗୁରୁତ୍ୱ ରଖିଥାଏ। ପରନ୍ତୁ ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ସ୍ୱାମୀଠାରୁ ତା'ର ଟଙ୍କା ପଇସାରେ ବେଶି ଲୋଭ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଲ୍ଲୀଫୁଲ ମଉଳିଲା,**
**କେଉଁ ରସିକକୁ ଅନେଇଥିଲୁ,**
**ଓଦାଲୁଗା ଶୁଖିଗଲା।**

ମନର ମଣିଷ ସହ ଭେଟ ନ ହୋଇପାରିଲେ ପ୍ରେମୀ ମନ ଭାଙ୍ଗିଯାଏ। ମନ ଊଣା ହେବାସହ ରାଗ ରୋଷ ବଢ଼ିଯାଏ। ପ୍ରେମରେ ପ୍ରତୀକ୍ଷା ସାଧାରଣତଃ ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ମନର ମଣିଷ ସହ ଭେଟ ହେବା ନେଇ ମନରେ ଅଫୁରନ୍ତି ଆଶା କିନ୍ତୁ ତାହା ଫଳପ୍ରସୂ ହୋଇ ନ ପାରିବା ଯୋଗୁ ପ୍ରେମୀ ହତାଶ ହୋଇପଡ଼ିଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାହାଘର ଦିନ ଯୁବତୀଙ୍କ ଭିଡିଓ ଭାଇରାଲ

ନୂଆପଡା ଅଫିସ,୧୪।୫

■ ନିଶା ଦେଇ ଶାରୀରିକ ସମ୍ପର୍କ ରଖିଥିଲେ ଅଭିଯୁକ୍ତ
■ ବରପକ୍ଷ ଆସିଲେ ନାହିଁ, ବିବାହ ବନ୍ଦ

ଜଣେ ଯୁବତୀଙ୍କ ସହ ଅନୈତିକ ସମ୍ପର୍କ ରଖି ଭିଡିଓ ଶୁଟିଂ କରିବା ଏବଂ ଠିକ୍ ବାହାଘର ଦିନ ସେହି ଭିଡିଓକୁ ଭାଇରାଲ କରିବା ଭଳି ଅଭାବନୀୟ ଘଟଣା ନୂଆପଡ଼ା ଜିଲା ଖରିଆରରୋଡ ଜୋଙ୍କ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଭିଡିଓ ଭାଇରାଲ ହେବା ପରେ ବରପକ୍ଷ କନ୍ୟାଘରକୁ ନ ଆସିବାରୁ ଏହି ବିବାହ ବନ୍ଦ ହୋଇଯାଇଛି। ତେବେ ଅଭିଯୁକ୍ତ ଜଣକ ନିଶା ଦେଇ ତାଙ୍କ ସହିତ ବାରମ୍ବାର ଅନୈତିକ ସମ୍ପର୍କ ରଖିଥିବା ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଯୁବତୀଙ୍କ କହିବାନୁଯାୟୀ ବିରୋମାଲ ଗାଁର କିଶୋର ସାହୁ (୨୬) ନାମକ ଜଣେ ଯୁବକ ଘରେ କେହି ନ ଥିବା ସୁଯୋଗ ନେଇ ତାଙ୍କ ପାଖକୁ ଆସୁଥିଲେ। ସେ ମୋତେ ଜୋରଜବରଦସ୍ତି ନିଶା ଖୁଆଇ ଅନୈତିକ ସମ୍ପର୍କ ରଖି ଆସିଥିଲେ। ଏହି ସୁଯୋଗରେ ମୋ ଅଜାଣତରେ ସେ ଏପରି ଭିଡିଓ ଶୁଟିଂ କରି ରଖିଥିଲେ। ମୋର ବିବାହ ଠିକ୍ ହେବା ଜାଣିବା ପରେ ସେ ପ୍ରତିଶୋଧ ନେବା ପାଇଁ ସେହି ଭିଡିଓକୁ ଭାଇରାଲ କରିଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୩ କୋଟି ଟଙ୍କା ସହାୟତା

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ବଣ୍ଟନ ଏବଂ ଭିତ୍ତିଭୂମି ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏଥିପାଇଁ ବହୁ ବ୍ୟକ୍ତି ଏବଂ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା ରାଶି ପ୍ରଦାନ କରୁଛନ୍ତି। ୨୩ଟି ସଂସ୍ଥା ପକ୍ଷରୁ ୧୩ କୋଟି ୪୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମଙ୍ଗଳବାର ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ ୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏହି ପରିମାଣର ଚେକ୍ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପ୍ରଦାନ କରିଛନ୍ତି। ସିରାଜୁଦ୍ଦିନ୍ ଏଣ୍ଡ କୋ ୫ କୋଟି ଟଙ୍କା, ଓଡ଼ିଶା ବେଭେରେଜ କର୍ପୋରେଶନ ୫ କୋଟି, ଖିମ୍‌ଜୀ ଦୟାଭାଇ ଏଣ୍ଡ ସନ୍ସ ୨୧ ଲକ୍ଷ, ଜ୍ୟୋତି ମୋଟର୍ସ ୧୦ ଲକ୍ଷ, ଫାଲକନ୍ ମେରାଇନ୍ ଏକ୍ସପର୍ଟ ୨୦.୧୨ ଲକ୍ଷ, ଏହାର ସିଇଓ ପି.ପଦ୍ମନାଭନ ୫ ଲକ୍ଷ ଟଙ୍କାର ସହାୟତା ରାଶି ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଦେବାଶିଷ ପଟ୍ଟନାୟକ ୧ ଲକ୍ଷ ଟଙ୍କା, ଅନ୍ନପୂର୍ଣ୍ଣା ଫାଇନାନ୍ସ ପକ୍ଷରୁ ଗୋବିନ୍ଦ ପଟ୍ଟନାୟକ ୨୫ ଲକ୍ଷ ଟଙ୍କା, ଗଞ୍ଜାମ ଜିଲା ପ୍ରଶାସନ ୩୯ ଲକ୍ଷ ଟଙ୍କା, ୱିଙ୍ଗ୍ କମାଣ୍ଡର ଭ୍ରମରବର ନାୟକ ୨୮,୧୦୦ ଟଙ୍କା, ବାରିପଦାର ଶୁଭ କୁମାର ମହାପାତ୍ର ୫୦,୦୦୦, କଳିଙ୍ଗ କର୍ମସିଆଲ କର୍ପୋରେଶନ ୧୦ ଲକ୍ଷ, ପୂର୍ବତନ ଏମ୍‌ପି ଭୂପିନ୍ଦର ସିଂ ୧ ଲକ୍ଷ, ଜୟାଶିଷ ରାୟ ୧ ଲକ୍ଷ, କେନ୍ଦ୍ରାପଡା ନୌଯବାନ ୟୁନିୟନ ୧୧,୦୦୦ଟଙ୍କା, ପଦ୍ମା ହସ୍ପିଟାଲ ୫୦,୦୦୦ ଟଙ୍କା, ବିଜେଡି ନେତା ପ୍ରଫୁଲ୍ଲ ମଲିକ ୧ ଲକ୍ଷ ଟଙ୍କା, ଏକ୍ସିମ୍ ଲଜିଷ୍ଟିକ୍ ପକ୍ଷରୁ ୨ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପଠାଯାଇଛି। ସିଆଇଏସଏଫ୍(ଏୟାରପୋର୍ଟ) ପକ୍ଷରୁ ୧ ଲକ୍ଷ, ସୋସାଇଟି ଅଫ୍ ଜିଓ ସାଇଣ୍ଟିଷ୍ଟ ୧ ଲକ୍ଷ, ଏମ୍‌ପି ପ୍ରତାପ ଦେବ ୫ ଲକ୍ଷ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

### ରାଶନ କାର୍ଡ ନ ଥିବା ଗ୍ରାମାଞ୍ଚଳ ଲୋକଙ୍କୁ ରିଲିଫ ମିଳୁ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

'ଫନୀ' ଦ୍ୱାରା ଓଡିଶାରେ ପ୍ରମୁଖ ଉପକୂଳବର୍ତ୍ତୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରଭାବିତ ଅଞ୍ଚଳରେ ସମସ୍ତ କଚ୍ଚା ଘର ଓ ଆସବାବ ପତ୍ର ଧ୍ୱଂସ ହୋଇଛି। ଘରେ ସଞ୍ଚିତ ସମସ୍ତ ଖାଦ୍ୟ ଶସ୍ୟ ମଧ୍ୟ ନଷ୍ଟ ହୋଇଯାଇଛି। ସେଥିଲାଗି ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଥିବା ଗରିବ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବାର ଆବଶ୍ୟକତା ଅଛି। ତେଣୁ ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଖରେ ତୁରନ୍ତ ରିଲିଫ ସାମଗ୍ରୀ ପହଞ୍ଚାଇବାକୁ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଭେଟି ଦାବି କରିଛନ୍ତି। ସରକାରଙ୍କର ଘୋଷଣା ମୁତାବକ କେବଳ ରାଶନ କାର୍ଡଧାରୀଙ୍କୁ ୫୦କେଜି ଚାଉଳ ଓ ୨୫ଶହ ଟଙ୍କା ସହାୟତା ଦିଆଯାଉଛି। ସହରାଞ୍ଚଳରେ ଯେଉଁ ବସ୍ତିବାସିନ୍ଦାଙ୍କ ପଡିକାର୍ଡ ନାହିଁ ସେମାନେ ରିଲିଫ ସହାୟତା ପାଇପାରିବେ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ଏହି ସୁବିଧା ନେଇ କୌଣସି ଘୋଷଣା ହେଲା ନାହିଁ। ରାଶନ କାର୍ଡ ନ ଥିବା ଗ୍ରାମାଞ୍ଚଳର ବାତ୍ୟା ପ୍ରଭାବିତଙ୍କୁ ରିଲିଫ ସୁବିଧା ରାଜ୍ୟ ସରକାର ତୁରନ୍ତ ଯୋଗାଇ ଦିଅନ୍ତୁ ବୋଲି ଭାଜପା ଦାବି କରିଛି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS: C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେସନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 20,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City


EDUCATION

She made earth her home, for whom heaven was too small. Savitri 11 – Sri Aurobindo.
SRI AUROBINDO INTEGRAL SCHOOL
Managed by Sri Aurobindo Mission Trust, Matrupuram, Ashram (A public Charitable Trust) Matrupuram, Markona At-Bhagia, Po-Markona, Via/PS-Simulia, Dist-Balasore-756126, Mob-9438412353, ESTD.– 1980, Regd. No.-03/2005(Sub-Register, Simulia)
Ref/Letter No RTE Act-2009 Date – 30.03.2019
ADMISSION NOTICE FOR THE EDUCATION YEAR – 2019-2020
(Ref : COR for Academic Session-2017-18 to 2021-22) Letter No-4150/Pvt- Dated 29.03.19, DEO, Balasore
- There is no Admission Fees for school admission for all
- There is no Tuition Fees also.
- The School will take on admission of students belonging to weaker sections and disadvantageous group against 25% quota under RTE Act. 2009 as required under Section -12.I.C. of RTE Act.

(Ku. Manjulata Nayak)
PRINCIPAL


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ। - ସକ୍ରେଟିସ୍



## ସଂକ୍ଷେପରେ

### ରୋଷେଇ ବେଳେ ପୋଡ଼ି ଯୁବତୀ ଗୁରୁତର

ଭୁବନେଶ୍ୱର,୧୪।୫(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଧୀନ ଗାଡ଼କଣ ଅଞ୍ଚଳରେ ମଙ୍ଗଳବାର ଜଣେ ଯୁବତୀ ଚୁଲିରେ ରୋଷେଇ କରୁଥିବାବେଳେ ପୋଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଶରୀରର ୭୫ ପ୍ରତିଶତ ପୋଡ଼ିଯାଇଥିବା ଜଣାପଡ଼ିଛି। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ଯୁବତୀ ଜଣଙ୍କ ହେଲେ ଟିଙ୍କି ଭଞ୍ଜ (୧୯)। ଅନ୍ୟପକ୍ଷେ ଯୁବତୀଙ୍କ ଦେହରେ ନିଆଁ କିଭଳି ଲାଗିଲା ସେନେଇ ପୋଲିସ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୧୦ଟା ସମୟରେ ଟିଙ୍କି ଚୁଲିରେ କାଠ ଲଗାଇ ରୋଷେଇ କରୁଥିଲେ। ସେ ଚୁଲି ନିକଟରେ ବସି ଅନ୍ୟମନସ୍କ ହୋଇ ପରିବା କାଟୁଥିବା ବେଳେ ତାଙ୍କ ପୋଷାକରେ ନିଆଁ ଲାଗିଯାଇଥିଲା। ସଙ୍ଗେସଙ୍ଗେ ଦେହ ସାରା ନିଆଁ ବ୍ୟାପି ଯାଇଥିଲା। ଟିଙ୍କି ଜୀବନ ବିକଳରେ ଚିତ୍କାର କରିଥିଲେ। ତାଙ୍କ ପାଟିଶୁଣି ପଡୋଶୀ ଏବଂ ପରିବାର ଲୋକେ ଦୌଡ଼ି ଆସି ଟିଙ୍କିଙ୍କ ଦେହରେ କପଡ଼ା ପକାଇ ନିଆଁକୁ ଆୟତ୍ତ କରିଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ।

### ଓୟୁଏଟିରେ ନୂତନ କୁଳପତିଙ୍କ ଯୋଗଦାନ

ଭୁବନେଶ୍ୱର, ୧୪।୫(ବ୍ୟୁରୋ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳାଧିପତି ତଥା ରାଜ୍ୟପାଳ ଗଣେଶୀ ଲାଲଙ୍କ ସ୍ୱୀକୃତି କ୍ରମେ ମଙ୍ଗଳବାର ଓୟୁଏଟିରେ ନୂତନ କୁଳପତି ପ୍ରଫେସର ଡ. ପବନ କୁମାର ଅଗ୍ରୱାଲ ଯୋଗଦାନ କରିଛନ୍ତି। ପୂର୍ବାହ୍ନରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ସହ ସେ ସୌଜନ୍ୟମୂଳକ ସାକ୍ଷାତ କରି ଓୟୁଏଟିର ବିକାଶ ନେଇ ଆଲୋଚନା କରିଥିଲେ। ସଚିବାଳୟରୁ ଫେରିବା ପରେ ଓୟୁଏଟି କୃଷି ସମ୍ପ୍ରସାରଣ ଡିନ୍ ପ୍ରଫେସର ପ୍ରଭାତ କୁମାର ରାଉଳ, ପ୍ଲାନିଂ ଡାଇରେକ୍ଟର ହୃଷିକେଶ ପାଢୀ, ସମସ୍ତ କଲେଜ ଡିନ୍ କେ.କେ. ରାଉତ, ସଞ୍ଜୟ କୁମାର ଦାସ, ମାନସୀ ମହାନ୍ତିଙ୍କ ସମେତ ଅନେକ ପ୍ରଫେସର, ବୈଜ୍ଞାନିକ, ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ରମାନେ ଫୁଲତୋଡା ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ କୁଳପତି ଡ. ଅଗ୍ରୱାଲ ସମସ୍ତଙ୍କ ସହଯୋଗ କାମନା କରି କୃଷି ଶିକ୍ଷା, ଗବେଷଣା, ସମ୍ପ୍ରସାରଣ କ୍ଷେତ୍ରରେ ବିଶେଷ ଧ୍ୟାନ ଦେଇ ଓଡିଶାର ଚାଷୀଙ୍କ ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଓୟୁଏଟିକୁ ଦେଶରେ ଅଗ୍ରଣୀ ସ୍ଥାନ ଦେବାକୁ ସମସ୍ତେ ଚେଷ୍ଟା କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ଟାଙ୍ଗୀ(ଖୋର୍ଦ୍ଧା),୧୪।୫ (ଡି.ଏନ.ଏ.): ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ସୋମବାର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ, ଶୌଚ ହେବାକୁ ଯାଇଥିବାବେଳେ ପୋଖରୀରେ ବୁଡ଼ି କନ୍ଧନୟାଗଡ଼ ନକ୍ଷତ୍ରପୁର ସାହିସ୍ଥିତ ଆନନ୍ଦ ବେହେରାଙ୍କର ପୁଅ ଶ୍ରୀତମ(୯)ଙ୍କ ମୃତ୍ୟୁ ଘଟିଛି। ସେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢୁଥିଲେ। ଫସଲ ନିମନ୍ତେ ଶ୍ରୀତମଙ୍କ ବାପା ଆନନ୍ଦ ପୋଖରୀ ଭିତରେ ଏକ ଚୁଆ ଖୋଳିଥିଲେ। ଏଥିରେ ବୁଡ଼ି ଶ୍ରୀତମଙ୍କ ମୃତ୍ୟୁ ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶ୍ରୀମନ୍ଦିର ପାଇଁ ଫୁଲ, ତୁଳସୀ ଅଭାବ

ପ୍ରଭାତ ପାଣିଗ୍ରାହୀ
ପୁରୀ ଅଫିସ,୧୪।୫




ବାତ୍ୟାରେ ଛାରଖାର ହୋଇଯାଇଛି ପୁରୀ ସହର। ଚାରିଆଡେ ବିଦ୍ୟୁତଖୁଣ୍ଟ, ଗଛ ପଡ଼ି ରହିଛି। ଏଥିରୁ ଶ୍ରୀମନ୍ଦିର ବି ବାଦ୍ ପଡ଼ିନାହିଁ। ବାତ୍ୟାରେ ଶ୍ରୀମନ୍ଦିର ପାର୍ଶ୍ୱସ୍ଥ ବଡ ଗଛ, କଳ୍ପବଟ ସମେତ ସିଂହଦ୍ୱାର ଗୁମୁଟ ବାମ ପାର୍ଶ୍ୱରେ ରହିଥିବା ଜୟ ମୂର୍ତ୍ତି ଭାଙ୍ଗିଯାଇଛି। ସେହିପରି ଶ୍ରୀମନ୍ଦିରର ଦୈନନ୍ଦିନ ରୀତିନୀତି ସକାଶେ ରହିଥିବା ୪ଟି ଉଦ୍ୟାନ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି। ଉଦ୍ୟାନର ତୁଳସୀ ଗଛ ଓ ବିଭିନ୍ନ ଫୁଲ ଗଛ ମାଟିରେ ଶୋଇପଡ଼ିଛି। ଫଳରେ ଦୈନିକ ପୂଜାନୀତି ନିମନ୍ତେ ଫୁଲ, ତୁଳସୀର ଅଭାବ ପରିଲକ୍ଷିତ ହୋଇଛି।

ଶ୍ରୀମନ୍ଦିର ପରିସରସ୍ଥ କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ, ମାଟିତୋଟା ଏବଂ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ୪ଟି ଉଦ୍ୟାନ ରହିଛି। ଏଠାରୁ ଦୈନିକ ମହାପ୍ରଭୁଙ୍କ ନୀତି ଲାଗି ଫୁଲ ଶ୍ରୀମନ୍ଦିରକୁ ଯାଇଥାଏ। ଉଦ୍ୟାନ ପରିସରରୁ ଅତ୍ୟନ୍ତ ନିଷ୍ଠାର ସହିତ ଏହି ଫୁଲ ଓ ତୁଳସୀ ତୋଳାଯାଇଥାଏ। କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ ଓ ଉତ୍ତରଦ୍ୱାର ପଦ୍ମପାଦ ନିକଟରେ ଫୁଲ ଗୁନ୍ଥାଳିମାନେ ହବିଷ୍ୟ ଅନ୍ନ ଆହାର କରି ପବିତ୍ର ମନରେ ନିଷ୍ଠାର ସହିତ ମହାପ୍ରଭୁଙ୍କ ବିଭିନ୍ନ ବେଶ ଲାଗି ଫୁଲମାଳ ତିଆରି କରିଥାନ୍ତି। ଏଥିରେ ନାକଚଣା, ହୃଦ ପଲ୍ଲବ ଓ କର ପଲ୍ଲବ ଲାଗି ଫୁଲ ଓ ପତ୍ର ସମଭାବରେ ପ୍ରସ୍ତୁତ ହୋଇଥାଏ। ଏବେ ଫୁଲ ଓ ତୁଳସୀ ପତ୍ର କମ୍ ଆସୁଛି। ତେଣୁ ବିଭିନ୍ନ ବେଶ ଲାଗି ପ୍ରସ୍ତୁତ କରାଯାଉଥିବା ମାଳରେ କମ୍ ପରିମାଣର ଫୁଲ ଓ ତୁଳସୀ ପତ୍ର ଦିଆଯାଉଛି ବୋଲି ଜଣେ ମାଳ ଗୁନ୍ଥାଳି କହିଛନ୍ତି। ଦୈନିକ ପୂଜାନୀତି, ପର୍ବପର୍ବାଣି ଏବଂ ସ୍ୱତନ୍ତ୍ର ପୂଜାରେ ମହାପ୍ରଭୁଙ୍କଠାରେ ଆଜ୍ଞାମାଳ ଲାଗି ହୋଇଥାଏ। ଏବେ ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଏହା ୪୨ଦିନ ଧରି ଚାଲିବ। ମହାପ୍ରଭୁ ଚାପକୁ ଯିବା ସମୟରେ ଆଜ୍ଞାମାଳ ଲାଗି ହେଉଛି। ସେହିପରି ରଥ ନିର୍ମାଣ ବେଳେ ୧୩ଥର ଅର୍ଥାତ ରଥକାଠ ଆଣିବା ଲାଗି ଯିବାଠାରୁ ରଥ ଦକ୍ଷିଣ ମୋଡ ହୋଇ ସିଂହଦ୍ୱାରକୁ ଆସିବା ପର୍ଯ୍ୟନ୍ତ ଆଜ୍ଞାମାଳ ଲାଗି ହୋଇଥାଏ। ଶ୍ରୀମନ୍ଦିରର ନୀତି ସମେତ ବିଭିନ୍ନ କାର୍ଯ୍ୟ ଲାଗି ଫୁଲ, ତୁଳସୀର ବିଶେଷ ଆବଶ୍ୟକତା ରହିଛି। ବାତ୍ୟାରେ ଶ୍ରୀମନ୍ଦିରର ୪ଟି ଉଦ୍ୟାନ ନଷ୍ଟ ହୋଇଯିବାରୁ ଫୁଲ, ତୁଳସୀର ସଙ୍କଟ ସୃଷ୍ଟି ହୋଇଛି। ତେବେ ଏହାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

### ମନ୍ଦିର ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି ଯେ, ଶ୍ରୀମନ୍ଦିର ଦୈନିକ ପୂଜାନୀତି ଲାଗି ଫୁଲ, ତୁଳସୀ ପତ୍ରର ବିଶେଷ ଆବଶ୍ୟକତା ରହିଛି। ବର୍ତ୍ତମାନ କମ୍ ପରିମାଣର ଫୁଲ, ତୁଳସୀ ପତ୍ରରେ ମହାପ୍ରଭୁଙ୍କ ମାଳ ପ୍ରସ୍ତୁତ କରାଯାଉଛି। କେବଳ ଉଦ୍ୟାନରୁ ଆସୁଥିବା ଫୁଲ, ତୁଳସୀ ମହାପ୍ରଭୁଙ୍କ ସେବାରେ ଲାଗିଥାଏ। ଶ୍ରୀମନ୍ଦିର ବାହାରୁ କରାଯାଏ ନାହିଁ। ଏହା କେବଳ ରତ୍ନ ସିଂହାସନକୁ ଛୁଆଁ ଯାଇଥାଏ। ଉଦ୍ୟାନ ନଷ୍ଟ ହୋଇଯିବାରୁ ସମସ୍ୟା ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ।

### ଦୁଃଖ ଦେଇଗଲା ଫନୀ

ବୀରହରେକୃଷ୍ଣପୁର ଅଞ୍ଚଳର ପ୍ରଫୁଲ୍ଲ ତ୍ରିପାଠୀ ଦୀର୍ଘବର୍ଷ ଧରି ମହାପ୍ରଭୁଙ୍କ ଲାଗି ଦୈନିକ ଫୁଲ, ତୁଳସୀପତ୍ର ଶ୍ରୀମନ୍ଦିରକୁ ଯୋଗାଇଥାନ୍ତି। ସେ ଏଥିପାଇଁ ନିଜସ୍ୱ ଉଦ୍ୟମରେ ଏକ ତୁଳସୀ ବଗିଚା ଓ ପୁଷ୍ପ ଉଦ୍ୟାନ କରିଛନ୍ତି। ସେଥିରେ ବିଭିନ୍ନ ପ୍ରକାର ଫୁଲଗଛ ଲଗାଇଛନ୍ତି। ଦୈନିକ ସେ ନିଷ୍ଠାର ସହ ଫୁଲ, ତୁଳସୀ ତୋଳି ଶ୍ରୀମନ୍ଦିରର ଫୁଲ ଗୁନ୍ଥାଳିମାନଙ୍କ ନିକଟରେ ପହଞ୍ଚାଇଥାନ୍ତି। ବାତ୍ୟାରେ ତାଙ୍କ ପୁଷ୍ପ ଉଦ୍ୟାନ ଓ ତୁଳସୀ ବଗିଚା ନଷ୍ଟ ହୋଇଯାଇଛି। ଫଳରେ ସେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ବଗିଚାରେ ବସି ମାଟିରେ ଲୋଟୁଥିବା ଶୁଖିଲା ଫୁଲଗଛକୁ ଆଉଁସିବାରେ ଲାଗିଛନ୍ତି। ତାଙ୍କ ଦୀର୍ଘବର୍ଷର ସାଧନା ଫନୀ ଉଜାଡ଼ି ଦେଲା ଏବଂ ଦୁଃଖ ଦେଇଗଲା ବୋଲି ପ୍ରଫୁଲ୍ଲ କୋହଭରା କଣ୍ଠରେ କହିଛନ୍ତି।



ପୁରୀ ବଡ଼ଦାଣ୍ଡସ୍ଥିତ ରଥଖଳାରେ ମହାରଣା ସେବକମାନେ ତୁମ୍ବରେ ଥାକ କାଟୁଛନ୍ତି।

### ସଫେଇରେ ବିଏମ୍‌ସିକୁ ସାହାଯ୍ୟ କଲେ ବସ୍ତିବାସିନ୍ଦା

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ବାତ୍ୟା 'ଫନୀ' ପରେ ଭୁବନେଶ୍ୱରର ଅନେକ ସ୍ଥାନରେ ଗଛପଡ଼ି ପଡୁଥିଲା। ସହରର ମୁଖ୍ୟ ରାସ୍ତାକଡ଼ ଓ ଅନ୍ୟ ପ୍ରମୁଖ ସ୍ଥାନଗୁଡ଼ିକରେ ବିଏମ୍‌ସି ପକ୍ଷରୁ ଗଛଉଠା କାର୍ଯ୍ୟ ଜାରି ରହିଥିବା ବେଳେ ବସ୍ତି ଅଞ୍ଚଳରେ ଗଛ ଉଠାଇ ସଫେଇ କାର୍ଯ୍ୟ କରାଯାଉଛି। ଉକ୍ତ କାମରେ ବସ୍ତିବାସିନ୍ଦା ବିଏମ୍‌ସିକୁ ସାହାଯ୍ୟ କରିବା ସହ ଅଳିଆ ଆବର୍ଜନା ଓ ଗଛଗୁଡ଼ିକୁ ଉଠାଇଛନ୍ତି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍, ୟୁଏନ୍‌ଏଫ୍‌ପିଏ, ହମାରା ବଚପନ ଓ ଅନ୍ୟ ଠିକାସଂସ୍ଥା ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇଛି। ଶହୀଦ ନଗର ତେଲୁଗୁ ବସ୍ତି, ଶାନ୍ତିନଗର, ଜଗନ୍ନାଥ ବସ୍ତି ପ୍ରେସ୍ କଲୋନୀ, ଗଙ୍ଗନଗର, ଓୟୁଏଟି, କେଦାରପଲ୍ଲୀ, ଝରଣା ସାହି, ତାରିଣୀ ଓ ନିରାଙ୍କାରୀ ନଗର ବସ୍ତିବାସିନ୍ଦା ନିଜ ନିଜ ବସ୍ତିରେ ସଫେଇ କାମ କରିଛନ୍ତି। ଖାଲି ସଫେଇ କର୍ମଚାରୀଙ୍କୁ ସାହାଯ୍ୟ କରିନାହାନ୍ତି, ବରଂ ସେମାନଙ୍କ ଲାଗି ଖାଦ୍ୟପେୟ ବ୍ୟବସ୍ଥା ମଧ୍ୟ କରିଛନ୍ତି।




### କର୍କଟରେ ପୀଡ଼ିତ ଟେଲି ଅଭିନେତ୍ରୀ ରାଜେଶ୍ୱରୀ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ଜଣାଶୁଣା ଓଡ଼ିଆ ଟେଲି ଅଭିନେତ୍ରୀ ରାଜେଶ୍ୱରୀ ରାୟ ମହାପାତ୍ରଙ୍କ ଆରୋଗ୍ୟ କାମନା କରିଛନ୍ତି ତାଙ୍କ ପ୍ରଶଂସକ। କର୍କଟରେ ଆକ୍ରାନ୍ତ ହେବା ସମ୍ପର୍କରେ ରାଜେଶ୍ୱରୀ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଚାରିଆଡୁ ତାଙ୍କ ପ୍ରତି ଥିବା ଭଲପାଇବା ଓ ସ୍ନେହଶ୍ରଦ୍ଧା ଅଜାଡ଼ି ହୋଇପଡ଼ିଛି। ଶୀଘ୍ର ସୁସ୍ଥ ହୋଇ ପୁଣିଥରେ ଟେଲିଭିଜନ ପରଦାକୁ ବ୍ୟାକ୍ କରିବାକୁ ତାଙ୍କ ପ୍ରଶଂସକମାନେ କହିଛନ୍ତି।

#### ଆବେଗ ପ୍ରବଣ ହୋଇ ପ୍ରଶଂସକଙ୍କୁ ଜଣାଇଲେ

ଏକାଧିକ ଓଡ଼ିଆ ଧାରାବାହିକରେ ଅଭିନୟ କରି ଓଡ଼ିଶାର ଘରେ ଘରେ ପରିଚିତ ଚେହେରା ପାଲଟିଥିବା ରାଜେଶ୍ୱରୀ ବ୍ରେନ୍ ଓ ଲଙ୍ଗ୍‌ସ କ୍ୟାନ୍‌ସରରେ ପୀଡ଼ିତ ହୋଇଛନ୍ତି। ଏ ନେଇ ସେ ନିଜ ଫେସ୍‌ବୁକରେ ଦୁଇଟି ଫଟୋ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସେ କର୍କଟ ସହ ଲଢ଼େଇ କରୁଛନ୍ତି ଓ ଏଥିରେ ନିଶ୍ଚୟ ବିଜୟ ହାସଲ କରିବେ ବୋଲି କହିଛନ୍ତି। ଏହାସହ ତାଙ୍କ ଅଭିନୀତ ଚରିତ୍ର ତାରା ପଟ୍ଟନାୟକ ରୂପରେ ସେ ଖୁବ୍‌ଶୀଘ୍ର ଟେଲିଭିଜନକୁ ଫେରିବେ ବୋଲି ମଧ୍ୟ କହିଛନ୍ତି। ଭଗବାନଙ୍କ ଆଶୀର୍ବାଦ ସହ ଲୋକଙ୍କ ଆଶୀର୍ବାଦ କାମନା କରି ସେ ଏହି ପୋଷ୍ଟ କରିଛନ୍ତି। ଏହି ଖବର ତାଙ୍କ ପ୍ରଶଂସକଙ୍କୁ ଗଭୀର ଧକ୍କା ଦେଇଥିବା ବେଳେ ସମସ୍ତେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା: ପଟା ପୋଲରେ ଯାଉଛନ୍ତି ଶ୍ରୀଜୀଉ

ପୁରୁଣା ଭୁବନେଶ୍ୱର, ୧୪।୫ (ଡି.ଏନ.ଏ.)

ଅକ୍ଷୟ ତୃତୀୟଠାରୁ ଚାଲିଛି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା। ୨୨ ଦିନ ଧରି ଅନୁଷ୍ଠିତ ଯାତ୍ରାରେ ଶ୍ରୀଜୀଉମାନେ ବିନ୍ଦୁସାଗରକୁ ଯାଇ ଚାପ କ୍ରୀଡା କରୁଛନ୍ତି। ଚଳିତବର୍ଷ ଠାକୁରଙ୍କ ଚନ୍ଦନ ଯାତ୍ରାରେ ଦିଅଁଙ୍କ ବିଜେ ରାସ୍ତାରେ କାଠ ପଟା ପକାଇବାପରେ ଉପରେ ଦେଇ ସ୍ୱମନ୍ଦିରକୁ ଯାତ୍ରା କରୁଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରଥମ କଥା ହେଲା ୧୫ଦିନ ପୂର୍ବରୁ ଆରମ୍ଭ ହୋଇଥିବା ରଥଦାଣ୍ଡର ତିନିମୁଣ୍ଡିଆ ମନ୍ଦିରଠାରେ ଡ୍ରେନ୍ ନିର୍ମାଣ ପୂର୍ବରୁ ଭାବିବାର ଥିଲା। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ଯାନିଯାତ୍ରା ୧୨ ମାସରେ ୧୩ ପର୍ବ ରହିଛି। ଅନ୍ୟପକ୍ଷେ ଚନ୍ଦନଯାତ୍ରା ଭଳି ୨୨ ଦିନ ଯାତ୍ରା ପ୍ରତି ସମସ୍ତେ ଅବଗତ ରହିଛନ୍ତି। କାମ ଆରମ୍ଭ ପୂର୍ବରୁ ଦୁରଦୃଷ୍ଟି ରଖି ମନ୍ଦିର ପ୍ରଶାସନ କିମ୍ବା ସେବାୟତ ସମ୍ପୃକ୍ତ ଠିକାଦାରଙ୍କୁ ଅବଗତ କରାଇଥାନ୍ତେ ତାହା ହେଲେ ଏଭଳି ସମସ୍ୟା ଦେଖାଦେଇ ନ ଥାନ୍ତା। ଯାତ୍ରା ସହ ଠାକୁରଙ୍କ ବିଜେ ରାସ୍ତା ସମ୍ପର୍କ ରହିଛି। ଏହା ପରମ୍ପରା ସହ ମଧ୍ୟ ଜଡିତ। ତେଣୁ ଶୀତଳଷଷ୍ଠୀ ମାର୍ଗ ଦେଇ ରଥଦାଣ୍ଡକୁ ଶୋଭାଯାତ୍ରା ବାହାରିବାର ବାଟ ଥିଲେ ହେଁ ଏହା ବିଜେ ରାସ୍ତା ବ୍ୟତିକ୍ରମ ହେବ ତେଣୁ ତତ୍କାଳ ପଟା ପକାଇ ଏହି ବାଟେ ଶ୍ରୀଜୀଉମାନଙ୍କୁ ବିରାଜମାନ କରାଯାଉଥିବା ମନ୍ଦିର ସୁରପରଭାଇଜର ତଥା ସେବାୟତ ରାଜକିଶୋର ମହାପାତ୍ର କହିଛନ୍ତି। ଅନ୍ୟପକ୍ଷେ ପଟାରେ ସଂକୋଚିତ ରାସ୍ତାରେ, ଉଭୟପାର୍ଶ୍ୱରେ ବାଲି ଏବଂ ଗୋଡି ଗଦା ହୋଇ ରହିଛି। ବିମାନ ଏବଂ ପାଲିଙ୍କି ବହନ କରୁଥିବା ସେବାୟତମାନଙ୍କ ପାଇ ଏହା ବଡ ସମସ୍ୟା ସୃଷ୍ଟି କରୁଥିବା ସେମାନେ ନାମ ଗୋପନ ରଖି କହିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଭାଗ ଠାକୁରଙ୍କ ବିଜେ ରାସ୍ତାକୁ ସମ୍ପନ୍ନ କରାଇଲେ ବାକି ରହିଥିବା ଚନ୍ଦନଯାତ୍ରାର ଅନ୍ୟ ଦିନଗୁଡିକରେ ସମସ୍ୟା ରହନ୍ତା ନାହିଁ ବୋଲି ଦାବି ହୋଇଛି।




## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ମନୋଜ



ନିରୋଜକାନ୍ତ



ରାଜକୁମାର



ପବିତ୍ର



ସୌଭାଗ୍ୟ



ପ୍ରଭାକର



କାହ୍ନା



ଲକି

# ଉଜୁଡ଼ିଯାଇଛି ଔଷଧୀୟ ବୃକ୍ଷ ଜ୍ଞାନ କେନ୍ଦ୍ର

- ୧୬ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷ ନଷ୍ଟ, ୬ହଜାର ସାମାନ୍ୟ କ୍ଷତିଗ୍ରସ୍ତ
- ଭାଙ୍ଗିଯାଇଛି ଗ୍ରୀନ୍ ହାଉସ, ୨୦୦ ମିଟର ପାଚେରି
- ବାଉଁଶ ଉଦ୍ୟାନ, ତାରକା ଗାର୍ଡେନ ଧ୍ୱଂସ








ଭୁବନେଶ୍ୱର, ୧୪।୫(ସ୍ଥିତପ୍ରଜ୍ଞ ମିଶ୍ର)

ବାତ୍ୟାରେ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି ଭୁବନେଶ୍ୱର ପାତ୍ରପଡ଼ାସ୍ଥିତ ଔଷଧୀୟ ବୃକ୍ଷ ଜ୍ଞାନ କେନ୍ଦ୍ର। ୧୫୦ ଏକର ପରିମିତ ସବୁଜିମା ଭରା ଏହି କେନ୍ଦ୍ରର ଗ୍ରୀନ୍ ହାଉସଠାରୁ ଆରମ୍ଭ କରି ବାଉଁଶ ଉଦ୍ୟାନ ଓ ଔଷଧୀୟ ପାର୍କ ସବୁକିଛି ଧରାଶାୟୀ ହୋଇପଡ଼ିଛି। ଯେଉଁଠି ଦେଖିଲେ ଖାଲି ଉପୁଡ଼ିଥିବା ଓ ଭାଙ୍ଗିଥିବା ଗଛ ହିଁ ଦେଖିବାକୁ ମିଳୁଛି। ଏଠାରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୩୨ହଜାରରୁ ଊର୍ଦ୍ଧ୍ୱ ଔଷଧୀୟ ଗୁଳ୍ମ ଓ ବୃକ୍ଷ ରହିଥିଲା। ସେଥିମଧ୍ୟରୁ ୧୬ ହଜାରରୁ ଊର୍ଦ୍ଧ୍ୱ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାବେଳେ ୬ହଜାର ଗଛ ସାମାନ୍ୟ ଭାବେ କ୍ଷତିଗ୍ରସ୍ତ ହୋଇଛି। ଗ୍ରୀନ୍ ହାଉସ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ସେଥିମଧ୍ୟରେ ସଂରକ୍ଷିତ ବହୁ ଔଷଧୀୟ ଗୁଳ୍ମ ଓ ଗଛ ନଷ୍ଟ ହୋଇଛି। ପ୍ରବଳ ଖରାରେ ସେଗୁଡ଼ିକ ଶୁଖି ମରିଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ସାମାନ୍ୟ କ୍ଷତିଗ୍ରସ୍ତ ବୃକ୍ଷଗୁଡ଼ିକୁ ପୁନଃରୋପଣ ପ୍ରଣାଳୀରେ ଛିଡ଼ା କରାଯାଇ ସେଥିରେ ସାହାବାଡ଼ି ଦିଆଯାଇ ଜୀବନ୍ତ ରଖିବାକୁ ଚେଷ୍ଟା କରାଯାଉଛି। ତେବେ ଭାଙ୍ଗିଥିବା ବୃକ୍ଷଗୁଡ଼ିକୁ ଶୀଘ୍ର ହଟାଯାଇ ସେଠାରେ ନୂତନ ବୃକ୍ଷରୋପଣ କରାଯିବ ବୋଲି ଭୁବନେଶ୍ୱର ବନାଞ୍ଚଳ ଅଧିକାରୀ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ କହିଛନ୍ତି।

ସେହିଭଳି ବାଉଁଶ ଉଦ୍ୟାନରେ ୫୩ ପ୍ରଜାତିର ବାଉଁଶ ଗଛକୁ ସଂରକ୍ଷଣ କରାଯାଉଥିବାବେଳେ ଅନେକ ବାଉଁଶ ବୁଦା ଉପୁଡ଼ିଯାଇଛି। ବାକିଥିବା କିଛି ବୁଦାରୁ ହାତଗଣତି ବାଉଁଶ ଛିଡ଼ା ହୋଇଥିବା ଦୃଶ୍ୟ ଦେଖିବାକୁମିଳୁଛି। ଔଷଧୀୟ ବଗିଚା (ତାରକା ଗାର୍ଡେନ)ଟି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହା ଭିତରେ ଥିବା ଔଷଧୀୟ ବୃକ୍ଷଗୁଡ଼ିକ ନଷ୍ଟ ହୋଇଯାଇଛି। ବୃକ୍ଷକେନ୍ଦ୍ରର ୨୦୦ ମିଟରରୁ ଊର୍ଦ୍ଧ୍ୱ ଲମ୍ବର ପାଚେରି ଭାଙ୍ଗି ପଡ଼ିଛି।

୨୦୦୩ରୁ ବନ ବିଭାଗ ଦ୍ୱାରା ଔଷଧୀୟ ବୃକ୍ଷ ଜ୍ଞାନ କେନ୍ଦ୍ର ଆରମ୍ଭ କରାଯାଇଥିଲା। ଏହା ପରିସରରେ ହରିଡ଼ା, ବାହାଡ଼ା, କୁସୁମ, ରୁଦ୍ରାକ୍ଷ, ଚମଣା, କୁମ୍ଭାରୀ, ଥାଲକୁଡ଼ି, ବାନ୍ଧଣ, ପୁହୁଳା, ନାଗମଣି, ରକ୍ଷାକବଚ ପରି ବହୁ ଔଷଧୀୟ ବୃକ୍ଷ ରହିଛି। ଏହି ଔଷଧୀୟ ବୃକ୍ଷଗୁଡ଼ିକ ଉପରେ ଗବେଷଣା କରିବା ଲାଗି ରାଜ୍ୟ ତଥା ବାହାରୁ ଛାତ୍ରୀଛାତ୍ରମାନେ ଆସିଥାନ୍ତି। ଏଥିପାଇଁ ପ୍ରତ୍ୟେକ ଔଷଧୀୟ ବୃକ୍ଷ ନିକଟରେ ସମ୍ପୂର୍ଣ୍ଣ ବିବରଣୀ ଥିବା ଏକ ବୋର୍ଡ଼ ଲଗାଯାଇଛି। କେବଳ ଛାତ୍ରୀଛାତ୍ର ନୁହନ୍ତି, ରାଜ୍ୟ ତଥା ବାହାରୁ ପର୍ଯ୍ୟଟକମାନେ ମଧ୍ୟ ଏଠାକୁ ବୁଲିବାକୁ ଆସି ଔଷଧୀୟ ବୃକ୍ଷ ବିଷୟରେ ଜାଣିବାକୁ ପାଇଥାନ୍ତି। ଗତ ଜାନୁୟାରୀ ୧୪ରୁ ଏଥିରେ ଜନସାଧାରଣଙ୍କୁ ଭ୍ରମଣ ଲାଗି ସୁଯୋଗ ଦିଆଯାଇଥିଲା।

## ଆଶ୍ରାରେ ବଞ୍ଚିଛି ସ୍ମୃତିବନ ଗଛ

ଔଷଧୀୟ ବୃକ୍ଷ ଜ୍ଞାନ କେନ୍ଦ୍ରକୁ ଲାଗି ରହିଛି ସ୍ମୃତି ବନ। ପରଲୋକରେ ଥିବା ପିତାମାତାଙ୍କ ସ୍ମୃତିରେ ଗୋଟିଏ ବୃକ୍ଷ ଲଗାଇବା ଓ ବଡ଼ ହେବା ପର୍ଯ୍ୟନ୍ତ ତା'ର ଯତ୍ନ ନେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ଏହି ଉଦ୍ୟାନ। ବନ ବିଭାଗ ପକ୍ଷରୁ ଏହାର ସଂରକ୍ଷଣ କରାଯାଉଛି। ହେଲେ ବାତ୍ୟାରେ ଏହି ବନ କ୍ଷତିଗ୍ରସ୍ତ ହୋଇଛି। ଉପୁଡି ପଡ଼ିଥିବା ଛୋଟ ଛୋଟ ଗଛଗୁଡ଼ିକୁ ଏବେ ପୁନଃରୋପଣ କରାଯିବା ସହ ଆଶ୍ରା ଦିଆଯାଇଛି। ପ୍ରତିଦିନ ୨ଥର ପାଣି ଦିଆଯାଇ ଆବଶ୍ୟକ ଯତ୍ନ ନିଆଯାଉଛି।

## ପୁନରୁଦ୍ଧାରରେ ଲାଗିବ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା



ଔଷଧୀୟ ବୃକ୍ଷ ଜ୍ଞାନ କେନ୍ଦ୍ର ଓ ସ୍ମୃତି ବନରେ ପୁନଃରୋପଣ ଓ ନୂଆ ବୃକ୍ଷରୋପଣ ପ୍ରକ୍ରିୟା ଜାରି ରହିଛି। ଉପୁଡ଼ି ପଡ଼ିଥିବା ଗଛଗୁଡ଼ିକୁ କାଟି ସେହି ସ୍ଥାନରେ ଚାରା ଲଗାଯାଉଛି। ଭାଙ୍ଗିଥିବା ପାଚେରିଗୁଡ଼ିକର ଶୀଘ୍ର ପୁନରୁଦ୍ଧାର କାର୍ଯ୍ୟ କରାଯିବ। ଏହି କେନ୍ଦ୍ରକୁ ପୁଣି ତା'ର ପୂର୍ବରୂପକୁ ଫେରାଇ ଆଣିବା ଲାଗି ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ବୃକ୍ଷଜ୍ଞାନ କେନ୍ଦ୍ରର ପୁନରୁଦ୍ଧାରରେ କୋଟିଏରୁ ଊର୍ଦ୍ଧ୍ୱ ଅର୍ଥରାଶି ଖର୍ଚ୍ଚ ହେବ।

**- ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଭୁବନେଶ୍ୱର ବନାଞ୍ଚଳ ଅଧିକାରୀ**



କ୍ଷତିଗ୍ରସ୍ତ ଗ୍ରୀନ୍ ହାଉସ୍।



ଔଷଧୀୟ ବୃକ୍ଷ ଜ୍ଞାନ କେନ୍ଦ୍ର ପରିସର ଗଛଶୂନ୍ୟ। ଫଟୋ: ମୌସୁମ ନନ୍ଦ

# ବାଲୁଖଣ୍ଡରେ ହରିଣ ଖୋଜିବ ଡ୍ରୋନ୍ କ୍ୟାମେରା



ଭୁବନେଶ୍ୱର,୧୪।୫(ବ୍ୟୁରୋ)

ବାତ୍ୟା 'ଫନୀ' ଦ୍ୱାରା ପୁରୀ ବାଲୁଖଣ୍ଡ ଅଭୟାରଣ୍ୟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏଠାରେ ଥିବା ପ୍ରାୟ ୪ ହଜାର ଚିତ୍ରା ହରିଣଙ୍କର କୌଣସି ପତ୍ତା ମିଳୁନାହିଁ। ଏହି ହରିଣମାନଙ୍କୁ ଖୋଜିବା ପାଇଁ ଡ୍ରୋନ୍ କ୍ୟାମେରା ବ୍ୟବହାର କରାଯିବ। ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଅଭୟାରଣ୍ୟର କୋର୍ ଏରିଆରେ ହରିଣଙ୍କୁ ଖୋଜାଯିବ ବୋଲି ପିସିସିଏଫ୍(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଜୟ ମହାପାତ୍ର କହିଛନ୍ତି। ପୁରୀ-କୋଣାର୍କ ମଧ୍ୟରେ ପ୍ରାୟ ୭୨ କିଲୋମିଟର ପରିବ୍ୟାପ୍ତ ଏହି ଅଭୟାରଣ୍ୟ। ଏଠାରେ ବାତ୍ୟା ପରେ ହରିଣଙ୍କ ସନ୍ଧାନ ମିଳୁନାହିଁ। ବର୍ତ୍ତମାନ ସୁଦ୍ଧା ଆମେ ଗୋଟିଏ ହରିଣର ମୃତ ଶରୀର ପାଇଛୁ। ଅନ୍ୟ ହରିଣଙ୍କୁ ଠାବ କରିପାରିନାହୁଁ। ସାଧାରଣତଃ ହରିଣମାନେ ଖାଦ୍ୟ ସଂଗ୍ରହ ପାଇଁ ଲୁଚି ରହିଥିବା ସ୍ଥାନରୁ ରାତିରେ ବାହାରକୁ ଆସିଥାଆନ୍ତି। କିନ୍ତୁ ବାଲୁଖଣ୍ଡରେ ବନ କର୍ମଚାରୀମାନେ ଦିନବେଳା ଖୋଜୁଛନ୍ତି। ତେଣୁ ହରିଣ ଦେଖାଯାଉ ନାହାନ୍ତି। ଡ୍ରୋନ୍ କ୍ୟାମେରା ବ୍ୟବହାର କଲେ ହରିଣଙ୍କୁ ଠାବ କରାଯାଇପାରିବ ବୋଲି ପିସିସିଏଫ୍ କହିଛନ୍ତି। ସେପଟେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି, ବାତ୍ୟା ଯୋଗୁ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଅନେକ ହରିଣଙ୍କ ମୃତ୍ୟୁ ହୋଇଛି। ଜୀବଜନ୍ତୁଙ୍କ ଉପରେ ଗଛ ଉପୁଡ଼ି ପଡ଼ିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ଅନେକ ମୃତଶରୀର ଜବତ ମଧ୍ୟ ହୋଇଛି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ସାମୁଦ୍ରିକ ଝଡ଼ 'ଫନୀ' ପୁରୀରେ ଲ୍ୟାଣ୍ଡଫଲ୍ କରିବା ପରେ ବାଲୁଖଣ୍ଡ ଅଭୟାରଣ୍ୟ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ଅଭୟାରଣ୍ୟରେ ୪୦୦୦ରୁ ଅଧିକ ଚିତ୍ରା ହରିଣ ବାସ କରୁଥିଲେ। ହେଲେ ବାତ୍ୟା ପରେ ଏଠାରେ ହରିଣ ଦେଖିବାକୁ ମିଳି ନ ଥିଲା।

# କଟକରେ ପାନୀୟଜଳ ବ୍ୟବସ୍ଥାକୁ ନେଇ ଲୋକେ ହନ୍ତସନ୍ତ

କଟକ ଅଫିସ,୧୪।୫

ଦିନକୁ ଦିନ ବଢୁଛି ଖରାର ପ୍ରକୋପ। ଏମିତିକି ସକାଳ ୯ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟସାଧ ହୋଇପଡୁଛି। ସହରର ରାସ୍ତାଘାଟ ଖାଁ ଖାଁ ହେବା ସହ କେତେକ ଜରୁରିକାଳୀନ କାମରେ ହିଁ ଲୋକେ ବାହାରକୁ ଯାଉଛନ୍ତି। କଟକ ସହର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ବେଳେ ସହର ଏବଂ ଜିଲାରୁ ବହୁଲୋକ ଏଠାକୁ ଆସିଥାନ୍ତି। ଏଥିସହ ହାଇକୋର୍ଟ କାମରେ ମଧ୍ୟ ଲୋକେ କଟକ ଆସିଥାନ୍ତି। ଖରାର ପ୍ରକୋପ ବଢୁଥିଲେ ମଧ୍ୟ କଟକ ମହାନଗର ନିଗମ ପକ୍ଷରୁ ପିଇବା ପାଣି ନେଇ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏପରି କି ସହରରେ ଥିବା ପାଣି ପାଇପ୍ ଖରାପ ହୋଇଯାଇଥିଲେ ମଧ୍ୟ ତାହା ମରାମତି କରି ପାଣି ଯୋଗାଇବା ବ୍ୟବସ୍ଥା ସିଏମ୍‌ସି କରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ସହରର ପ୍ରମୁଖ ସ୍ଥାନ କୁହାଯାଉଥିବା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ, ମଙ୍ଗଳାବାଗ, ଏସ୍‌ସିବି ମେଡିକାଲ ଛକ, କଲେଜ ଛକ, ହାଇକୋର୍ଟ ଛକ ଆଦି ଅଞ୍ଚଳରେ ଲୋକେ ପାଣି ନ ପାଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସହରବାସିନ୍ଦା ପ୍ରଶାନ୍ତ ପଣ୍ଡା କହିଛନ୍ତି, ସହରରେ ସିଏମ୍‌ସି ପକ୍ଷରୁ ପାଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା କଥା। କିନ୍ତୁ ତାହା ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ସହରର ଅନେକ ଜନଗହଳିପୂର୍ଣ୍ଣ ସ୍ଥାନରେ ସିଏମ୍‌ସି ପାଣି ବନ୍ଦୋବସ୍ତ ନ କରିପାରିଲେ ମଧ୍ୟ ସହରରେ ଥିବା ପାଣି ଟ୍ୟାପ୍‌କୁ ମରାମତି କରି ଏହାକୁ ଚଲାଇବା କଥା। କିନ୍ତୁ ସିଏମ୍‌ସି ତାହା ମଧ୍ୟ କରୁନାହିଁ। ଏ ସମ୍ପର୍କରେ ସିଏମ୍‌ସିର ଡେପୁଟି କମିଶନର ଦେବାଶିଷ ମହାପାତ୍ର କୁହନ୍ତି, ସହରରେ ପାଣି ପାଇଁ ବ୍ୟବସ୍ଥା କରାଯାଇଛି। ଏହାସହ ସହରରେ ଥିବା ବ୍ୟାଙ୍କଗୁଡ଼ିକ ସହାୟତାରେ ମଧ୍ୟ ଲୋକଙ୍କୁ ପାଣି ଯୋଗାଇ ଦିଆଯାଉଛି। ଯେଉଁଠି ଟ୍ୟାପ୍‌ଗୁଡ଼ିକ କାର୍ଯ୍ୟ କରୁନି ବୋଲି ଅଭିଯୋଗ ଆସୁଛି, ସେସବୁକୁ ମରାମତି କରି ପାଣି ଯୋଗାଯାଉଛି ବୋଲି ଡେପୁଟି କମିଶନର ସୂଚନା ଦେଇଛନ୍ତି।

ଫନୀ ମାଡ଼ରେ କଇଁଛ ଅଣ୍ଡା କାଞ୍ଜିଆ

# ଏ ବର୍ଷ ଅଣ୍ଡାରୁ ଛୁଆ ଫୁଟିବା ହାର କମିବ

ହେମନ୍ତ ନାୟକ
ପୁରୀ ଅଫିସ,୧୪।୫



ବାତ୍ୟା 'ଫନୀ' କେବଳ ମଣିଷଙ୍କ କ୍ଷତି କରିନି ବରଂ ସମସ୍ତ ଜୀବଜନ୍ତୁଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଛି। ଅଣ୍ଡା ଦେବାକୁ ଓଡ଼ିଶା ଉପକୂଳକୁ ଆସିଥିବା ଅଲିଭ୍ ରିଡ୍‌ଲେଙ୍କ ବଂଶ ବୃଦ୍ଧି ଉପରେ ବି ପ୍ରଭାବ ପକାଇଛି। ଫନୀ ମାଡ଼ରେ ହଜାର ହଜାର କଇଁଛ ଅଣ୍ଡା କାଞ୍ଜିଆ ହୋଇଯାଇଥିବା ଜଣାପଡ଼ିଛି। ଫଳରେ ଚଳିତବର୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାରୁ ଛୁଆ ଫୁଟିବା ହାର କମ୍ ରହିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ସାଧାରଣତଃ ପ୍ରତିବର୍ଷ ନଭେମ୍ବର ମାସରୁ ଲକ୍ଷାଧିକ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥାନ୍ତି। କୂଳରୁ ୫ରୁ ୧୦ କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ଏଠାରେ ତାଙ୍କର ମିଳନ ହୋଇଥାଏ। ଓଡ଼ିଶାର ଗହୀରମଥା, ରଷିକୂଲ୍ୟା ନଦୀ ମୁହାଣ ଏବଂ ପୁରୀ ଜିଲାର ଦେବୀ ମୁହାଣ ଉପକୂଳ ଅଞ୍ଚଳରେ ଏମାନେ ଅଧିକ ସଂଖ୍ୟାରେ ଦେଖାଯାନ୍ତି। ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ନଭେମ୍ବରରୁ ମେ ୩୧ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ଉପରେ କଟକଣା ଲଗାଯାଇଥାଏ। ଚଳିତବର୍ଷ ମଧ୍ୟ ବହୁ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିଛନ୍ତି। ମାତ୍ର ଅନିୟମିତ ଜଳବାୟୁ ଯୋଗୁ ଏ ବର୍ଷ କଇଁଛଙ୍କ ଅଣ୍ଡାଦାନରେ ବିଳମ୍ବ ଘଟିଥିଲା। ତଥାପି ବହୁ ସଂଖ୍ୟାରେ କଇଁଛ ଅଣ୍ଡାଦାନ କରିଥିଲେ। ଫେବୃୟାରୀ କିମ୍ବା ମାର୍ଚ୍ଚ ମାସରେ ଅଲିଭ୍‌ରିଡଲେ ସମୂହ ଅଣ୍ଡାଦାନ କରିଥାନ୍ତି। ବହୁ ସଂଖ୍ୟାରେ କଇଁଛ ବେଳାଭୂମି ବାଲିକୁ ଉଠି ଅଣ୍ଡା ଦେଇଥାନ୍ତି। ପ୍ରାୟ ଅନ୍ଧାର ରାତିରେ ମାଈ ଅଲିଭ୍ ରିଡ୍‌ଲେ ବେଳାଭୂମିକୁ ଉଠି ଆସନ୍ତି। ପଛ ଦୁଇପାଦରେ ବାଲିରେ ଦେଢଫୁଟର ଗାତ ଖୋଳି ୮୦ରୁ ୧୨୦ଟି ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି। ଅଣ୍ଡା ଦେବା ପରେ ଗାତକୁ ପଛ ଦୁଇପାଦରେ ଘୋଡାଇ ଦିଅନ୍ତି। ଶେଷରେ ସେହି ଜାଗାକୁ ପେଟରେ ଥାପି ସେମାନେ ସମୁଦ୍ରକୁ ଫେରିଯାନ୍ତି। ମାତ୍ର ରାତିରେ ବିଲୁଆ, ହେଟା ଭଳି କେତେକ ପ୍ରାଣୀ ବାଲି ଖୋଳି ଅଣ୍ଡାଗୁଡ଼ିକ ଖାଇଥାନ୍ତି ଏବଂ ଅନେକ ନଷ୍ଟ କରିଦିଅନ୍ତି। ତେଣୁ କଇଁଛ ଦେଇଥିବା ଅଣ୍ଡାଗୁଡ଼ିକ ସଂଗ୍ରହ କରି ନିର୍ଦ୍ଦିଷ୍ଟ ସ୍ଥାନରେ ଏହାକୁ ବନ ବିଭାଗ ପୋତି ସୁରକ୍ଷା ଦେଇଥାଏ। ଅଣ୍ଡାରୁ ଛୁଆ ଫୁଟିବା ପରେ ସେଗୁଡ଼ିକୁ ସମୁଦ୍ରରେ ଛାଡ଼ିଥାଏ। ଯେଉଁଠାରେ ବନ ବିଭାଗ ପକ୍ଷରୁ ଅଣ୍ଡା ପୋତାଯାଏ ତାହାକୁ ଅସ୍ଥାୟୀ ହାଚେରୀ କୁହାଯାଏ।

ଚଳିତବର୍ଷ ପୁରୀ ବନ ବିଭାଗ ପକ୍ଷରୁ କହଁରପୁର, ଚନ୍ଦ୍ରଭାଗା, ଗଙ୍ଗାଦେବୀ, ଡାଲୁଅକଣି ଏବଂ ନୂଆନଈ ୫ଟି ଜାଗାରେ ହାଚେରି ତିଆରି କରାଯାଇଥିଲା। ବନ ବିଭାଗ କର୍ମଚାରୀମାନେ ବେଳାଭୂମିର ବିଭିନ୍ନ ସ୍ଥାନରୁ କଇଁଛ ଅଣ୍ଡା ସଂଗ୍ରହ କରି ଏହି ହାଚେରିରେ ରଖିଥାନ୍ତି। ଏହାକୁ ବାଲିରେ ପୋତି ସୁରକ୍ଷା ଦେଇଥାନ୍ତି। ସାଧାରଣତଃ ଅଣ୍ଡାଗୁଡ଼ିକ ବାଲିର ଉଷ୍ମତାରୁ ୪୫ରୁ ୬୦ଦିନରେ ଫୁଟିଥାଏ। ଏପ୍ରିଲ ଶେଷରୁ ଜୁନ୍ ପ୍ରଥମ ସପ୍ତାହ ମଧ୍ୟରେ ଛୁଆ ଫୁଟିଥାନ୍ତି। ବାଲି ଭିତରୁ ଫୁଟି ପ୍ରତି ହାଚେରିରୁ ଶିଶୁ କଇଁଛ ଏକାଠି ଉପରକୁ ବାହାରିଥାନ୍ତି। ଚଳିତବର୍ଷ ପାଣିପାଗ ଅନୁଯାୟୀ ମେ'ମାସରେ ଅଣ୍ଡାରୁ ଛୁଆ ଫୁଟିବା ସମୟ ରହିଥିଲା। ହେଲେ ଚଳିତ ମାସ ପ୍ରଥମ ସପ୍ତାହରେ ବାତ୍ୟା ଫନୀ ସବୁକିଛି ବିଗାଡ଼ିଦେଇଛି। ପୁରୀ ଜିଲାରେ ସ୍ଥଳଭାଗ ଛୁଇଁଥିବା ଫନୀ ବ୍ୟାପକ ମାତ୍ରାରେ କ୍ଷୟକ୍ଷତି ଘଟାଇଛି। ବର୍ଷା, ପବନ ଫଳରେ ହାଚେରି ପ୍ରଭାବିତ ହୋଇଛି। ଠିକ୍ ଛୁଆ ଫୁଟିବା ସମୟରେ ଆବଶ୍ୟକ ତାପମାତ୍ରା ନ ପାଇବା ଯୋଗୁ ବହୁ ସଂଖ୍ୟାରେ ଅଣ୍ଡା କାଞ୍ଜିଆ ହୋଇଯାଇଥିବା ବନ ବିଭାଗର ଜଣେ କର୍ମଚାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର ମହାପାତ୍ର କହିଛନ୍ତି, କହଁରପୁର ଏବଂ ଚନ୍ଦ୍ରଭାଗାରେ ହୋଇଥିବା ହାଚେରୀକୁ ବାତ୍ୟା ପୂର୍ବରୁ ସୁରକ୍ଷା ଦିଆଯାଇଥିଲା। ଅଣ୍ଡା ପୋତାଯାଇଥିବା ସ୍ଥାନ ଉପରେ ଜରିପାଲ ଘୋଡାଯାଇ ତା' ଉପରେ ଦେଢଫୁଟ ଉଚ୍ଚର ବାଲି ବିଛାଇ ଦିଆଯାଇଥିଲା। ବାତ୍ୟା ପରେ ଏହି ସ୍ଥାନରୁ ପାଲ ଖୋଲାଯିବା ପରେ ବହୁ ସଂଖ୍ୟାରେ ଛୁଆ ବାହାରି ସମୁଦ୍ରକୁ ଚାଲିଯାଇଥିଲେ। ତେବେ ଅନ୍ୟାନ୍ୟ ସ୍ଥାନରେ ହୋଇଥିବା ହାଚେରିରେ ଏପରି ସୁରକ୍ଷା ବ୍ୟବସ୍ଥା ହୋଇପାରି ନ ଥିଲା। ତେଣୁ ଏଠାରେ ପୋତାଯାଇଥିବା ଅଣ୍ଡା ପବନ ମାଡ଼ରେ କାଞ୍ଜିଆ ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ କେତେ ଅଣ୍ଡା କାଞ୍ଜିଆ ହୋଇଛି ତାହା ଜଣାପଡିନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ଆଗକୁ ପରୀକ୍ଷା, ଉତ୍କଳ ବିଶ୍ୱବିଦ୍ୟାଳୟରେ ଉହଲବିକଳ ପରିସ୍ଥିତି

# ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୪।୫(ବ୍ୟୁରୋ)



ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକକୁ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ।

- ସ୍ୱାଭାବିକ ସ୍ଥିତିକୁ ଫେରିପାରୁନି ବିଶ୍ୱବିଦ୍ୟାଳୟ
- ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଗରମରେ ଛଟପଟ
- ଆନ୍ଦୋଳନ ପରେ ୫ ହଷ୍ଟେଲକୁ ବିଦ୍ୟୁତ୍ ସଂଯୋଗ

ବାତ୍ୟାରେ ଛାରଖାର ହୋଇଯାଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ଥିତି ୧୬ ଦିନ ପରେ ସ୍ୱାଭାବିକ ହୋଇପାରୁନି। ଏଯାଏ କ୍ୟାମ୍ପସକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନି। ପରିସରରେ ଭଙ୍ଗାଗଛ ଏବେବି ସେମିତି ରହିଥିବାବେଳେ ଅନେକ ସ୍ଥାନରେ ରାସ୍ତାଘାଟ ଅବରୋଧ ଅବସ୍ଥାରେ ରହିଛି। ଏବେ ବିଶ୍ୱବିଦ୍ୟାଳୟ ବନ୍ଦ ରହିଥିବାବେଳେ ଆଗକୁ ବିଭିନ୍ନ ବିଭାଗର ପରୀକ୍ଷା ରହିଛି। ଏଥିପାଇଁ ବହୁ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପାଠପଢୁଛନ୍ତି। ବିଦ୍ୟୁତ୍ ନ ଥିବାରୁ ସେମାନେ ଗରମରେ ଛଟପଟ ହେଉଛନ୍ତି। ଏଥିପ୍ରତି କର୍ତ୍ତୃପକ୍ଷ ଅବା ଅନ୍ୟ କେହି ଗୁରୁତ୍ୱ ଦେଉ ନ ଥିବାରୁ ଶେଷରେ ସେମାନେ ତାତି ଯାଇଛନ୍ତି। ଶୀଘ୍ର ବିଦ୍ୟୁତ୍ ଦାବି କରି ଉତ୍ୟକ୍ତ ଛାତ୍ରୀଛାତ୍ର ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଖବର ପାଇ ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି, ଜୋନ୍ ଏସିପି ଅନୀଲ କୁମାର ମିଶ୍ର ଓ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଅଧିକାରୀମାନେ ସେସୁ କର୍ମଚାରୀଙ୍କ ସହ ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ ଯେ, ରାଜଧାନୀର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ ଦିଆସରିଲାଣି। କିନ୍ତୁ ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନକୁ ଅଣଦେଖା କାହିଁକି ବୋଲି ପ୍ରଶ୍ନ କରିଥିଲେ। ଶେଷରେ ଆସନ୍ତା ୨ଦିନ ଭିତରେ କ୍ୟାମ୍ପସର ସମସ୍ତ ସ୍ଥାନକୁ ବିଦ୍ୟୁତ୍ ଯୋଗାଣ ହେବ ବୋଲି ସେସୁ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଛାତ୍ରୀଛାତ୍ରମାନେ ଫାଟକ ତାଲା ଖୋଲି ଆନ୍ଦୋଳନରୁ ହଟିଥିଲେ। ପରେ ବିଦ୍ୟୁତ୍ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ୧, ୨, ୩,୪ ଓ ୬ ନଂ. ଛାତ୍ରାବାସକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା।

ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆରମ୍ଭରୁ ଅଣଦେଖା କରି ବିଳମ୍ବରେ ତତ୍ପରତା ପ୍ରକାଶ କରୁଛନ୍ତି। ବିଦ୍ୟୁତ ସଂଯୋଗକୁ ନେଇ ଅନିଶ୍ଚିତତା ଦେଖା ଦେଇଥିବାବେଳେ ଛାତ୍ରୀଛାତ୍ରମାନେ ଗରମରେ ଠିକ ଭାବେ ପଢ଼ିପାରୁ ନାହାନ୍ତି। ବାତ୍ୟାରେ କ୍ୟାମ୍ପସ ସହ ୧ନମ୍ବର ଲେଡିଜ ହଷ୍ଟେଲ ପାଚେରି ଭାଙ୍ଗିଯାଇଥିବାରୁ ଅସାମାଜିକ ଲୋକଙ୍କ ପ୍ରବେଶ ଆଶଙ୍କା ରହୁଛି।

ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଭାଙ୍ଗିଯାଇଛି। ଏଥିରୁ ବ୍ୟାଟେରି ଓ ଲାଇଟ୍ ନ ଖୋଲି ନିଆଯାଇଛି। ଶହ ଶହ ଗଛ ନଷ୍ଟ ହୋଇଛି। ପ୍ରାୟ ୨ ଶହ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିବାବେଳେ ମୋଟ ୧୧୦ କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ସରକାରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ରିପୋର୍ଟ ଦିଆଯାଇଛି। କ୍ୟାମ୍ପସର ପରିସ୍ଥିତି ସ୍ୱାଭାବିକ ହୋଇପାରି ନ ଥିବାରୁ ଦୁଇ ଥର ପରୀକ୍ଷା ବାତିଲ କରାଯାଇଛି। ଆସନ୍ତା ୨୦ ତାରିଖରେ ବିଶ୍ୱବିଦ୍ୟାଳୟକୁ ଖୋଲିବାକୁ ନିଷ୍ପତ୍ତି ହୋଇଛି।

ବିଶ୍ୱବିଦ୍ୟାଳୟ କୁଳସଚିବ ଦୟାନିଧି ନାୟକ କହିଛନ୍ତି, ବିଦ୍ୟୁତ ସଂଯୋଗ ପାଇଁ ଚେଷ୍ଟା ଚାଲିଛି। ରାସ୍ତାରୁ ସମସ୍ତ ଗଛକଟା ସରିଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ ଏନ୍‌ଡିଆର୍‌ଏଫ୍ ଟିମ୍ ସହଯୋଗରେ ବିଭିନ୍ନ ବିଭାଗ ଓ ହଷ୍ଟେଲ ପରିସରରୁ ଗଛ କଟାଯାଇଛି। ପରୀକ୍ଷା ପୂର୍ବରୁ ବିଦ୍ୟୁତ ସଂଯୋଗ କରିବାକୁ ଯୋଜନା ରଖାଯାଇଛି। ଏଥିସହ ପାଚେରି ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରିଲିଫ ପଲିଥିନକୁ ନେଇ ମାରପିଟ

ବ୍ରହ୍ମଗିରି, ୧୪।୫(ଡି.ଏନ୍.ଏ.): ରିଲିଫ ପଲିଥିନ ବଣ୍ଟାକୁ କେନ୍ଦ୍ରକରି ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କୁଶୁବେଣ୍ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ମାରପିଟ ସହ ଉତ୍ତେଜନା ପ୍ରକାଶ ପାଇଥିଲା। ସୁଆଁଶବଙ୍ଗଳା ଗ୍ରାମରେ ପଲିଥିନ ବଣ୍ଟାକୁ ନେଇ ବିବାଦ ଦେଖାଦେବାରୁ ଗ୍ରାମକୁ କେତେ ପଲିଥିନ ମିଳିଲା ତାହା ଜାଣିବା ପାଇଁ ସେହି ଗ୍ରାମର କେତେକ ଯୁବକ କୁଶୁବେଣ୍ଟି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚଙ୍କୁ ପଚାରିଥିଲେ। ସେହି ସମୟରେ ପୂର୍ବବିବାଦକୁ ନେଇ କୁଶୁବେଣ୍ଟି ଗ୍ରାମର ଜଣେ ଯୁବକ ସେହି ଯୁବକମାନଙ୍କୁ କମେଣ୍ଟ ମାରିଥିଲେ। ଫଳରେ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଯୁବକମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଅଟକ ରଖିଥିଲେ। ଖବର ପାଇ ବ୍ରହ୍ମଗିରି ପୋଲିସ ପହଞ୍ଚି ଅଟକ ଥିବା ଯୁବକମାନଙ୍କୁ ଉଦ୍ଧାର କରିଥିଲା। ସ୍ଥାନୀୟ ଗ୍ରାମବାସୀ ପୋଲିସକୁ ବିରୋଧ କରିଥିଲେ। ପରେ ପୋଲିସ ଅଧିକ ଫୋର୍ସ ମଗାଇ ଘଟଣାସ୍ଥଳରୁ ଯୁବକମାନଙ୍କୁ ବାହାରକରି ଆଣିବା ସହ କେତେଜଣ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା। ପରେ ଏହି ଘଟଣାର ସମାଧାନ ପାଇଁ ଉଭୟପକ୍ଷ ଥାନାରେ ଆଲୋଚନା କରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ ଆଲୋଚନା ଜାରି ରହିଥିଲା।

### ହସ୍ତଶିଳ୍ପ କାରିଗରଙ୍କ କ୍ଷୟକ୍ଷତି ଦେଖିଲେ ପଦ୍ମଶ୍ରୀ ପ୍ରଭାକର

କୋଣାର୍କ, ୧୪।୫(ଡି.ଏନ୍.ଏ.): ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା ମଙ୍ଗଳବାର କୋଣାର୍କ ଗସ୍ତରେ ଆସି ଫନୀରେ କ୍ଷତିଗ୍ରସ୍ତ ହସ୍ତଶିଳ୍ପ କାରିଗରଙ୍କ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ସେ ନିମାପଡା, ଗୋପ, କୋଣାର୍କ, ଛଇତନା ଅଞ୍ଚଳର ଶତାଧିକ ପଥର ଖୋଦେଇ, ଶାମୁକା, ବେତମାଳି ଓ ଚାନ୍ଦୁଆ ଶିଳ୍ପୀଙ୍କୁ ଭେଟି ସେମାନଙ୍କର ଅସୁବିଧା ସମ୍ପର୍କରେ ଅବଗତ ହୋଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରାୟ ସମସ୍ତ ହସ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର, ଶିଳ୍ପୀମାନଙ୍କ ଘର, କାରିଗର ସହାୟକ ସାମଗ୍ରୀ ଓ ଯନ୍ତ୍ରପାତି କ୍ଷତିଗ୍ରସ୍ତ ହୋଇଥିବା ତାଙ୍କ ନଜରକୁ ଆସିଥିବା ମହାରଣା କହିଛନ୍ତି। ଫନୀରେ କ୍ଷତିଗ୍ରସ୍ତ ପ୍ରତି କାରିଗରଙ୍କୁ ସରକାର ୮୨,୦୦ଟଙ୍କା ଆର୍ଥିକ ସାହାଯ୍ୟ ଦେବାକୁ ଘୋଷଣା କରିଥିବାରୁ ଏଥିନିମନ୍ତେ ଆବେଦନ କରିବାକୁ ସେ ଶିଳ୍ପୀମାନଙ୍କୁ ପରାମର୍ଶ ଦେଇଛନ୍ତି। ହସ୍ତଶିଳ୍ପୀମାନଙ୍କ କ୍ଷୟକ୍ଷତି ଭରଣା ନିମନ୍ତେ ଆବଶ୍ୟକ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ସେ କହିଥିଲେ।

### ରାଶନ କାର୍ଡ ନ ଥିବା ବିପନ୍ନଙ୍କୁ ମିଳୁନି ସହାୟତା

ଗୋପ,୧୪।୫(ଡି.ଏନ୍.ଏ.): ରାଶନ କାର୍ଡ ନ ଥିବା ବିପନ୍ନଙ୍କୁ ଚାଉଳ ଓ କିରୋସିନ ନ ମିଳିବା ନେଇ ଅଭିଯୋଗ ହୋଇଛି। ଗୋପ ବ୍ଲକରେ ରବିବାର ୩୬,୩୨୩ ରାଶନ କାର୍ଡ ହିତାଧିକାରୀଙ୍କୁ ୨ହଜାର ଟଙ୍କା ସହ ଚାଉଳ ମିଳିଥିବା ବେଳେ ବହୁ ଗରିବ ଲୋକଙ୍କୁ ଏହିସବୁ ସୁବିଧା ମିଳି ନାହିଁ। ଏଭଳି ଅଭିଯୋଗ ବିଡିଓ ଦୀପ୍ତିରାଣୀ ଦାସଙ୍କ ନିକଟରେ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ତଦନ୍ତ ପରେ ରାଶନ କାର୍ଡ ନ ଥିବା ଲୋକଙ୍କୁ ଚାଉଳ, କିରୋସିନ ଓ ତେଲ ଦିଆଯିବ ବୋଲି ସେ କହିଛନ୍ତି।

# ଭିଟାମାଟି ସଜାଡୁଛନ୍ତି ବସ୍ତିବାସିନ୍ଦା

ପୁରୀ ଅଫିସ,୧୪।୫

ବାତ୍ୟା 'ଫନୀ' ପୁରୀରେ ତାଣ୍ଡବ ରଚିଲା। ନିମିଷକ ମଧ୍ୟରେ ପୁରୀ ସହର ଧ୍ୱସ୍ତ ବିଧ୍ୱସ୍ତ ହୋଇଗଲା। ଏକାଧିକ ବସ୍ତି ମାଟିରେ ମିଶିଗଲା। ଫାଇଲିନ, ହୁଡହୁଡ, ତିତ୍‌ଲି ବାତ୍ୟାର ଦୁଃଖ ସହିଥିବା ବସ୍ତିବାସିନ୍ଦାଙ୍କ ମେରୁଦଣ୍ଡ ଦୋହଲିଗଲା। ଏତେ ସବୁ ପରେ ଏବେ ବିଭିନ୍ନ ବସ୍ତିରେ ଲୋକେ ନିଜ ଘର ସଜାଡ଼ିବା ଆରମ୍ଭ କରିଛନ୍ତି। ସରକାରୀ ସହାୟତା ମିଳୁ ମିଳୁ କାହିଁ କେତେଦିନ ଲାଗିଯିବ। ତେଣୁ ସେହି ସହାୟତାକୁ ଅପେକ୍ଷା ନ ରଖି ନିଜସ୍ୱ ଉଦ୍ୟମରେ କଷ୍ଟେମଷ୍ଟେ ଘର ମରାମତି କରିବାରେ ଲାଗିପଡ଼ିଛନ୍ତି। ମାଟିତୋଟା, ବଳିଆପଣ୍ଡା, ତ୍ରିଦେବ ନଗର, ଜଗନ୍ନାଥ ବସ୍ତି, ପେଣ୍ଠକଟା ନୋଳିଆ ବସ୍ତି, ଧୋବାଖାଲସ୍ଥିତ ତାରିଣୀ ବସ୍ତି, ନୂଆସାହି ଓ ରେଡିକା ବସ୍ତି, ରାମଚଣ୍ଡି ବାଲି ଉପର ବସ୍ତି, ଘୋଡା ବଜାର, ଷ୍ଟେଶନ ଓ ଶ୍ରୀରାମ ମନ୍ଦିର ନିକଟ ବସ୍ତି, ନରେନ୍ଦ୍ରକୋଣ ନିକଟ ବସ୍ତି ପ୍ରଭୃତି ବାତ୍ୟାରେ ବିଶେଷ ପ୍ରଭାବିତ ହୋଇଛି। ବସ୍ତିବାସିନ୍ଦା ଏବେ ଖାଦ୍ୟ, ପାଣି ପାଇଁ ସଂଘର୍ଷ କରୁଛନ୍ତି। ଯେଉଁଠୁ ଯାହା ସହାୟତା ମିଳୁଛି ତାକୁ ପାଇବା ଲାଗି ଧାଉଁଛନ୍ତି। କାରଣ ନିଜେ ବଞ୍ଚିବା ସହ ପିଲା ଛୁଆଁଙ୍କ ମୁହଁରେ ଦାନା ମୁଠାଏ ଦେବାକୁ ପଡ଼ିବ। ଅନ୍ୟପଟେ ସର୍ବଦା କୋଳାହଳ ଲାଗିରହୁଥିବା ବସ୍ତିଗୁଡିକ ନିଃଶବ୍ଦ ପାଲଟିଯାଇଛି। ସଞ୍ଜ ନଇଁଲେ ଘୋର ଅନ୍ଧକାର ମାଡ଼ି ଆସୁଛି। ଡିବିରି ଆଲୁଅରେ ଯାହା କିଛି ଅନ୍ଧାର ଘୁଞ୍ଚୁଛି। ଅନେକ ଘରେ ଏବେ ଚୁଲି ଜଳୁନାହିଁ। ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ହାତରେ କାମ ନାହିଁ। ରାତି ପାହିଲେ ପିଲାଙ୍କୁ କଣ ଖାଇବାକୁ ଦେବେ ସେନେଇ ଚିନ୍ତାରେ ରହୁଛନ୍ତି। ପ୍ରଶାସନ ପକ୍ଷରୁ ମିଳିଥିବା ରିଲିଫ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ। ବାହାରୁ ମିଳୁଥିବା ରନ୍ଧା ଓ ଶୁଖିଲା ଖାଦ୍ୟ ଖାଇ ଦିନ କାଟୁଛନ୍ତି। ବଳିଆପଣ୍ଡାରେ ଶିବାଶକ୍ତି, ନୋଳିଆ ବସ୍ତି, ବିନାୟକ, ମଙ୍ଗଳା, ସନ୍ତୋଷ, ଜନମଙ୍ଗଳ, ବଙ୍ଗଳା ବସ୍ତି ପ୍ରଭୃତି ରହିଛି। ମଦନ ଭିଲା ଠାରୁ ଆର୍ମି ଗେଷ୍ଟ ହାଉସ ପର୍ଯ୍ୟନ୍ତ ଏହି ବସ୍ତିଗୁଡିକରେ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ଶିବାଶକ୍ତି ବସ୍ତିର ରମେଶ ବାରିକ, କୃଷ୍ଣଚନ୍ଦ୍ର ପରିଡା, ଗୟା ଜେନା ପ୍ରମୁଖ କହିଛନ୍ତି, ଏହି ବସ୍ତିରେ ପିଲା ଛୁଆ ଧରି ଦୀର୍ଘ ବର୍ଷ ହେଲା ରହୁଛୁ। ଫନୀରେ ଘରଦ୍ୱାର ଉଜୁଡ଼ି ଯାଇଛି। ପରିବାର ଲୋକେ ମିଶି ପୁଣି ଥରେ ଘର ସଜାଡିବାରେ ଲାଗିଛୁ। ସରକାରୀ ଅନୁଦାନକୁ ଅପେକ୍ଷା କଲେ ଦିନ ବିତିଯିବ। ଏଣୁ ଧାର ଉଧାର କରି ଘର ନିର୍ମାଣରେ ଲାଗିପଡ଼ିଛୁ। ନୋଳିଆ ବସ୍ତିର ବି. ପିନାକୀ ବେହେରା। ସ୍ୱାମୀଙ୍କୁ ହରାଇବା ପରେ ଏକାକୀ ଦୀର୍ଘ ବର୍ଷ ଧରି ଏଠାରେ ରହୁଛନ୍ତି। ପରିଣତ ବୟସରେ କଷ୍ଟେମଷ୍ଟେ ସେ ବି ନିଜ ଘର ସଜାଡୁଥିବା ଦେଖିବାକୁ ମିଳିଛି। ବଳିଆପଣ୍ଡା ବସ୍ତିରେ ୩ଝିଅ, ଗୋଟିଏ ପୁଅକୁ ନେଇ ରହୁଥିବା ଦିବ୍ୟାଙ୍ଗ ତାରିଣୀ ସାହୁ କହିଛନ୍ତି ଫନୀ ଦୁଃଖ ଦେଇଗଲା। ବହୁ କଷ୍ଟରେ ମୁଣ୍ଡ ଗୁଞ୍ଜିବାକୁ ଘରେ ଖଣ୍ଡେ କରିଥିଲି। ବାତ୍ୟାରେ ସବୁ ମାଟିରେ ମିଶିଗଲା। ପୁଣି ଥରେ ଘର କରିବାକୁ ଚେଷ୍ଟା ଚଳାଇଛି। ୩ପୁଅ, ବୋହୂଙ୍କୁ ନେଇ ମଙ୍ଗଳା ବସ୍ତିରେ ରହୁଥିବା ଶରତ ମଣ୍ଡଳ, ତାଙ୍କ ସ୍ତ୍ରୀ ତରୁଲତା ଏବଂ ଅନ୍ୟମାନେ ମିଳିମିଶି ଚାଳ ଛପର ଘରକୁ ମରାମତି କରିବାରେ ଲାଗିଛନ୍ତି। ସପ୍ତାହକ ମଧ୍ୟରେ ସେମାନେ କାମ ସାରିଦେବେ ବୋଲି ଆଶା ବାନ୍ଧିଛନ୍ତି।



ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ବଳିଆପଣ୍ଡା ବସ୍ତି।

# ନିମାପଡ଼ାରେ ୨୦କୋଟିର କ୍ଷତି ଆକଳନ କଲା ଉଦ୍ୟାନ ବିଭାଗ

ନିମାପଡ଼ା,୧୪।୫(ଡି.ଏନ୍.ଏ.)

'ଫନୀ'ରେ ନିମାପଡ଼ା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ବ୍ଲକର ଛେନୁଆଁ, କଳାପାଞ୍ଚଣ, ଭୋଦର, ମିଟେଇପୁର, ଡେଣୁଆଁ, ରଚିଲୋ, ବରୁଣିଚକ, ଚଅଁରପଦା, ଶଗଡ଼ା, ବଡ଼ମାଛପୁର, ଅଳଣ୍ଡା, ଧଳେଶ୍ୱର, ଛଣିଜଙ୍ଗ, ତୁଳସୀପୁର, ବାହାରେଣା ପଞ୍ଚାୟତରେ ପ୍ରାୟ ୧ହଜାର ହେକ୍ଟର ଜମିରେ ୨ହଜାର ୫ଶହ ପାନବରଜ ଭାଙ୍ଗି ପଡ଼ିଛି। ପ୍ରାୟ ୮କୋଟି ଟଙ୍କାର ପାନବରଜ କ୍ଷତି ହୋଇଥିବା ଉଦ୍ୟାନ ବିଭାଗ ଆକଳନ କରିଛି। ସେହିପରି ୧୭ହଜାର ହେକ୍ଟର ଜମିରେ ଲକ୍ଷାଧିକ ନଡ଼ିଆ, ଆମ୍ବ, କାଜୁ, କଦଳୀ ଗଛ ଭାଙ୍ଗି ପଡିଛି। ପ୍ରାୟ ୨୫୦ହେକ୍ଟର ଜମିରେ ବିଭିନ୍ନ କିସମର ପରିବା ଉଜୁଡିଯାଇଛି। ପ୍ରାୟ ୧୨କୋଟି ଟଙ୍କାର ପନିପରିବା କ୍ଷତିଗ୍ରସ୍ତ ହୋଇଛି। ପାନଚାଷୀ ବରୁଣିଚକ ଗ୍ରାମର ରାମଚନ୍ଦ୍ର ସାହୁ, ମିଟେଇପୁରର ଶରତ ପ୍ରଧାନ, ତୁଳସୀପୁରର ଭରତ ସ୍ୱାଇଁ, ଅଳଣ୍ଡାର ନୃସିଂହ ପ୍ରଧାନ କୁହନ୍ତି, ପାନବରଜ ଥିଲା ଆମ ଭାତହାଣ୍ଡି, ଆମେ କିପରି ବଞ୍ଚିବୁ ଓ କ'ଣ ଖାଇବୁ। ଆମ୍ବ, ନଡ଼ିଆ ଓ କାଜୁ ଗଛ ଭାଙ୍ଗି ଯାଇଥିବାରୁ ପର୍ବପର୍ବାଣିରେ ନଡ଼ିଆ କେଉଁଠୁ ପାଇବୁ ବୋଲି ମମତା ସ୍ୱାଇଁ, ରଶ୍ମିତା ପ୍ରଧାନ, ମନୋରମା ସାହୁ ପ୍ରମୁଖ କହିଛନ୍ତି। ସରକାର ଏ ଦିଗରେ ଦୃଷ୍ଟି ଦେବା ସହ ଚାଷୀଙ୍କୁ କ୍ଷତିପୂରଣ ବିନା ସୁଧରେ ବ୍ୟାଙ୍କ ଋଣ ଯୋଗାଇଦେବାକୁ ଚାଷୀମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।



ବାତ୍ୟାରେ ନଡ଼ିଆ ଫାର୍ମରେ ବ୍ୟାପକ କ୍ଷୟକ୍ଷତି ହୋଇଛି।



ବିଦ୍ୟୁତ୍ ନ ଥିବାରୁ ପର୍ଯ୍ୟଟକମାନେ ମାନୁଆଲ ଟିକେଟ ନେଇ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି।

# ଖୋଲିଲା ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର

**ଆଲୋକ ନ ଥିବାରୁ ସନ୍ଧ୍ୟା ପୂର୍ବରୁ ବନ୍ଦ**

କୋଣାର୍କ, ୧୪।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ ଫନୀ ଯୋଗୁ ଗତ ୩ତାରିଖରୁ ବନ୍ଦ ଥିବା ସୂର୍ଯ୍ୟମନ୍ଦିର ଓ ଇଣ୍ଡିଆନ ଅଏଲ୍ ଫାଉଣ୍ଡେଶନ ଦ୍ୱାରା ପ୍ରତିଷ୍ଠିତ ବ୍ୟାଖ୍ୟାନ କେନ୍ଦ୍ରକୁ ୧୧ ଦିନପରେ ମଙ୍ଗଳବାର ପର୍ଯ୍ୟଟକମାନଙ୍କ ନିମନ୍ତେ ଖୋଲାଯାଇଛି। ବିଦ୍ୟୁତ୍ ନ ଥିବାରୁ ପର୍ଯ୍ୟଟକଙ୍କୁ ମାନୁଆଲ ଟିକେଟ ଦିଆଯାଉଛି। ମନ୍ଦିର ପରିସରରେ ଆଲୋକ ନ ଥିବାରୁ ରାତି ୮ଟା ପରିବର୍ତ୍ତେ ସନ୍ଧ୍ୟା ୬ଟା ପୂର୍ବରୁ ମନ୍ଦିର ଗେଟ୍‌କୁ ବନ୍ଦ କରାଯାଇଛି। ଏଥିସହ ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ସାଙ୍ଗକୁ ପିଇବା ପାଣିର ଅଭାବ ଯୋଗୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୋଣାର୍କ ଏନ୍ଏସିର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଯାବତ୍ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇନାହିଁ। ବିଦ୍ୟୁତ୍ ନ ଥିବାରୁ ସନ୍ଧ୍ୟାରେ 'ଲାଇଟ୍ ଏଣ୍ଡ ସାଉଣ୍ଡ ସୋ'କୁ ବନ୍ଦ ରଖାଯାଇଛି।

# ଫନୀରେ ଭାଙ୍ଗିଛି ୨୭୨ ସ୍କୁଲଘର

**ଜୁନ୍‌ରେ ସ୍କୁଲ ଖୋଲିବା ନେଇ ଆଶଙ୍କା**

ଗୋପ,୧୪।୫(ଡି.ଏନ୍.ଏ.)

ଫନୀ ପ୍ରଭାବରେ ଗୋପ ବ୍ଲକର ୨୭୨ଟି ସ୍କୁଲ ନଷ୍ଟ ହୋଇଯାଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜୁନ ୧୭ରେ ସମସ୍ତ ସ୍କୁଲ ଖୋଲିବାକୁ ଥିବାବେଳେ ଏଭଳି ଅବସ୍ଥାରେ କେବେ ସ୍କୁଲ ଖୋଲିବ ଆଶା ଆଶଙ୍କାରେ ରହିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ସ୍କୁଲର ପ୍ରଧାନଶିକ୍ଷକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ଦେଇନାହାନ୍ତି। ଗତ ୩ତାରିଖରେ ହୋଇଥିବା ବାତ୍ୟାରେ ଗୋପ ବ୍ଲକର ୨୯ଟି ସ୍କୁଲଘର ସହ ୨୭୨ଟି ସ୍କୁଲର ଆଜବେଷ୍ଟସ ଉଡିଯାଇଥିବା ବେଳେ ଅଧିକାଂଶ ସ୍କୁଲ ଗୃହ ଭାଙ୍ଗିଯାଇଛି। ମା' ଭୂଆଶୁଣି ଉଚ୍ଚବିଦ୍ୟାଳୟ, ଭକ୍ତ ବଳରାମ ଦାସ ବିଦ୍ୟାପୀଠ, ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ, ଗୋପ କେନ୍ଦ୍ର ବିଦ୍ୟାଳୟ, ବାଳିକା ବିଦ୍ୟାଳୟ ଆଦି ଭାଙ୍ଗିଯାଇ ଥିବାବେଳେ ଅନ୍ୟାନ୍ୟ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଇତି ମଧ୍ୟରେ ଫନୀକୁ ୧୨ଦିନ ବିତିଯାଇଥିଲେ ମଧ୍ୟ ସ୍କୁଲଗୁଡିକ ସେଭଳି ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଛି। ଏପରି କି ଭାଙ୍ଗିଥିବା ସ୍କୁଲର ପ୍ରଧାନଶିକ୍ଷକମାନେ ସ୍କୁଲଗୁଡ଼ିକୁ ପରିଦର୍ଶନ ପାଇଁ ମଧ୍ୟ ଯାଇ ନ ଥିବା ଜଣାପଡ଼ିଛି। ବାତ୍ୟା ପରେ ସ୍କୁଲ ମରାମତି ହୋଇ ଶିକ୍ଷାଦାନ କରାଯିବ ବୋଲି ଗୋପ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ଏପର୍ଯ୍ୟନ୍ତ ସ୍କୁଲ କ୍ଷୟକ୍ଷତିରେ ରିପୋର୍ଟ ମାତ୍ର ୩୦ଭାଗ ଆସିଥିବା କହିଛନ୍ତି। ଅନ୍ୟପକ୍ଷେ ସ୍କୁଲଗୁଡିକର ମରାମତି ଯଥାଶୀଘ୍ର ଆରମ୍ଭ କରାଯିବାକୁ ସାଧାରଣରେ ଦାବି ହୋଇଛି।

**ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା**

# ୯୬% ପରିବାରକୁ ମିଳିଛି ଚାଉଳ

ପୁରୀ ଅଫିସ,୧୪।୫

ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ ଚାଲିଛି। କ୍ଷତିଗ୍ରସ୍ତଙ୍କୁ ୧୫ଦିନ ମାଗଣା ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ପୁଡ଼ିଆ ବାଦ୍ ସରକାର ଟଙ୍କା, ଚାଉଳ ଓ ପଲିଥିନ ଯୋଗାଇ ଦେଉଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ପରିବାରକୁ ଏହା ପ୍ରଦାନ କରାଯାଉଛି। ଏହାପରେ ଅଣହିତାଧିକାରୀଙ୍କୁ ଏହି ସହାୟତା ଦିଆଯିବ। ସୋମବାର ସନ୍ଧ୍ୟା ସୁଦ୍ଧା ଜିଲାରେ କାର୍ଡଧାରୀ ୮୪ପ୍ରତିଶତ ପରିବାରକୁ ୨ହଜାର ଟଙ୍କା ଲେଖାଏ ଦିଆଯାଇଛି। ସେହିପରି ୯୬ପ୍ରତିଶତଙ୍କୁ ୫୦କିଗ୍ରା ଲେଖାଏ ଚାଉଳ ଏବଂ ୭୨ପ୍ରତିଶତଙ୍କୁ ପଲିଥିନ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନର ସୂଚନା ମୁତାବକ, ପୁରୀ ଜିଲାରେ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୩,୫୩,୦୬୪। ସରକାର ପ୍ରତ୍ୟେକ ରାଶନକାର୍ଡଧାରୀ ପରିବାରକୁ ୨ହଜାର ଟଙ୍କା, ପଲିଥିନ ଏବଂ ୫୦କେଜି ଚାଉଳ ଦେବାକୁ ଘୋଷଣା କରିଛନ୍ତି। ସୋମବାର ସୁଦ୍ଧା ୨,୯୭,୨୪୭ ପରିବାରକୁ ୨ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଛି । ଅର୍ଥାତ୍ ମୋଟ ହିତାଧିକାରୀଙ୍କ ମଧ୍ୟରୁ ୮୪ ପ୍ରତିଶତ ପରିବାର ଏହି ସହାୟତା ରାଶି ପାଇଛନ୍ତି। ସେହିପରି ୩,୪୦,୮୫୪ ପରିବାରକୁ ୫୦ କେଜି ଲେଖାଏ ଚାଉଳ ଦିଆଯାଇଥିବା ବେଳେ ୨,୫୬,୦୨୦ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ରାଶନକାର୍ଡ ହିତାଧିକାରୀଙ୍କ ତାଲିକାକୁ ଦେଖିଲେ ମୋଟ ୯୬ ପ୍ରତିଶତ ପରିବାର ଚାଉଳ ପାଇଥିବାବେଳେ ୭୨ପ୍ରତିଶତ ପରିବାର ପଲିଥିନ ପାଇସାରିଛନ୍ତି। ଏବେ ବି ଏହି ସହାୟତା ପ୍ରଦାନ ପ୍ରକ୍ରିୟା ଜାରି ରହିଛି।

# କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ବିଦ୍ୟୁତ ଖୁଣ୍ଟରୁ ପଡ଼ି ଶ୍ରମିକ ମୃତ**

ପୁରୀ ଅଫିସ,୧୪।୫

ପୁରୀ ଭିଆଇପି ରୋଡ ନିକଟ ଏକ ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ବାତ୍ୟାରେ ବହୁ ବିଦ୍ୟୁତ୍ ଖୁଣ୍ଟି ଉପୁଡି ପଡ଼ିଛି। ବିଦ୍ୟୁତ୍ ମରାମତି ଲାଗି ଆନ୍ଧ୍ର ଓ ତେଲେଙ୍ଗାନା ରାଜ୍ୟର ବହୁ ଶ୍ରମିକ କାମରେ ଲାଗିଛନ୍ତି। ମଙ୍ଗଳବାର ଅପରାହ୍ନରେ ଶ୍ରମିକଜଣକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ମରାମତି କରୁଥିବା ବେଳେ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଲୋକେ ମେଡିକାଲ ଛକରେ ରାସ୍ତାରୋକୋ କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ।

**■ ଆବର୍ଜନାମୟ ହେଲା ଚନ୍ଦନ ପୋଖରୀ**

# ଚାପ ନୀତି କରିବାକୁ ସେବାୟତ ନାରାଜ

ସାକ୍ଷୀଗୋପାଳ, ୧୪।୫(ଡି.ଏନ୍.ଏ.)

ବାତ୍ୟା ପ୍ରଭାବରେ ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ପୋଖରୀ ଅତି ମାତ୍ରାରେ ପ୍ରଦୂଷିତ ହୋଇଛି। ନଳା ପଙ୍କପାଣି ପରି ପୋଖରୀ ଜଳ କଳାପଡ଼ିଯାଇଥିବା ଦେଖାଯାଇଛି। ପଚା ଦୁର୍ଗନ୍ଧ ଅସହ୍ୟ ହେଉଛି। ପ୍ରଦୂଷଣ ଯୋଗୁ ପୋଖରୀରେ ମାଛ ମରି ଭାସୁଛନ୍ତି। ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଏଭଳି ସ୍ଥିତିରେ ସେବାୟତମାନେ ଠାକୁରଙ୍କ ଚାପଖେଳ ନୀତି କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି।

ବିଧି ଚଳାଇବାକୁ ମଦନମୋହନଙ୍କୁ ଚାପ ଛୁଆଁଇ ସଙ୍ଗେ ସଙ୍ଗେ ଫେରାଇ ଆଣିବାକୁ ପାଳିଆ ସେବାୟତମାନେ ପ୍ରସ୍ତାବ ଦେଇଥିଲେ। ପୋଖରୀରେ ପଡ଼ିଥିବା ଆବର୍ଜନା ଓ ପଚା ମାଛ ଛାଣି ବାହାରକରିବାକୁ ଦାବି କରିଥିଲେ। ମଙ୍ଗଳବାର ଭୋଇ ସେବାୟତଙ୍କୁ ଲଗାଇ ପୋଖରୀରୁ ଆବର୍ଜନା ଓ ପଚା ମାଛ ବାହାର କରିବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ପାଣିରେ ଗୋଡ଼ ବୁଡାଇଲେ ପ୍ରବଳ କୁଣ୍ଡାଇ ହେଉଥିବାରୁ ହାତ ଗୋଡ଼ରେ ଜଡାତେଲ ଲଗାଇ ଭୋଇ ସେବକମାନେ ଆବର୍ଜନା ସଫା କରିଛନ୍ତି। ବାତ୍ୟାରେ ପୋଖରୀ ଭିତରେ ଭାଙ୍ଗିପଡ଼ିଥିବା ନଡିଆଗଛ, କଷି ଗଛ, ଆମ୍ବ ଗଛ ଆଦି କାଟି ବାହାର କରିବା ସହ ଚୂନ ପକାଇ ପାଣି ବିଶୋଧନ କରିବାକୁ ମନ୍ଦିର ପ୍ରଶାସନ ଲକ୍ଷ୍ୟ ରଖିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରିବା ସହଜ ହୋଇପାରୁନାହିଁ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସଚନ୍ଦ୍ର ମିଶ୍ର କହିଛନ୍ତି। ଏଥିସହିତ ପୋଖରୀକୁ ସଂଯୋଗ କରୁଥିବା ନାଳରେ ଦୁର୍ଗନ୍ଧଯୁକ୍ତ ପାଣି ପଶିବାରେ ଲାଗିଛି। ରତ୍ନଚିରା ନଦୀ ପାର୍ଶ୍ୱକୁ ଲାଗିରହିଥିବା ଚନ୍ଦନ ପୋଖରୀକୁ ସ୍ୱଚ୍ଛ ପାଣି ପ୍ରବେଶ କରିବା ପରେ ସମସ୍ୟା ସୁଧୁରିବା ଆଶା କରାଯାଉଥିଲା। ମାତ୍ର ଏବେବି ରତ୍ନଚିରା ନଦୀଜଳ ପ୍ରଦୂଷିତ ହୋଇରହିଛି। ଚାପ ସମୟରେ ଶ୍ରଦ୍ଧାଳୁମାନେ ଚନ୍ଦନ ପୋଖରୀର ପବିତ୍ର ଜଳ ମୁଣ୍ଡରେ ଛିଞ୍ଚିହୋଇଥାନ୍ତି। ମାତ୍ର ପାଣି ପ୍ରଦୂଷଣ ଯୋଗୁ ପାଣି ଛିଞ୍ଚିବା ଦୂରେ ଥାଉ ପାଖକୁ ମଧ୍ୟ କେହି ଯାଉନାହାନ୍ତି।

# ପଶୁପକ୍ଷୀଙ୍କ ଦରଦୀ ବନ୍ଧୁ ବିନାୟକ

ବ୍ରହ୍ମଗିରି, ୧୪।୫(ଡି.ଏନ୍.ଏ.)

ପ୍ରଳଙ୍କରୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି ମଣିଷ, ପଶୁ ପକ୍ଷୀ ଓ ଗଛଲତା । ଘରଦ୍ୱାର ଭାଙ୍ଗିଯାଇ ଖୋଲା ଆକାଶ ତଳେ ପଡିଛନ୍ତି ବିପନ୍ନ। ଖାଦ୍ୟ ବିନା ହେଉଛନ୍ତି ଓହଳ ବିକଳ। ବ୍ୟାପକ ଭାବେ ଜଙ୍ଗଲ କ୍ଷୟ କ୍ଷତି ହୋଇଥିବାରୁ ବାସ ହରା ହୋଇଛନ୍ତି ଏହି ଜଙ୍ଗଲୀ ଜନ୍ତୁ। ସବୁଜ ଚାରଣ ଭୂମି ନଷ୍ଟ ହୋଇଥିବାରୁ ଖାଦ୍ୟର ଘୋର ଅଭାବ ସୃଷ୍ଟି ହୋଇଛି। ଖାଦ୍ୟ ଓ ପାନୀୟ ଜଳର ଅଭାବ ଯୋଗୁ ସଂକଟରେ ରହିଛନ୍ତି ଏହି ଜଙ୍ଗଲୀ ଜନ୍ତୁ। ଏଭଳି ପରିସ୍ଥିତରେ ଏହି ଜଙ୍ଗଲୀ ଜନ୍ତୁଙ୍କ ଦରଦୀ ବନ୍ଧୁ ପାଲଟିଛନ୍ତି ବିନାୟକ ପାତ୍ର।

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରହ୍ମଗିରି ଗ୍ରାମର ବିନାୟକ। ବନ୍ୟଜନ୍ତୁଙ୍କ ପାଇଁ ଦେବଦୂତ ପାଲଟି ପ୍ରତ୍ୟେକ ଦିନ ଖାଦ୍ୟ ଯୋଗାଇ ଆସୁଛନ୍ତି । ବାତ୍ୟା ପର ଠାରୁ ତାଙ୍କ ଗ୍ରାମର କେତକ ଯୁବକଙ୍କୁ ସାଥି କରି ରୋଷେଇ କରି ଜଙ୍ଗଲକୁ ଯାଇ ବିଭିନ୍ନ ସ୍ଥାନରେ ଏହି ବନ୍ୟ ଜନ୍ତୁଙ୍କୁ ଖାଦ୍ୟ ବାଣ୍ଟୁଛନ୍ତି । ଯାହା ଫଳରେ ଜଙ୍ଗଲରେ ଖାଦ୍ୟ ନ ପାଇ ଆଉଟୁ ପାଉଟୁ ହେଉଥିବା ମାଙ୍କଡ, ବିଭିନ୍ନ ପ୍ରଜାତୀର ପକ୍ଷୀ, ଛୋଟ ଛୋଟ ଜୀବମାନେ ଆସି ଏହି ଖାଦ୍ୟ ଖାଉଛନ୍ତି। ଏ ସମ୍ପର୍କରେ ବିନାୟକ କୁହନ୍ତି, ସମସ୍ତେ ରିଲିଫ ପାଇବାକୁ ବ୍ୟଗ୍ର। ମାତ୍ର ଜୀବଜନ୍ତୁ କଥା କହି ପାରୁ ନ ଥିବାରୁ ସେମାନେ କଷ୍ଟରେ ରହିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରେରଣା ମିଳିଲା। ବାସ୍ତବିକ ଏମାନଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ତେଣୁ ମୁଁ ମୋର ସାଥୀମାନଙ୍କୁ ନେଇ ପ୍ରତ୍ୟେକ ଦିନ ୧୦ରୁ ୧୫ କିଲୋ ଚାଉଳ ଭାତ କରି ଜଙ୍ଗଲ ମଧ୍ୟକୁ ଯାଇ ଏହି ଜୀବଜନ୍ତୁଙ୍କୁ ଖାଇବାକୁ ଦେଉଛି। ଖାଦ୍ୟ ପରଷା ଯିବା ମାତ୍ରେ ଶହ ଶହ ସଂଖ୍ୟକ ମାଙ୍କଡ ଓ ଅନ୍ୟ ଜୀବଜନ୍ତୁ ଆସି ଖାଇ ଥାନ୍ତି । ଏହା ଦେଖି ମତେ ବହୁତ ଆତ୍ମସନ୍ତୋଷ ମିଳିଥାଏ ବୋଲି ବିନାୟକ କହିଥିଲେ।



ନିଜ ବନ୍ଧୁମାନଙ୍କ ସହ ପଶୁପକ୍ଷୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ବିନାୟକ ପାତ୍ର।

# ଆଜି ପୁରୀକୁ ଆସିବ ବିଦ୍ୟୁତ୍

■ ଜିଲାରେ ନଷ୍ଟ ହୋଇଛି ୯୦ ହଜାର ଖୁଣ୍ଟ

■ ୧ ହଜାର କୋଟି ଟଙ୍କାର କ୍ଷତି ଘଟିଛି

ପୁରୀ ଅଫିସ,୧୪।୫


ବାତ୍ୟା ପୂର୍ବ ରାତି ଅର୍ଥାତ ଗତ ୨ତାରିଖରୁ ପୁରୀକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ୧୩ଦିନ ହେଲା ପୁରୀ ସହରବାସୀ ବିଦ୍ୟୁତ୍ ବିନା ହନ୍ତସନ୍ତ ହେଉଛନ୍ତି। କେବଳ ସହର ନୁହେଁ, ଜିଲାର ସବୁ ଅଞ୍ଚଳ ଅନ୍ଧକାର ରହିଛି। ମାତ୍ର ଏବେ ସହରବାସୀଙ୍କ ଅପେକ୍ଷାର ଅନ୍ତ ହେବାକୁ ଯାଉଛି। ବୁଧବାର ପୁରୀ ସହରକୁ ବିଦ୍ୟୁତ୍ ଯୋଗାଣ ହୋଇପାରେ ବୋଲି ପୁରୀ ବିଦ୍ୟୁତ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁ କହିଛନ୍ତି । ବାତ୍ୟାରେ ପ୍ରାୟ ୧ହଜାର କୋଟି ଟଙ୍କାର ବିଦ୍ୟୁତ୍ ସାମଗ୍ରୀ ନଷ୍ଟ ହୋଇଥିବା ସ୍ୱାଇଁ ସୂଚନା ଦେଇଛନ୍ତି।

ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପୁରୀ ଜିଲାରେ ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବା ଲାଗି ପ୍ରାୟ ୪,୦୦୦ ଲୋକ କାମରେ ଲାଗିଛନ୍ତି। ସେସୁ, ସାଉଥ୍‌କୋ ଏବଂ ୱେସ୍‌କୋର ୭୪ଜଣ ଅଫିସରଙ୍କ ସମେତ ପଡୋଶୀ ଆନ୍ଧ୍ରପ୍ରଦେଶରୁ ୬୦ଜଣ ଅଫିସର ନିୟୋଜିତ ଅଛନ୍ତି। ଏମାନଙ୍କ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ବାତ୍ୟାରେ ପୁରୀ ଜିଲାରେ ୯୦,୦୦୦ ବିଦ୍ୟୁତ୍ ଖୁଣ୍ଟ, ୩୩କେଭି ୧୬୯ କିମି, ୧୧କେଭି ୨,୫୬୦ କିମି ଏବଂ ୩,୦୧୧ କିମି ଏଲ୍‌ଟି ଲାଇନ୍ ନଷ୍ଟ ହୋଇଛି। ସେହିପରି କ୍ଷତିଗ୍ରସ୍ତ ହୋଇଥିବା ୬,୩୧୦ଟି ଟ୍ରାନ୍ସଫର୍ମର ବଦଳାଯିବ। ପୁରୀ ବିଦ୍ୟୁତ୍ ଡିଭିଜନରେ ମୋଟ ୧ଲକ୍ଷ ୬୫ହଜାର ଏବଂ ପୁରୀ ସହରରେ ୬୦ହଜାର ଉପଭୋକ୍ତା ବର୍ତ୍ତମାନ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛନ୍ତି। ତେବେ ବୁଧବାର ପୁରୀକୁ ବିଦ୍ୟୁତ୍ ଯୋଗାଣ ହେବାର ସମ୍ଭାବନା ରହିଛି। ନିମାପଡ଼ା-ମେରାଇନ ଡ୍ରାଇଭରୋଡ୍ ଦେଇ ବିଦ୍ୟୁତ୍ ଯୋଗାଣ ହେବ। ବଡ଼ଦାଣ୍ଡକୁ ପ୍ରଥମେ ସଂଯୋଗ ଦିଆଯିବ। ବଡ଼ଦାଣ୍ଡର ୩ହଜାର, କଚେରୀ ରୋଡ଼ରେ ୪ହଜାର ଏବଂ ରାଜଭବନ ଲେନ୍‌ରେ ୧,୯୦୦ ପରିବାର ପ୍ରାଥମିକ ଭାବେ ସେବା ପାଇବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପରେ ପର୍ଯ୍ୟାୟ କ୍ରମେ ଅନ୍ୟ ଅଞ୍ଚଳକୁ ସଂଯୋଗ ଦିଆଯିବ।

ଅନ୍ୟପକ୍ଷେ ପ୍ରଥମେ ୧୨ତାରିଖରେ ବଡ଼ଦାଣ୍ଡକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ଓ ପର୍ଯ୍ୟାୟ କ୍ରମେ ସହରର ଅନ୍ୟାନ୍ୟ ଅଞ୍ଚଳକୁ ବିଦ୍ୟୁତ୍ ସ୍ୱାଭାବିକ କରାଯିବ ବୋଲି ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ କୁହାଯାଇଥିଲା। କିନ୍ତୁ ତାହା ସମ୍ଭବ ହୋଇନାହିଁ। ଲୋକେ ଖରା, ଗୁଳୁଗୁଳିରେ ଆଉଟ୍‌ପାଉଟୁ ହେଉଛନ୍ତି। ଏବେ ପୁଣି ୧୫ତାରିଖରେ ପୁରୀକୁ ବିଦ୍ୟୁତ୍ ଆସିବ ବୋଲି କୁହାଯାଉଛି। ଏଥିରେ କେତେଦୂର ସତ୍ୟତା ରହିଛି ତାହାକୁ ଲୋକେ ଚାହିଁ ରହିଛନ୍ତି।



ଶ୍ରମିକମାନେ ବାତ୍ୟାରେ ଭାଙ୍ଗିପଡ଼ିଥିବା ଏକ ଟାୱାରକୁ ସଜାଡୁଛନ୍ତି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ

-ବ୍ୟାସଦେବ



## ସଂକ୍ଷେପରେ

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନୂତନ କୁଳପତି



କଟକ ଅଫିସ,୧୪।୫: ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଅଜୟ୍ କୁମାର ସିଂ ଯୋଗଦେଇଛନ୍ତି। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପି.ଏଚ୍‌ଡି ପାସ୍ କରିଛନ୍ତି। ସେଠାର ବିଭିନ୍ନ ବିଭାଗର ଡିନ ଭାବେ କାର୍ଯ୍ୟ କରିବାସହ ଓଏସଡି, ବିଶ୍ୱବିଦ୍ୟାଳୟ ପ୍ରେସ, ମୁଖ୍ୟ ଗ୍ରାଫିସ ଆର୍ଟସେଣ୍ଟର ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏଥିସହ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉଚ୍ଚସ୍ତରୀୟ ସମିତିର ଯଥା ଯୋଜନା, ଗୃହ ନିର୍ମାଣ, ପ୍ରବେଶାନୁମତି ପରାମର୍ଶଦାୟୀ, ନିଯୁକ୍ତି, ହିସାବ ସମୀକ୍ଷା, ଶାସନ ନୀତି, ପ୍ରଦର୍ଶନରେ ସଦସ୍ୟ ଭାବେ ବିଭିନ୍ନ ସମୟରେ ମନୋନୀତ ହୋଇ କାର୍ଯ୍ୟ ସୁଚାରୁ ରୂପେ ତୁଲାଇଛନ୍ତି। ସିଂ ଭାରତୀୟ ବାଣିଜ୍ୟ ସଂଘ, ଏନସିଆର ସଂଗଠିତ ସଖାର ଏବଂ ଇଣ୍ଡିଆନ ଆସୋସିଏଶନ ଅଫ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟର ପୂର୍ବତନ ସଭାପତି ରହିଛନ୍ତି। ସେ ୟୁନିଭର୍ସିଟି ଅଫ ଜଜୀରା, ଦୁବାଇର କୁଳପତି ଭାବେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହା ବ୍ୟତୀତ ସେ ଆଇଏମ୍‌ଟି ଦ୍ୱାରା ଶ୍ରେଷ୍ଠ ଶିକ୍ଷକ ଭାବେ ୧୯୯୮ ଓ ୧୯୯୯ରେ ପୁରସ୍କୃତ ହୋଇଥିଲେ। ଶିକ୍ଷା ଅଧ୍ୟୟନ କ୍ଷେତ୍ରରେ ୩୨ ବର୍ଷ ହେବ ନିଜର ଅଭିଜ୍ଞତା ଥିବା ସହ ୨୦୬ଟି ପତ୍ରିକା ପ୍ରକାଶନ କରିଛନ୍ତି। ଶିକ୍ଷା, ଗବେଷଣା, ଅଧ୍ୟାପନା, ପ୍ରଶାସନିକ କ୍ଷେତ୍ର, ଅର୍ଥଶାସ୍ତ୍ର, ପ୍ରବନ୍ଧରେ ବିସ୍ତୃତ ଅଭିଜ୍ଞତା ଥିବା ବ୍ୟକ୍ତି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ହେବା ଏକ ଗର୍ବ ଓ ଗୌରବର ବିଷୟ ଅଟେ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ଆହୁରି ଖ୍ୟାତିଅର୍ଜନ କରି ନିଜର ସମୃଦ୍ଧି ବଜାୟ ରଖିପାରିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

### ସ୍ନାତକ, ସ୍ନାତକୋତ୍ତର ପରୀକ୍ଷା ଆରମ୍ଭ

କଟକ ଅଫିସ,୧୪।୫: ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକ ୬ଷ୍ଠ ସେମିଷ୍ଟାର ଓ ସ୍ନାତକୋତ୍ତର ୪ର୍ଥ ସେମିଷ୍ଟାର ପରୀକ୍ଷା ପୁର୍ନବାର ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଗତ ୧ ଓ ୨ତାରିଖରେ ଦୁଇ ଦିନ ପରୀକ୍ଷା ହେବା ପରେ ସାମୁଦ୍ରିକ ଝଡ଼ 'ଫନୀ' ଯୋଗୁ ପରୀକ୍ଷା ବାତିଲ ହୋଇଥିଲା। ପରୀକ୍ଷା ୨୪ତାରିଖ ପର୍ଯ୍ୟନ୍ତ ହେବ। ୨୦ ଓ ୨୧ତାରିଖରେ ବ୍ୟାକ ପେପର ପରୀକ୍ଷା କରାଯାଇ ଜୁନ ୧୦ତାରିଖ ମଧ୍ୟରେ ଫଳ ପ୍ରକାଶ କରାଯିବ ବୋଲି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ତ୍ରିଲୋଚନ ମିଶ୍ର କହିଛନ୍ତି।

### ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟାପକ କ୍ଷତି ପ୍ରଶାସନିକ କାର୍ଯ୍ୟାଳୟ ଅସୁରକ୍ଷିତ ଘୋଷଣା

କଟକ ସଦର,୧୪।୫(ଡି.ଏନ୍.ଏ.): ସାମୁଦ୍ରିକ ଝଡ଼ 'ଫନୀ'ରେ କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜାସ୍ଥିତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟାପକ କ୍ଷତି ଘଟିଛି। ଆଜବେଷ୍ଟସ ଘର ଉପରେ ଗଛ ପଡି ଭାଙ୍ଗିଯାଇଥିବାରୁ ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି ହୋଇଛି। ଆଉଟଡୋର ପ୍ରକୋଷ୍ଠରେ ଡାକ୍ତର ବସି ରୋଗୀଙ୍କୁ ଚିକିତ୍ସା କରିପାରୁ ନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରୁଣା ପ୍ରଶାସନିକ କାର୍ଯ୍ୟାଳୟର କାନ୍ଥ ଫାଟି ଯାଇଥିବାରୁ ଏହାକୁ ଅସୁରକ୍ଷିତ ଘୋଷଣା କରାଯାଇଛି। ସୋମବାର କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ନୀଳମାଧବ ସାହୁଙ୍କ ନେତୃତ୍ୱରେ ଏକ ବୈଷୟିକ ଦଳ ପ୍ରଶାସନିକ କାର୍ଯ୍ୟାଳୟକୁ ଯାଞ୍ଚ କରିବା ପରେ ଅସୁରକ୍ଷିତ ଥିବା କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇ ଦେଇଛନ୍ତି। ୬୦ବର୍ଷ ପୂର୍ବେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ୱାର୍ଡ, ଔଷଧ ଭଣ୍ଡାର, ଡାକ୍ତରଙ୍କ ବିଶ୍ରାମ କକ୍ଷ, କମ୍ପ୍ୟୁଟର ପ୍ରକୋଷ୍ଠଗୁଡିକ ଆଜବେଷ୍ଟସରେ ନିର୍ମିତ ହେଉଥିବାରୁ ବ୍ୟାପକ କ୍ଷତି ଘଟିଲା ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ବସନ୍ତ କୁମାର ସାହୁ କହିଛନ୍ତି। ପ୍ରଶାସନିକ ଭବନକୁ ଅସୁରକ୍ଷିତ ଘୋଷଣା କରାଯିବା ପରେ ସିଡିଏମଓ ଡା. ବିଭୂତିଭୂଷଣ ନାୟକ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ର ଓ ଷ୍ଟାଫ କ୍ୱାର୍ଟର୍ସ ବୁଲି ଦେଖିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପୁନଃ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ସ୍ୱର୍ଣ୍ଣ ତ୍ରିଭୁଜରେ ଅଚଳ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ'

## ବାତ୍ୟା ଉଜାଡ଼ିଦେଲା ଧଉଳି, କୋଣାର୍କ ଶୋ'ର ଭିତ୍ତିଭୂମି

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଓଡ଼ିଶାରେ ଏବେ ଆଉ ଦେଖିବାକୁ ମିଳିବନି ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ'। ପୂର୍ବରୁ ଭୁବନେଶ୍ୱରସ୍ଥିତ ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ ଠାରେ ଚାଲୁଥିବା ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ' ଅଚଳ ହୋଇପଡ଼ିଥିବା ବେଳେ ଏବେ ବାତ୍ୟା ଫନୀ ମାଡ଼ରେ ଅଚଳ ହୋଇପଡ଼ିଛି ଧଉଳି ଓ କୋଣାର୍କର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'। ବାତ୍ୟା ପରଠାରୁ ଧଉଳିରେ ଆଉ ଶୋ' ଚାଲୁ ନଥିବା ବେଳେ କୋଣାର୍କ ସୂର୍ଯ୍ୟମନ୍ଦିରରେ ଚାଲୁଥିବା ଶୋ' ବି ବନ୍ଦ ରହିଛି। ଏଭଳିସ୍ଥଳେ କର୍ତ୍ତୃପକ୍ଷ ମନ୍ଦିର କାରୁକାର୍ଯ୍ୟ ସୁରକ୍ଷା ଓ ଚର୍ତୁପାର୍ଶ୍ୱ ସଫାସଫି ଉପରେ ଗୁରୁତ୍ୱ ଦେଉଥିବା ବେଳେ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ' ଉପରୁ ସମସ୍ତଙ୍କ ନଜର ହଟିଯାଇଛି। ଗୋଟିଏପଟେ କୋଣାର୍କ ସୂର୍ଯ୍ୟ ମନ୍ଦିରର ଦ୍ୱାର ପୁଣିଥରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଥିବା ବେଳେ ଏଠାରେ ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ' କିନ୍ତୁ ଆରମ୍ଭ କରାଯାଇପାରିନି। ସେହିଭଳି ଧଉଳିରେ ମଧ୍ୟ ସମାନ ସ୍ଥିତି। ଏଭଳିସ୍ଥଳେ କର୍ତ୍ତୃପକ୍ଷ ଯଦି ଗୁରୁତ୍ୱ ନଦେଇ ଠିକ୍ ସମୟରେ ମରାମତି ନକରନ୍ତି ତାହେଲେ ପ୍ଲାନେଟୋରିୟମ୍ ଭଳି ଏଠାରେ ମଧ୍ୟ ଶୋ' ସବୁଦିନ ପାଇଁ ବନ୍ଦ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି।

ଦୀର୍ଘବର୍ଷର ଯୋଜନା ଓ ଘୋଷଣା ପରେ ଦୁଇବର୍ଷ ତଳେ ଧଉଳିରେ ଆରମ୍ଭ ହୋଇଥିଲା ବହୁ ପ୍ରତିକ୍ଷିତ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ'। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ପ୍ରାୟ ୪.୬କୋଟି ଟଙ୍କା ବ୍ୟୟରେ ଏହି ଶୋ' କରାଯାଇଥିଲା। ଥ୍ରୀ-ଡି ମ୍ୟାପିଂ, ଅତ୍ୟାଧୁନିକ ଶ୍ରାବ୍ୟ ବନ୍ଦୋବସ୍ତ, ଆଲୋକସମ୍ପାତ ସମେତ ଇଂଲିଶ, ହିନ୍ଦୀ ଓ ଓଡିଆରେ କଣ୍ଠସ୍ୱର ପରିବେଷଣର ବ୍ୟବସ୍ଥା କରାଯାଇଥିଲା। ଅଶୋକଙ୍କ କଳିଙ୍ଗ ଯୁଦ୍ଧ ଓ ହୃଦୟ ପରିବର୍ତ୍ତନର କଥା-କାହାଣୀ ପ୍ରସିଦ୍ଧ ଅଭିନେତା କବୀର ବେଦୀ, ଓମ୍ ପୁରୀ ଓ ବିଜୟ ମହାନ୍ତିଙ୍କ କଣ୍ଠସ୍ୱରରେ ଧଉଳିକୁ ପ୍ରତିଧ୍ୱନିତ କରୁଥିଲା। ଶୋ' ଆରମ୍ଭ ହେବା ସମ୍ପର୍କରେ ପଚାରିବାରେ ଭୁବନେଶ୍ୱର ଟୁରିଷ୍ଟ ଅଫିସର ଅଜୟ ରାଉତ କହିଛନ୍ତି, ବାତ୍ୟାରେ ଧଉଳିର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ବହୁଳଭାବେ ପ୍ରଭାବିତ ହୋଇଛି। କଣ୍ଟ୍ରୋଲ ରୁମ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପ୍ରୋଜେକ୍ଟର ଓ ଦୁଇଟି ଲାଇଟ୍‌କୁ ଛାଡି ଆଉ କିଛି ନାହିଁ। ଅପରେଶନ ପାଇଁ ଥିବା ମେଶିନ୍ ଖରାପ ହୋଇଯାଇଛି। ନିର୍ମାଣକାରୀ ସଂସ୍ଥା ଟ୍ରାଏକଲର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଟିମ୍ ଏକ ସପ୍ତାହ ଭିତରେ ଆସି ପରିସ୍ଥିତିର ଅନୁଧ୍ୟାନ କରିବେ। ଏହାପରେ ଜଣାପଡ଼ିବ କେବେ ଆରମ୍ଭ ହେବ। ୧୦ ଦିନ ଭିତରେ ହୋଇଯିବ ବୋଲି ଆମର ଆଶା।

ସେହିଭଳି ୨୦୧୭ରେ ବ୍ଲାକ୍ ପଗୋଡା ବା କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଆରମ୍ଭ ହୋଇଥିବା ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ' ଅବସ୍ଥା ବି ସମାନ। ରାଜା ପ୍ରଥମ ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ କୋଣାର୍କ ସୂର୍ଯ୍ୟମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, ନିର୍ମାଣଶୈଳୀ ଓ ଶିଳ୍ପୀମାନଙ୍କ କାହାଣୀ ସମ୍ପର୍କରେ ଏଠାରେ ୨୫୦ ପର୍ଯ୍ୟଟକ ଏକାସାଙ୍ଗେ ଦେଖିପାରୁଥିଲେ। ଶେଖର ସୁମନ, କବୀର ବେଦୀ ଓ ବିଜୟ ମହାନ୍ତିଙ୍କ କଣ୍ଠରୁ ହିନ୍ଦୀ, ଇଂଲିଶ ଓ ଓଡ଼ିଆରେ ଶୁଣିବାକୁ ମିଳୁଥିଲା। ୮ଟି ହାଇ-ଡେଫିନେଶନ ପ୍ରୋଜେକ୍ଟର ଏଠାରେ ଲଗାଯାଇଥିବା ବେଳେ ବାତ୍ୟାରେ ତାହା କ୍ଷୟକ୍ଷତି ହୋଇଛି। ସଜାଡ଼ିବାକୁ ସମୟ ଲାଗିବ ବୋଲି କର୍ତ୍ତୃପକ୍ଷ କହୁଥିବା ବେଳେ କେବେ ପୁଣିଥରେ କାର୍ଯ୍ୟକ୍ଷମ ହେବ ତାହାର ଉତ୍ତର କାହାପାଖରେ ନାହିଁ।

### ଆଶା ଆଶଙ୍କାରେ ଖଣ୍ଡଗିରି, ପ୍ଲାନେଟୋରିୟମ୍ ଶୋ'

ଅନ୍ୟପକ୍ଷରେ ପ୍ଲାନେଟୋରିୟମ୍ ଶୋ'ର ପୁନରୁଦ୍ଧାର ଲାଗି କର୍ତ୍ତୃପକ୍ଷ ଯୋଜନା କରିଥିଲେ। ହେଲେ ବାତ୍ୟା ପରେ ତାହା ବି ଏବେ ଆଶା ଆଶଙ୍କାକୁ ଚାଲିଯାଇଛି। ଶୋ' ହେବାକୁ ଥିବା ସ୍ଥାନରେ ବହୁ ବଡ଼ ବଡ଼ ଗଛ ଉପୁଡି ପଡ଼ିଛି। ବହୁ ସାମଗ୍ରୀ ଅଚଳ ହୋଇପଡ଼ିଛି। ପୂର୍ବସ୍ଥିତି ଫେରିବାକୁ ନିଶ୍ଚିତ ସମୟ ଲାଗିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏପଟେ ଖଣ୍ଡଗିରି-ଉଦୟଗିରିରେ ହେବାକୁ ଥିବା ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ' ଏବେ ବି ଘୋଷଣାରେ ଅଟକି ରହିଛି। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଜୀବଜନ୍ତୁଙ୍କୁ ନେଇ ହେଉଥିବା ଶୋ' କେତେବେଳେ ଚାଲୁଛି ତ କେତେବେଳେ ଚାଲୁନି। ବିନ୍ଦୁ ସାଗରରେ ଚାଲୁଥିବା ଶୋ' ବି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ତେଣୁ ପର୍ଯ୍ୟଟକମାନେ ସ୍ୱର୍ଣ୍ଣ ତ୍ରିଭୁଜରେ ଏବେ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ' ଦେଖିବାରୁ ବଞ୍ଚିତ ହୋଇଛନ୍ତି।



ବାତ୍ୟା ବିପନ୍ନଙ୍କ ସମସ୍ୟା ସମାଧାନ ପାଇଁ ସିପିଆଇ(ଏମ୍) ପକ୍ଷରୁ ଦାବି।

## ବାତ୍ୟାବିପନ୍ନଙ୍କ ସମସ୍ୟା ନେଇ ତହସିଲଦାରଙ୍କୁ ସ୍ମାରକପତ୍ର

ବାରଙ୍ଗ,୧୪।୫(ଡି.ଏନ୍.ଏ.)

ବାତ୍ୟାରେ ପ୍ରପୀଡିତ ଲୋକମାନଙ୍କ ଦୁର୍ଦ୍ଦଶାର ଆଶୁ ସମାଧାନ ଶୀଘ୍ର କରିବା ପାଇଁ ସିପିଆଇ(ଏମ୍) କଟକ ଜିଲା କମିଟି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ବାରଙ୍ଗ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବାତ୍ୟା ଫନୀ ଯୋଗୁ ବାରଙ୍ଗ ବ୍ଲକର କୁଲାଙ୍ଗ ପ୍ରଧାନ ପଞ୍ଚାୟତ ବେଶି କ୍ଷୟକ୍ଷତି ହୋଇଛି। ଏହି ପଞ୍ଚାୟତର କୁରୁଣ୍ଟି, ରାୟପୁର, କୋଠପାଟଣା ଆଦି ଗ୍ରାମରେ ୧୦୦୦ରୁ ଅଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଇତିମଧ୍ୟରେ ୧୨ଦିନ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ଲୋକେ ଦୁର୍ଦ୍ଦଶାରେ କାଳାତିପାତ କରୁଥିବା ବେଳେ ପ୍ରଶାସନର କୌଣସି ଟିମ ଆସି କ୍ଷୟକ୍ଷତି ଆକଳନ ମଧ୍ୟ କରି ନାହାନ୍ତି। ଅପରପକ୍ଷେ ବିଦ୍ୟୁତ ସେବା ବ୍ୟାହତ ହେବାରୁ ପିଇବା ପାଣି ପାଇଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି। ତେଣୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ପଲିଥିନ୍ ପ୍ରଦାନ, ସହାୟତା ରାଶି ସହ ଚାଉଳ, କିରୋସିନ ପ୍ରଦାନ ଓ ସରକାରୀ ସାହାଯ୍ୟ ଆଦି ୪ଦଫା ଦାବି ସମ୍ବଳିତ ଦାବିପତ୍ର କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବାରଙ୍ଗ ତହସିଲଦାର ରମେଶ ଚନ୍ଦ୍ର ଜେନାଙ୍କୁ ପ୍ରଦାନ କରାଯାଇଛି। କମ୍ୟୁନିଷ୍ଟ ନେତା ବଦ୍ରି ନାରାୟଣ ଦାସଙ୍କ ନେତୃତ୍ୱରେ ସହୀଦ କୁମାର ପାଠକ, ରବି ନାରାୟଣ ମଲ୍ଲିକଙ୍କ ସମେତ ଅନ୍ୟ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




ରେଳ ଡାକସେବା ଏବଂ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥାନାନ୍ତରକୁ ବିରୋଧ କରି ମଙ୍ଗଳବାର କଟକ ରେଳ ଡାକସେବା କାର୍ଯ୍ୟାଳୟ ସମ୍ମୁଖରେ ରେଳ ଡାକ ସେବା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ।

## ଯୁବକଙ୍କୁ ଆକ୍ରମଣ, ୮ ମହିଳା ଗିରଫ

କଟକ ଅଫିସ,୧୪।୫

ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ମଙ୍ଗଳବାର ୮ଜଣ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବିଶିନବର ଜେନା ସାହି ଅଞ୍ଚଳର ମିଲି ଜେନା, ବନିତା ଜେନା, ରଞ୍ଜୁ ଜେନା, ପ୍ରମିଳା ଜେନା, ଅଞ୍ଜନା ଜେନା, ବେବି ଜେନା, ନୟନ ଜେନା, ପୁଷ୍ପଲତା ଜେନା। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳର ନିରଞ୍ଜନ ଜେନାଙ୍କ ସହ କୌଣସି କାରଣକୁ ନେଇ ଉକ୍ତ ମହିଳାମାନଙ୍କ ଝଗଡ଼ା ହୋଇଥିଲା। ଏହା ସହ ବହୁବାର ମହିଳାମାନେ ତାଙ୍କୁ ହଇରାଣ କରୁଥିଲେ। ଏ ସମ୍ପର୍କରେ ଗତ ୧ତାରିଖରେ ନିରଞ୍ଜନ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଉଭୟ ପକ୍ଷଙ୍କୁ ଡାକି ଆପୋଷ ସମାଧାନ କରିଥିଲେ। ଗତ ୮ତାରିଖରେ ନିରଞ୍ଜନଙ୍କୁ ପୁଣି ଉକ୍ତ ମହିଳାମାନେ ମାଡ଼ ମାରିଥିଲେ। ଏ ନେଇ ନିରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୮/୧୮) ରୁଜୁ କରି ତଦନ୍ତ ଚଳାଇଥିଲା।

## ବିଦ୍ୟୁତ୍ ପାଇଁ ରାସ୍ତାରେ ବସିଲେ ଗ୍ରାମବାସୀ

କଟକ ଅଫିସ/ନରାଜ/ବାରଙ୍ଗ,୧୪।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀ ଯୋଗୁ ପ୍ରାୟ ଅଞ୍ଚଳରେ ବିଦ୍ୟୁତ ସେବା ବିପର୍ଯ୍ୟସ୍ତ ହୋଇଯାଇଛି। ଅଦ୍ୟାବଧି ବହୁ ଗ୍ରାମକୁ ବିଦ୍ୟୁତ ନ ପହଞ୍ଚି ଥିବାରୁ ସାଧାରଣ ଲୋକେ ଧୈର୍ଯ୍ୟହରା ହୋଇ ରାସ୍ତାରୋକୋ କରିବାକୁ ପଛାଉ ନାହାନ୍ତି। ସୋମବାରଠାରୁ ବାରଙ୍ଗ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନଙ୍କ ଦ୍ୱାରା ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୋମବାର ଦିନରେ ରାଜଧାନୀ ଉପକଣ୍ଠ ୪ଟି ଗ୍ରାମବାସୀ ରାସ୍ତାରୋକୋ କରିଥିବାବେଳେ ରାତିରେ ବିଦ୍ୟାଧରପୁର ଗ୍ରାମବାସୀ ବାରଙ୍ଗ-ବାଙ୍କି ରାସ୍ତାକୁ ଅବରୋଧ କରିଥିଲେ। ମଙ୍ଗଳବାର ସକାଳେ ଗୋଡିସାହି ଫାଣ୍ଡି ଅଧୀନସ୍ଥ ନେତଲ ଛକଠାରେ ରତାଗଡ ଲେଙ୍କାସାହି ଗ୍ରାମବାସୀ ବିଦ୍ୟୁତ ସଂଯୋଗ ଦାବିରେ ବାରଙ୍ଗ-ବାଙ୍କୀ ରାସ୍ତାକୁ ପୁଣି ଅବରୋଧ କରିଥିଲେ। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବାରୁ ଗାଡିମଟରଗୁଡିକ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ପରେ ଗୋଡିସାହି ବିଦ୍ୟୁତ ବିଭାଗକୁ ଖବର ଦେବାପରେ ବିଭାଗୀୟ ଜେଇ ଆସି ବୁଧବାର ବିଦ୍ୟୁତ୍ ମରାମତି କରିବାକୁ ପ୍ରତିଶ୍ରୁତି ଦେବାପରେ ୧ଘଣ୍ଟାପରେ ରାସ୍ତାରୁ ହଟିଥିଲେ। ଏହି ରାସ୍ତାରୋକୋ ଉଠିବା ପରେ ନରାଜ ବ୍ୟାରେଜ ଉପରେ ସାଧବାଣିପୁର ଓ ଅରିଲୋ ଗ୍ରାମବାସୀ ପ୍ରବଳ ଖରାରେ ମଧ୍ୟ ଟାୟାରଜାଳି ରାସ୍ତାରୋକୋ କରିଥିଲେ। ଏହାଦ୍ୱାରା ସିଡିଏ-ବାରଙ୍ଗ ରାସ୍ତାରେ ଯାତାୟାତ ଠପ ହୋଇଯାଇଥିଲା। ଉଭୟ ଗ୍ରାମକୁ ମଙ୍ଗଳବାର ହିଁ ବିଦ୍ୟୁତ ସଂଯୋଗ ଦେବାପାଇଁ ଆନ୍ଦୋଳନକାରୀ ଅଡି ବସିଥିଲେ। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତ ପହଞ୍ଚି ଥିଲେ। ବିଦ୍ୟୁତ୍ ବିଭାଗର ଜେଇଙ୍କ ସହ ଆନ୍ଦୋଳନକାରୀଙ୍କୁ କଥା କରାଇବା ସହ ବିଦ୍ୟୁତ ମରାମତି କାମ ସାଙ୍ଗେ ସାଙ୍ଗେ ଆରମ୍ଭ କରିବାର ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ୪୫ମିନିଟ ପରେ ରାସ୍ତାରୁ ଉଠିଥିଲେ।



ବିଦ୍ୟୁତ ସଂଯୋଗ ପାଇଁ ଗ୍ରାମବାସୀଙ୍କ ରାସ୍ତାରୋକୋ।

## ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାୟଲିସିସ୍ ସେବା ଆରମ୍ଭ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ବାତ୍ୟା ବିଧ୍ୱସ୍ତ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ ହୋଇଛି ଡାୟଲିସିସ୍ ସେବା। ରୋଗୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ କାର୍ଯ୍ୟକ୍ଷମ କରିଛନ୍ତି। ସୋମବାର ୧୪ଜଣ କିଡ୍‌ନୀ ରୋଗୀଙ୍କର ସଫଳ ଡାୟଲିସିସ୍ ହୋଇପାରିଥିବା ବେଳେ ମଙ୍ଗଳବାର ଆଉ ୨୧ଜଣଙ୍କର ଜାରି ରହିଛି। ଫନୀରେ ପୁରୀ ସହର ସହ ମୁଖ୍ୟ ଡାକ୍ତରଖାନା ଭାଙ୍ଗିରୁଜି ଯାଇଥିଲା। ଏହା ମଧ୍ୟରେ ଥିବା ଡାୟଲିସିସ୍ କେନ୍ଦ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏଠାରେ ଥିବା ୭ ଶଯ୍ୟା ବିଶିଷ୍ଟ ଡାୟଲିସିସ୍ ୟୁନିଟ୍ ସହ ଆର୍‌ଓ ପ୍ଲାଣ୍ଟ, ଦୁଇହଜାର ଲିଟର କ୍ଷମତା ବିଶିଷ୍ଟ ୪ ପାଣିଟାଙ୍କି, ବୈଦ୍ୟୁତିକ ଉପକରଣ, ଏସି ଆଦି ଭାଙ୍ଗିଯାଇଥିଲା। ଫଳରେ ଜିଲାର ବହୁ କିଡ୍‌ନୀ ରୋଗୀ ଡାୟଲିସିସ୍ କରି ନ ପାରି ସମସ୍ୟାରେ ପଡ଼ି ଛଟପଟ ହୋଇଥିଲେ। ପରିସ୍ଥିତିର ଗମ୍ଭୀରତାକୁ ଦେଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଯୁଦ୍ଧକାଳୀନ ଭିତ୍ତିରେ ଡାୟଲିସିସ୍ ୟୁନିଟ୍‌କୁ କାର୍ଯ୍ୟକ୍ଷମ କରିବା ଲାଗି ସ୍ୱାସ୍ଥ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସଚିବଙ୍କ ନିର୍ଦ୍ଦେଶ ପରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ନିଜେ ପୁରୀ ଗସ୍ତ କରି ଡାୟଲିସିସ୍ ୟୁନିଟ୍ କିଭଳି ତୁରନ୍ତ କାର୍ଯ୍ୟକ୍ଷମ ହେବ, ତାହାର ତଦାରଖ କରିଥିଲେ। ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଏ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବା ଫଳରେ ବାତ୍ୟା ଯିବାର ମାତ୍ର ୧୦ଦିନ ମଧ୍ୟରେ ଡାୟଲସିସ୍ ୟୁନିଟ୍‌କୁ କାର୍ଯ୍ୟକ୍ଷମ କରାଯାଇପାରିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର କିଡ୍‌ନୀ ରୋଗୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଡାୟଲିସିସ୍ ସେବା ଯୋଗାଇ ଦେଉଛନ୍ତି।

## ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ସ୍ୱାମୀ ଗିରଫ

ଚୌଦ୍ୱାର,୧୪।୫(ଡି.ଏନ୍.ଏ.):


ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଚୌଦ୍ୱାର ପୋଲିସ ମଙ୍ଗଳବାର ତାଙ୍କ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟିପିଏମ୍ ଫାଣ୍ଡି ଅନ୍ତର୍ଗତ ନୂଆପାଟଣା ଗ୍ରାମର ବାସୁଦେବ ସ୍ୱାଇଁ। ଫାଣ୍ଡି ଅଧିକାରୀ ନୃସିଂହ ଚରଣ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, କଖଡ଼ି ଗ୍ରାମର ଦୀପାଞ୍ଜଳି ସ୍ୱାଇଁଙ୍କର ଗତ ୨୦୧୩ରେ ନୂଆପାଟଣା ଗ୍ରାମର ବାସୁଦେବଙ୍କ ସହ ବିବାହ ହୋଇଥିଲା। ମାତ୍ର ବିବାହର କିଛି ବର୍ଷ ପରେ ଦୀପାଞ୍ଜଳିଙ୍କୁ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ବାସୁଦେବ କହିଥିଲେ। ସେ ଏଥିରେ ଅରାଜି ହେବାରୁ ବାସୁଦେବ ତାଙ୍କୁ ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦେଉଥିଲେ। ଦୀପାଞ୍ଜଳିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୪୧/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

## ସୁନାଚେନ ଲୁଟ୍ ଅଭିଯୋଗରେ ୩ ଗିରଫ

କଟକ ଅଫିସ,୧୪।୫

ସୁନା ଚେନ ଲୁଟ୍ ଅଭିଯୋଗରେ ସିଡିଏ ଫେଜ୍-୨ ପୋଲିସ ମଙ୍ଗଳବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ମଠସାହିର ଗୁଡ଼ା ଗୋଚ୍ଛାୟତ, ଲାଲବାଗ ଥାନା ଅଞ୍ଚଳର ବିକାଶ ବେହେରା, ନିମଚୌଡ଼ି ଅଞ୍ଚଳର ଏସ୍.କେ. ୟୁସୁଫ। ଏମାନଙ୍କ ନିକଟରୁ ୩ସୁନା ଚେନ, ଗୋଟିଏ ବାଇକ୍, କଟୁରି ଜବତ ହୋଇଛି। ସୂଚନା ଅନୁଯାୟୀ, ଗତ ୨ତାରିଖ ରାତିରେ ଏନ୍‌ଡିଆର୍‌ଏଫ୍‌ର କନଷ୍ଟେବଲ ସନ୍ଦୀପ କୁମାର ତାଙ୍କ ସ୍ତ୍ରୀଙ୍କ ସହ ମଙ୍ଗୁଳିରୁ ସିଡିଏ ସେକ୍ଟର-୧୧ ଅଞ୍ଚଳକୁ ଫେରୁଥିଲେ। ଏହି ସମୟରେ ଉକ୍ତ ୩ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ହଠାତ ତାଙ୍କ ଆଗରେ ବାଇକ ରଖି ସନ୍ଦୀପଙ୍କ ସ୍ତ୍ରୀଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ। ସନ୍ଦୀପଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୧/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

■ ୩ ସୁନାଚେନ, ବାଇକ୍ ଓ କଟୁରି ଜବତ



■ ଫେଲ୍ ମାରିବ ସିଏମ୍‌ସିର ମୌସୁମୀ ମୁକାବିଲା

## ସଫା ହୋଇପାରୁନି ଡ୍ରେନ୍, ସରୁନି ପଙ୍କ ଉଦ୍ଧାର

କଟକ ଅଫିସ,୧୪।୫

କଟକ ସହରରେ ଅସରାଏ ବର୍ଷାରେ ସମସ୍ତ ଗଳିକନ୍ଦିରେ ଆଣ୍ଠୁଏ ଲେଖାଏ ପାଣି ରହୁଥିବା ବେଳେ ସହରର ମୁଖ୍ୟ ରାସ୍ତାରେ ପାଣି ଲହଡି ମାରୁଛି। ଘଡିଏ ବର୍ଷାରେ ସହରର ଅଧାରୁ ଅଧିକ ଅଞ୍ଚଳ ଜଳାର୍ଣ୍ଣବ ହୋଇଥାଏ। ପାଣି ଜମି ରହିବା ସହ ନିଷ୍କାସନ ନିମନ୍ତେ କୌଣସି ବି ପଦକ୍ଷେପ ଗ୍ରହଣ କରୁନାହିଁ ସିଏମ୍‌ସି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହ ବର୍ଷା ପୂର୍ବରୁ ଡ୍ରେନ ସଫା କରିବା ନିମନ୍ତେ ଦାବି ଉଠୁଛି। ଏଥର ନିର୍ଦ୍ଧାରିତ ସମୟରେ ଓଡ଼ିଶାରେ ମୌସୁମୀ ଛୁଇଁବ। ଏହି ଖବର ପାଇବା ପରେ ସିଏମ୍‌ସି ପକ୍ଷରୁ ଡ୍ରେନେଜ ପୁନରୁଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି। ଫନୀ ପୂର୍ବରୁ ସିଏମ୍‌ସି ପକ୍ଷରୁ ରାତିଅଧିଆ ଡ୍ରେନେଜ ସଫେଇ କାମ କରିବା ସହ ପଙ୍କ କଢାଯାଇ ସିଏମ୍‌ସି ଗାଡ଼ି ସହାୟତାରେ ଡ୍ରେନ ନିକଟରୁ ପଙ୍କ ଉଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଥିଲା। ଫନୀ ପ୍ରଭାବରେ ସହରରେ ଥିବା ଗଛ ଡାଳ, ପତ୍ର ପଡ଼ି ଡ୍ରେନଗୁଡ଼ିକ ଜାମ୍ ହୋଇଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ସିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୱାର୍ଡବାସୀ ଅଭିଯୋଗ କରିଛନ୍ତି ଯେ, ସିଏମ୍‌ସି ଖାଲି ମୁଖ୍ୟ ରାସ୍ତା ଡ୍ରେନ୍ ସଫେଇ କାମ କରୁଛି। କିନ୍ତୁ ୱାର୍ଡରେ ପୋତି ହୋଇଥିବା ଡ୍ରେନେଜକୁ ପୁନରୁଦ୍ଧାର କରାଯାଉନାହିଁ। ଫଳରେ ବର୍ଷା ହେଲେ ପାଣି ଡ୍ରେନରେ ଯିବା ବଦଳରେ ଘରେ ପଶି ଲୋକଙ୍କ ଆସବାବପତ୍ର ନଷ୍ଟ କରିଛି। ସିଏମ୍‌ସି ମୁଖ୍ୟ ଡ୍ରେନ ସହ ୱାର୍ଡରେ ଥିବା ଡ୍ରେନ୍‌କୁ ମଧ୍ୟ ସଫା କରିବାକୁ ଦାବି ହେଉଛି।

ଏ ନେଇ ସିଏମ୍‌ସି କହିଛି ଆଗୁଆ ମୌସୁମୀକୁ ଦୃଷ୍ଟିରେ ରଖି ଡ୍ରେନେଜ ସଫେଇ ଜୋରସୋରରେ ଚାଲିଛି। ଫନୀ ପ୍ରଭାବରେ ସଫେଇ କାମ ଅଟକିଛି। ଖୁବ୍‌ଶୀଘ୍ର ସଫେଇ କାମ କରାଯିବ। ସହରର ମୁଖ୍ୟ ଡ୍ରେନ କଲେକ୍ଟର ହାଉସଠାରୁ ମଡଗଜପୁର, ମହାନଦୀବିହାର ଡିଏଭି ସ୍କୁଲଠାରୁ ସିଆର୍‌ଆର୍‌ଆଇ ପର୍ଯ୍ୟନ୍ତ ଥିବା ଡ୍ରେନେଜକୁ ସଫା କରାଯିବ। ଏ ନେଇ ପାରାଦୀପରୁ ହେଭିଡ୍ୟୁଟି ଚେନ ମାଉଣ୍ଟେଡ୍ ସଫେଇ ମେଶିନ ସାହାଯ୍ୟରେ ସଫେଇ କାମ କରାଯିବ। ଏଥିସହ ୱାର୍ଡରେ ଥିବା ଡ୍ରେନକୁ ମଧ୍ୟ ସଫା କରାଯାଇ ପରିଷ୍କାର କରାଯିବ ବୋଲି ସଫେଇ କାର୍ଯ୍ୟରେ ଥିବା ଅଧିକାରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରକାଶ କରିଛନ୍ତି।



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଶକ୍ତି ପୁନରୁଦ୍ଧାର କ୍ଷେତ୍ରରେ ପାୱାର ଗ୍ରୀଡ୍‌ର ଯୋଗଦାନ

**ଭୁବନେଶ୍ୱର,୧୪।୫:** ଫନୀ ପରେ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ତଥା ତୁରନ୍ତ ଶକ୍ତି ପୁନରୁଦ୍ଧାର କାର୍ଯ୍ୟରେ ପାୱାର ଗ୍ରୀଡ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ(ପାୱାରଗ୍ରୀଡ) ନିଜର ଯୋଗଦାନ ରଖିଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ତୁରନ୍ତ ପୁନରୁଦ୍ଧାର ପଦ୍ଧତି(ଇଆର୍‌ଏସ୍) ଜ୍ଞାନକୌଶଳକୁ କମ୍ପାନୀ ବ୍ୟବହାର କରୁଛି। ସେସୁ ଏବଂ ଓପିଟିସିଏଲ୍‌କୁ ସହଯୋଗର ହାତ ବଢାଇବା ସହ ପଶ୍ଚିମବଙ୍ଗ ଏବଂ ଆନ୍ଧ୍ର ପ୍ରଦେଶରୁ ପ୍ରାୟ ୧୦୦୦ କୁଶଳୀ ଶ୍ରମିକଙ୍କୁ ନିୟୋଜିତ କରିବା ସହ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା କହିଛି। ସେହିଭଳି ଏହା ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ, ଉନ୍ନତ ଶକ୍ତି ସମ୍ପନ୍ନ ଡିଜି ସେଟ, ଅଧିକ ସଂଖ୍ୟକ ବିଦ୍ୟୁତ ଖୁଣ୍ଟି, କଣ୍ଡକ୍ଟର ଏବଂ ଇନସୁଲେଟର ଉପକରଣ ଯୋଗାଇ ଦେଇଥିବା ସୂଚନା ଦେଇଛି।

### ରାତିରେ ମହିଳାଙ୍କ ଘରେ ପଶି ଯୁବକ ହଟହଟା

**ବାଲିଅନ୍ତା,୧୪।୫(ଡି.ଏନ୍.ଏ.)-** ବାଲିଅନ୍ତା ଥାନା ଅଧୀନ ପଟୁପଡ଼ା ଗ୍ରାମରେ ରବିବାର ରାତି ୧୨ଟାରେ ଜଣେ ମହିଳାଙ୍କ ଘରେ ପଶିଯାଇଥିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ପ୍ରକାଶ ଯେ, ବାତ୍ୟା ଯୋଗୁ ସାରା ଅଞ୍ଚଳ ଅନ୍ଧାର ଥିବା ହେତୁ ମହିଳା ଜଣକ ସ୍ୱାମୀଙ୍କ ସହ ଘର କବାଟ ଖୋଲି ଶୋଇଥିଲେ। ଏହି ସମୟରେ ବିବାହ ଭୋଜି ଖାଇ ଫେରୁଥିବା ଜଣେ ଯୁବକ ମଦ ନିଶାରେ ସମ୍ପୃକ୍ତ ମହିଳାଙ୍କ ଘରେ ପଶିଯାଇଥିଲେ। ମହିଳା ଜଣକ ଘରେ କେହି ଜଣେ ପଶିଥିବା ଜାଣିପାରି ପାଟି କରିଥିଲେ। ସାହସର ସହ ଘରେ ପଶିଥିବା ଯୁବକଙ୍କୁ ମାଡ଼ି ବସିଥିଲେ। ପାଟିଶୁଣି ପରିବାର ଲୋକେ ଉଠିପଡ଼ିଥିଲେ। ପରେ ସ୍ଥାନୀୟ ଲୋକେ ସେହି ଯୁବକଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ। ନିଜର ଭୁଲ ସ୍ୱୀକାର କରିବା ପରେ ଯୁବକ ଜଣଙ୍କୁ ସ୍ଥାନୀୟ ଲୋକେ ଛାଡିଥିଲେ।

### ଖୋଲିଲା ୫୩ ଜଳସେବା ଶିବିର

**ଭୁବନେଶ୍ୱର,୧୪।୫(ବ୍ୟୁରୋ)-** ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସହ ହାତ ମିଳାଇ ସାମାଜିକ ସଙ୍ଗଠନ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ବ୍ୟବସାୟୀ ମହାସଂଘ ଓ ବିଭିନ୍ନ ବାଣିଜ୍ୟ ପ୍ରତିଷ୍ଠାନ ଜଳସେବା ଶିବିର ଖୋଲିଛନ୍ତି। ଗୋଟିଏ ଦିନରେ ୫୩ ଶିବିର ଖୋଲାଯାଇଥିବା ବେଳେ ଆସନ୍ତା ଦୁଇଦିନ ମଧ୍ୟରେ ଏହାର ସଂଖ୍ୟା ୧୦୦ରୁ ଊର୍ଦ୍ଧ୍ୱ ହେବ ବୋଲି ବିଏମ୍‌ସି ଅତିରିକ୍ତ ଆୟୁକ୍ତ ସୁରଥ ଚନ୍ଦ୍ର ମଲ୍ଲିକ କହିଛନ୍ତି। ସେହିପରି ବୁଧବାରଠାରୁ ସହରର ବିଭିନ୍ନ ସ୍ଥାନରେ ୧୧ ଆହାର କେନ୍ଦ୍ର ପୁଣି ଖୋଲାଯିବ। ନଖରାସ୍ଥିତ ବର୍ଣ୍ଣକୁଦର ସେଣ୍ଟ୍ରାଲ କିଚେନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଦିନରେ ପାଖାପାଖି ୮ହଜାର ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ବିଏମ୍‌ସି ମୁଖ୍ୟାଳୟରେ କାର୍ଯ୍ୟରତ ମଲ୍ଟି କଣ୍ଟ୍ରୋଲ ରୁମ୍‌ରେ(ବହୁମୁଖୀ ନିୟନ୍ତ୍ରଣ କକ୍ଷ) ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୧୫୨୧ ଅଭିଯୋଗ ଆସିଛି। ମୁଖ୍ୟତଃ ଗଛ କାଟିବା ଓ ଷ୍ଟ୍ରିଟ ଲାଇଟ୍ ନ ଜଳିବା ନେଇ ଅଭିଯୋଗ ଆସିଥିବା ବେଳେ ସେ ସବୁ ପ୍ରତି ବିଏମ୍‌ସି କର୍ମଚାରୀ ଧ୍ୟାନ ଦେଉଛନ୍ତି।

### ବାତ୍ୟାରେ ଶ୍ରୀବକ୍ରେଶ୍ୱର ଉଚ୍ଚବିଦ୍ୟାଳୟ କ୍ଷତିଗ୍ରସ୍ତ

**ବାଲିଅନ୍ତା,୧୪।୫(ଡି.ଏନ୍.ଏ.)-** ବାତ୍ୟା 'ଫନୀ'ରେ ବାଲିଅନ୍ତା ବ୍ଲକର ଶ୍ରୀ ବକ୍ରେଶ୍ୱର ଉଚ୍ଚବିଦ୍ୟାଳୟର ୩ବଖରା ଶ୍ରେଣୀଗୃହ ଭାଙ୍ଗିପଡ଼ିଛି। ଏହାସହ ସାଇକେଲ ଷ୍ଟାଣ୍ଡ, ଶୌଚାଳୟ, ରୋଷେଇ ଗୃହ ସମେତ ସମସ୍ତ ଗଛ ଓ ଜଳଯୋଗାଣ ପାଇପ ଭାଙ୍ଗିରୁଜି ଯାଇଛି। ଏହି ବିଦ୍ୟାଳୟ ୧୯୩୬ ମସିହାରେ ସ୍ଥାପିତ ହୋଇଥିଲା। ଭାଙ୍ଗିପଡ଼ିଥିବା ୩ବଖରା ଆଜବେଷ୍ଟସ ଶ୍ରେଣୀଗୃହକୁ ପକ୍କାଗୃହରେ ପରିଣତ କରାଯାଉ ବୋଲି ପରିଚାଳନା କମିଟିର ସଭ୍ୟ ରମେଶ ବିଶ୍ୱାଳ କହିଛନ୍ତି। ବିଦ୍ୟାଳୟର ପରିଚାଳନା କମିଟି ଏବଂ ଏସ୍‌ଏମ୍‌ଡିସି କମିଟି ପକ୍ଷରୁ ଭାଙ୍ଗିପଡ଼ିଥିବା ଗଛଗୁଡିକର ସଫେଇ କାର୍ଯ୍ୟ ଚାଲିଛି। ଏ ନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ କରଣ କୁହନ୍ତି, ଏହି ପ୍ରାଚୀନ ବିଦ୍ୟାଳୟ ଶିକ୍ଷା ଭିତ୍ତିଭୂମି ବାତ୍ୟାରେ ପ୍ରଭାବିତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ହେବ। ସିଆର୍‌ସିସିଙ୍କ ମାଧମରେ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ବିଦ୍ୟାଳୟ ପକ୍ଷରୁ କ୍ଷୟକ୍ଷତିକୁ ନେଇ ଜିଲାପାଳ ଓ ଡିଇଓଙ୍କୁ ମଧ୍ୟ ଚିଠି କରାଯାଇଥିବା କହିଛନ୍ତି।

■ ଭଙ୍ଗା ଖୁଣ୍ଟ, ତ୍ରୁଟିପୂର୍ଣ୍ଣ ତାରରେ ବିଦ୍ୟୁତ୍ ସଂଯୋଗ

# ସେସୁ କର୍ମଚାରୀଙ୍କୁ ଘଣ୍ଟାଏ ଅଟକ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**



ଭାଙ୍ଗି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ।



ଉତ୍ତ୍ୟକ୍ତ ଲୋକେ ସେସୁ କର୍ମଚାରୀଙ୍କୁ ଅଟକ ରଖିଛନ୍ତି।

■ ମନଇଚ୍ଛା କାର୍ଯ୍ୟ ଯୋଗୁ ଅନ୍ଧାରରେ ରହୁଛନ୍ତି ଲୋକେ
■ ଉଦ୍ଧାର କଲା ପୋଲିସ

ବାତ୍ୟା ପରଠାରୁ ବିନା ବିଦ୍ୟୁତ୍‌ରେ ଦହଗଞ୍ଜ ହେଉଛନ୍ତି ଲୋକେ। ଏହାକୁ ନେଇ ପ୍ରତିଦିନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏହାସତ୍ତ୍ୱେ ମନଇଚ୍ଛା ବିଦ୍ୟୁତ୍ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଫଳରେ ବିଦ୍ୟୁତ୍ ସଂଯୋଗ ସତ୍ତ୍ୱେ ବି ଲୋକେ ଅନ୍ଧାରରେ ରହୁଛନ୍ତି। ପୁଣି କେଉଁଠି ବାରମ୍ବାର ବିଦ୍ୟୁତ୍ କଟୁଛି ତ କେତେବେଳେ ଘଣ୍ଟା ଘଣ୍ଟା ଧରି ସେବା ବ୍ୟାହତ ହେଉଛି। ଏପରିସ୍ଥିତିକୁ ନେଇ କିଛିଦିନ ହେବ ସାଲିଆସାହିରେ ଉତ୍ତେଜନାତ୍ମକ ପରିସ୍ଥିତି ଲାଗି ରହିଛି। ବିଦ୍ୟୁତ୍ ସଂଯୋଗ ସତ୍ତ୍ୱେ ଭଙ୍ଗା ଖୁଣ୍ଟରେ ତ୍ରୁଟିପୂର୍ଣ୍ଣ ତାର ମରାମତି ଯୋଗୁ ସାଲିଆସାହିର ହାତିଶୁଣି ବସ୍ତିଲୋକେ ବିଦ୍ୟୁତ୍ ସେବା ପାଇପାରି ନାହାନ୍ତି। ଅଭିଯୋଗ ସତ୍ତ୍ୱେ କେହି ଶୁଣୁ ନ ଥିଲେ। ଏହାକୁ ନେଇ ଦୁଇଦିନ ହେବ ବସ୍ତିବାସିନ୍ଦା ଉତ୍ତେଜିତ ହୋଇ ରହିଥିଲେ। ମଙ୍ଗଳବାର ସେମାନେ ସେସୁର ଏକ ଗାଡ଼ିକୁ ଅଟକାଇଥିଲେ। ଏପରିକି କର୍ମଚାରୀଙ୍କୁ ସେମାନେ ଗାଡିରୁ ବାହାରିବାକୁ ଦେଇ ନ ଥିଲେ। ଖବର ପାଇ ନୟାପଲୀ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ବିଦ୍ୟୁତ୍ ତାର ନ ସଜାଡିବା ପର୍ଯ୍ୟନ୍ତ ଛଡାଯିବ ନାହିଁ ବୋଲି ଲୋକମାନେ ଜିଦ୍ ଧରିଥିଲେ। ରାତି ହୋଇଯାଇଥିବାରୁ ବୁଧବାର ସକାଳେ ତୁରନ୍ତ ସଜଡାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଲୋକେ ସେସୁ କର୍ମଚାରୀଙ୍କୁ ଛାଡ଼ିଥିଲେ।

୧୨ ତାରିଖ ସୁଦ୍ଧା ଭୁବନେଶ୍ୱର ସହରକୁ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ସରକାର କହିଥିଲେ। ହେଲେ ଏହା କେବଳ ଭିଆଇପିଙ୍କ ପାଇଁ ବୋଲି ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ବାସ୍ତବରେ ଗରିବ ଲୋକେ ରହୁଥିବା ଏକାଧିକ ବସ୍ତିରେ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇନାହିଁ। ଯେଉଁଠି ଖୁଣ୍ଟକୁ ବିଦ୍ୟୁତ୍ ସଂଯୋଗ ହୋଇଛି ସତ କର୍ମଚାରୀଙ୍କ ଭୁଲ୍ ପାଇଁ ଘରକୁ ଯାଉପାରୁନି। ଲୋକମାନେ ସେସୁ ଅଫିସ ଦୌଡୁଥିଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁନାହାନ୍ତି। ଏପରିକି ସାଲିଆ ସାହି ହାତିଆଶୁଣି ବସ୍ତିରେ ବିଦ୍ୟୁତ ବିଭାଗର ଚରମ ଅବହେଳା ଦେଖିବାକୁ ମିଳିଛି। ବିଦ୍ୟୁତ୍ ବିଭାଗ ଭଙ୍ଗା ଖୁଣ୍ଟିକୁ ନ କାଢି ସେଥିରେ ବିଦ୍ୟୁତ୍ ସଂଯୋଗ କରି କରି ଲାଇନ୍ ଦେଇଛନ୍ତି। ଏପରିକି ଯଦି ଟିକେ ଜୋରରେ ପବନ ବହେ ତେବେ ଏହି ଅଧାଭଙ୍ଗା ଖୁଣ୍ଟିଟି ଖସିପଡିବା ଏକ ପ୍ରକାର ନିଶ୍ଚିତ। ଦୁଇ ଦିନ ତଳେ ବିଦ୍ୟୁତ ବିଭାଗ ଲୋକ ଘରକୁ ଆସିଥିବା ସର୍ଭିସ ତାରକୁ ଖୁଣ୍ଟରେ ଭୁଲ୍ ସଂଯୋଗ କରିଥିଲେ। ଏଭଳି ଭୁଲ୍ ଯୋଗୁ ବସ୍ତିରେ ଓହଳି ରହିଥିବା ତାର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ବସ୍ତି ଲୋକେ ସେସୁକୁ ଏହାକୁ ସଜାଡିବାକୁ କହିଥିଲେ। ଟଙ୍କା ଦେଇ ଲାଇନ୍‌ମ୍ୟାନ୍‌କୁ ଡାକି ସଜାଡିବାକୁ ସେସୁ ପକ୍ଷରୁ କୁହାଗଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟାରେ ସେସୁ କର୍ମଚାରୀମାନେ ଏକ ଗାଡିରେ ହାତିଆଶୁଣି ଦେଇ ଲାଇନ୍ ଚେକ୍ କରିବା ପାଇଁ ସାଲିଆସାହି ଭିତରକୁ ଯାଇଥିଲେ। ଏହାଦେଖି ବସ୍ତି ଲୋକେ ସେସୁର ଗାଡିକୁ ଏକ ଅଟକାଇ ଖୁଣ୍ଟ ଚଢ଼ି ବିଦ୍ୟୁତ ତାରକୁ ଠିକ ଭାବେ ସଂଯୋଗ ନ କଲେ ଯାଇପାରିବ ନାହିଁ ବୋଲି କହିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ସମୟ ଧରି ସେସୁ କର୍ମଚାରୀମାନେ ହଟହଟା ହେବା ପରେ ପୋଲିସ ଦ୍ୱାରା ଉଦ୍ଧାର ପାଇଥିଲେ।

ହାତିଆଶୁଣି ବସ୍ତିର ରାକେଶ ରାଉତ କହିଛନ୍ତି ଯେ, ଆମକୁ ବିଦ୍ୟୁତ୍ ଦେଉ ନ ଥିଲେ। ଶେଷରେ ବସ୍ତିଲୋକେ ରାସ୍ତା ରୋକ କରିବା ପରେ ବିଦ୍ୟୁତ୍ ସଂଯୋଗ ଦେଇଥିଲେ। ସେମାନେ ଭଙ୍ଗା ଖୁଣ୍ଟକୁ ନ କାଢ଼ି ସେଥିରେ ତାର ବାନ୍ଧି ବିଦ୍ୟୁତ୍ ସଂଯୋଗ ଦେଇଛନ୍ତି। ହେଲେ ଲୋକଙ୍କ ଘରକୁ ଖୁଣ୍ଟରୁ ଯେଉଁ ସର୍ଭିସ ତାର ଯାଇଛି ତାହାକୁ ଠିକ୍ ଭାବେ ସଂଯୋଗ କରିନାହାନ୍ତି। ଏଣେ ତେବେ ସଂଯୋଗ କରିଥିବା ଘରକୁ ବିଦ୍ୟୁତ୍ ଯାଉନାହିଁ। ଫଳରେ ରାତିରେ ବସ୍ତି ଲୋକେ ଶୋଇପାରୁ ନାହାନ୍ତି। ଏନେଇ ସେସୁ ପକ୍ଷରୁ କହାଯାଇଛି, ବସ୍ତି ଲୋକଙ୍କୁ ଯେଉଁ ସମସ୍ୟା ରହିଛି ତାହା ବୁଧବାର ସୁଦ୍ଧା ସମାଧାନ କରାଯିବ। ଏଥିରେ ସେମାନେ ଏଭଳି କର୍ମଚାରୀଙ୍କୁ ଅଟକ ରଖିବା ଠିକ୍ ନୁହେଁ।

■ ବାତ୍ୟାକୁ ବିତିଲା ୧୨ ଦିନ

# ଦୂର ହୋଇନି ବିପନ୍ନଙ୍କ ଦୁର୍ଦ୍ଦଶା

**କାକଟପୁର, ୧୪।୫(ଡି.ଏନ୍.ଏ.)**



ବାତ୍ୟାରେ କଚ୍ଚା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି।

ସାମୁଦ୍ରିକ ଝଡ଼ ଫନୀରେ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା କାକଟପୁର ୧୬ ପଞ୍ଚାୟତର ୧୦୨ ଗାଁ ଏବଂ ଅସ୍ତରଙ୍ଗ ବ୍ଲକ ୧୫ ପଞ୍ଚାୟତର୯୬ଟି ଗାଁ। ବ୍ଲକ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ରିଲିଫ ସାମଗ୍ରୀ ବଣ୍ଟନ ଚାଲିଛି। ତେବେ ବାତ୍ୟାକୁ ୧୨ଦିନ ବିତିଥିଲେ ବି ବାତ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା କମିନାହିଁ। ଏହି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ହୋଇପାରି ନ ଥିବାବେଳେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରିରହିଛି। ତେଣୁ ଲୋକମାନେ ଦିନରେ ଓ ରାତିରେ ଶୋଇପାରୁନାହାନ୍ତି। ପାନୀୟଜଳ ପ୍ରକଳ୍ପଗୁଡ଼ିକୁ ସୀମିତ ସମୟ ପାଇଁ ଜେନେରେଟର ଦ୍ୱାରା ଚଳାଯାଇ ପାନୀୟ ଜଳ ଯୋଗାଣ କରାଯାଉଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇପାରୁନାହିଁ। ମୋବାଇଲ ଚାର୍ଜ କରିବାକୁ ଲୋକମାନେ ବିଭିନ୍ନ ଛକ, ବଜାରମାନଙ୍କରେ ଲଗାଯାଇଥିବା ଜେନେରେଟର ପାଖରେ ଭିଡ଼ ଜମାଉଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଘରଭଙ୍ଗା ସମ୍ପର୍କରେ ତଦନ୍ତ କରାଯାଉ ନ ଥିବାରୁ ବିପନ୍ନମାନେ ସେମାନଙ୍କ ଭାଙ୍ଗିଯାଇଥିବା ଘରଗୁଡ଼ିକୁ ମରାମତି କରୁନାହାନ୍ତି। ଘର ସଜାଡ଼ିଦେଲେ କାଳେ କ୍ଷତିପୂରଣ ନ ମିଳିପାରେ ସେହି ଆଶଙ୍କାରେ ବିପନ୍ନ ପରିବାରଗୁଡ଼ିକ ହାତବାନ୍ଧି ବସିଛନ୍ତି। ଉଦ୍ୟାନକୃଷି ବିଭାଗ ପକ୍ଷରୁ ଯଦିଓ କ୍ଷତିଗ୍ରସ୍ତ ପାନବରଜ ଓ ପନିପରିବା ଚାଷ ସମ୍ପର୍କରେ ଅନୁଧ୍ୟାନ କରାଯାଇଛି, କିନ୍ତୁ କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇନାହିଁ। ଫଳରେ ଚାଷୀମାନେ ଉଜୁଡ଼ିଯାଇଥିବା ପାନବରଜ, ପରିବାଚାଷକୁ ସଜାଡ଼ି ପାରୁନାହାନ୍ତି। ଫନୀର ୧୨ଦିନ ପରେ ବି ଅସ୍ତରଙ୍ଗ-କାକଟପୁର ମୁଖ୍ୟ ରାସ୍ତାର ମଲାମାଛ, ଦହିଖିଆ, ଜିଉନ୍ତି, କାକଟପୁର-ଚାରିଛକ ମୁଖ୍ୟ ରାସ୍ତାର ତୁଳସୀପୁର, ଅମରେଶ୍ୱର, ଯୋଗେଶ୍ୱରପୁର, ନୟାହାଟ ପ୍ରଭୃତି ସ୍ଥାନରେ ଭାଙ୍ଗିପଡ଼ିଥିବା ଗଛ ପଡ଼ିରହିଥିବାରୁ ଯାନବାହନ ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି। ଅସ୍ତରଙ୍ଗ ଉପକୂଳ ଜଙ୍ଗଲ, ଟଭାଗୋଲରାଗଡ଼ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇ ନ ଥିବାରୁ ପ୍ରବଳ ଗ୍ରୀଷ୍ମରେ ସେମାନେ ଆଉଟୁ ପାଉଟୁ ହେଉଛନ୍ତି। କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ୯୫ଟି ରାସ୍ତା ଏବଂ ୮୯ଟି ସରକାରୀ କାର୍ଯ୍ୟାଳୟ ଗୃହ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏଗୁଡ଼ିକର ମରାମତି କରାଯାଇ ନ ଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ଟେଲିସେବା ପାଇଁ ଅଠରନଳାରେ ଜମୁଛି ଭିଡ଼

**ପୁରୀ ଅଫିସ, ୧୪।୫**

'ଫନୀ' ପ୍ରଭାବରେ ପୁରୀ ସହରରେ ବହୁ ଟେଲିକମ୍ ଟାୱାର କ୍ଷତିଗ୍ରସ୍ତ ହୋଇଛି। କେଉଁଠି ଟାୱାର ଉପୁଡ଼ି ପଡ଼ିଛି ତ, ଆଉ କେଉଁଠି ଛାତ ସହ ତଳେ ମୋଡ଼ିମାଡ଼ି ହୋଇ ପଡ଼ିରହିଛି। ଫଳରେ ଗତ ୩ତାରିଖଠାରୁ ଟେଲି ଯୋଗାଯୋଗ ଠପ୍ ହୋଇଯାଇଛି। କେତେକ ଟେଲିଫୋନ କମ୍ପାନୀଙ୍କ ମଧ୍ୟରେ ଆପୋଷ ବୁଝାମଣାରେ ସହରରେ ଅସ୍ଥାୟୀ ଟାୱାର ଲାଗିଛି। ସହରରେ ଅନେକ ସମୟରେ ନେଟୱର୍କ ଅପ୍‌ଡାଉନ ରହୁଛି। ଅନ୍ୟପଟେ ଅଠରନଳାରେ ନେଟୱର୍କ ଦ୍ରୁତଗତିରେ କାମ କରୁଥିବାରୁ ସନ୍ଧ୍ୟା ହେଲେ ସେଠାରେ ଲୋକଙ୍କ ଭିଡ଼ ଜମୁଛି। ଲୋକେ ନିଜ ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ଘଣ୍ଟା ଘଣ୍ଟା ଧରି କଥାବାର୍ତ୍ତା ହେଉଛନ୍ତି। ରାତି ହେଲେ ଯୁବବର୍ଗଙ୍କ ଭିଡ଼ ହେଉଛି। ଗ୍ରୁପ୍ ହୋଇ କିଏ କ୍ରିକେଟ ମ୍ୟାଚ ଦେଖୁଛନ୍ତି ତ ଆଉ କେହି ଟିଭି ନ୍ୟୁଜ୍ ଦେଖୁଛନ୍ତି। ସେହିପରି ଅନ୍ୟ କେହି ଅନଲାଇନରେ ଚାଟିଂରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି। ଯୁବ ବ୍ୟବସାୟୀ ସୌମ୍ୟରଞ୍ଜନ ପାତ୍ର କୁହନ୍ତି ବାତ୍ୟା ପରଠାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏବେ ଏଥିରୁ ଆଶ୍ୱସ୍ତି ମିଳିଛି।

# ରିଲିଫ ପାଇଁ ଲମ୍ବାଧାଡ଼ି

■ ବାତ୍ୟାରେ ୪୪୧୦ ଲୋକ କ୍ଷତିଗ୍ରସ୍ତ



ରିଲିଫ ପାଇଁ ଲୋକମାନଙ୍କ ଲମ୍ବା ଧାଡ଼ି।

**ବାରଙ୍ଗ,୧୪।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ରେ ଭୁବନେଶ୍ୱର ବ୍ଲକର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷତି ଘଟିଛି। ଘର ଭାଙ୍ଗିବା ସହ ଫସଲ ନଷ୍ଟ ହୋଇଛି। ବିପନ୍ନଙ୍କୁ ସହାୟତା ଦେବା ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପ୍ରତ୍ୟେକ ଗ୍ରାମ ବୁଲି କ୍ଷୟକ୍ଷତିର ଆକଳନ କରିବା ସହ ହିତାଧିକାରୀଙ୍କୁ ଚୟନ କରୁଛନ୍ତି। ମେଣ୍ଢାଶାଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ କଣ୍ଟାବାଡ ଓ ମେଣ୍ଢାଶାଳ ଦୁଇଟି ପଞ୍ଚାୟତରେ ୧୪୨୪ଜଣଙ୍କ କ୍ଷତି ହୋଇଥିବା ପ୍ରାଥମିକ ଆକଳନରେ ଜଣାପଡିଛି ବୋଲି ମେଣ୍ଢାଶାଳ ଆର୍‌ଆଇ ପ୍ରକାଶ ସେଠ କହିଛନ୍ତି। ସେହିଭଳି ଚନ୍ଦକା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଚନ୍ଦକା, ଅନ୍ଧାରୁଆ ଓ ଦାରୁଠେଙ୍ଗ ତିନୋଟି ପଞ୍ଚାୟତରେ ୨୯୮୬ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି। ତେବେ ଶେଷ ପର୍ଯ୍ୟାୟ ଆକଳନ ବାକି ରହିଛି ବୋଲି ଚନ୍ଦକା ରାଜସ୍ୱ ନିରୀକ୍ଷକ ଦୁଃଖୀଶ୍ୟାମ ସ୍ୱାଇଁ କହିଛନ୍ତି। ଚନ୍ଦକାରେ ୧୮୬୪ହିତାଧିକାରୀଙ୍କୁ ଗୋଟିଏ ଜାଗାରେ ୫୦କେଜି ଚାଉଳ, ପଲିଥିନ, ୨ହଜାରେ ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦାନ କରାଯାଉଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ଉକ୍ତ ଜାଗାରେ ଭିଡ ରହିଥିବାରୁ ଭୁବନେଶ୍ୱର ବ୍ଲକ ପକ୍ଷରୁ ମନୋଜ କୁମାର ସାହୁ ଉପସ୍ଥିତ ରହି ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

# ମାଇକ୍ରୋ ଏଟିଏମ୍‌ରେ ମିଳିବ ଟଙ୍କା

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ବାତ୍ୟାକୁ ୧୧ଦିନ ବିତିଯାଇଥିଲେ ମଧ୍ୟ ବ୍ୟାଙ୍କ ଓ ଏଟିଏମ୍ ସେବା ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନାହିଁ। ଫଳରେ ବ୍ୟାଙ୍କ ଓ ଏଟିଏମ୍ ସାମ୍ନାରେ ଲୋକଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ଓ ଆକ୍ସିସ୍ ବ୍ୟାଙ୍କର ମିଳିତ ପ୍ରୟାସରେ ସହରର ବିଭିନ୍ନ ସ୍ଥାନରେ ମାଇକ୍ରୋ ଏଟିଏମ୍ ପ୍ରଚଳନ କରି ଆର୍ଥିକ ବ୍ୟବସ୍ଥାକୁ ସୁଧାରିବା ଲାଗି ପ୍ରଚେଷ୍ଟା କରାଯାଇଛି। ଏଥିରେ ଜଣେ ଲୋକ ପ୍ରତିଥର ୨ହଜାର ଟଙ୍କିଆ ଗୋଟିଏ ନୋଟ୍ ଉଠାଇ ପାରିବ। ଏହି ସେବାକୁ ପ୍ରାଥମିକ ପର୍ଯ୍ୟାୟରେ ସହରର ମୁଖ୍ୟ ସ୍ଥାନ ଯଥା ରେଳ ଷ୍ଟେଶନ, ହସ୍ପିଟାଲ ଓ ବିଭିନ୍ନ ମାର୍କେଟରେ କାର୍ଯ୍ୟକାରୀ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ବିଏମ୍‌ସି ଓ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ଏ ନେଇ ଚୁକ୍ତି ହୋଇଥିବା ବେଳେ ପ୍ରାରମ୍ଭିକ ଭାବେ ୪ ମାଇକ୍ରୋ ଏଟିଏମ୍ ବ୍ୟାଙ୍କ ପକ୍ଷରୁ ଯୋଗାଇ ଦିଆଯିବ। ଯେ ପର୍ଯ୍ୟନ୍ତ ସହରରେ ସମସ୍ତ ପୁନରୁଦ୍ଧାର କାର୍ଯ୍ୟ ନ ସରିଛି ଓ ବ୍ୟାଙ୍କ ସେବା ସ୍ୱାଭାବିକ ନ ହୋଇଛି, ସେ ପର୍ଯ୍ୟନ୍ତ ଏହି ସେବା ଜାରି ରହିବ। ଆବଶ୍ୟକ ପଡ଼ିଲେ ପରେ ଅଧିକ ମାଇକ୍ରୋ ଏଟିଏମ୍ ଯୋଗାଇ ଦିଆଯିବ ବୋଲି ଆକ୍ସିସ୍ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଫନୀ: ସହଯୋଗର ହାତ ବଢ଼ାଇଲେ ଓଡିଏମ୍ ଛାତ୍ରୀଛାତ୍ର



**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ରାଜଧାନୀ ଭୁବନେଶ୍ୱରର ସ୍ୱଚ୍ଛତା ଓ ପୁନଃନିର୍ମାଣ ଦିଗରେ ସହଯୋଗର ହାତ ବଢ଼ାଇଛନ୍ତି ଓଡିଏମ୍ ସ୍କୁଲ ଛାତ୍ରୀଛାତ୍ର। ସ୍କୁଲ ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ନେତୃତ୍ୱରେ ବିଦ୍ୟାଳୟ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ରାସ୍ତାକଡ଼ରେ ପଡ଼ିଥିବା ଗଛଗୁଡ଼ିକୁ ସଫାକରି ଯାନବାହନ ଚଳାଚଳକୁ ସୁଗମ କରିପାରିଛନ୍ତି। ଏହାବ୍ୟତୀତ ଅଳିଆ ଆବର୍ଜନାକୁ ସଫାକରି ସହରର ପୂର୍ବ ସ୍ୱଚ୍ଛତା ଫେରାଇ ଆଣିବାକୁ ପ୍ରଚେଷ୍ଟା ଚଳାଇଛନ୍ତି। ବିଦ୍ୟାଳୟର ଏ ପ୍ରକାର ପଦକ୍ଷେପକୁ ଅଭିଭାବକ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ପ୍ରଶଂସା କରିଛନ୍ତି।

# ଅଣହିତାଧିକାରୀଙ୍କୁ ସହାୟତା ପ୍ରଦାନ ପ୍ରକ୍ରିୟା ଆରମ୍ଭ

**ପୁରୀ ଅଫିସ, ୧୪।୫**

ପୁରୀ ଜିଲାରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଅନ୍ତ୍ୟୋଦୟ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ପ୍ରତ୍ୟେକ କାର୍ଡ ପିଛା ୨ହଜାର ଟଙ୍କା ବଣ୍ଟନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୨,୯୭,୨୪୭ ପରିବାର ଏହି ଟଙ୍କା ପାଇଛନ୍ତି। ଅଣହିତାଧିକାରୀଙ୍କୁ ଟଙ୍କା ବଣ୍ଟନ ପାଇଁ ପ୍ରାକ୍ ପ୍ରକ୍ରିୟା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ଅଞ୍ଚଳର ଗୃହ ବିବରଣୀ ତାଲିକା (ହାଉସ୍ ହୋଲ୍‌ଡ ରେଜିଷ୍ଟର) ପ୍ରଦାନ କରିବାକୁ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଜିଲାପାଳ ବଲୱନ୍ତ ସିଂ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅବମାନନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ସୋମବାର ସୁଦ୍ଧା ବାତ୍ୟା ବିପନ୍ନଙ୍କୁ ୨,୮୪୬ କୁଇଣ୍ଟାଲ ଚୁଡ଼ା ଓ ୩୭୭ କୁଇଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ଜିଲାରେ ୮ଟି ଭ୍ରାମ୍ୟମାଣ ଜଳ ବିଶୋଧନ ୟୁନିଟ୍ କାର୍ଯ୍ୟକ୍ଷମ ହେଉଥିବାବେଳେ ଏବେ ସୁଦ୍ଧା ୩୪୪ଟି ନଳକୂପ ମରାମତି ହୋଇଛି। ୭,୪୮୧ କୂଅ ବିଶୋଧନ କରାଯାଇଛି। ସେହିପରି ବାତ୍ୟାରେ ଏ ପର୍ଯ୍ୟନ୍ତ ୩୧,୪୭୦ ହେକ୍ଟର ଜମିର ଫସଲହାନି, ୧୫୨୧ଟି ଡଙ୍ଗା ଓ ୨୦୩୬ଟି ମାଛଧରା ଜାଲ ନଷ୍ଟ ହୋଇଥିବା ତଥ୍ୟ ମିଳିଛି। ୧,୧୦୦ ମେଟ୍ରିକ ଟନ୍ ଗୋଖାଦ୍ୟ ବଣ୍ଟନ କରାଯାଇଛି । ଆସନ୍ତା ୫ଦିନ ମଧ୍ୟରେ ମୃତ ଜୀବଜନ୍ତୁଙ୍କ ସ୍ଥାନ ବିଶୋଧନ କରାଯିବ । ଜିଲାରେ ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ପୁନଃ କାର୍ଯ୍ୟକ୍ଷମ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ସହ ରିଲିଫ୍ ଓ ଥଇଥାନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ପୁରୀ ସହରର ୫ଟି ସ୍ଥାନରେ ସୁଲଭ ମୂଲ୍ୟରେ ଲୋକଙ୍କୁ ଆଳୁ, ପିଆଜ, ଦିଆସିଲି ଏବଂ ମହମବତି ଯୋଗାଇ ଦିଆଯାଉଛି। ଆଳୁ କିଲୋ ୧୦ ଓ ପିଆଜ କିଲୋ ୧୩ ଟଙ୍କାରେ ବିକ୍ରି କରାଯାଉଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

■ ୨ଲକ୍ଷ ଦାଦାବଟି ଦେବାକୁ ମନା କରିବାରୁ

# ଘରୋଇ ସଂସ୍ଥାର ନିର୍ଦ୍ଦେଶକ, କର୍ମଚାରୀଙ୍କୁ ଆକ୍ରମଣ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ନୟାପଲ୍ଲୀସ୍ଥିତ ଆରେଞ୍ଜି ଫ୍ରେଶ୍ ସିଷ୍ଟମ ନାମକ ଏକ ଘରୋଇ ସଂସ୍ଥାର ନିର୍ଦ୍ଦେଶକ ଓ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଦାଦାବଟି ନ ଦେବାରୁ ୫ଜଣ ଯୁବକ କମ୍ପାନୀରେ ପଶି ଆକ୍ରମଣ କରିବା ସହ ଲଙ୍କାକାଣ୍ଡ ଘଟାଇଛନ୍ତି। ଏଥିରେ ସଂସ୍ଥାର ନିର୍ଦ୍ଦେଶକ, ତାଙ୍କ ବାପା ଓ ୨ଜଣ କର୍ମଚାରୀ ଆହତ ହୋଇଛନ୍ତି। ଏ ନେଇ ସଂସ୍ଥାର ସିଇଓ ଅମରେନ୍ଦ୍ର କୁମାର ବେହେରା(୪୮) ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୧୪, ୩୨୩, ୩୮୭, ୫୦୬ ଓ ୩୪ରେ ମାମଲା (ନଂ. ୨୨୯/୧୯)ରୁଜୁ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଧାମନଗରର କୃଷ୍ଣାବଲ୍ଲଭ ମହାପାତ୍ର(୩୯) ଓ ଚକେଇଶିଆଣିରେ ରହୁଥିବା ରାକେଶ ପଣ୍ଡା(୨୮)। ଉଭୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ଖାରଜ ହୋଇଯିବାରୁ ଉଭୟଙ୍କୁ ଝାରପଡା ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସଂପୃକ୍ତ ଅନ୍ୟ ୩ଜଣ ଏବେ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଥିବା ପୋଲିସ କହିଛି।



ଗିରଫ ଦୁଇ ଅଭିଯୁକ୍ତ ।

ସୂଚନା ଅନୁଯାୟୀ, ନୟାପଲୀ ଏନ୍-୬/୧୯୪ରେ ଆରେଞ୍ଜି ଫ୍ରେଶ୍ ସିଷ୍ଟମ୍ ନାମକ ଏକ ସଂସ୍ଥା ୨୦୧୮ ଡିସେମ୍ବରରେ ଖୋଲିଥିଲା। ଏହି ସଂସ୍ଥା ଅନ୍‌ଲାଇନ୍ ମାଧ୍ୟମରେ ଲୋକଙ୍କୁ ଗ୍ରୋସରୀ ସାମଗ୍ରୀଠାରୁ ଆରମ୍ଭ କରି ସବୁଜ ପରିବା ଯୋଗାଉଛି। ସଂସ୍ଥାର କର୍ମଚାରୀ ହୋମ୍ ଡେଲିଭରି ମଧ୍ୟ କରିଥାନ୍ତି। କେତେକ ସମସ୍ୟା ଯୋଗୁ ଉକ୍ତ ସଂସ୍ଥାକୁ ସ୍ଥାନାନ୍ତର କରାଯାଉଛି। ସୋମବାର ରାତି ପ୍ରାୟ ୬ଟା ୩୦ରେ ସଂସ୍ଥା ନିର୍ଦ୍ଦେଶକଙ୍କ ଉପସ୍ଥିତିରେ କର୍ମଚାରୀମାନେ ଅଫିସ ସାମଗ୍ରୀ ଅନ୍ୟ ସ୍ଥାନକୁ ନେବା ପାଇଁ ଗାଡିରେ ଲୋଡ୍ କରୁଥିଲେ। ଏହି ସମୟରେ ୫ଜଣ ଯୁବକ ସେଠାରେ ପହଞ୍ଚି ଆମର ବିନାନୁମତିରେ କେମିତି ଯିବାକୁ ବାହାରିଛ ବୋଲି କହି ୨ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ସଂସ୍ଥାର ନିର୍ଦ୍ଦେଶକ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ସେଠାରେ ଉପସ୍ଥିତ ନିର୍ଦ୍ଦେଶକଙ୍କ ବାପା ଓ କର୍ମଚାରୀମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆହତ ୨ଜଣ କର୍ମଚାରୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ ରାତି ପ୍ରାୟ ୧୧ଟା ୩୦ରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



ପଶ୍ଚିମବଙ୍ଗରେ ସପ୍ତମ ପର୍ଯ୍ୟାୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୧୧ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ଜଣଙ୍କର କୋଟିଏରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ରହିଛି। ୨୩ଜଣ ପ୍ରାର୍ଥୀଙ୍କ ବିରୋଧରେ ଅପରାଧିକ ମାମଲା ଥିବା ସେମାନେ ଘୋଷଣା କରିଛନ୍ତି। କଂଗ୍ରେସର କୋଲକାତା ଦକ୍ଷିଣ ପ୍ରାର୍ଥୀ ମିତା ଚକ୍ରବର୍ତ୍ତୀ ସର୍ବାଧିକ ୪୪ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିବା ବେଳେ ତାଙ୍କ ପଛକୁ ଅଛନ୍ତି ଯାଦବପୁର ଆସନର ସିପିଆଇ-ଏମ୍ ପ୍ରାର୍ଥୀ ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ (୧୨ କୋଟି) ଏବଂ କଂଗ୍ରେସର କୋଲକାତା ଉତ୍ତର ପ୍ରାର୍ଥୀ ସୟଦ ଶହିଦ୍ ଇମାମ୍ (୭ କୋଟି)।

## ସଂକ୍ଷେପରେ

### ନବରଙ୍ଗପୁର ଜିଲା ଡିଓ, ଆର୍‌ଓଙ୍କ ବିରୋଧରେ ଭାଜପା ଆଣିଲା ଗୁରୁତର ଅଭିଯୋଗ

**ଭୁବନେଶ୍ୱର,୧୪।୫(ବ୍ୟୁରୋ):** ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀର ସମସ୍ତ ପୋଲିସ ଅଧିକାରୀ ସେମାନଙ୍କ ପୋଷ୍ଟାଲ ବାଲଟ ପାଇଁ ଉଦ୍ଦିଷ୍ଟ ଥିବା ଫର୍ମକୁ ନିୟମ ଅନୁସାରେ ପୋଷ୍ଟାଲ ସର୍କଲ ଏବଂ ଗୋଇନ୍ଦା ବିଭାଗର ନିର୍ଦ୍ଦେଶକଙ୍କ ଜରିଆରେ ଡିଓ, ଆରଓଙ୍କୁ ଦେଇଥିଲେ। ହେଲେ ଡିଓ ଏବଂ ଆରଓମାନେ ଭିତିରି ଉଦ୍ଦେଶ୍ୟ ରଖି ୮ଶହ ଜଣ ପୋଲିସ ଅଧିକାରୀ ଫର୍ମକୁ ଚପାଇ ଦେଇଛନ୍ତି। ଏହାଦ୍ୱାରା ସେମାନଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇଛି। ଭାଜପାର କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଉକ୍ତ ଷଡ଼ଯନ୍ତ୍ରରେ ସାମିଲ ଥିବା ଡିଓ ଏବଂ ଆରଓ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ନବରଙ୍ଗପୁର ବିଧାନସଭା ଭାଜପା ପ୍ରାର୍ଥୀ ଗୌରୀ ମାଝୀଙ୍କ ସପକ୍ଷରେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଆସିବାର ସମ୍ଭାବନା ଥିବାରୁ ଜାଣିଶୁଣି ଡିଓ ଏବଂ ଆରଓମାନେ ଏହି ଷଡ଼ଯନ୍ତ୍ର କରିଥିବା ପ୍ରକାଶ ଅଭିଯୋଗ କରିଛନ୍ତି। ଯାହାଦ୍ୱାରା ସମସ୍ତ ପୋଲିସ ଅଧିକାରୀମାନେ ସେମାନଙ୍କ ଭୋଟ ଦେବାରୁ ବଞ୍ଚିତ ହେଲେ ବୋଲି ସେ କହିଛନ୍ତି। ଏହି ଘଟଣାର ତୁରନ୍ତ ତଦନ୍ତ କରିବା ସହ ଷଡ଼ଯନ୍ତ୍ରରେ ସାମିଲ ଥିବା ଅଫିସରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଭାଜପାର ଏକ ପ୍ରତିନିଧି ଦଳ ଦାବି କରିଛନ୍ତି।

# ବାଲେଶ୍ୱରରେ କାଳବୈଶାଖୀ

## ୧୩୦କି.ମି. ବେଗରେ ବହିଲା ପବନ

**ବାଲେଶ୍ୱର ଅଫିସ,୧୪।୫**

ବାଲେଶ୍ୱର ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ୫୬ମିନିଟ୍‌ରେ ହଠାତ୍ କାଳବୈଶାଖୀ ମାଡ଼ି ଆସିଥିଲା। ୧୨୦ରୁ ୧୩୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ପବନରେ ନୂଆବଜାରରେ ଏକ ବିରାଟ ଗଛ ଭାଙ୍ଗିଯିବା ଫଳରେ ଗଛ ତଳେ ଥିବା ଗୋଟିଏ ଘର ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିରାଟ ଗଛ ଗଡ଼ିପଡ଼ିଛି। ଖବରପାଇ ଏନ୍‌ଡ଼ିଆର୍‌ଏଫ୍ ଟିମ୍ ଘର ଉପରେ ପଡ଼ିଥିବା ଗଛକୁ କାଟି ସଫା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପଡ଼ିଥିବା ଗଛକୁ ଏ ପର୍ଯ୍ୟନ୍ତ ସଫା କରାଯାଇନାହିଁ। ଅନ୍ୟପକ୍ଷରେ କୌଣସି ଧନଜୀବନ ନଷ୍ଟ ହୋଇଥିବା ଖବର ମିଳିନାହିଁ।



କାଳବୈଶାଖୀ ପ୍ରଭାବରେ ପବନ ଓ ବର୍ଷା।

## ରାସ୍ତା ଉପରେ ପଡ଼ିଲା ଗଛ

**ବସ୍ତା,୧୪।୫(ସ୍ୱ.ପ୍ର.)**

ବସ୍ତା ଓ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ୩୦ମିନିଟ୍‌ରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ହଠାତ୍ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ଓ ପବନ ୧ ଘଣ୍ଟା ଧରି ଚାଲୁ ରହିଥିଲା। ଏହାର ପ୍ରଭାବରେ ବସ୍ତା ବାଲିଆପାଳ ମୁଖ୍ୟ ରାସ୍ତାର ପୁଟୁରା ଛକ ନିକଟରେ ଏକ ବିରାଟ ଗଛ ରାସ୍ତା ଉପରକୁ ପଡିଯାଇଛି। ଫଳରେ ବସ୍ତା ବାଲିଆପାଳ ମୁଖ୍ୟ ରାସ୍ତା ଖବର ଲେଖା ହେବା ପର୍ଯ୍ୟନ୍ତ ବିଚ୍ଛିନ୍ନ ହୋଇ ପଡିଛି। ସ୍ଥାନୀୟ ଲୋକେ ଗଛ କାଟିବାରେ ଲାଗିଛନ୍ତି। ରସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଛି।



ପୁଟୁରା ଛକ ନିକଟରେ ରାସ୍ତା ଉପରେ ପଡ଼ିଥିବା ଗଛ



ଜଳେଶ୍ୱରଠାରେ ଏକ ଘର ଉପରେ ଗଛ ଉପୁଡ଼ି ପଡିଛି।

## ୩୫ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା, ଛପର ଉଡ଼ିଲା

**ଜଳେଶ୍ୱର,୧୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ କୋଟସାହି ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ କାଳବୈଶାଖୀ ତାଣ୍ଡବ ରଚିଛି। ଫଳରେ କୋଟସାହି ଗ୍ରାମର ମଣ୍ଟୁ ଦାସମହାପାତ୍ର, ନିତ୍ୟାନନ୍ଦ ସେଣ, ରତନ ବେହେରା, ଅରବିନ୍ଦ ବେହେରାଙ୍କ ଘର ଉପରେ ପୁରାତନ ଗଛ ଉପୁଡ଼ି ପଡ଼ିଥିଲା। ସେମାନଙ୍କ ପରିବାର ଲୋକେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏଥିସହିତ ଗ୍ରାମରେ ଥିବା ୩୫ ଊର୍ଦ୍ଧ୍ୱ ବିଦ୍ୟୁତଖୁଣ୍ଟ ଭାଙ୍ଗିଯିବା ସହ ଅନେକ ଲୋକଙ୍କ ଘର ଛପର ଉଡ଼ିଯାଇଛି। ଗ୍ରାମର ଅଧିକାଂଶ ରାସ୍ତା ଉପରେ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଛି। କାଳବୈଶାଖୀ ଫଳରେ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପଞ୍ଚାୟତର ଭାଜପା ନେତା ଅଶୋକ କୁମାର ପରିଡ଼ା କ୍ଷତିଗ୍ରସ୍ତ ଲୋକଙ୍କୁ ଯଥାଶୀଘ୍ର କ୍ଷତିପୂରଣ ସହିତ ସରକାରୀ ସାହାଯ୍ୟ ଦେବା ପାଇଁ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପାଟକୁରାରେ ବିଜେଡି ଚିହ୍ନରେ ବଣ୍ଟା ଚାଲିଛି ରିଲିଫ ସାମଗ୍ରୀ: ଭାଜପା



ଭାଜପା ନେତାମାନେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଫେରୁଛନ୍ତି।

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ପାଟକୁରା ବିଧାନସଭା କ୍ଷେତ୍ରର ବାତ୍ୟାବିପନ୍ନଙ୍କୁ ରିଲିଫ ପ୍ରଦାନ କରାଯାଉଛି। ହେଲେ ବିଜେଡି ନେତା ଓ କର୍ମୀମାନେ କେନ୍ଦ୍ରାପଡା ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀଙ୍କ ସହଯୋଗରେ ସରକାରୀ ରିଲିଫ ବଣ୍ଟାଯାଉଥିବା ସାମଗ୍ରୀରେ ଶାସକ ଦଳ ଚିହ୍ନ ଲଗାଉଛନ୍ତି। ସରକାରୀ ରିଲିଫକୁ ବିଜେଡି ନାମରେ ବାଣ୍ଟିବା ଆଦର୍ଶ ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ସମୀରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଜେଡିକୁ ଭୋଟ ଦେଇ ନ ଥିବା ବିରୋଧୀ ଦଳର କାର୍ଯ୍ୟକର୍ତ୍ତାଙ୍କୁ ରିଲିଫ ସାମଗ୍ରୀ ମିଳୁନାହିଁ। ରିଲିଫ ବଣ୍ଟନ ପ୍ରକ୍ରିୟା ବର୍ତ୍ତମାନ ଶାସକ ଦଳ ନେତାଙ୍କ ନିୟନ୍ତ୍ରଣରେ କରାଯାଉଛି। ଭାଜପା କାର୍ଯ୍ୟକର୍ତ୍ତାମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସରକାରୀ ରିଲିଫକୁ ବିଜେଡି ନେତାମାନେ ଦଳୀୟ ଚିହ୍ନରେ ବାଣ୍ଟୁଛନ୍ତି। ରିଲିଫ ବଣ୍ଟନରେ ନିରପେକ୍ଷତା ଅବଲମ୍ବନ କରିବା ସହ ପାଟକୁରା ବିଧାନସଭା ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି। ଏହାସହ ଭାଜପା ପ୍ରତିନିଧି ଦଳ ପକ୍ଷରୁ ଆହୁରି ମଧ୍ୟ ଅଭିଯୋଗ କରାଯାଇଛି ଯେ, କେନ୍ଦ୍ରାପଡା ଜିଲାପାଳ ଓ ଜିଲାର ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ପ୍ରେମଚାନ୍ଦ ଚୌଧୁରୀ ଆଗାମୀ ଦିନରେ ପାଟକୁରା ନିର୍ବାଚନରେ ବିଜେଡି ପାଇଁ କାମ କରିବେ। ପୂର୍ବରୁ ସେ ବିଜୁ ଯୁବ ବାହିନୀ ସିଇଓ ଭାବେ ଦାୟିତ୍ୱରେ ଥାଇ ବିଜେଡି ପାଇଁ ଭୋଟ ମାଗିବା, ଗୁଣ୍ଡାଗର୍ଦ୍ଦି କରିବା ଏବଂ ବେଆଇନ ଭାବେ ମୋବାଇଲ୍ ବାଣ୍ଟିବା କାର୍ଯ୍ୟ କରିଥିବା ଅଭିଯୋଗ ତାଙ୍କ ନାମରେ ରହିଛି। ପୂର୍ବରୁ ପ୍ରେମଚାନ୍ଦ ଚୌଧୁରୀଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଦାବି କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଭାଜପା ନେତାମାନେ ଅଭିଯୋଗ କରିଛନ୍ତି।

## ଅଂଶୁଘାତରେ ୨ ମୃତ୍ୟୁ ଅଭିଯୋଗ

**ଭୋଗରାଇ,୧୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଏବଂ ଏହାର ଆଖପାଖ ଅଞ୍ଚଳରେ ବେଶ୍ କିଛିଦିନ ଗ୍ରୀଷ୍ମର ଅସହ୍ୟ ତାତି ଅନୁଭୂତ ହେଉଥିବା ବେଳେ ମଙ୍ଗଳବାର ଭୋଗରାଇ ବ୍ଲକ ଅଧୀନ ଟେଙ୍ଗରାମାରୀ ଗ୍ରାମର ନଗେନ୍ଦ୍ର ଜେନା (୪୫) ଧାନ ବିଲରେ କାର୍ଯ୍ୟ କରୁଥିବାବେଳେ ମଧ୍ୟାହ୍ନରେ ଅଚେତ୍ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ୧୦୮ ଯୋଗେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କଖଡ଼ା ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା (୬୯) ନାମ୍ନୀ ମହିଳା ସୋମବାର ଧାନବିଲରେ କାର୍ଯ୍ୟ କରୁଥିବାବେଳେ ଧାନ ଜମିରେ ଅଚେତ୍ ହୋଇ ପଡ଼ିଥିଲେ। ଘର ଲୋକେ ତାଙ୍କୁ ଖୋଜ ଖବର କଲା ପରେ ସନ୍ଧ୍ୟାରେ ଧାନ ଜମିରୁ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବାର ସୂଚନା ମିଳିଛି।

## କୋରାପୁଟ ଶ୍ମଶାନରେ ପୋତାଗଲା ୨ ମାଓବାଦୀଙ୍କ ମୃତଦେହ

**କୋରାପୁଟ,୧୪।୫(ସ୍ୱ.ପ୍ର.)**

କୋରାପୁଟ ଜିଲା କୁତୁବା ଜଙ୍ଗଲରେ ଗତ ୮ ତାରିଖ ହୋଇଥିବା ଏନକାଉଣ୍ଟରରେ ନିହତ ହୋଇଥିଲେ ୫ ମାଓବାଦୀ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ଗତ ୧୦ ତାରିଖରେ ସେମାନଙ୍କ ପରିବାର ଲୋକେ ନେଇଛନ୍ତି। କିନ୍ତୁ ଅନ୍ୟ ୨ ମାଓବାଦୀ ବିଡିକା ଲକ୍ଷ୍ମୀ ଓ ଜି. ସତିବାବୁ ଓରଫ ଦାସୁଙ୍କ ମୃତଦେହ ନେବା ପାଇଁ ଏଯାବତ୍ ସେମାନଙ୍କର ପରିବାରରୁ କେହି ଆସିଲେ ନାହିଁ। ଫଳରେ ବାଧ୍ୟହୋଇ ମଙ୍ଗଳବାର ଜିଲା ପୋଲିସ କୋରାପୁଟ ଶଶ୍ମାନରେ ସେମାନଙ୍କ ମୃତଦେହ ପୋତିଦେଇଛି। ଏସ୍‌ଡିପିଓ ଟି. ଜଗନ୍ନାଥ ରେଡ୍ଡିଙ୍କ ଉପସ୍ଥିତିରେ କୋରାପୁଟ ଶବ ବ୍ୟବଚ୍ଛେଦ କେନ୍ଦ୍ରରୁ ଏକ ଗାଡ଼ିରେ ୨ ମାଓବାଦୀଙ୍କ ମୃତଦେହ ନିଆଯାଇ ଅଶୋକନଗରସ୍ଥିତ ଶ୍ମଶାନରେ ପୋତାଯାଇଥିଲା।

## ବାରିପଦାରେ ଝଡ଼ତୋଫାନ, ଭାଙ୍ଗିଲା ମୋବାଇଲ ଟାୱାର

**ବାରିପଦା ଅଫିସ,୧୪।୫**

ମୟୂରଭଞ୍ଜ ଜିଲା ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୩ ଟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଘଡଘଡି ସହିତ ବର୍ଷା ଓ ପବନ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରାୟ ଏକ ଘଣ୍ଟା ଧରି ପ୍ରବଳ ବେଗରେ ପବନ ବହିବା ଯୋଗୁ ସହର ଉପକଣ୍ଠ କୁଚେଇଠାରେ ଥିବା ଏକ ଘରୋଇ ମୋବାଇଲ କମ୍ପାନୀ ଟାୱାର ଭାଙ୍ଗି ପଡ଼ିଛି। ବାରୁଣୀ ରୋଡ, ଏମକେସି ରୋଡ୍, ବାଘଡା ରୋଡ୍, କୋର୍ଟ ପରିସର, ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଛୋଟ ବଡ ଗଛ ଉପୁଡ଼ି ପଡ଼ିବା ସହ ଡାଳ ଭାଙ୍ଗି ରାସ୍ତାରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍ଥାନରେ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ ସରବରାହ ମଧ୍ୟ ବ୍ୟାହତ ହୋଇଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ୍ୱ
ଦରମା - ୭୦୦୦/- ରୁ ୩୫୦୦୦/-
7894509327

WALK-IN-INTERVIEW
HTO
1. Marketing Executive (4 Persons), 2. Stewards (4 Persons-Male)3. Captain (1 Person), 4. Reception (4 Persons), 5. House Keeping (4 Persons)
All candidates are requested keep your complete CV towards Educational Certificates, Hospitality Experience Certificate, 2 Nos. of Passport Photo. Salary best in Industry.
Date of Interview : 20.05.2019 (Monday) from 11 AM to 5 PM
Contact : HOTEL TAZZ ODISHA, 126/A, Ashok Nagar, Bhubaneswar-751009
Mob : 9040698560, 7978982455

REQUIRED
LADY BEAUTICIAN FOR M/S PUJA LADY PARLOUR
AT- BAPUJI NAGAR, BBSR
CONTACT- 7205846924 6371332743

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
M : 8895725158, 6370827728

REQUIRED A leading distribution house of Bhubaneswar requires.
1. Sales Manager : Graduate with 5 to 7 years of experience in Sales & Marketing having leadership quality.
2. Sales Executive : Graduate with 2 to 3 years of experience in Sales & Marketing under a distributor.
3. Account Executive : B.Com with 2 to 3 years of experience in Accounts having knowledge of Tally. Salary : Negotiable
Interested candidates can mail their resume with fresh photograph to
E-mail : hr.rctpl@gmail.com or
Mob.: 9437329938, 9853399288 (10 A.M. to 8 P.M.)

DIRECT JOINING
Customer Service (A-D2H), Data Entry, Back Office, Receptionist (ଓଡିଆ)
Salary : Rs.8000 To Rs.15000
9090658710, 6372928855

ଆବଶ୍ୟକ
ଭୁବନେଶ୍ୱରରେ ଥିବା ହୋଟେଲ ପାଇଁ ହେଲପର ଓ ସପ୍ଲାୟର ଆବଶ୍ୟକ
ଯୋଗାଯୋଗ
9040566755
9437353936

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ହୋଟେଲ୍ ତାଜ୍ ପ୍ୟାଲେସ୍, ଭୁବନେଶ୍ୱରରେ ରୁମ୍ ବଏ ଏବଂ ସୁଇପର ଆବଶ୍ୟକ। ସମୟ :- ସକାଳ ୧୦.୦୦ଟା ରୁ ରାତି ୮.୦୦ଟା ରହିବା ଓ ଖାଇବା ସୁବିଧା ଅଛି।
ଯୋଗାଯୋଗ
୯୪୩୮୧୪୩୨୦୮

150 YEARS OF CELEBRATING THE MAHATMA

OFFICE OF THE DISTRICT JUDGE, RAYAGADA

Advt No.01/15.05.2019

Applications in the prescribed format are invited from intending candidates for recruitment of various base level vacant posts of Junior Clerk/Copyist, Junior Typist, Stenographer Grade-III and Salaried Amin in Group- 'C' cadre of Rayagada Judgeship for the year, 2019 is hereby notified for general information as follows:

| Name of Post | Scale of Pay | Scheduled Tribe | Scheduled Caste | S.E.B.C | UR | Total |
|---|---|---|---|---|---|---|
| Junior Clerk/ Copyist | As per *level-04 in pay Matrix (First Schedule) of ORSP Rules, 2017* with usual D.A. and other allowances as admissible from time to time | 2 (2-Female) | 2 (1-Female) | -- | -- | 4 |
| Junior Typist | | 1 (1-Female) | -- | -- | -- | 1 |
| Stenographer Grade-III | As per *level-07 in pay Matrix (First Schedule) of ORSP Rules, 2017* with usual D.A. and other allowances as admissible from time to time | -- | 1 | -- | -- | 1 |
| Salaried Amin | As per *level-05 in pay Matrix (First Schedule) of ORSP Rules, 2017* with usual D.A. and other allowances as admissible from time to time | -- | -- | -- | 1 | 1 |
| Grand Total | | 3 | 3 | -- | 1 | 7 |

Reservation and age relaxation in respect of reserved categories of candidates shall be in accordance with the provisions of the Acts, Rules, Orders or Instructions for the time being in force, for the respective reserved categories. Last date of receipt of application form is **15.06.2019, 5.00 P.M.**

For details please visit: https://districts.ecourts.gov.in/rayagada

BY ORDER OF THE DISTRICT JUDGE
Sd./- Registrar, Civil Courts, Rayagada

URGENT REQUIREMENT
For Male HELPERS to work in Hyderabad and Visakhapatnam
Good Salary and Accommodation.
Ph: 6305484850

କାର ଡ୍ରାଇଭର
ଜଗତପୁର ଅଫିସ ପାଇଁ ଆବଶ୍ୟକ
ଯୋଗାଯୋଗ
Mob No.- 7381075901 9437496020

See Career Appointment on every Wednesday & Saturday

A Leading Consultancy Group requires the following personnel urgently

| Sl | Name of the post | Qualification & Experience |
|---|---|---|
| 1 | Manager – HR | MBA (HR) with 8 - 12 yrs or above experience, preference will be given to candidates having experience in hotel industry |
| 2 | Asst. Mgr. – HR | MBA (HR) with 5-7 yrs or above experience, preference will be given to candidates having experience in hotel industry |
| 3 | HR Executive | MBA (HR) with 3 - 5 yrs or above experience, preference will be given to candidates having experience in hotel industry |
| 4 | Sales Mgr. | MBA Mkt / Hotel Mgmt with More than 7 yrs of experience |

Candidates having experience in Hotel Industry will be given preference. The posting will be within Odisha.

Salary will commensurate with Qualification, Experience & Efficiency
Candidates may apply within seven days to Email:cservicesbbsr@gmail.com

WANTED
ଧରିତ୍ରୀ DHARITRI Oriya daily
is looking for

SENIOR ACCOUNTS EXECUTIVES
- The candidate should have at least 5 years+ experience in the field of Accounts.
- Experience includes day to day accounting, preparation of all statutory reports and returns like VAT, Excise, Internal Audit, MIS, Service Tax return submission, verification of Bills.
- Proficiency in MS Excel, MS Word & Tally is a must.

SENIOR OFFICE EXECUTIVES (ADVERTISEMENT)
- Graduates with 5 years+ experience in back office work.
- Responsibility will include maintaining data, billing and schedule of advertisements.
- Candidates should be well equipped with Excel, MS Office & should have basic knowledge of Tally.

Apply immediately to : recruitment@dharitri.com
Attractive salary commensurate with experience

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ଏମ୍‌ପିସି ଅଟୋନୋମସ କଲେଜ

# ମୋବାଇଲ ଟର୍ଚ୍ଚରେ ଯୁକ୍ତ ଦୁଇ ଖାତାଦେଖା

**ବାରିପଦା ଅଫିସ,୧୪।୫**

### କାଳବୈଶାଖୀ ପ୍ରଭାବ

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଅଟୋନମସ କଲେଜ (ଏମପିସି )ରେ ମଙ୍ଗଳବାର ମୋବାଇଲ ଟର୍ଚ୍ଚରେ ଯୁକ୍ତ ଦୁଇ ଖାତା ଦେଖା ହୋଇଛି। ବାରିପଦା ସହର ଓ ତା'ର ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୩ ଟା ବେଳେ କାଳବୈଶାଖୀ ଯୋଗୁ ପ୍ରବଳ ଝଡ ତୋଫାନ ସହ ବର୍ଷା ହୋଇଥିଲା। ସହରରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡିବାରୁ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା। ଏମପିସି ଅଟୋନୋମସ କଲେଜରେ ଏହି ସମୟରେ ଯୁକ୍ତ ଦୁଇ ଖାତା ଦେଖା ଚାଲିଥିଲା। ମୋବାଇଲର ଟର୍ଚ୍ଚ ଜାଳି ଅଧ୍ୟାପକମାନେ ଖାତା ଦେଖିଥିଲେ। କଲେଜ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କେତେ ଜଣ ଅଧ୍ୟାପକ କହିଛନ୍ତି। ଏ ନେଇ କଲେଜ ଅଧକ୍ଷ ଦୁର୍ଗାଚରଣ ପାତ୍ରଙ୍କୁ ପଚାରିବାରୁ ପ୍ରବଳ ବର୍ଷା ଓ ଝଡ଼ ତୋଫାନ ହେବାରୁ କଲେଜର କର୍ମଚାରୀମାନଙ୍କ ଦ୍ୱାରା ଜେନେରେଟର ଚଳାଇବା ସମ୍ଭବ ହୋଇ ନ ଥିଲା। ମୋବାଇଲ ଟର୍ଚ୍ଚରେ ଖାତାଦେଖା ଅଳ୍ପ ସମୟ ପାଇଁ ହୋଇଥିଲା। ପରେ ଖାତା ଦେଖା ବନ୍ଦ କରିଦିଆଯାଇଥିଲା ବୋଲି ସେ କହିଛନ୍ତି।

**PARADIP PORT TRUST**

**CORRIGENDUM TO E-TENDER CALL NOTICE NO. EM/MM/P/FIRE/02/2019/532,DT. 23.04.2019 FOR SUPPLY OF AQUEOUS FILM FORMING FOAM (AFFF)**

The price in BOQ should be quoted on FOR Paradip basis including packing & forwarding charges, freight, insurance and excluding GST as per clause no. 14 under Annexure-V of the e-tender.
**(1). Last Date of submission of tender up to 5.30 PM of Dt. 22.05.2019. (2). Opening of Technical Bid at 3.30 PM of Dt. 24.05.2019.** However, all other terms and conditions of the e-tender remained unchanged.

**Sr. Dy. Materials Manager**
**PPT/PR/51/2019-20, Dt.14.05.2019**

**PARADIP PORT TRUST**

**CORRIGENDUM TO TENDER CALL NOTICE NO. EM/MM/P/STEEL/07/2018 (Pt)/1904TDR71. DT. 11/04/2019 FOR SUPPLY OF STEEL MATERIALS**

The due date of submission of Tender & opening of Technical Bid is hereby further extended as below.
1. Last Date of submission of tender up to 13.30 hour of **Dt. 21/05/2019.** 2. Opening of Technical Bid at 15.30 hour of **Dt. 21/05/2019.** All other terms and conditions in the original tender remained unaltered. For details of the tender interested bidders may log on to our website www.paradipport.gov.in or contact the office of the undersigned.

**Sr. Dy. Materials Manager**
**Paradip Port Trust**
PPT/PR/45/19-20 Dt. 14/05/2019

**PARADIP PORT TRUST**

**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from bidders for supply of **Different type of nut & bolt.** The last date and time of submission of the tender is **17.15 hrs. on 04.06.2019.** For details, log on to website : **https://eprocure.gov.in/eprocure/app**

**Sr. Dy. Materials Manager**
PPT/PR/56/19-20 Dt : 14.05.19

**PARADIP PORT TRUST**

**CORRIGENDUM-III TO E-TENDER CALL NOTICE NO. EM/MM/PE/04/2018/1902TDR41, DT. 28.02.2019 FOR SUPPLY OF ELECTRICAL ITEMS**

The due date of submission of Tender & opening of EMD Bid is hereby further extended as below: **1.** Last Date of submission of tender up to **5.00 PM** of **Dt. 22.05.2019. 2.** Opening of EMD Bid at **3.30 PM** of **Dt. 24.05.2019.** All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

**Sr. Dy. Materials Manager**
PPT/PR/49/2019-20, Dt. 14.05.2019

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. 1249 /** **NOTIFICATION** **Date: 14.05.19**

It is for the information of all concerned that Shikshashastri Entrance Test (S.S.E.T), 2019 conducted by this Vishvavidyalaya which was scheduled to be held on 05.05.2019 has been rescheduled to be held on 26.05.2019 from 10.00 AM to 12.00 Noon in the centres as notified earlier.

By order of Vice-Chancellor
**Sd./-**
**Controller of Examinations**

**Indian Red Cross Society**

**(District Branch, Cuttack)**

**Notice No.1123/RC.** **Dt: 09.05.2019**

Sealed tender from intending bidders are initiated for procurement and installation of HBOT machine at City Hospital, Cuttack. Tenderers may visit District Website- www.cuttack.nic.in for DTCN.

Sd./- Honorary Secretary IRCS,
District Red Cross Branch, Cuttack

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. 1245 /** **NOTIFICATION** **Date: 14.05.19**

In continuation to this office Notice No. 1221 dated 01.05.2019, it is hereby notified that the Shikshashastri Ist Year and IInd Year Examinations, 2019 are rescheduled as follows.

PROGRAMME

| Shikshashastri Ist Year | | Shikshashastri IInd Year | |
|---|---|---|---|
| 22.05.2019 | Paper-I | 23.05.2019 | Paper-VII |
| 24.05.2019 | Paper-II | 25.05.2019 | Paper-VIII |
| 27.05.2019 | Paper-III | 28.05.2019 | Paper-IX |
| 29.05.2019 | Paper-IV | 30.05.2019 | Paper-X |
| 31.05.2019 | Paper-V | | |

By order of Vice-Chancellor
**Sd./-**
**Controller of Examinations**

**MCL**

**MAHANADI COALFIELDS LIMITED**
(A Subsidiary of Coal India Limited)
JAGRUTI VIHAR, BURLA-768020, DIST : SAMBALPUR (ODISHA)
Tel. Phone (EPABX) : 0663-2542461 to 469, Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

**Mahanadi Coalfields Limited (MCL)** is inviting its Tenders having estimated value of ₹ 2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL **(https://coalindiatenders.nic.in)** as well as on the Central Public Procurement portal of Govt. of India **(http://eprocure.gov.in)**. Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders.**[Contact details: Tel.-0663-2542264/2542695** (available during office hours only); **email- hlp-eproc.mcl@nic.in** ] **R-4908**

*Give a missed call on toll free number 1800 200 3004 to get our apps.*

**ODISHA ADARSHA VIDYALAYA SANGATHANA**

No.05-n

**N-1/9, NAYAPALLI, PO.- SAINIK SCHOOL, BHUBANESWAR-751005**

**Recruitment of Principals and Teachers in Odisha Adarsha Vidyalayas (OAVs) in Odisha, 2019.**

**Announcement for Computer Based Test (CBT)- Revised schedule for CBT**

Due to administrative reasons, the timing & shift of examination date has been changed only for 2nd shift of 21.05.2019 (Tuesday) of three teaching posts i.e. PGT (Physics), TGT (English) and Computer Teacher. Now Computer based text/examination for these posts will be conducted in 1st shift on 22.05.2019 (Wednesday). However, computer based test/ examination for the remaining posts remain unchanged.

There is no change in examination centre as allotted to the candidates earlier. The candidates for the post of PGT physics, TGT English & Computer Teacher have been intimated through sms and e-mail and they are required to download new admit card for 22.05.2019. The admit card downloaded for 21.05.2019 will not be valid.

All candidates are advised to visit OAVS website i.e. www.oavs.in regularly to know the updates.

Sd./- 14.05.2019
State Project Director
OAVS

27029/11/0002/1920

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ପାଠ୍ୟପୁସ୍ତକ ବିକ୍ରୟ ବିଜ୍ଞାପନ (ଶିକ୍ଷାବର୍ଷ: ୨୦୧୯-୨୦)

**No. 06-n:-** ଏତଦ୍ୱାରା ରାଜ୍ୟର ବିଭିନ୍ନ ଅଣଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ତଥା ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ପ୍ରଚଳିତ ସମସ୍ତ ଜାତୀୟକରଣ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ମୂଲ୍ୟରେ ପ୍ରତ୍ୟେକ ଜିଲ୍ଲାର ନିମ୍ନଲିଖିତ ସ୍ଥାନମାନଙ୍କରେ ବିକ୍ରୟ କରାଯାଉଛି। ବହି କିଣିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ସହି ମୋହର ପରଖି ବହିକୁ ଉଚିତ ମୂଲ୍ୟରେ କିଣନ୍ତୁ। ବହିଗୁଡ଼ିକର ମୂଲ୍ୟସୂଚୀ ଏଥିସହିତ ଜଣାଇ ଦିଆଯାଉଅଛି। ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି।

### ବିକ୍ରୟ କେନ୍ଦ୍ରର ନାମ

| କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ |
|---|---|---|---|
| ୧ | ଅନୁଗୁଳ | ୨ | ବି.ଆର.ସି. କାର୍ଯ୍ୟାଳୟ, ଅନୁଗୁଳ<br>ବି.ଆର.ସି. କାର୍ଯ୍ୟାଳୟ, ତାଳଚେର |
| ୨ | ବାଲେଶ୍ୱର | ୨ | ବି.ଆର.ସି. କାର୍ଯ୍ୟାଳୟ, ସଦର ବାଲେଶ୍ୱର<br>ବି.ଆର.ସି. କାର୍ଯ୍ୟାଳୟ, ବାଲିଆପାଳ |
| ୩ | ବରଗଡ଼ | ୨ | ବି.ଆର.ସି. କାର୍ଯ୍ୟାଳୟ, ବରଗଡ଼<br>ବି.ଆର.ସି. କାର୍ଯ୍ୟାଳୟ, ପଦ୍ମପୁର |
| ୪ | ଭଦ୍ରକ | ୩ | ପୋପଜିଙ୍ଗ ପ୍ରାଇମେରୀ ସ୍କୁଲ, ଜଗନ୍ନାଥପୁର ବ୍ରହ୍ମପୁର<br>ନୋଡ଼ାଲ ଉପ୍ରା ସ୍କୁଲ, ବ୍ରହ୍ମପୁର<br>ବି.ଆର.ସି. କାର୍ଯ୍ୟାଳୟ,ଚାନ୍ଦବାଲି |
| ୫ | ବଲାଙ୍ଗୀର | ୨ | ଡି.ପି.ଓ., ଏସ୍.ଏସ୍.ଏ., ବଲାଙ୍ଗୀର<br>ବି.ଆର.ସି. କାର୍ଯ୍ୟାଳୟ,ଟିଟିଲାଗଡ଼ |
| ୬ | ବୌଦ୍ଧ | ୧ | ଡି.ପି.ଓ., ଏସ୍.ଏସ୍.ଏ., ବୌଦ୍ଧ |
| ୭ | କଟକ | ୩ | ୟୁ.ଆର.ସି. ମର୍କତନଗର ପ୍ରାଇମେରୀ ସ୍କୁଲ, ସେକ୍ଟର-୭<br>ବି.ଆର.ସି. କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି |
| ୮ | ଦେଓଗଡ଼ | ୧ | ବି.ଆର.ସି. କାର୍ଯ୍ୟାଳୟ, କଟକ ସଦର<br>ବାଳକ ପ୍ରାଇମେରୀ ସ୍କୁଲ, ଦେଓଗଡ଼ |
| ୯ | ଢେଙ୍କାନାଳ | ୨ | ମୁଖ୍ୟ କାର୍ଯ୍ୟାଳୟ, ଜର୍ଜ ଉପ୍ରା ସ୍କୁଲ, ଢେଙ୍କାନାଳ<br>ବି.ଆର.ସି. କାର୍ଯ୍ୟାଳୟ, କାମାକ୍ଷାନଗର |
| ୧୦ | ଗଜପତି | ୨ | ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି<br>ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୧୧ | ଗଞ୍ଜାମ | ୩ | ବି.ଆର.ସି. କାର୍ଯ୍ୟାଳୟ, ଛତ୍ରପୁର<br>ବି.ଆର.ସି. କାର୍ଯ୍ୟାଳୟ, ଆସିକା<br>ବି.ଆର.ସି. କାର୍ଯ୍ୟାଳୟ, ଭଞ୍ଜନଗର |
| ୧୨ | ଜଗତ୍‌ସିଂହପୁର | ୨ | ମୁଖ୍ୟ କାର୍ଯ୍ୟାଳୟ, ବଡ଼ବାଗ କୋ. ଅପରେଟିଭ ଉପ୍ରା ସ୍କୁଲ, ଜଗତ୍‌ସିଂହପୁର<br>ବି.ଆର.ସି. କାର୍ଯ୍ୟାଳୟ, ତିର୍ତ୍ତୋଲ ବ୍ଲକ୍ |
| ୧୩ | ଯାଜପୁର | ୨ | ବି.ଆର.ସି. କାର୍ଯ୍ୟାଳୟ, ଯାଜପୁର<br>ବି.ଆର.ସି. କାର୍ଯ୍ୟାଳୟ, ଯାଜପୁର ରୋଡ଼ (ବ୍ୟାସନଗର) |
| ୧୪ | ଝାରସୁଗୁଡ଼ା | ୧ | ଗଣ୍ଡଘୋରା ଏନ.ୟୁ.ପି.ସି., ଝାରସୁଗୁଡ଼ା |
| ୧୫ | କଳାହାଣ୍ଡି | ୩ | ବି.ଆର.ସି. କାର୍ଯ୍ୟାଳୟ, ଭବାନୀପାଟଣା<br>ବି.ଆର.ସି. କାର୍ଯ୍ୟାଳୟ, ଜୁନାଗଡ଼<br>ବି.ଆର.ସି. କାର୍ଯ୍ୟାଳୟ, କେସିଙ୍ଗା |
| ୧୬ | କନ୍ଧମାଳ | ୧ | ବି.ଆର.ସି. କାର୍ଯ୍ୟାଳୟ, ଫୁଲବାଣୀ |
| ୧୭ | କେନ୍ଦ୍ରାପଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ<br>ବି.ଆର.ସି. କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା |
| ୧୮ | କେନ୍ଦୁଝର | ୩ | ବି.ଆର.ସି. କାର୍ଯ୍ୟାଳୟ, ସଦର ବ୍ଲକ୍, କେନ୍ଦୁଝର<br>ବି.ଆର.ସି. କାର୍ଯ୍ୟାଳୟ, ଯୋଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଆନନ୍ଦପୁର |
| ୧୯ | ଖୋର୍ଦ୍ଧା | ୫ | ବି.ଆର.ସି. କାର୍ଯ୍ୟାଳୟ, ଖୋର୍ଦ୍ଧା<br>ବି.ଆର.ସି. କାର୍ଯ୍ୟାଳୟ, ଖଣ୍ଡଗିରି ନୋଡ଼ାଲ ଉପ୍ରା ବିଦ୍ୟାଳୟ, ଭୁବନେଶ୍ୱର<br>ବି.ଆର.ସି. କାର୍ଯ୍ୟାଳୟ, ବାଣପୁର<br>ସରକାରୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୨, ଭୁବନେଶ୍ୱର<br>ଚନ୍ଦ୍ରଶେଖରପୁର, ଏଚ୍.ବି.ସି. ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର, ଫେଜ୍-୧, ଭୁବନେଶ୍ୱର |
| ୨୦ | କୋରାପୁଟ | ୩ | ପୋଲିସ ପ୍ରାଇମେରୀ ସ୍କୁଲ<br>ସି.ଆର.ସି.ସି. କାର୍ଯ୍ୟାଳୟ, କୋରାପୁଟ<br>ବି.ଆର.ସି. କାର୍ଯ୍ୟାଳୟ, ସିମିଳିଗୁଡ଼ା<br>ଜୟପୁର ବି.ଆର.ସି. କାର୍ଯ୍ୟାଳୟ, ଜୟପୁର, କୋରାପୁଟ |
| ୨୧ | ମାଲକାନଗିରି | ୧ | ଡି.ପି.ଓ., ଏସ୍.ଏସ୍.ଏ., ମାଲକାନଗିରି |
| ୨୨ | ମୟୂରଭଞ୍ଜ | ୩ | ବି.ଆର.ସି. କାର୍ଯ୍ୟାଳୟ, ବାରିପଦା<br>ବି.ଆର.ସି. କାର୍ଯ୍ୟାଳୟ, ରାଇରଙ୍ଗପୁର<br>ବି.ଆର.ସି. କାର୍ଯ୍ୟାଳୟ, କରଞ୍ଜିଆ |
| ୨୩ | ନବରଙ୍ଗପୁର | ୨ | ବି.ଆର.ସି. କାର୍ଯ୍ୟାଳୟ, ଉମରକୋଟ<br>ବି.ଆର.ସି. କାର୍ଯ୍ୟାଳୟ, ନବରଙ୍ଗପୁର |
| ୨୪ | ନୟାଗଡ଼ | ୨ | ବି.ଆର.ସି. କାର୍ଯ୍ୟାଳୟ, ନୟାଗଡ଼ ବ୍ଲକ୍<br>ବି.ଆର.ସି. କାର୍ଯ୍ୟାଳୟ, ଦଶପଲ୍ଲା ବ୍ଲକ୍ |
| ୨୫ | ନୂଆପଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ନୂଆପଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଖରିଆର |
| ୨୬ | ପୁରୀ | ୨ | ଏଲ.ଆଇ.ସି. କଲୋନୀ, ୟୁ.ଜି.ୟୁ.ପି, ସ୍କୁଲ, ପୁରୀ<br>ବି.ଆର.ସି. କାର୍ଯ୍ୟାଳୟ, ନିମାପଡ଼ା |
| ୨୭ | ରାୟଗଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ରାୟଗଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଗୁଣୁପୁର |
| ୨୮ | ସମ୍ବଲପୁର | ୨ | ଆଶାପଲ୍ଲୀ ନୋଡ଼ାଲ ଉପ୍ରା ସ୍କୁଲ, ସମ୍ବଲପୁର<br>ବି.ଆର.ସି. କାର୍ଯ୍ୟାଳୟ, କୁଚିଣ୍ଡା |
| ୨୯ | ସୋନପୁର | ୧ | ଡି.ପି.ଓ., ଏସ୍.ଏସ୍.ଏ., ସୋନପୁର |
| ୩୦ | ସୁନ୍ଦରଗଡ଼ | ୨ | ଡି.ପି.ଓ., ଏସ୍.ଏସ୍.ଏ., ସୁନ୍ଦରଗଡ଼<br>ଜିଲ୍ଲା ନିରୀକ୍ଷକଙ୍କ କାର୍ଯ୍ୟାଳୟ, ରାଉରକେଲା |

### ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟସୂଚୀ

| କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|
| | **ପ୍ରଥମ ଶ୍ରେଣୀ** | |
| ୧ | ହସଖେଳ ଭାଗ-୧ | ଟ.୧୧.୦୦ |
| ୨ | ହସଖେଳ ଭାଗ-୨ | ଟ.୧୨.୦୦ |
| | **ଦ୍ୱିତୀୟ ଶ୍ରେଣୀ** | |
| ୩ | ଗଣିତ ଖେଳ | ଟ.୧୬.୦୦ |
| ୪ | ହସଖୁସି | ଟ.୧୯.୦୦ |
| | **ତୃତୀୟ ଶ୍ରେଣୀ** | |
| ୫ | ଗଣିତ ମଜା | ଟ.୧୬.୦୦ |
| ୬ | ଆମଭାଷା ଆମ ସାହିତ୍ୟ | ଟ.୧୨.୦୦ |
| ୭ | ଜଣା ଅଜଣା | ଟ.୧୬.୦୦ |
| ୮ | ମାଇଁ ଇଂରାଜୀ ବୁକ୍ | ଟ.୨୦.୦୦ |
| | **ଚତୁର୍ଥ ଶ୍ରେଣୀ** | |
| ୯ | ଗଣିତ କୁହୁକ | ଟ.୨୨.୦୦ |
| ୧୦ | ସାହିତ୍ୟ କଳିକା | ଟ.୧୨.୦୦ |
| ୧୧ | ଆମେ ଓ ଆମ ପରିବେଶ | ଟ.୨୨.୦୦ |
| ୧୨ | ମାଇଁ ଇଂରାଜୀ ବୁକ୍ | ଟ.୧୪.୦୦ |
| | **ପଞ୍ଚମ ଶ୍ରେଣୀ** | |
| ୧୩ | ମାଇଁ ଇଂରାଜୀ ରିଡର | ଟ.୧୪.୦୦ |
| ୧୪ | ଗଣିତ ଧାରା | ଟ.୨୨.୦୦ |
| ୧୫ | ସାହିତ୍ୟ କୁସୁମ | ଟ.୧୫.୦୦ |
| ୧୬ | ପରିବେଶ ଓ ବିଜ୍ଞାନ | ଟ.୨୨.୦୦ |
| | **ଷଷ୍ଠ ଶ୍ରେଣୀ** | |
| ୧୭ | ଭାଷା କଳିକା | ଟ.୧୪.୦୦ |
| | | |
| ୧୮ | ଗଣିତ | ଟ.୨୩.୦୦ |
| ୧୯ | ବିଜ୍ଞାନ | ଟ.୧୧.୦୦ |
| ୨୦ | ଆମ ସାହିତ୍ୟ | ଟ.୧୨.୦୦ |
| ୨୧ | ମାଇଁ ଇଂରାଜୀ | ଟ.୧୫.୦୦ |
| ୨୨ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪.୦୦ |
| ୨୩ | ଭୂଗୋଳ | ଟ.୧୧.୦୦ |
| ୨୪ | ମେରି ହିନ୍ଦୀ କିତାବ | ଟ.୦୮.୦୦ |

| କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|
| | **ସପ୍ତମ ଶ୍ରେଣୀ** | |
| ୨୫ | ଗଣିତ | ଟ.୨୩.୦୦ |
| ୨୬ | ଇଂରାଜୀ ରିଡର | ଟ.୧୪.୦୦ |
| ୨୭ | ସାହିତ୍ୟ ସୌରଭ | ଟ.୧୬.୦୦ |
| ୨୮ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪.୦୦ |
| ୨୯ | ଭୂଗୋଳ | ଟ.୧୩.୦୦ |
| ୩୦ | ବିଜ୍ଞାନ | ଟ.୨୩.୦୦ |
| ୩୧ | ମେରି ହିନ୍ଦୀ ପୁସ୍ତକ | ଟ.୦୯.୦୦ |
| ୩୨ | ଭାଷା କଳିକା ଭାଗ-୨ | ଟ.୧୧.୦୦ |
| | **ଅଷ୍ଟମ ଶ୍ରେଣୀ** | |
| ୩୩ | ସାହିତ୍ୟିକା | ଟ.୧୩.୦୦ |
| ୩୪ | ଆମ ବ୍ୟାକରଣ | ଟ.୧୩.୦୦ |
| ୩୫ | ହିନ୍ଦୀ ପାଠ ୮ (ମାତୃଭାଷା) | ଟ.୧୨.୦୦ |
| ୩୬ | ଏ ନିଉ ଆପ୍ରୋଚ ଟୁ ଇଂଲିସ୍ | ଟ.୧୬.୦୦ |
| ୩୭ | ଷ୍ଟୋରିଜ୍ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ | ଟ.୧୦.୦୦ |
| ୩୮ | ସରଳ ସାହିତ୍ୟ | ଟ.୦୯.୦୦ |
| ୩୯ | ନଇ ହିନ୍ଦୀ ଭାରତୀ | ଟ.୦୭.୦୦ |
| | | |
| ୪୦ | ଭାଷା ସୌରଭମ୍ | ଟ.୧୫.୦୦ |
| ୪୧ | ବିଜ୍ଞାନ | ଟ.୨୨.୦୦ |
| ୪୨ | ସରଳ ଗଣିତ (ବୀଜଗଣିତ) | ଟ.୧୮.୦୦ |
| ୪୩ | ସରଳ ଗଣିତ (ଜ୍ୟାମିତି) | ଟ.୧୨.୦୦ |
| | | |
| ୪୪ | ସରଳ ହିନ୍ଦୀ ବ୍ୟାକରଣ | ଟ.୦୬.୦୦ |
| ୪୫ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୨.୦୦ |
| ୪୬ | ଭୂଗୋଳ | ଟ.୦୮.୦୦ |
| ୪୭ | ଶମା ଏ ଉର୍ଦ୍ଦୁ | ଟ.୦୯.୦୦ |
| ୪୮ | ଆଶାନ ଉର୍ଦ୍ଦୁ | ଟ.୧୪.୦୦ |

ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରୁଥାଏ, ତେବେ ଏହି ତଥ୍ୟ ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱରଙ୍କ-୭୫୧୦୦୧ ନିମ୍ନଲିଖିତ ଫୋନ୍ ନମ୍ବରଗୁଡ଼ିକରେ ନିଶ୍ଚିତ ଜଣାନ୍ତୁ। ଏହା ଉପରେ ଆମେ ଅତିଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବୁ। ଅନ୍ୟ କୌଣସି ବିଷୟରେ ସନ୍ଦେହ ଥିଲେ ଏହାର ସ୍ପଷ୍ଟୀକରଣ ପାଇଁ ଆମକୁ ଜଣାନ୍ତୁ। ପ୍ରତ୍ୟେକ ଇଚ୍ଛୁକ ଶିକ୍ଷାର୍ଥୀ/ଅଭିଭାବକ କେବଳ ୦୧ ଗୋଟି ସେଟ୍ ପୁସ୍ତକ କ୍ରୟ କରିପାରିବେ। ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆପଣଙ୍କ ସହଯୋଗ କାମନା କରୁଅଛୁ। Tel. No. ୦୬୭୪-୨୩୮୦୮୭୧, Tel. No. ୦୬୭୪-୨୩୮୦୮୭୨।
Email ID: **directortbpmodisha@gmail.com**

ନିର୍ଦ୍ଦେଶକ
ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧

27005/11/0001/1920

# କୃଷି ବନୀକରଣରେ ଅନ୍ତଃ ଫସଲ



ଗୟାଧର ଶିଅଳ





ଏକକାଳୀନ ବା ସମକାଳୀନ ଭାବେ ଦୁଇ ବା ତହିଁରୁ ଊର୍ଦ୍ଧ୍ୱ ଫସଲକୁ ଗୋଟାଏ ଜମିରେ ଜଙ୍ଗଲୀ ଗଛ ମଝିରେ ଥିବା ଶୂନ୍ୟସ୍ଥାନରେ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଚାଷ କରିବା ଫସଲକୁ ଅନ୍ତଃ ଫସଲ କହନ୍ତି। ଚାଷୀ ଭାଇମାନଙ୍କର ଯେତିକି ଜମି ଅଛି, ସେଥିରୁ କିଭଳି ସର୍ବାଧିକ ଲାଭ ହେବ, ସେଥିପ୍ରତି ସଜାଗ ରହିବା ଓ ଯୋଜନା ପ୍ରସ୍ତୁତ କରି ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବା।

**ଅନ୍ତଃ ଫସଲର ଗୁଣବତ୍ତା:** ଅନ୍ତଃ ଫସଲ ଦୀର୍ଘସ୍ଥାୟୀ ଫଳ କିମ୍ବା ଜଙ୍ଗଲୀ ବୃକ୍ଷ ମଧ୍ୟରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥାଏ।

– ମୁଖ୍ୟ ଫସଲଠାରୁ ଅଧିକ ଉଚ୍ଚା ହୋଇ ନ ଥିବ।

– ଗଛଠାରୁ ୧୨୦ ସେମି ଦୂରରେ ଅନ୍ତଃ ଫସଲ ଚାଷ କରିବା ଆବଶ୍ୟକ।

– ଯେଉଁ ଅନ୍ତଃ ଫସଲଗୁଡ଼ିକ ଅଧିକ ଖାସ୍ୟ ସାର, ପାଣି ଆଦି ଆବଶ୍ୟକ କରୁଥିବ, ସେଗୁଡ଼ିକ ନିରୁତ୍ସାହିତ କରିବା ଜରୁରୀ। କାରଣ ସେଗୁଡ଼ିକ ମୁଖ୍ୟ ଫସଲର ଅଭିବୃଦ୍ଧିରେ ବିଘ୍ନ ଘଟାଇଥାଏ।

– ଦୀର୍ଘସ୍ଥାୟୀ ଓ ଅଧିକ ଖାଦ୍ୟ ସାର ଗ୍ରହଣ କରୁଥିବା ଅନ୍ତଃ ଫସଲ ଚାଷ କରିବା ଅନୁଚିତ। ଉଦାହରଣ ଆଖୁ, ମକା, ବାଜରା ଆଦି।

– ଅନ୍ତଃ ଫସଲର ଫୁଲ ଫୁଟୁଥିବା ଅବସ୍ଥାରେ ମୁଖ୍ୟ ଫସଲରୁ ପତ୍ରଝଡ଼ା ଦେଉ ନ ଥିବ।

– ଅନ୍ତଃ ଫସଲ ମାଟିରୁ ଯବକ୍ଷାରଜାନ ଜାତୀୟ ସାର ସଂଗ୍ରହ କରି ମାଟିରେ ବିବନ୍ଧନ କରିପାରୁଥିବ।

– ମାଟି ଏବଂ ଜଳବାୟୁ ଉପରେ କୁ ପ୍ରଭାବ ପକାଉ ନ ଥିବ।

**ଉପାଦେୟତା :** ଅନ୍ତଃ ଫସଲ ଚାଷ ଦ୍ୱାରା ଜମିର ଉପଯୁକ୍ତ ବ୍ୟବହାର ହୋଇଥାଏ।

– ରୋଗ ଓ ପୋକର ପ୍ରାଦୁର୍ଭାବ କରାଏ।

–ପରଭୋଜୀ କୀଟର ସଂଖ୍ୟା ବଢ଼ାଏ।

– ଜମିର ଉତ୍ପାଦନ କ୍ଷମତା ଓ ଉତ୍ପାଦନ ବଢ଼ାଏ।

–ଘାସ ଦମନ କରାଏ।

–ମାଟିର ଅଣୁଜୀବ ସଂଖ୍ୟା ବଢ଼ାଏ।

> କୃଷି ବନୀକରଣରୁ ଲାଭ ପାଇଁ ଏହାର ଅନ୍ତଃ ଫସଲ ଚାଷ ସମ୍ପର୍କରେ ଜାଣନ୍ତୁ କେତୋଟି କଥା...

– ଗଛର ବିବିଧତା ଫସଲ ଉତ୍ପାଦନ କୃଷି ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ।

– ମୃତ୍ତିକାର ଦୀର୍ଘସ୍ଥାୟୀ ବ୍ୟବହାର କରେ।

– ଅନିଷ୍ଟକାରୀ କୀଟ ପାଇଁ ଯନ୍ତା ଫସଲ ରୂପେ କାର୍ଯ୍ୟ କରେ।

– ମାଟିର ଭୌତିକ ଗୁଣ ବୃଦ୍ଧି ଘଟାଏ।

– ଅନ୍ତଃ ଫସଲ ମୁଖ୍ୟ ଫସଲ ବୃଦ୍ଧିର ସହାୟକ ହୋଇଥାଏ।

– ଅବ୍ୟବହୃତ ଜମିର ସୁବିନିଯୋଗ ହୁଏ।

– ଅନ୍ତଃ ଫସଲ ଏକ ଇନ୍ସୁରାନ୍ସ ଭଳି କାମ କରେ।

– ମୃତ୍ତିକାକ୍ଷୟ ମୁଖ୍ୟତଃ ଗଡ଼ାଣିଆ ଅଞ୍ଚଳରେ ରୋକେ।

– ଉପକାରୀ କୀଟଙ୍କୁ ଆକର୍ଷଣ କରେ, ଯେତେବେଳେ କି ମକରନ୍ଦ ସୃଷ୍ଟିକାରୀ ଫସଲ ଚାଷ କରାଯାଏ।

– ଗୋଟାଏ ଫସଲ ଅନ୍ୟ ଫସଲକୁ ଆଶ୍ରୟ ଯୋଗାଏ।

– ଅଳ୍ପ ସମ୍ବଳ ଥିବା କ୍ଷୁଦ୍ର ନାମମାତ୍ର ଚାଷୀ ଅଧିକ ଲାଭବାନ ହୁଅନ୍ତି।

**ଅନ୍ତଃ ଫସଲ ଚୟନ ବେଳେ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...**

ଅନ୍ତଃ ଫସଲ ଚୟନ କଲାବେଳେ ଫସଲର ବୃଦ୍ଧି, ଚେର ବଢ଼ିବା, ଫସଲ ଅବଧି ଏବଂ ଉଦ୍ଭିଦର ବଂଶ ପ୍ରତି ଦୃଷ୍ଟି ଦେବା ବିଧେୟ।

–ଅଧିକ ଉଚ୍ଚା ଫସଲ ସହିତ ସ୍ୱଳ୍ପତା ଫସଲ।

– ବୁଦାଳିଆ ଫସଲ ସହିତ ସଲଖତା ଫସଲ।

–ଶୀଘ୍ର ବଢୁଥିବା ଫସଲ ସହିତ ଧିର ବଢୁଥିବା ଫସଲ।

– ଗଭୀର ଚେରଯୁକ୍ତ ଫସଲ ସହିତ ଅଗଭୀର ଚେରଯୁକ୍ତ ଫସଲ।

– ଅଳ୍ପ ଅବଧି ଫସଲ ସହିତ ଦୀର୍ଘ ଅବଧି ଫସଲ।

– ଡାଲି ଜାତୀୟ ଫସଲ ସହିତ ଅଣ ଡାଲିଯୁକ୍ତ ଫସଲ।

–ଫସଲକୁ ବିଭିନ୍ନ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ବଂଶ ଓ ପ୍ରଜାତିର ଫସଲ ରୋପଣ କରାଯାଇଥାଏ।

**ଅନ୍ତଃ ଫସଲର ପ୍ରକାର :** ମୁଖ୍ୟତଃ ଚାରି ପ୍ରକାରର ଅନ୍ତଃ ଫସଲ ଥାଏ। ଯଥା: ଧାଡ଼ିକିଆ ଅନ୍ତଃ ଫସଲ, ଚକଡ଼ା ଅନ୍ତଃ ଫସଲ, ପଟି ଅନ୍ତଃ ଫସଲ ଓ ପୁନଃଚାଷ ଅନ୍ତଃ ଫସଲ।

**ଧାଡ଼ିକିଆ ଅନ୍ତଃ ଫସଲ କ'ଣ?**

ଜମିରେ ଏକକାଳୀନ ଦୁଇ ବା ଅଧିକ ଫସଲର ଚାଷ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ହୋଇଥାଏ। ଯେଉଁଥିରେ ଅତିକମ୍‌ରେ ଗୋଟାଏ ଫସଲ ଧାଡ଼ିରେ ଚାଷ ହୋଇଥିବ।

**ଉଦାହରଣ:** ଶସ୍ୟ ଜାତୀୟ ଫସଲ, ସପୁରି। ପ୍ରଥମ ଦୁଇବର୍ଷ ଜମି ଅନୁସାରେ ମାଣ୍ଡିଆ, ବିରି, ମୁଗ, ହରଡ଼, ରାଶି, ଚିନାବାଦାମ ଆଦି ଫସଲ ଲଗାଯାଏ। ଯେଉଁଠି ପାଣିର ସୁବିଧା ଅଛି ବିଲାତି, ବାଇଗଣ, କଲରା, ଶାଗ ଆଦି ଲଗାଯାଏ। ତୃତୀୟ/ଚତୁର୍ଥ ବର୍ଷ ପରେ ଗଛ ଛାଇରେ ଅଦା, ହଳଦୀ, ପାଲୁଅ ଆଦି ଲଗାଯାଏ।

**ଚକଡ଼ା ଅନ୍ତଃ ଫସଲ —** ବିଭିନ୍ନ ପ୍ରକାରର ଅନ୍ତଃ ଫସଲ ଭିନ୍ନ ଭିନ୍ନ ଚକଡ଼ାରେ ହୋଇଥାଏ।

**ପଟିଅନ୍ତଃ ଫସଲ —** ବିଭିନ୍ନ ପ୍ରକାର ଅନ୍ତଃ ଫସଲ ଭିନ୍ନ ଭିନ୍ନ ପଟିରେ ଅର୍ଥାତ୍ ଭିନ୍ନ ପ୍ରକାରର ଲମ୍ବ ଓ ଓସାରର ଚାଷ କରାଯାଇଥାଏ।

**ଉଦାହରଣ:** ବିନ୍ସର ଗୋଟାଏ ପଟି ଏବଂ ୧ଫୁଟ–୨ଫୁଟ ବ୍ୟବଧାନରେ ମକାର ପଟି।

–ବନବିଜ୍ଞାନ ବିଭାଗ,
ଓୟୁଏଟି, ଭୁବନେଶ୍ୱର,
ମୋ: ୯୪୩୭୦୩୧୨୦୯

# ନଡ଼ିଆ ଫସଲରେ ଇରିଓ ଫାଇଡ୍ କୀଟ ପରିଚାଳନା



ଡ.ବିଷ୍ଣୁ ଚରଣ ଜେନା

ନଡ଼ିଆ ଚାଷ ଏକ ଅର୍ଥକରି ଫସଲ। ପୃଥିବୀର ପ୍ରାୟ ୯୩ଟି ଦେଶରେ ଏହି ଚାଷ ୧୧.୮ ନିୟୁତ ହେକ୍ଟର ଜମିରେ ହେଉଛି। ନଡ଼ିଆ ଉତ୍ପାଦନରେ ଭାରତ ପୃଥିବୀର ତୃତୀୟ ସ୍ଥାନରେ ପହଞ୍ଚିଛି। ଭାରତରେ ପ୍ରସ୍ତୁତ ହେଉଥିବା ୫୦ ପ୍ରକାରର ନଡ଼ିଆଜାତ ପଦାର୍ଥ ବିଶ୍ୱ ବଜାରରେ ଆଦୃତ ହେଉଛି।



ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଜିଲାଗୁଡ଼ିକରେ ଏହି ଚାଷ ବହୁ ପରିମାଣରେ ହୋଇଥାଏ। ବର୍ତ୍ତମାନ ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ଉପରୋକ୍ତ ଜିଲାରେ ଅସଂଖ୍ୟ ନଡ଼ିଆ ଗଛ ଭାଙ୍ଗିଯାଇଛି। ତେବେ ଯେଉଁସବୁ ଗଛ ରହିଯାଇଛି ତାହାର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ । ଅବଶ୍ୟ ନଡ଼ିଆ ଫସଲ ମନୁଷ୍ୟଙ୍କୁ ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଅନେକ ପ୍ରକାର ରୋଗ, ପୋକ ଏବଂ ସୂକ୍ଷ୍ମ ଜୀବମାନଙ୍କୁ ମଧ୍ୟ ଆକର୍ଷଣ କରିଥାଏ। ତନ୍ମଧ୍ୟରୁ ଇରିଓ ଫାଇଡ୍ ନାମକ ଚତୁଷ୍ପଦୀ କୀଟ ଅତ୍ୟନ୍ତ ମାରାତ୍ମକ, ଏହାର ଆବଶ୍ୟକ ପରିଚାଳନା ସମ୍ପର୍କରେ ସୂଚିତ କରାଯାଉଛି।

**ଚତୁଷ୍ପଦୀ କୀଟର ଉପସ୍ଥିତି:** ଏହି କୀଟ ପ୍ରଥମେ ମେକ୍ସିକୋରେ ଦେଖାଦେଲା, କ୍ରମେ ଏହା ବିଭିନ୍ନ ଦେଶରେ ଦେଖା ଦେଇଥିଲା। ୧୯୯୮ରେ ଏହି କୀଟ କେରଳ ଓ ତାମିଲନାଡୁ ରାଜ୍ୟରେ ନଡ଼ିଆ ଫସଲରେ ଆବିର୍ଭାବ ହେଲା, ୧୯୯୯ ମହାବାତ୍ୟା ସମୟରେ ଏହି କୀଟ ଓଡ଼ିଶାରେ ପ୍ରବେଶ କରି ନଡ଼ିଆ ଫସଲକୁ ବର୍ଷ ବର୍ଷ ଧରି ଆକ୍ରମଣ କରି ଆସୁଛି। ସମୁଦ୍ର ଉପକୂଳବର୍ତ୍ତୀ ଜିଲାରେ ଏହି କୀଟର ଭୟାବହତା ଜାରି ରହିଛି।

**ଚତୁଷ୍ପଦୀ କୀଟର ଜୀବନୀ:** ଏହି କୀଟର ସ୍ତ୍ରୀ କୀଟଟି ଅତ୍ୟନ୍ତ ସୂକ୍ଷ୍ମାତିସୂକ୍ଷ୍ମ। ଖାଲି ଆଖିରେ ଏମାନଙ୍କୁ ଦେଖିବା ଅତ୍ୟନ୍ତ କଷ୍ଟସାଧ୍ୟ, ଅଣୁବୀକ୍ଷଣ ଯନ୍ତ୍ର ମାଧ୍ୟମରେ ଏମାନଙ୍କୁ ଦେଖିବା ସହଜ ହୁଏ। ଅଣ୍ଡାରୁ ଅର୍ଭକ ଏବଂ ଅର୍ଭକରୁ ପୂର୍ଣ୍ଣାଙ୍ଗପ୍ରାପ୍ତ ଅବସ୍ଥା ପ୍ରାପ୍ତ ହେବାକୁ ଏହାକୁ ୧୦ ଦିନ ସମୟ ଲାଗେ। ସ୍ତ୍ରୀ କୀଟଟି ନିଜର ଜୀବନକାଳ ମଧ୍ୟରେ ହାରାହାରି ୧୯ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡା ସ୍ତ୍ରୀ ପୋକଟି ନଡ଼ିଆ ଗୋଟମାର ଭୁଣ୍ଡିତଳେ ଦେଇଥାଏ। ଅଣ୍ଡାରୁ ଅର୍ଭକମାନେ ବାହାରି ଭୁଣ୍ଡିତଳେ ରହି କଅଁଳ ତନ୍ତୁରୁ ରସ ଶୋଷନ୍ତି।

**କ୍ଷତିର ଲକ୍ଷଣ:** ଏହି କୀଟର ଆକ୍ରମଣ ଯୋଗୁ ଗୋଟମାର ଭୁଣ୍ଡିତଳେ ଗୋଲାପୀ ରଙ୍ଗର ଦାଗ ଦେଖାଯାଏ। କ୍ରମଶଃ ଏହା ହଳଦିଆ ରଙ୍ଗ ଧାରଣକରି ତ୍ରିକୋଣ ଆକାରରେ ପଇଡ଼ର ଅଗ୍ରଭାଗକୁ ବ୍ୟାପିଯାଏ। ପରବର୍ତ୍ତୀ ସମୟରେ ଏହା ବାଦାମୀ ରଙ୍ଗ ହୋଇ ଏବଂ ଆହୁରି ଗାଢ଼ ହୋଇ ଖଦଖଦଡ଼ିଆ ତନ୍ତୁ ସୃଷ୍ଟିକରେ। ପଇଡ଼ ଖୋଳପାରେ ଫାଟ ସୃଷ୍ଟିହୋଇ ସେଥିରୁ ଅଠା ଝରେ। ଅତ୍ୟଧିକ ଆକ୍ରମଣ ଯୋଗୁ ଗୋଟମା ଏବଂ କଷି ନଡ଼ିଆଗୁଡ଼ିକ ଶୁଖି ଗଛରୁ ଝଡ଼ିପଡ଼େ। ଆକ୍ରମିତ ନଡ଼ିଆଗୁଡ଼ିକ ବିକୃତରୂପ ଧାରଣ କରେ। ଚାଷୀମାନେ ଏହି ସବୁ ଲକ୍ଷଣ ଦେଖି ଏହାକୁ ଯାଦୁରା ରୋଗ କହି ଥାଆନ୍ତି। କୀଟ ଆକ୍ରମଣ ଯୋଗୁ ନଡ଼ିଆ ଅମଳ ବହୁ ପରିମାଣରେ ହ୍ରାସ ପାଏ। ବଜାରରେ ନଡ଼ିଆ ବିକ୍ରି କରିବାରେ ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଇପାରନ୍ତି ନାହିଁ। ନଡ଼ିଆ ଉପରେ ଭାତୁଡ଼ି ଆକୃତିର ଦାଗ ସହିତ ଲମ୍ବା ଲମ୍ବା ଫାଟ ସୃଷ୍ଟି ହୁଏ ଏବଂ ନଡ଼ିଆ ପାକଳ ହେବା ପୂର୍ବରୁ ଗୋଟମାଗୁଡ଼ିକ ଗଛରୁ ଝଡ଼ିପଡ଼େ। ଏହି ଚତୁଷ୍ପଦୀ କୀଟ ସରାଗ ସଂଗମକାରୀ ମହୁମାଛି ଓ ଅନ୍ୟାନ୍ୟ ପତଙ୍ଗମାନଙ୍କ ଯୋଗୁ ଏବଂ ବାୟୁ ପ୍ରବାହ ଯୋଗୁ ଗୋଟିଏ ଗଛରୁ ଅନ୍ୟ ଗଛକୁ ସ୍ଥାନାନ୍ତରିତ ହୁଅନ୍ତି।

**ପରିଚାଳନା ପ୍ରଣାଳୀ ଓ ଅମଳ ବୃଦ୍ଧି କରିବାର ଲକ୍ଷଣ:** ଏହି ନିବନ୍ଧ ମାଧ୍ୟମରେ ନଡ଼ିଆ ଚାଷୀମାନଙ୍କୁ କୀଟ ସଂଖ୍ୟା ହ୍ରାସ କରିବା ଏବଂ ନଡ଼ିଆ ଗଛରେ ଅମଳ ବୃଦ୍ଧି କରିବା ପାଇଁ କେତେକ ଉପାୟ ଦିଆଯାଉଛି...

– ନଡ଼ିଆ ବଗିଚାକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ନଡ଼ିଆ ଗଛରୁ ଶୁଖିଲା ବାହୁଙ୍ଗା ଏବଂ ଶୁଖିଲା ଚଅଁର କାଟି ଦିଅନ୍ତୁ।

– ସୁସ୍ଥ ଓ ସବଳ ନଡ଼ିଆ ଗଛରେ ଚତୁଷ୍ପଦୀ କୀଟର ଉପଦ୍ରବ ଉପଲବ୍ଧି ହୁଏନାହିଁ। ତେଣୁ ଗଛ ପ୍ରତି ୫୦ କିଲୋଗ୍ରାମ ଜୈବିକ ଖତ ବର୍ଷରେ ୨ ଥର ୨୫ କିଲୋଗ୍ରାମ ଅନୁପାତରେ ପ୍ରୟୋଗ କରନ୍ତୁ।

– ପୁନଶ୍ଚ ୧୦ କିଲୋଗ୍ରାମ ନିମ୍ବ ପିଡ଼ିଆ ବର୍ଷକୁ ୨ ଥର ୫ କିଲୋଗ୍ରାମ କରି ଗଛ ପ୍ରତି ପ୍ରୟୋଗ କରନ୍ତୁ।

– ନଡ଼ିଆ ବଗିଚାରେ ଧନିଚା ଏବଂ କୋଳଥ ବୁଣି ୪୫ ଦିନ ପରେ ସେଗୁଡ଼ିକୁ ମାଟିରେ ମିଶାଇ ମାଟିର ଉର୍ବରତା ବୃଦ୍ଧିକରି ନଡ଼ିଆ ଗଛକୁ ଅଧିକ ଅମଳକ୍ଷମକରି କୀଟ ଆକ୍ରମଣରୁ ଫସଲକୁ ରକ୍ଷା କରନ୍ତୁ।

– ୟୁରିଆ ୧ କିଲୋଗ୍ରାମ, ସୁପର ୨ କିଲୋଗ୍ରାମ ଏବଂ ପଟାସ ୨ କିଲୋଗ୍ରାମ ସାରକୁ ଏକାଠି ମିଶାଇ ଗଛପ୍ରତି ବର୍ଷକୁ ୨ ଥର ସମ ପରିମାଣରେ ପ୍ରୟୋଗ ପରେ ବଗିଚାରେ ଜଳ ସେଚନ କରନ୍ତୁ।

– ୫୦ ଗ୍ରାମ ଟାଙ୍ଗଣ କିମ୍ବା ୨୦୦ ଗ୍ରାମ ଅଣୁସାର ମିଶ୍ରଣକୁ ଏକ ଗଛପ୍ରତି ପ୍ରୟୋଗ କରନ୍ତୁ।

– ନିମାଜାଲ ୭.୫ ମିଲି ଲିଟରକୁ ୭.୫ ମିଲିଲିଟର ପାଣିରେ ମିଶାଇ ଦୁଇଟି ସଦ୍ୟଯାତ ଚେରରେ ହୋମିଓପାଥିକ ଟ୍ୟୁବ ଦ୍ୱାରା ୭.୫୦ ମିଲିଲିଟର କରି ପ୍ରୟୋଗ କରନ୍ତୁ। ଏହି ପ୍ରକ୍ରିୟା ୧ ମାସ ଅନ୍ତରରେ ୩ ଥର ପ୍ରୟୋଗ କରି ଚେରକୁ ପୋତି ଦିଅନ୍ତୁ। ଗ୍ରୀଷ୍ମ ଋତୁରେ ଏହି ପ୍ରକ୍ରିୟା ଭଲ ଭାବେ କାମ କରେ।

– ନଡ଼ିଆ ଗଛ ଛୋଟ ଅବସ୍ଥାରେ ଥିଲେ ଏବଂ ଗଛରେ କୀଟନାଶକ ସିଞ୍ଚନ କରିବାର ସୁବିଧା ଉପଲବ୍ଧ ହେଲେ ୫୦ ଗ୍ରାମ ଲୁଗାଧୁଆ ସାବୁନଗୁଣ୍ଡ ୫୦୦ ମିଲିଲିଟର ଉଷୁମ ପାଣିରେ ମିଶାନ୍ତୁ। ସେଥିରେ ୨୦୦ ମିଲିଲିଟର ନିମ୍ବତେଲ ଭଲଭାବେ ମିଶାନ୍ତୁ। ୨୦୦ ଗ୍ରାମ ଚୋପାଛଡ଼ା ରସୁଣ ବାଟି ସେଥିରେ ୩୦୦ ମିଲିଲିଟର ପାଣି ଗୋଳାନ୍ତୁ। ପତଳା କପଡ଼ାରେ ରସୁଣ ପାଣିକୁ ଛାଣି ସେଥିରୁ ଖଦା ବାହାର କରନ୍ତୁ ଏବଂ ଖଦାକୁ ଫୋପାଡ଼ି ଦିଅନ୍ତୁ। ଶେଷରେ ରସୁଣ ପାଣି ସହିତ ନିମ୍ବତେଲ, ସାବୁନ ପାଣି ମିଶାଇ କୀଟ ଆକ୍ରମିତ ଗଛକୁ ସିଞ୍ଚନ କରନ୍ତୁ।

–ନିମ୍ବତେଲ ବଦଳରେ କରଞ୍ଜ ତେଲ (୪%) କିମ୍ବା ମହୁଲ ତେଲ (୪%) ସାବୁନ ମିଶ୍ରଣ ସହିତ ମିଶାଇ ନଡ଼ିଆ ଗଛଗୁଡ଼ିକୁ ସିଞ୍ଚନ କରନ୍ତୁ।

–ମୋ: ୯୭୭୬୪୦୪୪୦୬

## ମକା କିସମ

ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ କଞ୍ଚା ଖାଇବା ପାଇଁ ମକା ଫସଲ ଲଗାଯାଇପାରିବ। ଉନ୍ନତ ବିହନ କିସମ ଯଥା– ନଭଜୋତ୍, ଶକ୍ତି, ଡେକାନ୍–୧୦୭, ଡେକାନ୍–୧୦୯ କିସମ ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ସଂଗ୍ରହ କରନ୍ତୁ। ଏକ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କିଗ୍ରା ଯବକ୍ଷାରଜାନ, ୧୬କି.ଗ୍ରା. ଫସଫରସ ଓ ୧୬କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ଭାଗରୁ ଭାଗେ ଯବକ୍ଷାରଜାନ, ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲ

ଡାଲିଜାତୀୟ ଫସଲ ଛୁଇଁ ୮୦–୮୫ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର।



## ସୂଚନା

ଫନୀ ବାତ୍ୟା ଜନିତ ବର୍ଷା ପରେ ଏବେ ପନିପରିବା ଫସଲରେ ଜଉ ପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ଗ୍ରାମ୍ ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ. କିମ୍ବା ୪୦ଗ୍ରାମ୍ ଥାୟୋମେଥୋକ୍ସାମ୍, ୨୫ପ୍ରତିଶତ ଡବ୍ଲୁଡିଜି କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ୍ ୨୦ପ୍ରତିଶତ ଏସ୍‌ପି ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ଆଶଙ୍କା ଥିବାରୁ ପ୍ରତି ୧୦ଲିଟର ପାଣିରେ ୧.୫ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ + ୨୫ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍‌କୁ ମିଶାଇ ମୂଳ ଭାଗକୁ ସିଞ୍ଚନ କରନ୍ତୁ। ଜମିରେ ରହିଯାଇଥିବା ପନିପରିବାଗୁଡ଼ିକ ନ ସଢ଼ିବା ଲାଗି ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି ମିଶାଇ ଏକର ପ୍ରତି ୨୦୦ଲିଟର ମିଶ୍ରଣ ସିଞ୍ଚନ କରନ୍ତୁ।

–ଗଛରେ ରହିଯାଇଥିବା ଆମ୍ବ ଓ କାଜୁ ଫିମ୍ପି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ତେଣୁ ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି ମିଶାଇ ସିଞ୍ଚନ କରନ୍ତୁ।

ପ୍ରଥମ ପୃଷ୍ଠାରୁ...

## ବିଳମ୍ବ ହେବ...

ମୌସୁମୀ ନ ଛୁଇଁ ମାତ୍ର ୪ ଦିନ ପରେ ଉଭାନ ହୋଇଯାଇଥିଲା। ଜୁନ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଧାନ ଚାଷ ଉପରେ ଏହାର ପ୍ରଭାବ ପଡିଥିଲା। ପରେ ବର୍ଷା ସ୍ୱାଭାବିକ ସ୍ତରକୁ ଆସିଥିଲା।

ବାତ୍ୟା 'ଫନୀ' ଯିବା ପରେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଜନଜୀବନକୁ ବ୍ୟତିବ୍ୟସ୍ତ କରିଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ପାରଦ ଉପରମୁହାଁ ରହିଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ବାୟୁମଣ୍ଡଳର ଆର୍ଦ୍ରତା ବଢ଼ିଯିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତାପମାତ୍ରା କମ୍ ରହିଲେ ମଧ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଗରମ ଓ ଗୁଳୁଗୁଳିରେ ଲୋକମାନେ ଆଉଟପାଉଟ ହେଉଛନ୍ତି। ତେବେ ଏଭଳି ପରିସ୍ଥିତିରୁ ଦିନେ ଦୁଇଦିନ ମଧ୍ୟରେ ମୁକ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ମଙ୍ଗଳବାର ୭ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ସର୍ବାଧିକ ୪୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୪୧, ଟିଟିଲାଗଡ଼ରେ ୪୧, ସୋନପୁରରେ ୪୧, ସମ୍ବଲପୁରରେ ୪୦.୫, ବଲାଙ୍ଗୀରରେ ୪୦.୨, ଅନୁଗୋଳରେ ୪୦.୧, ହୀରାକୁଦରେ ୩୯.୭, କଟକରେ ୩୯.୫, ଭୁବନେଶ୍ୱରରେ ୩୯.୪, ଚାନ୍ଦବାଲିରେ ୩୯ ଏବଂ ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ଼ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ତେବେ ଦିନେ ଦୁଇଦିନ ଗରମ କମ୍ ରହିଲେ ମଧ ୧୭ ତାରିଖରୁ ପଶ୍ଚିମ ଓଡ଼ିଶାରେ ପୁଣି ଗ୍ରୀଷ୍ମ ପ୍ରବାହ ହେବ ବୋଲି ଅନୁମାନ କରାଯାଉଛି।

## ସରିପାରିନି ଯୁକ୍ତ୨...

ତେଣୁ ଅଧାପକମାନେ ଖାତା ଦେଖିପାରି ନ ଥିଲେ। ମୂଲ୍ୟାଙ୍କନ କେନ୍ଦ୍ରରେ ବିଦ୍ୟୁତ୍, ପାଣି ସମସ୍ୟା ଦେଖାଗଲା। ଫଳରେ ଅଧିକାଂଶ ଅଧାପକ ଖାତାଦେଖା ବନ୍ଦ କରି ନିଜ ଘରକୁ ଫେରିଗଲେ। ତେବେ ଏହି ସମୟରେ ଅଧାପକମାନଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଛାଟ ମାରିଛି। ଖାତା ଦେଖିବାକୁ ଆସୁ ନ ଥିବା ଅଧାପିକା ଓ ଅଧାପକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ପରିଷଦ ନିଷ୍ପତ୍ତି ନେବାରୁ ବାଧହୋଇ ଅଧାପକମାନେ ପୁଣି ଖାତା ଦେଖିବା ପାଇଁ ଆସିଛନ୍ତି। ମୁହଁରେ ଝାଳ, ଗୋଟିଏ ହାତରେ ବିଞ୍ଚଣା ଓ ଆଉ ଗୋଟିଏ ହାତରେ କଲମ ଧରି ଏବେ ଖାତା ଦେଖୁଛନ୍ତି ଅଧାପକ। ବହୁ କଷ୍ଟରେ ବର୍ତ୍ତମାନ ଖାତାଦେଖା ଚାଲିଛି। ରାଜ୍ୟରେ ୫୮ ମାନୁଆଲ ଓ ୩୬ ଇ–ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ଚାଲିଛି। ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଭଳି ଜିଲାରେ ଖାତାଦେଖା ମନ୍ଥର ଗତିରେ ଚାଲିଛି। ତେଣୁ ଖାତାଦେଖା କେବେ ସରିବ ଏବଂ ଫଳାଫଳ କେବେ ପ୍ରକାଶ ପାଇବ, ତାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ କେବଳ ଦ୍ୱିତୀୟ ପର୍ଯ୍ୟାୟ ନୁହେଁ, ପ୍ରଥମ ପର୍ଯ୍ୟାୟରେ ମଧ ଖାତାଦେଖା ଠିକ୍ ଭାବେ ହୋଇ ନ ଥିଲା। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୮ରୁ ଆରମ୍ଭ ହୋଇ ୨୨ତାରିଖରେ ଶେଷ ହୋଇଥିଲା। ଏହି ସମୟରେ ରାଜ୍ୟର ବିଭିନ୍ନ ଜାଗାରେ ସାଧାରଣ ନିର୍ବାଚନ ରହିଥିଲା। ଯେଉଁ ଯେଉଁ ଜିଲାରେ ନିର୍ବାଚନ ଥିଲା, ସେଠାରେ ୪ଦିନ ଖାତାଦେଖା ବନ୍ଦ ହୋଇଯାଇଥିଲା।

ମେ ତୃତୀୟ ସପ୍ତାହରେ ବିଜ୍ଞାନ ଏବଂ ଜୁନ୍ ପ୍ରଥମ ସପ୍ତାହରେ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ପରିଷଦ ଯୋଜନା ରଖିଥିଲା। କିନ୍ତୁ ଏହି ସମୟରେ ଫଳାଫଳ ପ୍ରକାଶ ପାଇପାରିବନି ବୋଲି ଆଶଙ୍କା କରାଯାଉଛି। ଏ ନେଇ କଲେଜ ମହାସଂଘ ଅଧ୍ୟକ୍ଷ ପବିତ୍ର ମହଲା କହିଛନ୍ତି, ଅଧାପକମାନେ ପ୍ରତିକୂଳ ପରିସ୍ଥିତିରେ ଖାତା ଦେଖୁଛନ୍ତି। ଏଥିରେ କାହାର ଦୋଷ ନାହିଁ। ଖାତା ଦେଖିବାକୁ ଆସୁ ନ ଥିବା ଅଧାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଉଚିତ ନୁହେଁ। ସେହିପରି ଯୁକ୍ତ୩ ପଢ଼ିବା ପାଇଁ ଅନେକ ଛାତ୍ରୀଛାତ୍ର ଓଡ଼ିଶା ବାହାରେ ଥିବା ବିଶ୍ୱବିଦ୍ୟାଳୟକୁ ଯାଇଥାଆନ୍ତି। ବିଳମ୍ବରେ ରେଜଲ୍ଟ ବାହାରିଲେ ଛାତ୍ରୀଛାତ୍ର ସେଠାରେ ନାମଲେଖାରୁ ବଞ୍ଚିତ ହେବେ। ଓଡ଼ିଶା ଛାତ୍ରୀଛାତ୍ରଙ୍କ ପାଇଁ ନିଟ୍ ପରୀକ୍ଷାକୁ ଯେଉଁଭଳି ଘୁଞ୍ଚାଇ ଦିଆଗଲା, ସେହିଭଳି ଓଡ଼ିଶା ବାହାରେ ଥିବା ବିଶ୍ୱବିଦ୍ୟାଳୟରେ ଆମ ପିଲାମାନେ କିପରି ନାମ ଲେଖାଇପାରିବେ, ସେଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରିବା ଉଚିତ।

## ୬୫ ଆସନରେ...

ଏହା ସତ୍ତ୍ୱେ ନବରଙ୍ଗପୁର ଲୋକ ସଭା ବିଜେଡି ସପକ୍ଷରେ ଯାଇପାରେ ବୋଲି କୁହାଯାଇଛି। କଂଗ୍ରେସ ମଧ ଅନୁରୂପ ଭାବେ ଏହି ସିଟ୍ ହାତେଇବା ନେଇ ଦୃଢୋକ୍ତି ପ୍ରକାଶ କରିଛି। କଳାହାଣ୍ଡି ଲୋକ ସଭାରେ ତ୍ରିକୋଣୀୟ ମୁକାବିଲା ହୋଇଥିବା ଜଣାପଡିଛି। ବିଜୟୀ ପ୍ରାର୍ଥୀ ଏବଂ ପରାଜିତ ୨ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନର ଅନ୍ତର ୨୦ରୁ ୬୦ ହଜାର ମଧ୍ୟରେ ହୋଇପାରେ ବୋଲି କୁହାଯାଇଛି। ବ୍ରହ୍ମପୁର ଲୋକ ସଭାରେ ଜିତିବା ନେଇ ଦଳ ନିଶ୍ଚିତ ଥିବାବେଳେ ଏହା ଅଧୀନ ଏକାଧିକ ବିଧାନସଭା ଆସନରେ ଦଳୀୟ କନ୍ଦଳ ମୁଣ୍ଡବିନ୍ଧାର କାରଣ ହୋଇଛି। ବିଜେଡି ଗୋପାଳପୁର, ପାରଳାଖେମୁଣ୍ଡି, ମୋହନା ଏବଂ ଛତ୍ରପୁରରେ କଡା ଟକ୍କରର ସମ୍ମୁଖୀନ ହୋଇଛି। ଆସିକା ଲୋକ ସଭାର ସୋରଡା ଏବଂ ପୋଲସରା ବିଧାନସଭା ଆସନରେ ଦଳ ଭାଜପାଠାରୁ କଡା ଟକ୍କର ପାଇଛି। ବରଗଡ ଲୋକ ସଭାରେ ପୂର୍ବଥର ଭଳି ବିଜୟୀ ଓ ପରାଜିତ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନ କମ୍ ରହିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରୁ ପ୍ରାର୍ଥୀ ହୋଇଥିବାରୁ ଏହି ଲୋକ ସଭା ଆସନ ଦଳ ସପକ୍ଷରେ ଯିବ ବୋଲି ସର୍ଭେରେ ଦର୍ଶାଯାଇଛି। ଏହା ଅଧୀନ ପଦମ୍ପୁର ବିଧାନସଭାରେ ବିଜେଡି–ଭାଜପା ମଧ୍ୟରେ ଲଢେଇ ଜୋର ହୋଇଥିବା ଜଣାପଡିଛି। କନ୍ଧମାଳ ଲୋକ ସଭା ଆସନରେ ବିଜେଡି ଭଲ ପ୍ରଦର୍ଶନ ନେଇ ଆଶାବାଦୀ ରହିଛି। ସେହିପରି ଏହା ଅଧୀନ ଦଶପଲ୍ଲା ଓ ଭଞ୍ଜନଗରରେ ଭାଜପା, ବାଲିଗୁଡାରେ କଂଗ୍ରେସ, କଣ୍ଟାମାଳରେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। ବଲାଙ୍ଗୀର ଲୋକ ସଭା ଆସନରେ ଦଳୀୟ ପ୍ରଦର୍ଶନ ବିଜେଡି ସପକ୍ଷରେ ଏତେଟା ଯାଇନାହିଁ। ଏହି ଆସନରେ ଭାଜପା ବହୁତ ଭଲ ଭୋଟ ହାତେଇବା ରିପୋର୍ଟ ଆସିଛି। ସେହିପରି ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ ବିଧାନସଭା ଆସନରେ କଂଗ୍ରେସ ଏବଂ ପାଟଣାଗଡ ବିଧାନସଭା ଆସନରେ ଭାଜପା ସହ ମୁଖ୍ୟ ଲଢେଇ ହୋଇଥିବା ଜଣାପଡିଛି। ସୁନ୍ଦରଗଡ ଲୋକ ସଭା ଆସନରେ ତ୍ରିକୋଣୀୟ ମୁକାବିଲା ହୋଇଥିବା ସର୍ଭେରେ କୁହାଯାଇଛି। ଏହା ଅଧୀନ ତଳସରାରେ ଦଳ ଉଭୟ କଂଗ୍ରେସ–ଭାଜପା, ବଣାଇରେ ସିପିଏମ୍ ଏବଂ ଭାଜପା ସହ କଡ଼ା ମୁକାବିଲା କରିଛି।

ସମ୍ବଲପୁର ଲୋକ ସଭା ଏବଂ ଏହା ଅଧୀନ ୫ ବିଧାନସଭା ଆସନରେ ବିଜେଡି କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। ଏମିତି ଏହି ଲୋକ ସଭା ଆସନ ଦଳ ହାତରୁ ଖସିଯିବା କୁହାଯାଇଛି। ସମ୍ବଲପୁର, ରେଙ୍ଗାଲି, ଛେଣ୍ଡିପଦା, ଦେବଗଡରେ ଭାଜପା ସହ ସିଧାସଳଖ ମୁକାବିଲା ହୋଇଛି। କେବଳ ଆଠମଲ୍ଲିକରେ କଂଗ୍ରେସ ଭଲ ପ୍ରଦର୍ଶନ କରିପାରେ ବୋଲି କୁହାଯାଇଛି। ଢେଙ୍କାନାଳ ଲୋକ ସଭା ଆସନରେ ଭାଜପା ପୂର୍ବ ପ୍ରଦର୍ଶନଠାରୁ ଉତ୍ତମ ପ୍ରଦର୍ଶନ କରିଥିବା ଉଲ୍ଲେଖ କରାଯାଇଛି। ଏହା ଅଧୀନ ଅନୁଗୋଳ, ପାଲଲହଡା ଏବଂ ଢେଙ୍କାନାଳ ବିଧାନସଭାରେ ଦଳ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଉପକୂଳ ଓଡ଼ିଶାରେ ଦୁଇ ଦଶନ୍ଧି ମଧ୍ୟରେ ବିଜେଡି ସବୁଠୁ କଡା ଟକ୍କର ପାଇଥିବା କୁହାଯାଇଛି। ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପା ପ୍ରଦର୍ଶନ ଆଶାତୀତ ବୃଦ୍ଧି ପାଇଛି। ୧୯୯୮ରୁ ଦଳ ହାତରେ ଥିବା ଆସନ ହାତଛଡ଼ା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଅଧୀନ ଭୁବନେଶ୍ୱର(ମଧ୍ୟ)ରେ ଭାଜପା, ଜଟଣୀ ଓ ବେଗୁନିଆରେ କଂଗ୍ରେସ ଏବଂ ଜୟଦେବରେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। କଟକ ଲୋକ ସଭା ଆସନରେ ଭାଜପା ସହ ମୁଖ୍ୟ ଲଢେଇ ହୋଇଥିବା କୁହାଯାଉଛି। ଏହା ଅଧୀନ ବଡମ୍ବା ଓ କଟକ ସଦରରେ ଭାଜପା ବିଧାନସଭା ପ୍ରାର୍ଥୀ ଭଲ ପ୍ରଦର୍ଶନ କରିଥିବା ବେଳେ ବାଙ୍କୀ ଏବଂ ବାରବାଟୀ–କଟକରେ କଂଗ୍ରେସ ସହ ମୁକାବିଲା ହୋଇଛି। ପୁରୀ ଲୋକ ସଭା ଆସନରେ ଭାଜପା ଓ ବିଜେଡି ଭୋଟ ସଂଖ୍ୟା ପ୍ରାୟତଃ ସମାନ ମନେ ହେଉଛି। ଏହା ଅଧୀନ ବ୍ରହ୍ମଗିରି, ଚିଲିକା, ରଣପୁର ଏବଂ ନୟାଗଡରେ ଭାଜପା ବିଧାନସଭା ପ୍ରାର୍ଥୀ ବିଜେଡି ସହ ଜୋରଦାର ଲଢେଇ କରିଛନ୍ତି।

ସେହିପରି କେନ୍ଦୁଝର ଲୋକ ସଭା ଆସନରେ ବିଜେଡି ପୂର୍ବ ସଫଳତା ଦୋହରାଇବା ପାଇଁ ଆଶାବାଦୀ। ହେଲେ ତେଲକୋଇ ଏବଂ କେନ୍ଦୁଝର ବିଧାନସଭା ଆସନରେ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ମୟୂରଭଞ୍ଜ ଲୋକ ସଭା ଆସନ ମଧ ବିଜେଡି ସକାଶେ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହା ଅଧୀନ ବାରିପଦା, ସାରସକଣା ଏବଂ ଯଶୀପୁରରେ ଦଳୀୟ ବିଧାୟକ ପ୍ରାର୍ଥୀ କଡା ଲଢେଇର ସମ୍ମୁଖୀନ ହୋଇଛନ୍ତି। ବାଲେଶ୍ୱର ଲୋକ ସଭା ଆସନ ମଧ୍ୟରେ ଥିବା ରେମୁଣା, ବସ୍ତା, ଭୋଗରାଇରେ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଏହି ଲୋକ ସଭା ଆସନରେ ତ୍ରିକୋଣୀୟ ମୁକାବିଲା ହୋଇଛି, ହେଲେ ମୁଖ୍ୟ ଲଢେଇ ଭାଜପା ସହ ହୋଇଥିବା କୁହାଯାଇଛି। କେନ୍ଦ୍ରାପଡା ଲୋକ ସଭା ଆସନରେ ଭାଜପା ସହ ମୁକାବିଲା ହୋଇଥିବା ବେଳେ ବିଜେଡି ଆସନଟି ବଜାୟ ରଖିବାରେ ସଫଳ ହୋଇପାରେ ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି। ଏହା ଅଧୀନ କେନ୍ଦ୍ରାପଡା, ଆଳି, ରାଜନଗରରେ କଂଗ୍ରେସ ସହ ମହାକାଳପଡାରେ ଭାଜପା ସହ ମୁକାବିଲା ହୋଇଥିବା କୁହାଯାଉଛି। ଜଗତସିଂହପୁର ଓ ଯାଜପୁର ଲୋକ ସଭାରେ ଉତ୍ତମ ପ୍ରଦର୍ଶନ ନେଇ ବିଜେଡି ଆଶାବାଦୀ। ସେହିପରି ଜଗତସିଂହପୁର, ପାରାଦୀପରେ କଂଗ୍ରେସ ଏବଂ ନିଆଳିରେ ଭାଜପା ବିଧାନସଭା ପ୍ରାର୍ଥୀ କଡା ଟକ୍କର ଦେଇଥିବା କୁହାଯାଇଛି। ଭଦ୍ରକ ଲୋକ ସଭା ଆସନରେ ଭାଜପା ସହ ମୁକାବିଲା ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କ ଉପସ୍ଥିତି ଦଳକୁ ଫାଇଦା ଦେବ ବୋଲି କୁହାଯାଇଛି। ଏହା ଅଧୀନ ଭଣ୍ଡାରୀପୋଖରୀ, ସୋରରେ କଂଗ୍ରେସ, ଭଦ୍ରକ,ଚାନ୍ଦବାଲି, ଧାମନଗରରେ ଭାଜପା ସହ ମୁକାବିଲା ହୋଇଛି।

ଏହିପରି ଭାବେ ୬୫ଟି ଆସନରେ ବିଜେଡି ପୂର୍ବ ଅପେକ୍ଷା ବିରୋଧୀଙ୍କ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଏହି ସବୁ ଆସନରେ ଦଳର ହାରଜିତର ବ୍ୟବଧାନ ୫୦୦ରୁ ୫୦୦୦ ରହିବ ବୋଲି କୁହାଯାଇଛି। ସେହିପରି ୭୨ ଆସନରେ ଦଳର ଜିତିବା ସମ୍ଭାବନା ବେଶି ବୋଲି କୁହାଯାଇଛି। କଡା ମୁକାବିଲା ହୋଇଥିବା ୬୫ମଧ୍ୟରୁ ୩୦ରୁ ୪୦ ବିଧାନସଭା ବିଜେଡି ଜିତିପାରେ । ଏହାର ଅର୍ଥ ବିଜେଡି ୧୦୦ରୁ ୧୧୦ ସିଟ୍ ହାତେଇବ ବୋଲି ଆକଳନ କରାଯାଇଛି। ଲୋକ ସଭାରେ ବଲାଙ୍ଗୀର, ଭୁବନେଶ୍ୱର, କୋରାପୁଟ, ସୁନ୍ଦରଗଡ, ମୟୂରଭଞ୍ଜ, ସମ୍ବଲପୁର, ଢେଙ୍କାନାଳ ଫଳାଫଳ ନକାରାତ୍ମକ ହେବାର ଦଳ ପକ୍ଷରୁ ଆଶଙ୍କା କରାଯାଇଛି। ଅନ୍ୟପଟେ ପୁରୀ, ବାଲେଶ୍ୱରରେ କଂଗ୍ରେସ କେତେ ଭୋଟ ନେଇଛି, ତାହା ଉପରେ ବିଜେଡି ପ୍ରାର୍ଥୀଙ୍କ ବିଜୟ/ପରାଜୟ ନିର୍ଭର କରୁଥିବା କୁହାଯାଇଛି। ୨୧ ଲୋକ ସଭାରୁ ଦଳ ସର୍ବନିମ୍ନ ୧୨ରୁ ୧୪ ଏବଂ ସର୍ବାଧିକ ୧୫ରୁ ୧୬ ଆସନ ଜିତିବା ନେଇ ଆକଳନ କରିଛି।

## ସଂକ୍ଷେପରେ

### ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତି ୩.୦୭%

ନୂଆଦିଲ୍ଲୀ,୧୪-୫: ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଥିବା ବେଳେ ପାଇକାରୀ ମୁଦ୍ରାସ୍ଫୀତି ହାର ହ୍ରାସ ପାଇଛି। ମଙ୍ଗଳବାର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍ଓ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତି ୩.୦୭%କୁ ଖସିଆସିଛି, ଯାହା କି ମାର୍ଚ୍ଚରେ ୩.୧୮% ଥିଲା। ଗତବର୍ଷ ଏପ୍ରିଲରେ ଏହା ୩.୬୨% ରହିଥିଲା। ତେବେ ଗତ ମାସରେ ପେଟ୍ରୋଲ, ଡିଜେଲ ଏବଂ ପ୍ରସ୍ତୁତ ସାମଗ୍ରୀ ଦର ହ୍ରାସ ପାଇବା କାରଣରୁ ମୁଦ୍ରାସ୍ଫୀତି କମିଥିଲା। କିନ୍ତୁ ପନିପରିବା ଦର ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ପନିପରିବା ଦର ୪୦.୬୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ମାର୍ଚ୍ଚରେ ଏହା ୨୮.୧୩% ବଢ଼ିଥିଲା। ସିଏସ୍ଓ ସୂତ୍ର ଅନୁଯାୟୀ, ଏପ୍ରିଲରେ ସିପିଆଇ ୨.୯୨ ପ୍ରତିଶତ ରହିଥିଲା, ଯାହା କି ମାର୍ଚ୍ଚରେ ୨.୮୬% ମୁକାବିଲାରେ ୦.୦୬% ଅଧିକ ଥିଲା। ତେବେ ଆର୍‌ବିଆଇର ଆନୁମାନିକ ଲକ୍ଷ୍ୟଠାରୁ ଏହା କମ୍ ରହିଛି। ଏଥିଯୋଗୁ ଆସନ୍ତା ମୁଦ୍ରାନୀତିରେ ରେପୋ ରେଟ କମିବାର ଆଶା ସଞ୍ଚାର କରିଛି। ତେବେ ଏପ୍ରିଲରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ହାର ୩ ଗୁଣା ବୃଦ୍ଧି ପାଇ ମାର୍ଚ୍ଚର ୦.୩%ରୁ ୧.୧ ପ୍ରତିଶତରେ ପହଞ୍ଚିଯାଇଛି। ପନିପରିବା ମୁଦ୍ରାସ୍ଫୀତି ହାର ମଧ ୨.୮୭% ବୃଦ୍ଧି ପାଇଥିବା ବେଳେ ଫଳ ଦର ହ୍ରାସ ପାଇଛି। ଇନ୍ଧନ ଓ ବିଜୁଳି ମୁଦ୍ରାସ୍ଫୀତି ହାର ମଧ ୨.୫୬%ରେ ପହଞ୍ଚିଯାଇଛି, ଯାହା କି ମାର୍ଚ୍ଚରେ ୨.୪୨% ରହିଥିଲା।

### ହ୍ୟାକିଂ ସମ୍ଭାବନା: ଅପ୍‌ଡେଟ୍ ଲାଗି ହ୍ୱାଟ୍ସଆପ୍‌ର ଚେତାବନୀ

ନୂଆଦିଲ୍ଲୀ,୧୪-୫: ସିକ୍ୟୁରିଟି ଫିଚର୍ସରେ ତ୍ରୁଟି ପରିଲକ୍ଷିତ ହେବା ପରେ ହ୍ୱାଟ୍ସଆପ୍ ଏହାର ୟୁଜରଙ୍କୁ ତୁରନ୍ତ ଏହି ଆପ୍‌କୁ ଅପ୍‌ଡେଟ୍ କରିନେବା ଲାଗି ଚେତାଇ ଦେଇଛି। କାରଣ ସିକ୍ୟୁରିଟିରେ ଥିବା ତ୍ରୁଟି ଯୋଗୁ ଯେକୌଣସି ମୁହୂର୍ତ୍ତରେ ୟୁଜରଙ୍କ ଫୋନ୍ ହ୍ୟାକ୍ ହୋଇଯିବାର ସମ୍ଭାବନା ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ସୁରକ୍ଷାରେ ଥିବା ତ୍ରୁଟିକୁ ତୁରନ୍ତ ସଜାଡିନିଆଯାଇଥିବା କମ୍ପାନୀ କହିଛି।

### ୧୦ କୋଟିର ଅନିୟମିତତା ଧରିଲା ପେଟିଏମ୍

ନୂଆଦିଲ୍ଲୀ,୧୪-୫: ଡିଜିଟାଲ ପେମେଣ୍ଟ କମ୍ପାନୀ ପେଟିଏମ୍‌ରେ ୧୦ କୋଟି ଟଙ୍କାର ଅନିୟମିତତା ହୋଇଥିବା ଜଣାପଡିଛି। କମ୍ପାନୀର ଆଭ୍ୟନ୍ତରୀଣ ଯାଞ୍ଚରୁ ଏହା ଧରାପଡିଛି ବୋଲି ପେଟିଏମ୍‌ର ପ୍ରମୁଖ ବିଜୟ ଶେଖର ଶର୍ମା ମଙ୍ଗଳବାର କହିଛନ୍ତି। ଏହା ଜଣାପଡିବା ପରେ କମ୍ପାନୀ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କୁ ବରଖାସ୍ତ କରିଥିବା ବେଳେ ବହୁ ସଂଖ୍ୟାରେ ବିକ୍ରେତାଙ୍କୁ ନିଜର ପ୍ଲାଟଫର୍ମରୁ ହଟାଇ ଦେଇଛି ବୋଲି ସେ କହିଛନ୍ତି।

### ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହେଲେ କୋଚରଙ୍କ କମ୍ପାନୀ

ନୂଆଦିଲ୍ଲୀ,୧୪-୫: ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚର ଏବଂ ଦୀପକ କୋଚରଙ୍କ ସହ ଜଡ଼ିତ କମ୍ପାନୀ ନିଜର ଜବତ ହୋଇଥିବା ଦସ୍ତାବିଜ ଫେରିପାଇବା ଲାଗି ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଆପିଲେଟ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାର୍ଚ୍ଚ ପହିଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପ୍ୟାସିଫିକ୍ କ୍ୟାପିଟାଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ଏବଂ କ୍ୱାଲିଟି ଟେକ୍ନୋ ଆଡ୍‌ଭାଇଜର୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ଚଢ଼ାଉ କରିଥିଲେ ଏବଂ ଦସ୍ତାବିଜ ଜବତ କରିଥିଲେ। ଚନ୍ଦା ଏବଂ ଦୀପକଙ୍କ ନିକଟରେ ଏହି ଦୁଇ କମ୍ପାନୀର ଶେୟାର ରହିଛି।


### ମାଲ୍ୟାଙ୍କୁ ଗୃହଋଣ ଶୁଝିବାକୁ ମିଳିଲା ସମୟ

ଲଣ୍ଡନ,୧୪-୫: ଭାରତକୁ ପ୍ରତ୍ୟର୍ପଣ ହେବାକୁ ଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ଗୃହ ଋଣ ପରିଶୋଧ କରିବାକୁ ସମୟ ପାଇଛନ୍ତି। ସୁଇଜରଲାଣ୍ଡର ବ୍ୟାଙ୍କ ୟୁବିଏସ୍ ପକ୍ଷରୁ ଗୃହଋଣ ପରିଶୋଧ କରା ନ ଯିବା ଆଳରେ ମାଲ୍ୟାଙ୍କ ଲଣ୍ଡନ ଘରକୁ କବ୍ଜା କରିବା ଲାଗି ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ତେବେ ବ୍ୟାଙ୍କ ଓ ମାଲ୍ୟାଙ୍କ ମଧ୍ୟରେ ଋଣ ଶୁଝିବା ନେଇ ବୁଝାମଣା ହୋଇଛି। ଫଳରେ ମାଲ୍ୟା ଆସନ୍ତା ବର୍ଷ ଏପ୍ରିଲ ସୁଦ୍ଧା ଋଣ ପରିଶୋଧ କରିବା ଲାଗି ସମୟ ପାଇଛନ୍ତି। ବୁଝାମଣା ପରେ ବ୍ରିଟିଶ ହାଇକୋର୍ଟରେ ଆସନ୍ତା ସପ୍ତାହରେ ହେବାକୁ ଥିବା ଶୁଣାଣିକୁ ବିଚାରପତି ରଦ୍ଦ କରିଦେଇଛନ୍ତି।

---

"ସ୍ୱୋମ୍ୟାନ ଲଜିଷ୍ଟିକ୍ସ ନିଜର ଦକ୍ଷତା ବୃଦ୍ଧି କରି ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଉପରେ ଅଧିକ ଜୋର୍ ଦେଉଛି। କମ୍ପାନୀର ପ୍ରଦର୍ଶନରେ ନିରନ୍ତରତା ବଜାୟ ରଖାଯିବାକୁ ଉଦ୍ୟମ ହେବା

– ପ୍ରେମ କିଶନ ଗୁପ୍ତା, ଅଧକ୍ଷ, ସ୍ୱୋମ୍ୟାନ ଲଜିଷ୍ଟିକ୍ସ



"ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଖରାପ ସମୟ ଅତିବାହିତ ହୋଇଗଲାଣି। ଆଗକୁ ବ୍ୟାଙ୍କ ଅଧିକ ଲାଭ କରିବା

–ରାଜକିରନ ରାୟ ଜି, ଏମ୍‌ଡି ତଥା ସିଇଓ, ୟୁବିଆଇ



# ଜେଟ୍ ଏୟାରୱେଜ୍‌ରେ ଇସ୍ତଫା ଦୌଡ଼

**ନୂଆଦିଲ୍ଲୀ,୧୪-୫**

- ସିଇଓଙ୍କ ସମେତ ୩ଟପ୍ ଅଧିକାରୀ କମ୍ପାନୀରୁ ଓହରିଲେ
- ଏଟିହାଦ ମାତ୍ର ୧୭୦୦ କୋଟି ନିବେଶ ପାଇଁ ଆଗ୍ରହୀ
- ବଡ଼ ନିବେଶକଙ୍କ ଆବଶ୍ୟକତା ରହିଛି

ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ୍‌ର ପୁନଃକାର୍ଯ୍ୟକ୍ଷମ ହେବା ଆଶା ପ୍ରାୟ ଶେଷ ହୋଇଯିବା ପରେ ଟପ୍ ମ୍ୟାନେଜମେଣ୍ଟରେ ନୈରାଶ୍ୟ ଖେଳିଯାଇଛି। ଚିଫ୍ ଏକ୍‌ଜିକ୍ୟୁଟିଭ ଅଧିକାରୀ(ସିଇଓ) ବିନୟ ଦୁବେ, ଡେପୁଟି ସିଇଓ ତଥା ସିଏଫ୍ଓ ଅମିତ ଅଗ୍ରୱାଲ ଏବଂ ଚିଫ୍ ପିପୁଲ୍ସ ଅଫିସର ରାହୁଲ ତନେଜା ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ନିଜ ପଦରୁ ଇସ୍ତଫା ଦେଲେ ବୋଲି ସେମାନେ ଜଣାଇଛନ୍ତି।

ଦୁବେ ୨୦୧୭ ଅଗଷ୍ଟରେ ଜେଟ୍ ଏୟାରୱେଜ୍ ସହ ନିଜକୁ ଜଡ଼ିତ କରିଥିଲେ। ଏହାପୂର୍ବରୁ ସେ ଡେଲ୍ଟା ଏୟାରଲାଇନ୍ସ ଏବଂ ଆମେରିକାନ ଏୟାରଲାଇନ୍ସରେ କାମ କରିଥିଲେ। ଅନ୍ୟପକ୍ଷରେ ଏସାର ଗ୍ରୁପ୍‌ର ଏଚ୍ଆର୍ ମୁଖ୍ୟ ରହିଥିବା ତନେଜା ୨୦୧୬ ଫେବୃୟାରୀରେ ଜେଟ୍‌ରେ ଯୋଗ ଦେଇଥିଲେ। ଅଗ୍ରୱାଲ ଫାଇନାନ୍ସ ମୁଖ୍ୟ ଭାବେ ୨୦୧୫ ଡିସେମ୍ବରରେ କମ୍ପାନୀରେ ସାମିଲ ହୋଇଥିଲେ। ତାଙ୍କୁ ୨୦୧୭ ନଭେମ୍ବରରେ ଡେପୁଟି ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜେଟ୍ ଏୟାରୱେଜର ବିଡ୍ ଦାଖଲ ବେଳେ ଆବୁଧାବୀର ବିମାନ କମ୍ପାନୀ ଏଟିହାଦ ଏୟାରଲାଇନ୍ସ କେତେକ ସର୍ତ୍ତାରୋପ କରିଛି। ଜେଟ୍‌ରେ କମ୍ପାନୀ ୧୭୦୦ କୋଟି ଟଙ୍କା ନିବେଶ କରିପାରିବ ବୋଲି ସ୍ପଷ୍ଟ କରିଛି। ପୁନର୍ଗଠିତ ଜେଟ୍ ଏୟାରୱେଜରେ ଏହାର ୨୪% ଅଂଶଧନ ହିଁ ରହିବ ବୋଲି ଏଟିହାଦ କହିଛି। ତେବେ ଜେଟ୍ ଉପରେ ଏବେ ୯ ହଜାର କୋଟି ଟଙ୍କାରୁ ଅଧିକ ବକେୟା ଋଣ ରହିଥିବାରୁ କମ୍ପାନୀର ପୁନରୁଦ୍ଧାର ଲାଗି ବଡ଼ ନିବେଶକଙ୍କ ଆବଶ୍ୟକତା ରହିଛି, ଯାହା କି ମିଳୁନାହିଁ। ପ୍ରମୋଟର ନରେଶ ଗୋୟଲଙ୍କ ପରେ ମ୍ୟାନେଜମେଣ୍ଟର ୩ ଶୀର୍ଷ ଅଧିକାରୀଙ୍କ ଇସ୍ତଫା ଦେବାରୁ କର୍ମଚାରୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ସେମାନେ ନିଜର ଦୁଃଖ ଓ ଅସୁବିଧା ଦୂର ଲାଗି କାହାପାଖକୁ ଯିବେ ବୋଲି କର୍ମଚାରୀମାନେ ମତପ୍ରକାଶ କରିଛନ୍ତି। ସୂଚନାଥାଉ କି, ଜେଟ୍‌ର ଅପରେଶନ ସାମୟିକ ବନ୍ଦ ହୋଇଯିବା ପରେ ଏହାର ୭୫୦ ସ୍ଲଟ୍ ଖାଲି ପଡିଥିଲା। ତନ୍ମଧ୍ୟରୁ କେନ୍ଦ୍ର ସରକାର ୪୮୦ ସ୍ଲଟ୍‌କୁ ଅନ୍ୟ ଏୟାରଲାଇନ୍ସକୁ ବାଣ୍ଟି ଦେଇଥିଲେ। ଏଥିରୁ ସ୍ପାଇସ୍‌ଜେଟ୍ ୧୩୦, ଇଣ୍ଡିଗୋ ୧୨୫, ଭିସ୍ତାରା ୧୧୦, ଗୋଏୟାର ଏବଂ ଏୟାରଏସିଆ ୪୦ରୁ ୪୫ ସ୍ଲଟ୍ ପାଇଛନ୍ତି। ଜେଟ୍ ଏୟାରୱେଜ୍‌ର ୧୧୮ ଦିଲ୍ଲୀ ସ୍ଲଟ୍ ମଧ୍ୟରୁ ଇଣ୍ଡିଗୋକୁ ୪୦ ଏବଂ ସ୍ପାଇସ୍‌ଜେଟ୍‌କୁ ୨୦୦ରୁ ୭୦ ମୁମ୍ବାଇ ସ୍ଲଟ୍ ମିଳିଛି। ଆର୍ଥିକ ସଙ୍କଟ କାରଣରୁ ଜେଟ୍ ନିଜର କର୍ମଚାରୀଙ୍କୁ ଗତ ୫ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଦରମା ଦେଇପାରିନି। ଏହା ଅର୍ଥ ଅଭାବରେ ନିଜର ଅପରେଶନ ବନ୍ଦ କରିଦେଇଛି। ଅନ୍ୟପକ୍ଷରେ ଜେଟ୍‌ର ଅଂଶଧନ ବିକ୍ରି କରିବା ପାଇଁ ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ କନ୍‌ସୋର୍ଟିୟମର ଉଦ୍ୟମ ଫଶର ଫାଟିଛି।



ବିନୟ ଦୁବେ

## ଆଇଟିସିର ନୂଆ ବି'ନାଚୁରାଲ ଉନ୍ମୋଚନ




**ମୁମ୍ବାଇ,୧୪-୫**

ପ୍ରମୁଖ କମ୍ପାନୀ ଆଇଟିସିର ଫୁଡ ଡିଭିଜନ ପକ୍ଷରୁ ଏହାର ବିନାଚୁରାଲ ରେଞ୍ଜରେ ଫ୍ରୁଟ ବେଭରେଜ ପ୍ରଡକ୍ଟ ବଜାରକୁ ଆସିଛି। ଏହା ପ୍ରିମିୟମ ଫ୍ରୁଟ ବେଭରେଜ ରେଞ୍ଜରେ ଆସୁଥିବା ବେଳେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡାର ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କମ୍ପାନୀର ଡେରୀ ଏବଂ ବେଭରେଜ ବିଜନେସ ସିଓଓ ସଞ୍ଜୟ ସିଂଘଲ ଏହାର ଉନ୍ମୋଚନ କରିଥିଲେ। ଏହି ବୋତଲଗୁଡିକ ପରିବେଶ ଉପଯୋଗୀ। ନୂଆ ରେଞ୍ଜରେ ହିମାଳୟାନ ମିକ୍ସ ଫ୍ରୁଟ, ରତ୍ନଗିରି ଆଲଫୋନସୋ ଏବଂ ଦକ୍ଷିଣ ପିଙ୍କ ଗୌଭା ଭଳି ଭାରିଆଣ୍ଟ ସାମିଲ ରହିଛି। ଏହାର ବଜାର ଦର ୪୦ ଟଙ୍କା ରହିଛି। ଏହି ପ୍ରଡକ୍ଟରେଞ୍ଜ ସ୍ୱତନ୍ତ୍ର ହୋଇଥିବା ବେଳେ ଏହାକୁ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ପ୍ରସ୍ତୁତ କରାଯାଇଛି ବୋଲି ସିଓଓ ସଞ୍ଜୟ ସିଂଘଲ କହିଛନ୍ତି।

## ହୋଣ୍ଡା ଟୁହ୍ୱିଲର୍ସ-ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଚୁକ୍ତି

**ଭୁବନେଶ୍ୱର,୧୪-୫**

ଗ୍ରାହକଙ୍କୁ ଫାଇନାନ୍ସର ଅଧିକ ବିକଳ୍ପ ପ୍ରଦାନ କରିବା ଲକ୍ଷ୍ୟରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ସହ ଚୁକ୍ତିରେ ସାମିଲ ହୋଇଛି। କମ୍ପାନୀର ବିକ୍ରି ଓ ମାର୍କେଟିଂ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ଏବଂ ଆଇଡିଏଫ୍‌ସିର ରିଟେଲ ଆସେଟ ବିଭାଗ ମୁଖ୍ୟ ପ୍ରଦୀପ ନଟରାଜନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବର୍ତ୍ତମାନ ଅଧିକରୁ ଅଧିକ ଗ୍ରାହକ ଦୁଇ ଚକିଆ ଯାନ କିଣିବା ବେଳେ ଫାଇନାନ୍ସ ବିକଳ୍ପ ଚୟନ କରୁଛନ୍ତି। ଗ୍ରାହକଙ୍କୁ ସୁଲଭ କ୍ରୟ ବିକଳ୍ପ ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଗୁଲେରିଆ କହିଛନ୍ତି।




## ହ୍ୟୁଣ୍ଡାଇ ପକ୍ଷରୁ କର୍ପୋରେଟ୍ କ୍ୟାମ୍ପେନ୍

HYUNDAI

**ଭୁବନେଶ୍ୱର,୧୪-୫**

ହ୍ୟୁଣ୍ଡାଇ ମୋଟର୍ସ ପକ୍ଷରୁ ସ୍ମାର୍ଟମୋବିଲିଟିକୁ ପ୍ରୋତ୍ସାହନ ସ୍ୱରୂପ ନୂଆ କର୍ପୋରେଟ କ୍ୟାମ୍ପେନ ଆରମ୍ଭ କରାଯାଇଛି। ଏହା 'ଓ୍ୱାନ୍ସ ଅପନ ଏ ଟାଇମ୍ ହ୍ୟୁଣ୍ଡାଇ ଏ କାର କମ୍ପାନୀ' ଭାବେ ଆରମ୍ଭ ହୋଇଛି। ଭବିଷ୍ୟତର ଶେୟାର୍ଡ ମୋବିଲିଟି, କନେକଟେଡ ଏବଂ କ୍ଲିନ ଟେକ୍ନୋଲୋଜି ଉପରେ ଏହା କ୍ୟାମ୍ପେନରେ ଗୁରୁତ୍ୱାରୋପ କରିଛି। ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ଯୋଗାଣ ଲକ୍ଷ୍ୟରେ ଏହା କାର୍ଯ୍ୟ କରୁଥିବା ବେଳେ ଗ୍ରାହକଙ୍କ ସନ୍ତୁଷ୍ଟି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କହିଛି। ଏକ ଅଟୋମୋବାଇଲ ବ୍ରାଣ୍ଡରୁ ସ୍ମାର୍ଟ ମୋବିଲିଟି ସଲ୍ୟୁଶନ ପ୍ରଦାନକାରୀ କମ୍ପାନୀକୁ ପରିବର୍ତ୍ତନର ଧାରା ଏହି କ୍ୟାମ୍ପେନରେ ପ୍ରତିଫଳିତ ହୋଇଛି। ଜିରୋ ଏମିଶନ ମୋବିଲିଟି, ଶେୟାର୍ଡ, କନେକଟେଡ ଲକ୍ଷ୍ୟ ସହ ଅଗ୍ରସର ହେଉଥିବା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ କହିଛନ୍ତି।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା



ଖିମଜୀ ଗ୍ରୁପ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗ୍ରୁପ ପକ୍ଷରୁ ନିର୍ଦ୍ଦେଶକ ମିତେଶ ଖିମଜୀ ଏବଂ ସୁମିତ ଖିମଜୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରୁଛନ୍ତି।

### ନିଶାନ ପକ୍ଷରୁ ସହାୟତା

NISSAN

ଫନୀ ପ୍ରଭାବିତ ଲୋକଙ୍କୁ ସହାୟତା କରିବା ଲାଗି ନିଶାନ ଇଣ୍ଡିଆ ଆଗେଇ ଆସିଛି। କମ୍ପାନୀ ପକ୍ଷରୁ କଟକ ଏବଂ ଭୁବନେଶ୍ୱରରେ ଜରୁରିକାଳୀନ ମରାମତି ଟିମ୍ ମୁତୟନ କରାଯାଇଛି। ଯାନ ମରାମତିରେ ଉନ୍ନତି ଆଣିବା ଲାଗି ଡିଲରଶିପଗୁଡିକରେ ଅତିରିକ୍ତ ତାଲିମପ୍ରାପ୍ତ ଶ୍ରମିକ ନିୟୋଜିତ କରାଯାଇଛି। ଗ୍ରାହକଙ୍କୁ ମାଗଣା ଗାଡି ଟାଣିବା ସେବା ଯୋଗାଇ ଦିଆଯାଉଛି। ନିଶାନର ତାଲିମ ପ୍ରାପ୍ତ ଟେକ୍ନିକାଲ ଟିମ୍‌ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ କରାଯାଉଛି। ଏଥିଲାଗି କମ୍ପାନୀର ହେଲପ ଲାଇନକୁ ଫୋନ କରି ଗ୍ରାହକ ସେବା ନେବାକୁ ନିବେଦନ କରାଯାଇଛି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ମହାପ୍ରବନ୍ଧକ ଅତୁଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

### କ୍ଷତିଗ୍ରସ୍ତଙ୍କୁ ସହାୟତା ଲାଗି ଏଏଆଇ, ସିଆଇଆଇର ନିବେଦନ



ଫନୀ ଦ୍ୱାରା ପୁରୀ,ଖୋର୍ଦ୍ଧା,କଟକ ସମେତ ରାଜ୍ୟର ୧୪ଟି ଜିଲାର ୧୫୯ ବ୍ଲକ, ୧୮୧୬୮ ଗ୍ରାମ, ୫୨ଟି ସହରାଞ୍ଚଳ ଏବଂ ୧.୬୫ କୋଟି ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଲୋକମାନେ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନଙ୍କୁ ରିଲିଫ ଏବଂ ଥଇଥାନ ଲାଗି ସହଯୋଗର ହାତ ବଢାଇବାକୁ ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଏଆଇ) ଏବଂ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ନିବେଦନ କରିଛନ୍ତି। ସହଯୋଗ ଲାଗି ଶିଳ୍ପ ପ୍ରତିଷ୍ଠାନ,ଜନସାଧାରଣ ଏବଂ ଅନୁଷ୍ଠାନ ଆଗେଇ ଆସିବାକୁ ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି। ଲୋକମାନେ ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଡି, ରିବିଲ୍ଡ ଓଡିଶା ପୋର୍ଟାଲ ଏବ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିପାରିବେ ବୋଲି ଚାନ୍ଦ କହିଛନ୍ତି।

## ୟୁନାଇଟେଡ୍ ବ୍ୟାଙ୍କର ଆର୍ଥିକ ଫଳାଫଳ

**କଲିକତା,୧୪-୫**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟାଙ୍କର କାରବାର ୨.୦୮ ଲକ୍ଷ କୋଟି ଟଙ୍କା ଟପିଛି। ଶେଷ ତ୍ରୈମାସରେ ଏହା ୯୫.୧୮ କୋଟି ଟଙ୍କାର ନେଟ ଲାଭ ହାସଲ କରିଛି। ଲଗାତର ଭାବେ ସାତ ତ୍ରୈମାସ ଧରି ଏହା କ୍ଷତି ସହି ଆସୁଥିଲା। ଆଲୋଚ୍ୟ ତ୍ରୈମାସରେ ଏହା ୫୪୦ କୋଟି ଟଙ୍କାର ପରିଚାଳନା ଲାଭ ହାସଲ କରିଛି। ତୃତୀୟ ତ୍ରୈମାସ ତୁଳନାରେ ବ୍ୟାଙ୍କ ଚତୁର୍ଥ ତ୍ରୈମାସରେ ପରିଚାଳନା ଲାଭରେ ୪୧% ଅଭିବୃଦ୍ଧି ହାସଲ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କର ଲାଭ ୧୪୧୨ କୋଟି ଟଙ୍କା ରହିଛି,ଯାହା ୨୦୧୭-୧୮ରେ ୧୦୨୪ କୋଟି ଟଙ୍କା ରହିଥିଲା। ଏଥିରେ ୩୮% ଅଭିବୃଦ୍ଧି ହୋଇଛି। ଏହାର କାସାରେ ମଧ ଉନ୍ନତି ହୋଇଛି। ବ୍ୟାଙ୍କ ୧୯୭୫ କୋଟି ଟଙ୍କାର ନେଟ ସୁଧଜନୀତ ଆୟ ଲାଭ କରିଛି। ସେହିଭଳି ଅଣସୁଧଜନୀତ ଆୟ ୨୩୮୫ କୋଟି ଟଙ୍କା ରହିଛି। ନେଟ ଏବଂ ମୋଟ ଏନ୍‌ପିଏରେ ଗତ ଚାରି ତ୍ରୈମାସ ଧରି ଏହା ଉନ୍ନତି କରୁଥିବା ସୂଚନା ଦେଇଛି।

## ଆଇବିସିରୁ ଫେରିଛି ୭୦ ହଜାର କୋଟି

**ନୂଆଦିଲ୍ଲୀ,୧୪-୫**

**କ୍ରିସିଲ ରିପୋର୍ଟ**




ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଜରିଆରେ ଫସିଯାଇଥିବା ଋଣ ଅସୁଲ ସୁବିଧାଜନକ ହୋଇଛି। ୨୦୧୮-୧୯ରେ ୭୦ ହଜାର କୋଟି ଟଙ୍କା ଅନାଦାୟ ଋଣ(ଏନ୍‌ପିଏ) ଫେରି ଆସିଛି। ଋଣ ଅସୁଲ ଲାଗି ପୂର୍ବରୁ ଥିବା ଅନ୍ୟ ବ୍ୟବସ୍ଥା ତୁଳନାରେ ଏହା ଅଧିକ ଫଳପ୍ରଦ ବୋଲି ଘରୋଇ ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଆର୍ଥିକ ବର୍ଷ ୨୦୧୮-୧୯ରେ ଋଣ ଅସୁଲ ନ୍ୟାୟାଧିକରଣ, ପ୍ରତିଭୂତୀକରଣ ଏବଂ ସର୍‌ଫେସି ତଥା ଲୋକ ଅଦାଲତ ଜରିଆରେ ୩୫ ହଜାର କୋଟି ଟଙ୍କାର ଏନ୍‌ପିଏ ଫେରସ୍ତ ମିଳିଛି। କ୍ରିସିଲ ଅଧକ୍ଷ ଗୁରପ୍ରୀତ ଚଟୱାଲ କହିଛନ୍ତି ଯେ, ଆଇବିସି ଜରିଆରେ ୨୦୧୮-୧୯ରେ ୯୪ ମାମଲାରେ ସମାଧାନ ହାର ୪୩% ରହିଥିଲା। ଅନ୍ୟପକ୍ଷରେ ପୂର୍ବର ସମାଧାନ ବ୍ୟବସ୍ଥାରେ ଏହି ହାର ୨୬.୫% ରହିଛି। ଦେବାଳିଆ ଏବଂ ଋଣ ସମାଧାନ ଅକ୍ଷମତା ବୋର୍ଡ(ଆଇବିବିଆଇ)ର ୱେବସାଇଟରେ ଉପଲବ୍ଧ ରିପୋର୍ଟ ଅନୁଯାୟୀ, ପ୍ରାୟ ୨.୦୨ ଲକ୍ଷ କୋଟି ଟଙ୍କାର ୪୪୫୨ ଏନ୍‌ପିଏ ମାମଲାକୁ ଆଇବିସି ଜରିଆରେ ସମାଧାନ କରାଯାଇସାରିଛି। ଏହି କାରଣରୁ ବ୍ୟାଙ୍କଗୁଡ଼ିକର ମୋଟ୍ ଏନ୍‌ପିଏ ପରିମାଣ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ହ୍ରାସ ପାଇ ୧୦%ରେ ପହଞ୍ଚିଯାଇଛି, ଯାହା କି ପୂର୍ବବର୍ଷ ୧୧.୫% ରହିଥିଲା। ତେବେ ଆଇବିସି ଜରିଆରେ ଏନ୍‌ପିଏ ସମାଧାନ ପାଇଁ ଲାଗୁଥିବା ସମୟ ଏକ ବଡ଼ ପ୍ରସଙ୍ଗ ବୋଲି କ୍ରିସିଲ ରିପୋର୍ଟରେ କୁହାଯାଇଛି।


**ଆଲ୍ଲାହାବାଦ ବ୍ୟାଙ୍କ** — **ଡ଼ିମାଣ୍ଡ ନୋଟିସ୍**

ମଣ୍ଡଳ କାର୍ଯ୍ୟାଳୟ : ୩/୧ ବି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ ଆଲ୍ଲାହାବାଦ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଶାଖାର ନାମ/ଋଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ /ଏନ୍‌ପିଏ ତାରିଖ | ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଫୁଲବାଣୀ ଶାଖା** ଋଣଗ୍ରହୀତା: ମେସର୍ସ ବଜରଙ୍ଗ ଟ୍ରାନ୍ସପୋର୍ଟସ୍, (ସତ୍ତ୍ୱାଧିକାରୀ:ଶ୍ରୀମତୀ ପ୍ରଭାତୀ ପାଣିଗ୍ରାହୀ, ସ୍ୱା-ଶ୍ରୀ ବଳରାମ ପାଣିଗ୍ରାହୀ),ବନ୍ଧକଦାତା ଓ ଜାମିନ୍‌ଦାର: ଶ୍ରୀମତୀ ପୁଷ୍ପାରାଣୀ ପାଣିଗ୍ରାହୀ, ସ୍ୱା-ଶ୍ରୀ ବଳରାମ ପାଣିଗ୍ରାହୀ, ଜାମିନ୍‌ଦାର: ଶ୍ରୀ ବଳରାମ ପାଣିଗ୍ରାହୀ, ସମସ୍ତଙ୍କ ଠିକଣା: ସା-ଆମ୍ବପଡା, ପୋଷ୍ଟ-ଗଞ୍ଜୁଗୁଡ, ଫୁଲବାଣୀ, ଜିଲ୍ଲା-କନ୍ଧମାଳ-୭୬୨୦୨୯ । | ଟ.୧୪,୦୦,୦୦୦/- (ଚଉଦ ଲକ୍ଷ ଟଙ୍କା ମାତ୍ର) ସିସି-ଟ.୧୨ ଲକ୍ଷ ଡବ୍ଲ୍ୟୁସିଟିଏଲ୍-ଟ.୨ ଲକ୍ଷ | ଟ.୧୬,୬୪,୯୩୪/- (ଷୋହଳ ଲକ୍ଷ ଚଉଷଠି ହଜାର ନଅ ଶହ ଚଉତିରିଶି ଟଙ୍କା ମାତ୍ର) ସହିତ ତା୩୧.୧୨.୨୦୧୮ ରିଖ ଠାରୁ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ ସିସିର ବକେୟା ଦେୟ-ଟ.୧୪,୬୯,୦୧୭/- ଡବ୍ଲ୍ୟୁସିଟିଏଲର ବକେୟା ଦେୟ-ଟ.୧,୯୫,୯୧୭/- / ଏନ୍‌ପିଏ ତାରିଖ:୨୯.୦୧.୨୦୧୯ | ୩୧.୦୧.୨୦୧୯ | ଶ୍ରୀମତୀ ପୁଷ୍ପାରାଣୀ ପାଣିଗ୍ରାହୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା-ଆମ୍ବପଡା, ଥାନା-ଫୁଲବାଣୀ, ଥାନା ନଂ.-୨୦୧, ତହସିଲି/ଜିଲ୍ଲା-କନ୍ଧମାଳ, ଖାତା ନଂ.-୬୫/୩୫, ପ୍ଲଟ ନଂ.-୨୬୫, ଏରିଆ-ଏକର୦.୦୫୨ ଡିସିମିଲି । |
| **ବଡବିଲ୍ ଶାଖା** ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକ, ସ୍ୱା-ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ, ସା-ସେରେଣ୍ଡା, ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫, ଜାମିନ୍‌ଦାରମାନେ: (୧)ଶ୍ରୀ ଶ୍ୟାମଳେନ୍ଦୁ ମିତ୍ର, ମାର୍ଫତ-ଶ୍ରୀ ଏସ୍ ବି ମିଶ୍ର, ସା-ପଞ୍ଜାବୀ ଏରିଆ, ସା/ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫, (୨)ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ, ପିତା-ଶ୍ରୀ କଳିକେଶ୍ୱର ପଟ୍ଟନାୟକ, ସା-ସେରେଣ୍ଡା, ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫ | ଟ.୨,୩୦,୦୦୦/- (ଦୁଇ ଲକ୍ଷ ତରିଶି ହଜାର ଟଙ୍କା ମାତ୍ର) ଗୃହ ଋଣ | ଟ.୨,୮୩,୫୬୫/- (ଦୁଇ ଲକ୍ଷ ତେୟାଅଶି ହଜାର ପାଞ୍ଚଶହ ପଞ୍ଚଷଠୀ ଟଙ୍କା ମାତ୍ର)ସହିତ ତା୦୧.୧୧.୨୦୧୪ ରିଖ ଠାରୁ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ / ଏନ୍‌ପିଏ ତାରିଖ:୩୦.୧୧.୨୦୧୪ | ୨୧.୦୨.୨୦୧୯ | ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା-ଭୁସୁଗାଁ, ଥାନା/ତହସିଲି- ବଡବିଲ୍, ଜିଲ୍ଲା-କେନ୍ଦୁଝର, ଖାତା ନଂ.-୧୧୭, ପ୍ଲଟ ନଂ.-୫୦୭, ବିକ୍ରୟ ଦଲିଲ୍ ନଂ.-୧୬/୪/୨୦୦୩(ଖାତା ନଂ.-୧୨୮/୨୭୫, ପ୍ଲଟ ନଂ.୫୦୭/୧, ଆରଓଆର/ପଟ୍ଟା ତାରିଖ-୭/୧୧/୨୦୦୩), ଏରିଆ-ଏକର୦.୦୫ ଡିସିମିଲି, କିସମ-ଗୃହପୋଯୋଗୀ । |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

ସ୍ଥାନ-ଭୁବନେଶ୍ୱର,ତାରିଖ- ୧୫.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ ୧୫, ୨୦୧୯



“ ଆଣ୍ଠୁରେ କ୍ଷତ ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ଫାଇନାଲ ଖେଳି ଶେନ୍ ୱାଟସନ ଖେଳ ପ୍ରତି ତାଙ୍କ ଉତ୍ସର୍ଗୀକୃତ ମନୋଭାବ ଦେଖାଇଛନ୍ତି।
–ହରଭଜନ ସିଂ, ଚେନ୍ନାଇ ସୁପର କିଙ୍ଗ୍ସ ଖେଳାଳି



“ ଆଇସିସି ଦିନିକିଆ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଯଥେଷ୍ଟ ଦକ୍ଷ ଖେଳାଳି ଅଛନ୍ତି। ପରିସ୍ଥିତିକୁ ଦେଖି କମ୍ବିନେଶନ ସ୍ଥିର କରାଯିବ।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍



## ସଂକ୍ଷେପରେ

### ଇଟାଲୀ ଓପନ୍
## ମୁଗୁରୁଜାଙ୍କ ବିଜୟ ଅଭିଯାନ

**ରୋମ, ୧୪।୫(ଏଏଫ୍‌ପି):** ପୂର୍ବତନ ଫ୍ରେଞ୍ଚ ଓପନ୍ ଚାମ୍ପିୟନ ଗାର୍ବିଏନ୍ ମୁଗୁରୁଜା ଏଠାରେ ଚାଲିଥିବା ଇଟାଲୀ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ରହିଥିବା ମୁଗୁରୁଜା ୬-୩, ୬-୪ ସିଧାସଳଖ ସେଟ୍‌ରେ ଚାଇନାର ଝେଙ୍ଗ୍ ସାଇସାଇଙ୍କୁ ପରାସ୍ତ କରିଛନ୍ତି। ୨୫ ବର୍ଷୀୟା ମୁଗୁରୁଜା ଏଥିପୂର୍ବରୁ ମାଡ୍ରିଡ୍ ଓପନ୍ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ସେ ୨୦୧୬ ଓ ୨୦୧୭ରେ ଯଥାକ୍ରମେ ଫ୍ରେଞ୍ଚ୍ ଓପନ୍ ଓ ୱିମ୍ବେଲଡନ ଚାମ୍ପିୟନ ହୋଇଥିବାବେଳେ ରୋମ୍‌ରେ ୨ଥର ଫାଇନାଲରେ ପ୍ରବେଶ କରିଛନ୍ତି। ମୁଗୁରୁଜା ୨ୟ ରାଉଣ୍ଡରେ ଡେନ୍‌ମାର୍କର କାରୋଲିନ ୱୋଜନିଆକି କିମ୍ବା ଆମେରିକାର ଡାନିଏଲ୍ କୋଲିନ୍ସଙ୍କୁ ଭେଟିବେ। ସେହିଭଳି ଅନ୍ୟ ଏକ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ ଭିକ୍ଟୋରିଆ ଆଝାରେଙ୍କା ୬-୨, ୬-୧ ସେଟ୍‌ରେ ଚାଇନାର ଝାଙ୍ଗ୍ ସୁଆଇଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ମ୍ୟାଚ୍‌ରେ ଆଝାରେଙ୍କାଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିୟନ ଏଲିନା ସ୍ୱିତୋଲିନାଙ୍କ ସହ ହେବ। ଏଠାରେ ୪ଥର ଚାମ୍ପିୟନ ହୋଇଥିବା ତଥା ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ସେରେନା ୱିଲିୟମ୍ସ ୬-୪, ୬-୨ ସେଟ୍‌ରେ ସ୍ୱିଡେନର ରେବେକା ପିଟରସନଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

## ଭାରତର ୱାର୍ମଅପ୍ ମ୍ୟାଚ୍ ପ୍ରସାରିତ ହେବ

**ନୂଆଦିଲ୍ଲୀ, ୧୪।୫:** ଆଇସିସି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୨ ସପ୍ତାହ ସମୟ ରହିଛି। ବିଶ୍ୱକପ୍ ପୂର୍ବରୁ ଅଂଶଗ୍ରହଣକାରୀ ସମସ୍ତ ୧୦ ଦଳ ୨ଟି ଲେଖାଏ ୱାର୍ମଅପ୍ ମ୍ୟାଚ୍ ଖେଳିବେ। ଏହି ୱାର୍ମଅପ୍ ମ୍ୟାଚ୍ ମେ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମସ୍ତ ମ୍ୟାଚ୍ ମଧ୍ୟ ସିଧାସଳଖ ପ୍ରସାରିତ ହେବ ବୋଲି ଜଣାପଡ଼ିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୱାର୍ମଅପ୍‌ରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶକୁ ଯଥାକ୍ରମେ ମେ ୨୫ ଓ ୨୮ରେ ଭେଟିବ। ଭାରତୀୟ ସମୟ ଅନୁଯାୟୀ ଅପରାହ୍ଣ ୩ଟାରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହେବ। ନିୟମ ଅନୁଯାୟୀ ଅଭ୍ୟାସ ମ୍ୟାଚ୍‌ଗୁଡ଼ିକ ଅନ୍ତର୍ଜାତୀୟ ମ୍ୟାଚ୍‌ଭାବେ ଗଣାଯିବ ନାହିଁ। ପ୍ରତ୍ୟେକ ଦଳ ବୋଲିଂ ସମୟରେ ସମସ୍ତ ବୋଲରଙ୍କୁ ସୁଯୋଗ ଦେବେ। ସେହିଭଳି ବ୍ୟାଟିଂବେଳେ ବୋଲରଙ୍କ ବଦଳରେ ଟିମ୍‌ର ସମସ୍ତ ବ୍ୟାଟ୍ସମ୍ୟାନଙ୍କୁ ବ୍ୟାଟିଂ ଅଭ୍ୟାସ ପାଇଁ ଖେଳାଇ ପାରିବେ। ଭାରତରେ ଷ୍ଟାର ସ୍ପୋର୍ଟ୍ସ ଅଫିସିଆଲ ବ୍ରଡ୍‌କାଷ୍ଟର ରହିଛି।

# ‘ଜୀବନରେ ନକାରାତ୍ମକ ଚିନ୍ତାର ସ୍ଥାନ ନାହିଁ’

**ନୂଆଦିଲ୍ଲୀ, ୧୪।୫(ପି.ଟି.)**



ଶିଖର ଧାୱନ

ଇଂଲଣ୍ଡର ସୁଇଂ ବୋଲିଂ କଣ୍ଡିଶନରେ ଭାରତର ଶିଖର ଧାୱନଙ୍କ ବ୍ୟାଟିଂ ଟେକ୍ନିକ୍ ସଫଳ ହେବାନେଇ ଆଶଙ୍କା ରହିଛି। ମାତ୍ର ଏହାକୁ ନେଇ ଚିନ୍ତିତ ନୁହନ୍ତି ଏହି ଭାରତୀୟ ଓପନର। ଆଇସିସି ବିଶ୍ୱକପରେ ସେ ଖେଳିବାକୁ ପ୍ରସ୍ତୁତ ହେଉଛନ୍ତି। ଏକଦିବସୀୟ କ୍ରିକେଟରେ ବିଶ୍ୱର ଅନ୍ୟତମ ସଫଳ ଓପନରଭାବେ ଧାୱନ ପରିଚିତ। ସେ ସବୁବେଳେ ବଡ଼ ଇଭେଣ୍ଟ ଗୁଡ଼ିକରେ ଭଲ ପ୍ରଦର୍ଶନ କରି ଆସିଛନ୍ତି। ୨୦୧୩ ଓ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ସେ ଭଲ ଖେଳିଥିବାରୁ ଆଗାମୀ ବିଶ୍ୱକପରେ ମଧ୍ୟ ସଫଳ ହେବାନେଇ ଦୃଢ଼ ଆଶାୟୀ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ୨୦୧୫ ବିଶ୍ୱକପରେ ସେ ଭାରତର ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଥିଲେ।

“ଲୋକମାନେ ସବୁବେଳେ ଆଇସିସି ଇଭେଣ୍ଟଗୁଡ଼ିକରେ ମୋ ରେକର୍ଡକୁ ନେଇ ଆଲୋଚନା କରିଥାନ୍ତି। ସ୍ପଷ୍ଟଭାବେ କହିବାକୁ ଗଲେ ମୋର ଅଭିଳାଷ ସବୁବେଳେ ସମାନ। ସବୁବେଳେ ଯେ ମୋ ପ୍ରଦର୍ଶନ ସମାନ ଥାଏ ତା’ ନୁହେଁ, ମାତ୍ର ମୋର ଫୋକସ ସର୍ବଦା ସମାନ ଥାଏ। ତେଣୁ ଆଗାମୀ ଆଇସିସି ଟୁର୍ନାମେଣ୍ଟରେ ନିଶ୍ଚିତଭାବେ ଭଲ ପ୍ରଦର୍ଶନ କରିବା ନେଇ ମୁଁ ଆଶାବାଦୀ” ବୋଲି ଧାୱନ ପ୍ରକାଶ କରିଛନ୍ତି। ନିକଟରେ ଶେଷ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ୩୩ ବର୍ଷୀୟ ଧାୱନ ୫୨୧ ରନ ସ୍କୋର କରିଥିଲେ। ଲିଗ୍‌ରେ ଦିଲ୍ଲୀ ୪ର୍ଥ ସ୍ଥାନରେ ରହିବା ପଛରେ ତାଙ୍କର ଅନେକ ଅବଦାନ ରହିଥିଲା। ବିଶ୍ୱକପ ନିକଟ ହୋଇ ଆସିଥିବାବେଳେ ସେ କୌଣସି ଚାପରେ ନାହାନ୍ତି ବୋଲି ଧାୱନ କହିଛନ୍ତି। “ଚାପ ଅନୁଭବ କରୁଥିବା ଖେଳାଳିଙ୍କ ଭିତରେ ମୁଁ ନାହିଁ। ମୋର ଆଭିମୁଖ୍ୟ ସବୁବେଳେ ସମାନ। ସମାଲୋଚକମାନେ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ମୁଁ ୫-୧୦ଟି ମ୍ୟାଚରେ ରନ ସ୍କୋର କରିବି ନାହିଁ ଅର୍ଥ ନୁହଁ ଯେ ସବୁକିଛି ଶେଷ ହୋଇଗଲା। ମୁଁ କିଭଳି ଖେଳାଳି ଏବଂ ମୋର କ’ଣ ଦକ୍ଷତା ରହିଛି ତାହା ମୁଁ ଭଲଭାବେ ଜାଣିଛି” ବୋଲି ୧୨୮ଟି ଦିନିକିଆ ଅନ୍ତର୍ଜାତୀୟରେ ୧୬ ଶତକ ସହ ୫୩୫୫ ରନ କରିଥିବା ଧାୱନ ପ୍ରକାଶ କରିଛନ୍ତି। ଆଉଟ ସାଇଡ୍ ଅଫ୍ ଷ୍ଟମ୍ପ ବାହାରର ବଲ ଖେଳିବାକୁ ନେଇ ତାଙ୍କର ଟେକ୍ନିକ୍‌କୁ ନେଇ ହେଉଥିବା ଆଲୋଚନା ସମ୍ପର୍କରେ ଧାୱନ କହିଲେ ଯେ, ମୋ ସମ୍ପର୍କରେ ଏ ସବୁ କେଉଁଠି ଲେଖାଯାଉଛି ତାହା ମୁଁ ଜାଣିବାକୁ ଚାହେଁ, ମୁଁ ସେ ଖବରକାଗଜ ପଢ଼ିବାକୁ ଚାହେଁ ଏବଂ ଟେଲିଭିଜନ ଦେଖିବାକୁ ଚାହେଁ। ମୁଁ ଏ ଦୁଇଟି ଯାକ କରେନାହିଁ। ତେଣୁ ମୋ ସମ୍ପର୍କରେ ଯାହାକିଛି ବି ଆଲୋଚନା ହୁଏ ତାହା ମୋତେ ବ୍ୟସ୍ତ କରେନାହିଁ। ଆଉ ସୋସିଆଲ ମିଡିଆ କଥା କହିଲେ ମୁଁ ଟୁଇଟର ଏବଂ ଫେସ୍‌ବୁକ୍‌କୁ ଖୁବ୍ କମ୍ ବ୍ୟବହାର କରେ। “ନିୟମିତ ଟୁଇଟର ଅପ୍‌ଡେଟ୍ କିମ୍ବା ଇନ୍‌ଷ୍ଟାଗ୍ରାମ୍ ପ୍ରତିକ୍ରିୟାକୁ ଚେକ୍ କରୁଥିବା ଖେଳାଳିଙ୍କ ମଧ୍ୟରେ ମୁଁ ନାହିଁ। ମୁଁ ଏହାକୁ ଆବଶ୍ୟକସ୍ଥଳେ ଦେଖିଥାଏ। ତେଣୁ ମୋତେ ଯିଏ ଯାହା କହୁ ନା କାହିଁକି ମୋ ଜୀବନରେ ନକାରାତ୍ମକ ଚିନ୍ତାର ସ୍ଥାନ ନାହିଁ।

ଧାୱନଙ୍କ ବ୍ୟାଟିଂ ଟେକ୍ନିକ୍‌ରେ କୌଣସି ତ୍ରୁଟି ନ ଥିବା ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟର ଦୁଇ କିମ୍ବଦନ୍ତୀ ଖେଳାଳି ରିକି ପଣ୍ଟିଂ ଓ ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଏହା ଧାୱନଙ୍କୁ ବେଶ୍ ଉତ୍ସାହିତ କରିଛି। ୨୦୦୪ରେ ପ୍ରଥମଶ୍ରେଣୀ ପଦାର୍ପଣ କରିଥିବା ଧାୱନ ଦୀର୍ଘ ୧୫ ବର୍ଷ ଧରି ସିନିୟର କ୍ରିକେଟରେ ସକ୍ରିୟ ଅଛନ୍ତି। “ମୁଁ କ୍ୟାରିୟର ଆରମ୍ଭ କରିଥିବା ସମୟରେ ସଫଳତା ପାଇଁ ଯେପରି ବ୍ୟଗ୍ର ଥିଲି ଆଜି ମଧ୍ୟ ସେମିତି ଅଛି। ମୁଁ ୯ ବର୍ଷ ପ୍ରଥମଶ୍ରେଣୀ କ୍ରିକେଟ ଖେଳିବାପରେ ଟେଷ୍ଟ ପଦାର୍ପଣ କରିଥିଲି। ତେଣୁ ମୁଁ ନିଜକୁ ଭାଗ୍ୟବାନ ମନେକରେ, ମୋ ଜୀବନରେ ନକାରାତ୍ମକ ଚିନ୍ତାର ସ୍ଥାନ ନାହିଁ। ମୋ ମଧ୍ୟରେ ଆବେଗ ଏବଂ ଭୋକିଲା ମନୋବୃତ୍ତି ନ ଥିଲେ ୯ ବର୍ଷ ଘରୋଇ କ୍ରିକେଟ ଖେଳିବାପରେ କେବେହେଲେ ଅନ୍ତର୍ଜାତୀୟ କ୍ରିକେଟରେ ଭଲ ପ୍ରଦର୍ଶନ କରିପାରି ନ ଥାନ୍ତି। ୬ ବର୍ଷ ଧରି ମୁଁ ଅନ୍ତର୍ଜାତୀୟ କ୍ରିକେଟ ଖେଳି ଆସୁଛି ଏବଂ ମୋ ଯାତ୍ରା ଖୁବ୍ ସୁଖଦ ରହିଛି” ବୋଲି ଧାୱନ କହିଛନ୍ତି।

# ‘କ୍ଷତାକ୍ତ ସତ୍ତ୍ୱେ ବ୍ୟାଟିଂ କରିଥିଲେ ୱାଟ୍‌ସନ’



ବ୍ୟାଟିଂ ସମୟରେ ସେନ୍ ୱାଟ୍‌ସନଙ୍କ ଆଣ୍ଠୁରୁ ରକ୍ତ ବାହାରୁଛି।

**ନୂଆଦିଲ୍ଲୀ, ୧୪।୫(ପି.ଟି.)**

ଆଇପିଏଲ୍ ଫାଇନାଲରେ ଚେନ୍ନାଇ ସୁପର୍ କିଙ୍ଗ୍ସକୁ ରୋମାଞ୍ଚକ ଭାବେ ୧ ରନରେ ପରାସ୍ତ କରି ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌ରେ ଚେନ୍ନାଇର ଓପନିଂ ବ୍ୟାଟ୍ସମ୍ୟାନ ଶେନ୍ ୱାଟସନ ୫୯ ବଲରୁ ୮୦ ରନର (୮ ଚୌକା, ୪ ଛକା) ମାରାଥନ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ତେବେ ବ୍ୟାଟିଂବେଳେ ୱାଟସନଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗି ରକ୍ତ ବାହାରୁଥିଲେ ମଧ୍ୟ ସେ ଖେଳ ଜାରି ରଖିଥିବା ଘଟଣା ଏବେ ଜଣାପଡ଼ିଛି। ପଡ଼ିଆର ଚତୁଃପାର୍ଶ୍ୱରେ ରହିଥିବା କ୍ୟାମେରାମ୍ୟାନ ଯେତେବେଳେ ଏହି ଘଟଣାକୁ ଧରି ପାରି ନ ଥିଲେ ୱାଟ୍‌ସନଙ୍କ ଟିମ୍‌ମେଟ୍ ହରଭଜନ ସିଂ ମଙ୍ଗଳବାର ଏହା ଉପରୁ ପର୍ଦ୍ଦା ଉଠାଇଛନ୍ତି। ମ୍ୟାଚ୍ ପରେ ୱାଟସନ ଆଣ୍ଠୁରେ ୬ଟି ଷ୍ଟିଚ୍ ପକାଯାଇଥିଲା। ୱାଟସନଙ୍କ ଏକ ଫଟୋକୁ ହରଭଜନ ସୋସିଆଲ ମିଡିଆରେ ଶେୟାର କରି ଉଲ୍ଲେଖ କରିଛନ୍ତି ଯେ, ‘ୱାଟସନଙ୍କ ଆଣ୍ଠୁରେ ରକ୍ତକୁ ଦେଖିପାରୁଛନ୍ତି.. ମ୍ୟାଚ୍ ପରେ ତାଙ୍କ ଆଣ୍ଠୁରେ ୬ଟି ଷ୍ଟିଚ୍ ପଡ଼ିଥିଲା.. ଡ୍ରାଇଭ ମାରିଥିବାବେଳେ ସେ ଆଘାତ ହୋଇଥିଲେ ମଧ୍ୟ କାହାକୁ କିଛି ନ କହି ବ୍ୟାଟିଂ ଜାରି ରଖିଥିଲେ’। ହରଭଜନଙ୍କ ପରେ ଚେନ୍ନାଇର ଅଫିସିଆଲ ଟୁଇଟର୍ ପେଜ୍‌ରେ ମଧ୍ୟ ସମାନ ଫଟୋ ଶେୟାର କରାଯାଇଥିଲା। ଏହି ଘଟଣାରେ ପ୍ରଶଂସକମାନେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ୱାଟ୍‌ସନଙ୍କୁ ବେଶ୍ ପ୍ରଶଂସା କରିଥିଲେ। ଆଇପିଏଲ୍‌ର ଆସନ୍ତା ସଂସ୍କରଣରେ ମଧ୍ୟ ୱାଟସନ ଓପନର ଭାବେ ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ଅନେକ ପ୍ରଶଂସକ ମତ ଦେଇଛନ୍ତି।




ପ୍ୟାରିସର ଏକ ସ୍କୁଲରେ ମଙ୍ଗଳବାର ମହିଳା ଫୁଟବଲ ବିଶ୍ୱକପ ଟ୍ରଫି ପ୍ରଦର୍ଶନ ଅବସରରେ ମାସ୍କଟ ଏଟି।

## ପଞ୍ଜାବ-ଓଡ଼ିଶା ମ୍ୟାଚ୍ ଡ୍ର

**କଟକ ଅଫିସ,୧୪।୫**

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁର ଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ-୨୦୧୯(ଡିଭିଜନ-ଏ)ରେ ମଙ୍ଗଳବାର ହକି ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଛି। ୨୩ତମ ମିନିଟରେ ପଞ୍ଜାବ ପକ୍ଷରୁ ଧୀରଜ ସିଂ ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ୪୮ତମ ମିନିଟରେ ରାଜମୋନ ଟେଲିଙ୍କ ଗୋଲ ସହାୟତାରେ ହକି ଓଡ଼ିଶା ସ୍କୋରକୁ ସମାନ ସ୍ଥିତିରେ ପହଞ୍ଚାଇଥିଲା। ପରବର୍ତ୍ତୀ ସମୟରେ କୌଣସି ଗୋଲ ନହେବା ଯୋଗୁଁ ମ୍ୟାଚ୍ ଡ୍ର ରହିବା ସହ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି। ୧୬ ତାରିଖରେ ତାମିଲନାଡୁ ବିପକ୍ଷରେ ହକି ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

## ଏନ୍‌ସିଏ ୨୩ବର୍ଷରୁ କମ୍ ଶିବିରରେ ସୁଶ୍ରୀ

**କଟକ ଅଫିସ,୧୪।୫**



ସୁଶ୍ରୀ ଦିବ୍ୟଦର୍ଶିନୀ

ଆସନ୍ତା ଜୁନ ୨୪ରୁ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ୨୩ବର୍ଷରୁ କମ୍ ମହିଳା ଶିବିର ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ସୁଶ୍ରୀ ଦିବ୍ୟଦର୍ଶିନୀ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ନିକଟ ଅତୀତରେ ଶେଷ ହୋଇଥିବା ମହିଳା ଆଇପିଏଲରେ ମଧ୍ୟ ସୁଶ୍ରୀ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସାମିଲ ହୋଇଥିଲେ। ସେ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭେଲୋସିଟି ଦଳରୁ ପ୍ରତିନିଧିତ୍ୱ କରୁଥିଲେ। ଭେଲୋସିଟି ଦଳ ମହିଳା ଆଇପିଏଲରେ ରନର୍ସଅପ ହୋଇଥିଲା। ଢେଙ୍କାନାଳରେ ଜନ୍ମିତ ସୁଶ୍ରୀ ଡାହାଣହାତୀ ସ୍ପିନର ଓ ବ୍ୟାଟ୍ସମ୍ୟାନ ଭାବେ ଓଡ଼ିଶା ଦଳରୁ ନିୟମିତ ଖେଳାଳି ଭାବେ ପ୍ରତିନିଧିତ୍ୱ କରୁଛନ୍ତି। ସେ ନୟାପଲ୍ଲୀସ୍ଥିତ ଇନ୍ଦୀରା ମଇଦାନ(ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଅର୍ଗାନାଇଜେଶନ)ରେ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।

# ‘ପାକିସ୍ତାନ ବିପକ୍ଷରେ ରେକର୍ଡ ବଜାୟ ରଖିବ ଭାରତ’

**ନୂଆଦିଲ୍ଲୀ, ୧୪।୫**



ରାଜକୁମାର ଶର୍ମା

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆସନ୍ତା ୨୯ରୁ ଇଂଲଣ୍ଡରେ ଆରମ୍ଭ ହେବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଜୁନ୍ ୫ରେ ଖେଳାଯିବ। ତେବେ ଲିଗ୍ ପର୍ଯ୍ୟାୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲ୍‌ଟେଜ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଜିତିବାର କୌଣସି ସୁଯୋଗ ନାହିଁ ବୋଲି ମଙ୍ଗଳବାର କୋହଲିଙ୍କ ପିଲାଦିନର କୋଚ୍ ରାଜକୁମାର ଶର୍ମା ଏକ ସାକ୍ଷାତକାର ଅବସରରେ କହିଛନ୍ତି। ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ଅପରାଜେୟ ଧାରା ବଜାୟ ରଖିବା ନେଇ ଏକ ପ୍ରଶ୍ନର ଉତ୍ତରରେ ରାଜକୁମାର କହିଛନ୍ତି, ଏହି ମ୍ୟାଚ୍ ଉପରେ କୌଣସି ସନ୍ଦେହ ନାହିଁ। ପାକିସ୍ତାନ ସହ ତୁଳନା କଲେ ବର୍ତ୍ତମାନ ଭାରତ ହେଉଛି ଏକ ଶକ୍ତିଶାଳୀ ଟିମ୍। କ୍ରିକେଟ ଅନିଶ୍ଚିତତାର ଖେଳ ହୋଇଥିଲେ ମଧ୍ୟ ଭାରତ ବହୁତ ଭଲ ଟିମ୍’ ବୋଲି ରାଜକୁମାର ପ୍ରକାଶ କରିଛନ୍ତି। ‘ବିରାଟ ପ୍ରଥମଥର ଲାଗି କ୍ରିକେଟର ଏହି ମହାକୁମ୍ଭରେ ଦଳର ନେତୃତ୍ୱ ନେଉଥିବାରୁ ଏହା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସଦୃଶ ହେବ। ସେ ତାଙ୍କର ପୂରା ଫୋକସ୍ ବିଶ୍ୱକପ୍ ଉପରେ କରିଛନ୍ତି। ଗତ ୨ ବର୍ଷ ହେବ ବିରାଟ ଯେଉଁଠି ବି ସାକ୍ଷାତକାର ଦେଇଛନ୍ତି ବିଶ୍ୱକପ୍‌ରେ କିପରି ଖେଳାଯିବ ଓ ଟିମ୍‌ର ଷ୍ଟ୍ରାଟେଜି କ’ଣ ରହିବ ଏହା ଉପରେ ସେ ମତ ରଖିଛନ୍ତି। ଭାରତକୁ ବିଶ୍ୱକପ୍ ଜିତାଇବା ଲାଗି ସେ ପୂରା ସମର୍ପିତ’ ବୋଲି ରାଜକୁମାର ଏହି ଅବସରରେ ପ୍ରକାଶ କରିଛନ୍ତି। ଲୋକେଶ ରାହୁଲ, ଦୀନେଶ କାର୍ତ୍ତିକଙ୍କ ଅପେକ୍ଷା ବିଜୟ ଶଙ୍କର ୪ର୍ଥ ସ୍ଥାନରେ ବ୍ୟାଟିଂ ପାଇଁ ଉପଯୁକ୍ତ ବୋଲି ସେ କହିଛନ୍ତି।

# ୧୯୯୨ ବିଶ୍ୱକପ୍: ପାକିସ୍ତାନ ଚାମ୍ପିୟନ

ଆଇସିସି ବିଶ୍ୱକପ୍
ଆଉ ୧୪ ଦିନ

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)ର ପଞ୍ଚମ ସଂସ୍କରଣ ୧୯୯୨ରେ ଆୟୋଜନ ହୋଇଥିଲା। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଏହି ବିଶ୍ୱକପ୍ ଆୟୋଜନ କରିଥିଲେ। ଫେବୃୟାରୀ ୨୨ରୁ ଆରମ୍ଭ ହୋଇ ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ୨୫ ତାରିଖରେ ଶେଷ ହୋଇଥିଲା। ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ଏହି ବିଶ୍ୱକପ୍‌ରେ ଚାମ୍ପିୟନ ହୋଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଫାଇନାଲ ମ୍ୟାଚ୍‌ରେ ପାକିସ୍ତାନ ୨୨ ରନରେ ଇଂଲଣ୍ଡକୁ ହରାଇ ବାଜି ମାରିଥିଲା।

ରାଉଣ୍ଡ ରବିନ୍ ଓ ନକ୍‌ଆଉଟ ଫର୍ମାଟରେ ଟୁର୍ନମେଣ୍ଟ ଖେଳାଯାଇଥିଲା। ୯ଟି ଦେଶ ଏଥିରେ ଅଂଶଗ୍ରହଣ କରିଥିଲେ। ମୋଟ ଉପରେ ୩୯ଟି ମ୍ୟାଚ୍ ଖେଳାଯାଇଥିଲା। ୪୫୬ ରନକରି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ମାର୍ଟିନ କ୍ରୋ ସଫଳତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହେବା ସହ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପାକିସ୍ତାନ ଦ୍ରୁତ ବୋଲର ୱାସିମ ଆକ୍ରମ ସର୍ବାଧିକ ୧୮ଟି ଉଇକେଟ ହାସଲ କରି ଟୁର୍ନାମେଣ୍ଟ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ।


ଏହି ସଂସ୍କରଣରେ ପ୍ରଥମଥର ପାଇଁ ଏକାଧିକ ଘଟଣା ଘଟିଥିଲା। ପ୍ରଥମଥର ପାଇଁ ଖେଳାଳିମାନେ ରଙ୍ଗିନ ପୋଷାକ ପିନ୍ଧିଥିଲେ। ପ୍ରଥମଥର ପାଇଁ ଧଳା ବଲ ଓ କଳା ସାଇଟ୍‌ସ୍କ୍ରିନ ବ୍ୟବହୃତ ହୋଇଥିଲା। ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ବର୍ଣ୍ଣବୈଷମ୍ୟ ଜନିତ ବାସନ୍ଦ ପରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଆଇସିସିରେ ଟେଷ୍ଟ ପ୍ଲେଇଂ ନେସନ ଭାବେ ଯୋଗଦେଇ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲା। ଫୁଲ୍ ମେମ୍ବର ଦଳ ହିସାବରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ସାମିଲ ହୋଇଥିଲେ। ତେବେ ଆସୋସିଏଟ ମେମ୍ବର ଭାବେ ଜିମ୍ବାୱେ ଏକମାତ୍ର ଦେଶ ଭାବେ ଏହି ବିଶ୍ୱକପ୍ ଖେଳିଥିଲା। ଅଷ୍ଟ୍ରେଲିଆର ୧୧ଟି ଓ ନ୍ୟୁଜିଲାଣ୍ଡର ୭ଟି ଭେନ୍ୟୁରେ ମ୍ୟାଚ୍‌ଗୁଡ଼ିକ ଆୟୋଜିତ ହୋଇଥିଲା।

ରାଉଣ୍ଡ ରବିନ୍ ପର୍ଯ୍ୟାୟରେ ଅନ୍ୟତମ ଆୟୋଜକ ନ୍ୟୁଜିଲାଣ୍ଡ ଜବରଦସ୍ତ ଖେଳି ପ୍ରଦର୍ଶନ କରି କ୍ରମାଗତ ୭ଟି ମ୍ୟାଚ୍ ଜିତି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରେ ରହିଥିଲା। ମୋଟ ଉପରେ ନ୍ୟୁଜିଲାଣ୍ଡ ୮ଟି ମ୍ୟାଚ୍ ଖେଳି ୭ ବିଜୟ ଓ ଗୋଟିଏ ପରାଜୟ ସହ ୧୪ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ସେହିପରି ଇଂଲଣ୍ଡ ୮ଟି ମ୍ୟାଚ୍ ଖେଳି ୫ ବିଜୟ,୨ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ୫ ବିଜୟ , ୩ ପରାଜୟ ସହ ୧୦ ପଏଣ୍ଟ ପାଇ ତୃତୀୟ ଓ ପାକିସ୍ତାନ ୮ ମ୍ୟାଚ୍ ଖେଳି ୪ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲା। ତାଲିକାର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଭାରତ ୮ ଟି ମ୍ୟାଚ୍ ଖେଳି ୨ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ହାଇସ୍କୋରିଂ ପ୍ରଥମ ସେମିଫାଇନାଲରେ ପାକିସ୍ତାନ ଫେଭରାଇଟ ନ୍ୟୁଜିଲାଣ୍ଡକୁ ଗୋଟିଏ ଓଭର ବାକି ରଖି ୪ ଉଇକେଟରେ ପରାସ୍ତ କରିଥିଲା। ୪ ଟି ପ୍ରୟାସରେ ପାକିସ୍ତାନ ସେମିରେ ବିଜୟୀ ହୋଇ ପ୍ରଥମଥର ପାଇଁ ଫାଇନାଲକୁ ଉଠିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅଧିନାୟକ ମାର୍ଟିନ କ୍ରୋ ସର୍ବାଧିକ ୯୧, କେନ୍ ରଦରଫୋର୍ଡ ୫୦ ରନ କରିଥିଲେ। ପାକିସ୍ତାନର ୱାସିମ ଆକ୍ରମ, ମୁସ୍ତାକ ଅହମ୍ମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୯ ଓଭରରେ ୬ ଉଇକେଟ ହରାଇ ୨୬୪ ରନ କରି ବିଜୟୀ ହୋଇଥିଲା। ଇଞ୍ଜାମାମ ଉଲ୍ ହକ୍ ୩୭ ବଲ୍‌ରୁ ୬୦, ଜାଭେଦ ମିଆଁଦାଦ ଅପରାଜିତ ୫୭ ରନ ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡର ୱିଲି ୱାଟସନ ୨ଟି ଉଇକେଟ ନେଇଥିଲେ।

ସେହିପରି ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମିରେ ଇଂଲଣ୍ଡ ୧୯ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ୪୩ ଓଭର ପରେ ବର୍ଷା କାରଣରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ପ୍ରଥମେ ୧୩ ବଲରୁ ବିଜୟ ପାଇଁ ୨୨ ରନ ସଂଗ୍ରହ କରିବାର ଆବଶ୍ୟକତା ଥିଲା। ତେବେ ପୁଣି ବର୍ଷା ହେବା କାରଣରୁ ୨ ଓଭର ନଷ୍ଟ ହୋଇଥିଲା ଓ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ଗୋଟିଏ ବଲ୍‌ରେ ୨୨ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଶେଷରେ ଦକ୍ଷିଣ ଆଫ୍ରିକାକୁ ଭାଗ୍ୟଦେବୀ ସହାୟ ହୋଇ ନ ଥିଲେ ଓ ଶେଷରେ ପରାସ୍ତ ହୋଇଥିଲା।

ଟାଇଟଲ ପାଇଁ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ଓ ପାକିସ୍ତାନ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୬ ଉଇକେଟ ହରାଇ ୨୪୯ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଇମ୍ରାନ ଖାଁ ସର୍ବାଧିକ ୭୨, ଜାଭେଦ ମିଆଁଦାଦ ୫୮, ଇଞ୍ଜାମାମ ୪୨, ଆକ୍ରମ ୧୮ ବଲରୁ ୩୩ ରନ ସଂଗ୍ରହ କରିଥିଲେ। ଜବାବରେ ଇଂଲଣ୍ଡ ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ନେଲ ଫେୟାର ବ୍ରଦର ସର୍ବାଧିକ ୬୨ ରନ ସଂଗ୍ରହ କରିଥିଲେ। ପାକିସ୍ତାନ ତରଫରୁ ଆକ୍ରମ ଓ ମୁସ୍ତାକ ୩ଟି ଲେଖାଏ, ଆକ୍ବିବ ଜାଭେଦ ୨ ଓ ଇମ୍ରାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆକ୍ରମ ପ୍ଲେୟାର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲା। ବିଶ୍ୱକପ୍‌ର ଏହି ସଂସ୍କରଣ ବେଶ୍ ସଫଳତା ହାସଲ କରିଥିଲା।



ବିଶ୍ୱକପ୍ ଟ୍ରଫି ସହ ପାକିସ୍ତାନ ଅଧିନାୟକ ଇମ୍ରାନ ଖାଁ ଓ ଖେଳାଳିମାନେ।



ଆସନ୍ତା ଆଇସିସି ବିଶ୍ୱକପ୍ ପାଇଁ ମୁଁ ଚାପରେ ନାହିଁ। ଇଭେଣ୍ଟରେ ଧମାକାଦାର ପ୍ରଦର୍ଶନ କରିବି ବୋଲି ମୋର ଦୃଢ଼ ବିଶ୍ୱାସ।
–ଶିଖର ଧାୱନ, ଭାରତୀୟ କ୍ରିକେଟର



ଏଏଫ୍‌ସି ଏସିଆନ୍ କପ୍‌ରେ ଦୁର୍ଭାଗ୍ୟବଶତଃ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇ ପାରି ନ ଥିଲେ ମଧ୍ୟ ଆମେ ସମର୍ଥ ବୋଲି ପ୍ରମାଣିତ କରିଛୁ।
–ଉଦାନ୍ତ ସିଂ, ଭାରତୀୟ ଫୁଟ୍‌ବଲ ଖେଳାଳି

## ସଂକ୍ଷେପରେ

### ଆସନ୍ତା ସିଜନରୁ ଡଚ୍ ଫର୍ମୁଲାୱାନ ଗ୍ରାଁ ପ୍ରି

ପ୍ୟାରିସ, ୧୪।୫ (ଏଏଫ୍‌ପି): ଦୀର୍ଘ ୩୫ବର୍ଷ ବ୍ୟବଧାନରେ ଆସନ୍ତା ସିଜନରେ ଜାଣ୍ଡଭୁର୍ଟଠାରେ ଡଚ୍ ଗ୍ରାଁପ୍ରି ଅନୁଷ୍ଠିତ ହେବ। ଫର୍ମୁଲାୱାନ ଆୟୋଜକଙ୍କ ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଆମଷ୍ଟରଡାମ ନିକଟବର୍ତ୍ତୀ ଐତିହାସିକ ସମୁଦ୍ରକୂଳ ରିସୋର୍ଟଠାରେ ରେସ୍‌ର ଆୟୋଜନ ନେଇ ୩ ବର୍ଷିଆ ଚୁକ୍ତି ହୋଇଛି। ନେଦରଲାଣ୍ଡ୍ସକୁ ଫର୍ମୁଲା ୱାନ ପ୍ରତ୍ୟାବର୍ତ୍ତନ କରୁଥିବା ଜାଣି ମୁଁ ଖୁସି ବୋଲି କ୍ରୀଡ଼ାର ପରିଚାଳନା ସଂସ୍ଥା ଏଫ୍‌ଆଇଏ (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଅଟୋମୋବାଇଲ୍ସ) ସଭାପତି ଜିନ୍ ଟୋଡିଟ୍ ପ୍ରକାଶ କରିଛନ୍ତି। ନେଦରଲାଣ୍ଡ୍ସରେ ପ୍ରତିଭାସମ୍ପନ୍ନ ମାକ୍ସ ଭର୍ଷ୍ଟାପେନଙ୍କର ବହୁ ସମର୍ଥକ ରହିଛନ୍ତି।

### ଯୁବ ବାସ୍କେଟବଲ: ଓଡ଼ିଶା ବାଳିକା ପରାସ୍ତ

କଟକ ଅଫିସ,୧୪।୫: ତାମିଲନାଡୁରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୩୬ତମ ଜାତୀୟ ଯୁବ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ପ୍ରଥମ ମ୍ୟାଚ୍‌ରେ ପରାଜୟବରଣ କରିଛି । ଦଳ ପୁଡୁଚେରୀଠାରୁ ୭୪-୫୪ ପଏଣ୍ଟରେ ପରାସ୍ତ ହୋଇଛି । ଉଭୟ ବାଳକ ଓ ବାଳିକା ଦଳ ପ୍ରତିଯୋଗିତାରେ ଗ୍ରୁପ-ଏଫ୍‌ରେ ସ୍ଥାନ ପାଇଛନ୍ତି ।

### ସାଇ-କଟକ ସେମି ଆଶା ଉଜ୍ଜୀବିତ

ଭୁବନେଶ୍ୱର, ୧୪।୫(କ୍ରୀଡ଼ା ପ୍ରତିନିଧି): ଲୁଧିଆନାରେ ଚାଲିଥିବା ଇଣ୍ଡିଆନ ଓମେନ୍ସ ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସାଇ-ଏସଟିସି କଟକ ବାଙ୍ଗାଲୋର ଯୁନାଇଟେଡ ଏଫସିକୁ ୧-୦ ଗୋଲରେ ପରାସ୍ତ କରିଛି। ଏଥିସହ ସାଇ-କଟକର ସେମିଫାଇନାଲ ଆଶା ଉଜ୍ଜୀବିତ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ଦୀପା ନାୟକ ୭୬ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ଏହି ବିଜୟ ସହ ସାଇ-କଟକର ପଏଣ୍ଟ ସଂଖ୍ୟା ୬ରେ ପହଞ୍ଚିଛି।

### ଅର୍ଜୁନ ତେନ୍ଦୁଲକରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

ମୁମ୍ବାଇ, ୧୪।୫ (ପି.ଟି.): ମୁମ୍ବାଇ ଟି୨୦ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଅର୍ଜୁନ ତେନ୍ଦୁଲକର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବାବେଳେ ତାଙ୍କ ଦଳ ଆକାଶ ଟାଇଗର୍ସ ମୁମ୍ବାଇ ୱେଷ୍ଟର୍ନ ସବ୍‌ଅର୍ବ ୫ ଉଇକେଟରେ ଟ୍ରିମ୍ଫ୍ ନାଇଟ୍ ମୁମ୍ବାଇ ନର୍ଥ ଇଷ୍ଟ ଦଳକୁ ହରାଇ ଦେଇଛନ୍ତି। ମୁମ୍ବାଇ ଟି୨୦ ଲିଗ୍‌ରେ ପ୍ରଥମ ଥର ଖେଳୁଥିବା କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ମ୍ୟାଚରେ ୨୩ରନ ସଂଗ୍ରହ କରିଥିବାବେଳେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଟ୍ରିମ୍ଫ୍ ନାଇଟ୍ସକୁ ୧୪୭/୬ରେ ସୀମିତ ରଖିବା ପରେ ଆକାଶ ଟାଇଗର୍ସ ବିଜୟ ଲକ୍ଷ୍ୟକୁ ୩ଟି ବଲ୍ ବାକି ଥାଇ ହାସଲ କରିନେଇଥିଲା। ଓପନର ଆକର୍ଷିତ ଗୋମେଲ (୪୧) ଏବଂ କୌସ୍ତୁଭ ପାୱାର (୩୪: ୫X୪) ପାର୍ଟନରଶିପ୍‌ରେ ୬୭ ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ପ୍ରଥମ ଡାଉନ୍‌ରେ ବ୍ୟାଟିଂ କରିବାକୁ ଆସିଥିବା ଅର୍ଜୁନ ଆଉଟ ହେବା ପୂର୍ବରୁ ୧୯ ବଲ୍‌ରୁ ୨୩ ରନ କରିଥିଲେ। ପରେ ଡି. ସୁବ୍ରମଣ୍ୟମ ଏବଂ ଯୋଗେଶ ପାୱାର ଆଉ କୌଣସି କ୍ଷତି ନ ଘଟାଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ଟ୍ରିମ୍ଫ୍ ନାଇଟ୍ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ୫୬ ବଲ୍‌ରୁ ଅପରାଜିତ ୯୦ ରନ ସହାୟତାରେ ୬ଉଇକେଟ ବିନିମୟରେ ୧୪୭ ରନ କରିଥିଲା। ସେ ତାଙ୍କ ଅପରାଜିତ ଇନିଂସରେ ୭ ଛକା ଓ ୪ ଚୌକା ଲଗାଇଥିଲେ। ସେ ଜୋର୍‌ଦାର ପ୍ରହାର ସହ ବିପକ୍ଷ ଦଳର ବୋଲର ମିନାଦ ମଞ୍ଜ୍ରେକର (୧/୪୮)ଙ୍କୁ ହତାଶ କରିଥିଲେ। ଅନ୍ତିମ ଓଭରରେ ୪ ଛକା ଏବଂ ଗୋଟିଏ ଚୌକା ସହ ୨୮ ରନ ସଂଗ୍ରହ କରିଥିଲେ। ଟ୍ରିମ୍ଫ୍ ନାଇଟ୍‌ର ଆରମ୍ଭ ନିରୁତ୍ସାହଜନକ ଥିଲା। ଦଳ ଏକଦା ୩୮ରନରେ ୩ଟି ଉଇକେଟ ହରାଇ ବ୍ୟାଟିଂ ସଂକଟରେ ପଡ଼ିଥିଲା। ଅଧିନାୟକ ଯାଦବ ଏବଂ ବିନାୟକ ଭୋଇର (୧୩) ପାର୍ଟନରଶିପ୍‌ରେ ୪୧ ରନ ଯୋଗ କରି ଦଳର ବ୍ୟାଟିଂ ସ୍ଥିତିରେ ସୁଧାର ଆଣିଥିଲେ। ଯାଦବ ଶେଷ ପର୍ଯ୍ୟନ୍ତ ଏକାକୀ ସଂଘର୍ଷ ଜାରି ରଖିଥିବା ବେଳେ ଅନ୍ୟପଟେ ଉଇକେଟ ପତନ ଘଟିବାରେ ଲାଗିଥିଲା।

## ■ ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି

# ଭାରତୀୟ ଦଳରେ ଓଡ଼ିଶାର ପ୍ରତାପ, ସୁମନ

ନୂଆଦିଲ୍ଲୀ, ୧୪।୫(ପି.ଟି.)

ଜୁନ ୧୦ରୁ ସ୍ପେନଠାରେ ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ୧୮ ଜଣିଆ ଜୁନିୟର ହକି ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରତାପ ଲାକ୍ରା ଓ ସୁମନ ବେକ୍। ସୁମନଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ପ୍ରଦୀପ ମୋର୍ ଅଧିନାୟକ ମନୋନୀତ ହୋଇଛନ୍ତି।

ପ୍ରତିଯୋଗିତାରେ ଭାରତ, ନେଦରଲାଣ୍ଡ୍ସ, ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଆୟୋଜକ ସ୍ପେନ ଭାଗନେବ। ଟୁର୍ନାମେଣ୍ଟ ପାଇଁ ପ୍ରଶାନ୍ତ କୁମାର ଚୌହାନ ଓ ପୱନ ଭାରତୀୟ ଦଳର ଗୋଲକିପର ରହିଥିବାବେଳେ ମୋର୍, ପ୍ରତାପ, ସଞ୍ଜୟ, ଆକାଶଦୀପ ସିଂ ଜୁନିୟର, ବେକ୍ ଓ ପରମପ୍ରୀତ ସିଂ ଡିଫେନ୍ସ ବିଭାଗ ଦାୟିତ୍ୱ ସମ୍ଭାଳିବେ। ମିଡ୍‌ଫିଲ୍ଡ ପାଇଁ ଯଶଦୀପ ସିୱାଚ୍, ବିଷ୍ଣୁ କାନ୍ତ ସିଂ, ରବୀଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ମନିନ୍ଦର ସିଂ, ବିଶାଲ ଆଣ୍ଟିଲ ଏବଂ ଫରୱାର୍ଡ ଲାଇନ୍‌ରେ ଅମନଦୀପ ସିଂ, ରାହୁଲ କୁମାର ରାଜଭାର, ଶିଭମ୍ ଆନନ୍ଦ, ପ୍ରଭଜୋତ ସିଂ ଓ ସୁଦୀପ ଚିରମାକୋ ରହିଛନ୍ତି। ଦଳ ଚୟନ ସମ୍ପର୍କରେ ହାଇପରଫରମାନ୍ସ ଡାଇରେକ୍ଟର ଡେଭିଡ ଜନ୍ କହିଛନ୍ତି ଯେ, ଭାରତୀୟ ଦଳରେ ସ୍ଥାନ ପାଇଥିବା କେତେକ ଖେଳାଳିଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା ରହିଛି। ଏହି ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଟୁର୍ନାମେଣ୍ଟରେ କ୍ୱାଲିଟି ଦଳଗୁଡ଼ିକ ବିପକ୍ଷରେ ଖେଳିଲେ ସେମାନଙ୍କ ଅଭିଜ୍ଞତା ଆହୁରି ବଢ଼ିବ। ଏହି ଟୁର୍ନାମେଣ୍ଟରେ ପ୍ରତିପକ୍ଷ ଦଳଗୁଡ଼ିକରୁ ଭଲ ଚ୍ୟାଲେଞ୍ଜ ମିଳିବ। ୨୦୨୧ ଜୁନିୟର ବିଶ୍ୱକପ ପାଇଁ ଆମେ କେତେ ପ୍ରସ୍ତୁତ ହୋଇଛୁ ତାହା ଏହି ୮ ରାଷ୍ଟ୍ରୀୟ ଟୁର୍ନାମେଣ୍ଟର ପ୍ରଦର୍ଶନରୁ ଜଣାପଡ଼ିବ।

**ଭାରତୀୟ ଦଳ**

**ଗୋଲକିପର:** ପ୍ରଶାନ୍ତ କୁମାର ଚୌହାନ, ପୱନ

**ଡିଫେଣ୍ଡର:** ପ୍ରଦୀପ ମୋର୍(ଅଧିନାୟକ), ପ୍ରତାପ ଲାକ୍ରା, ସଞ୍ଜୟ, ଆକାଶଦୀପ ସିଂ ଜୁନିୟର, ସୁମନ ବେକ୍ (ଉପ-ଅଧିନାୟକ), ପରମପ୍ରୀତ ସିଂ।

**ମିଡ୍‌ଫିଲ୍ଡର:** ଯଶଦୀପ ସିୱାଚ୍, ବିଷ୍ଣୁ କାନ୍ତ ସିଂ, ରବୀଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ମନିନ୍ଦର ସିଂ, ବିଶାଲ ଆଣ୍ଟିଲ।

**ଫରୱାର୍ଡ:** ଅମନଦୀପ ସିଂ, ରାହୁଲ କୁମାର ରାଜଭାର, ଶିଭମ୍ ଆନନ୍ଦ, ସୁଦୀପ ଚିରମାକୋ, ପ୍ରଭଜୋତ ସିଂ।



ଅଷ୍ଟରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପାଇଁ ମନୋନୀତ ଜୁନିୟର ଭାରତୀୟ ଦଳ।

### ପୂର୍ବତନ ଅଲିମ୍ପିକ ସାଇକ୍ଲିଂ ଚାମ୍ପିୟନ ବାସନ୍ଦ



ଓର୍ବେଟେଲୋ (ଇଟାଲୀ), ୧୪।୫ (ଏଏଫ୍‌ପି)–୨୦୦୮ ଅଲିମ୍ପିକ ରୋଡ୍ ରେସ୍ ଚାମ୍ପିୟନ ସ୍ପେନର ସାମୁଏଲ୍ ସାଞ୍ଚେଜ୍‌ଙ୍କୁ ପିଛିଲା ତାରିଖରୁ ୨ବର୍ଷ ବାସନ୍ଦ କରାଯାଇଛି। ୨୦୧୭ରେ ହ୍ୟୁମ୍ୟାନ ଗ୍ରୋଥ୍ ହରମୋନ୍ ପାଇଁ ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ଏହି ନିଷିଦ୍ଧ ଉପାଦାନ ଠାବ କରାଯିବା କାରଣ ସମ୍ପର୍କରେ ସାଞ୍ଚେଜ୍ ଦେଇଥିବା ସଫେଇକୁ ଇଣ୍ଟରନ୍ୟାଶନାଲ ସାଇକ୍ଲିଂ ୟୁନିୟନ ଗ୍ରହଣ କରିଥିଲା। ସ୍ପେନର ଏହି ସାଇକ୍ଲିଷ୍ଟ ୨୦୧୯ ଅଗଷ୍ଟ ପର୍ଯ୍ୟନ୍ତ ବାସନ୍ଦ ରହିବେ। ଡୋପ୍ ଟେଷ୍ଟ ସମୟରେ ୪୧ ବର୍ଷୀୟ ସାଞ୍ଚେଜଙ୍କୁ ଗ୍ରାଣ୍ଡ ଟୁର୍ ସାଇକ୍ଲିଂ ପ୍ରତିଯୋଗିତା ଭୁଏଲ୍‌ଟା ଏ ଏସ୍ପାନା ୨୦୧୭ ପୂର୍ବରୁ ତାଙ୍କ ତତ୍‌କାଳୀନ ଟିମ୍ ବିଏମ୍‌ସି ବହିଷ୍କୃତ କରିଥିଲା। ସାଞ୍ଚେଜ ତାଙ୍କ କ୍ୟାରିୟରରେ ଭୁଲ୍‌ଟାର ୫ଟି ଷ୍ଟେଜ୍‌ରେ ବିଜୟ ଲାଭ କରିଥିଲେ। ସେ ଚାହିଁଲେ ଦଣ୍ଡବିଧାନ ବିରୋଧରେ ଅପିଲ କରିପାରିବେ।

# ସୌରଜିତ, ସୁବ୍ରତ ଏନ୍‌ସିଏ ଲେଭଲ-ବି କୋଚ୍

କଟକ ଅଫିସ,୧୪।୫

ଓଡ଼ିଶାର ଦୁଇ ପୂର୍ବତନ ଖ୍ୟାତିସମ୍ପନ୍ନ କ୍ରିକେଟର ସୌରଜିତ ମହାପାତ୍ର ଓ ସୁବ୍ରତ କୁମାର ବେହେରା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ଲେଭଲ-ବି କୋଚ୍ ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଗତ ନଭେମ୍ବର ୧୨ ଓ ୧୩ ତାରିଖରେ କୋଲକାତାଠାରେ କୋଚ୍‌ମାନଙ୍କ ନିମନ୍ତେ ଲେଭଲ-ଏ ରିଫ୍ରେସର କୋର୍ସ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ସୌରଜିତ ଓ ସୁବ୍ରତ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ସଫଳପୂର୍ଣ୍ଣ ଭାବେ କୃତକାର୍ଯ୍ୟ ହୋଇଛନ୍ତି। ୫୦ମାର୍କ ବିଶିଷ୍ଟ ପରୀକ୍ଷାରୁ ସୌରଜିତ ୪୧ମାର୍କ ରଖିଥିବା ବେଳେ ସୁବ୍ରତ ୩୭ମାର୍କ ହାସଲ କରିଛନ୍ତି। ଏହି ଦୁଇ କ୍ରିକେଟର ପୂର୍ବରୁ ଓଡ଼ିଶା ଦଳର କୋଚ୍ ଭାର ସମ୍ଭାଳିଛନ୍ତି। ପେସବୋଲର ସୌରଜିତ ୨୦୦୩ରୁ ୨୦୧୧ ମସିହା ପର୍ଯ୍ୟନ୍ତ ରାଜ୍ୟ ରଣଜୀ ଦଳ ସମେତ ଜୁନିୟର ବର୍ଗ, ମହିଳା ଦଳ ଏବଂ ଓଡ଼ିଶା କ୍ରିକେଟ ଏକାଡେମୀର ବୋଲିଂ କୋଚ ଥିଲେ। ୧୯୮୭-୮୮ ରଣଜୀ ସିଜନରେ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ସୌରଜିତ ଓଡ଼ିଶା ନିମନ୍ତେ ପ୍ରଥମ ହ୍ୟାଟ୍ରିକ ଉଇକେଟ ଦଖଲ କରିବାର ରେକର୍ଡ ରଖିଛନ୍ତି। ରାଜ୍ୟ ରଣଜୀ ଦଳର ପୂର୍ବତନ ଓପନର ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ସୁବ୍ରତ ୨୦୦୧ରୁ ୨୦୦୫ ପର୍ଯ୍ୟନ୍ତ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ୨୦୧୦ରୁ ୨୦୧୭ ପର୍ଯ୍ୟନ୍ତ ରାଜ୍ୟ ଜୁନିୟର ଦଳର ବ୍ୟାଟିଂ କୋଚ୍ ଥିବା ବେଳେ ପରେ ଚୟନକର୍ତ୍ତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଉଭୟଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇ ଶୁଭେଚ୍ଛା ଜଣାଇଛନ୍ତି।



ସୌରଜିତ ମହାପାତ୍ର।



ସୁବ୍ରତ କୁମାର ବେହେରା

# କଲିଂଉଡ୍‌ଙ୍କୁ ଟପିଲେ ମୋର୍ଗାନ

ବ୍ରିଷ୍ଟଲ, ୧୪।୫

ଇଂଲଣ୍ଡ ଅଧିନାୟକ ତଥା ମିଡିଲଅର୍ଡର ବ୍ୟାଟ୍‌ମ୍ୟାନ ଇଅନ ମୋର୍ଗାନ ଦେଶ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିବା ରେକର୍ଡର ଅଧିକାରୀ ହୋଇଛନ୍ତି। ମଙ୍ଗଳବାର ଏଠାରେ ପାକିସ୍ତାନ ବିପକ୍ଷରେ ଅନୁଷ୍ଠିତ ୩ୟ ଦିନିକିଆ ମ୍ୟାଚ୍ ଅବସରରେ ମୋର୍ଗାନ ଏହି କୀର୍ତ୍ତିମାନ କରିଛନ୍ତି। ଦିନିକିଆ କ୍ରିକେଟରେ ମୋର୍ଗାନଙ୍କ ଏହା ୧୯୮ତମ ମ୍ୟାଚ୍ ଥିଲା। ଏହି କ୍ରମରେ ସେ ପ୍ରାକ୍ତନ ଅଧିନାୟକ ପଲ୍ କଲିଂଉଡ୍‌ଙ୍କୁ ପଛରେ ପକାଇଛନ୍ତି। କଲିଂଉଡ୍ ୧୯୭ ଦିନିକିଆ ମ୍ୟାଚ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ଇଂଲଣ୍ଡ ପକ୍ଷରୁ ସର୍ବାଧିକ ଦିନିକିଆ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ଭାବେ ୩୨ ବର୍ଷୀୟ ମୋର୍ଗାନଙ୍କ ନାମରେ ରେକର୍ଡ ରହିଛି। ମୋର୍ଗାନ ୩୯.୮୭ ଆଭରେଜରେ ୬୧୪୦ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୧୧ ଶତକ ସାମିଲ ରହିଛି। ଦିନିକିଆରେ ସର୍ବାଧିକ ଶତକ ହାସଲ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଜୋ ରୁଟ୍ (୧୪) ଓ ମାର୍କସ ଟ୍ରେସ୍‌ଷ୍କୋଥିକ (୧୨)ଙ୍କ ପଛକୁ ୩ୟ ସ୍ଥାନରେ ମୋର୍ଗାନ ରହିଛନ୍ତି। ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ୨୦୧୫ରେ ଆଇସିସି ର୍‌ୟାଙ୍କିଙ୍ଗ୍‌ର ଏକ ନମ୍ବର ସ୍ଥାନ ହାସଲ କରିପାରିଥିଲା।

# ଏଥିକ୍ସ ଅଫିସରଙ୍କ ଆଗରେ ହାଜର ହେଲେ ତେନ୍ଦୁଲକର, ଲକ୍ଷ୍ମଣ

ନୂଆଦିଲ୍ଲୀ, ୧୪।୫ (ପି.ଟି.)


ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ମାମଲାରେ ସଚିନ ତେନ୍ଦୁଲକର ଏବଂ ଭିଭିଏସ୍ ଲକ୍ଷ୍ମଣ ମଙ୍ଗଳବାର ଦୀର୍ଘ ସମୟ ଧରି ବିସିସିଆଇ ଏଥିକ୍ସ ଅଫିସର ଜଷ୍ଟିସ (ଅବସରପ୍ରାପ୍ତ) ଡି.କେ. ଜୈନଙ୍କ ନିକଟରେ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଅଭିଯୋଗକାରୀ ସଞ୍ଜୀବ ଗୁପ୍ତା ମଧ୍ୟ ପୃଥକ୍ ଭାବେ ତାଙ୍କ ଜମାନବନ୍ଦୀ ଦେଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଓମ୍ବୁଡ୍‌ସମ୍ୟାନ ଥିବା ଜଷ୍ଟିସ ଜୈନ ସେମାନଙ୍କୁ ଲିଖିତଭାବେ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିବାକୁ ମଧ୍ୟ କହିଛନ୍ତି। ତେନ୍ଦୁଲକର ଓ ଲକ୍ଷ୍ମଣ ୩ ଘଣ୍ଟାରୁ ଅଧିକ ସମୟ ଧରି ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଥିଲେ। ସମସ୍ତଙ୍କର ଅଧିକ ଶୁଣାଣି ଆସନ୍ତା ୨୦ ତାରିଖରେ ହେବା ସମ୍ଭାବନା ରହିଛି। ଉଭୟ ତେନ୍ଦୁଲକର ଓ ଲକ୍ଷ୍ମଣ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ସଦସ୍ୟ ରହିଛନ୍ତି। ସେମାନେ ଆହୁରି ମଧ୍ୟ ଆଇପିଏଲ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ (ଆଇକନ ଭାବେ) ଏବଂ ସନରାଇଜର୍ସ ହାଇଦ୍ରାବାଦ (ମେଣ୍ଟର) ସହିତ ସମ୍ପୃକ୍ତ ଅଛନ୍ତି। ତେନ୍ଦୁଲକର ପୂର୍ବରୁ ସଫେଇ ଦେଇ ଆସିଛନ୍ତି ଯେ, ସେ ସ୍ୱେଚ୍ଛାକୃତ ଭାବେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ କାର୍ଯ୍ୟକରୁଛନ୍ତି। କୌଣସି ଦ୍ୱନ୍ଦ୍ୱ ଉପୁଜିବାର କାରଣ ନାହିଁ। ଲକ୍ଷ୍ମଣ କହିଛନ୍ତି, ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ଯଦି ପ୍ରମାଣିତ ହୁଏ ତେବେ ସେ ସିଏସିରୁ ଇସ୍ତଫା ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି। ଅନ୍ୟପକ୍ଷରେ ବିସିସିଆଇ ପୂର୍ବରୁ ଏହାର ଲିଖିତ ଜବାବରେ ତେନ୍ଦୁଲକର ଏବଂ ଲକ୍ଷ୍ମଣଙ୍କ ମାମଲା 'ଟ୍ରାକ୍ଟେବଲ କାଟେଗୋରି ପରିସରଭୁକ୍ତ ବୋଲି ଦର୍ଶାଇଛି। ଅର୍ଥାତ ଦ୍ୱୈତ୍ୟ ଭୂମିକାରେ ସେମାନଙ୍କ କୌଣସି ସ୍ୱାର୍ଥ ନାହିଁ ବୋଲି ଘୋଷଣା ଦ୍ୱାରା ଏହି ମାମଲା ସମାଧାନ ସମ୍ଭବ।

# ଭାରତ ଏ' ଦଳରେ ଋଦ୍ଧିମାନ, ପନ୍ତ

ନୂଆଦିଲ୍ଲୀ,୧୪।୫(ପି.ଟି.)

ଉଇକେଟକିପର ଋଦ୍ଧିମାନ ଶାହା ଭାରତ ଏ'ରେ ସାମିଲ ହୋଇଛନ୍ତି। ଭାରତ ଏ ଦଳ ୱେଷ୍ଟଇଣ୍ଡିଜ ଗସ୍ତ କରି ୫ଟି ଦିନିକିଆ ଓ ୩ଟି ୪ ଦିନିଆ ମ୍ୟାଚ୍ ଖେଳିବ। ଜୁଲାଇ ୧୧ ତାରିଖରୁ ପ୍ରଥମେ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ। ସେହିପରି ୨୪ ତାରିଖରୁ ୪ ଦିନିଆ ମ୍ୟାଚ୍ ଆରମ୍ଭ ହେବ। ଋଦ୍ଧିମାନ ୪ ଦିନିଆ ମ୍ୟାଚ୍ ପାଇଁ ଦଳରେ ସାମିଲ ହୋଇଥିବାବେଳେ ପନ୍ତ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। କାନ୍ଧରେ ଆଘାତ ସମସ୍ୟା କାରଣରୁ ଦଳରୁ ବାଦ୍ ପଡିବା ବେଳକୁ ଋଦ୍ଧିମାନ ଭାରତ ୧ ନମ୍ବର ଉଇକେଟ କିପର ସାବ୍ୟସ୍ତ ହୋଇଥିଲେ। ଅସ୍ତ୍ରୋପଚାର ପରେ ସେ ବେଙ୍ଗଲ ଦଳକୁ ପ୍ରତ୍ୟାବର୍ତ୍ତନ କରି ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଖେଳିଥିଲେ ଓ ସନରାଇଜର୍ସ ହାଇଦ୍ରାବାଦ ପାଇଁ ସଦ୍ୟସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୫ଟି ମ୍ୟାଚ୍ ଖେଳିଥିଲେ। ଶାହାଙ୍କ ଅନୁପସ୍ଥିତିରେ ଯୁବ ଉଇକେଟକିପର ଋଷଭ ପନ୍ତ ଟେଷ୍ଟ ଦଳରେ ସ୍ଥାନ ପକ୍କା କରିଛନ୍ତି। ଋଦ୍ଧିମାନ ଏବେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ। ଦିନିକିଆ ଓ ୪ ଦିନିଆ ଦଳରେ ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ ଓ ହନୁମା ବିହାରୀ ମଧ୍ୟ ସାମିଲ ହୋଇଛନ୍ତି। ୪ ଦିନିଆରେ ଶ୍ରେୟାସ ଆୟର ଓ ଦିନିକିଆରେ ମନୀଷ ପାଣ୍ଡେ ନେତୃତ୍ୱ ନେବେ। ତେବେ ରବିଚନ୍ଦ୍ରନ ଅଶ୍ୱିନ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ଉମେଶ ଯାଦବ କାଉଣ୍ଟି ଖେଳିବାର କାର୍ଯ୍ୟକ୍ରମ ଥିବାରୁ ଦଳରେ ସାମିଲ ହୋଇ ନାହାନ୍ତି।

ସେହିପରି ଚୟନକର୍ତ୍ତାମାନେ ମେ ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଶ୍ରୀଲଙ୍କା ଏ ବିପକ୍ଷ ଘରୋଇ ସିରିଜ ପାଇଁ ଦଳ ଘୋଷଣା କରିଛନ୍ତି। ଝାଡଖଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଶନ ୨ଟି ୪ ଦିନିଆ ମ୍ୟାଚ୍‌ରେ ଭାରତ ଏ ଦଳର ନେତୃତ୍ୱ ନେବେ। ସେହିପରି ପ୍ରିୟଙ୍କ ପଞ୍ଚାଲ ଜୁନ୍ ୬ ତାରିଖରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ନେତୃତ୍ୱ ନେବେ।



ଋଷଭ ପନ୍ତ


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବିଷ୍ଣୁଚରଣ ତ୍ରିପାଠୀ
ଉତ୍ତରଙ୍ଗ, ଯାଜପୁର
ଆବିର୍ଭାବ: ୧୭।୦୧।୧୯୪୭
ତିରୋଧାନ: ୦୮।୦୫।୨୦୦୬
ଆପଣଙ୍କ ପବିତ୍ର ଆତ୍ମା ଚିରଶାନ୍ତି ଲାଭକରୁ। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କ ପରିବାରବର୍ଗ
ଧ-୬୨୦୯୬

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




ସ୍ୱର୍ଗତା ପ୍ରେମଲତା କାନୁନ୍‌ଗୋ
ସ୍ୱାମୀ– ସ୍ୱର୍ଗତ ଗୋଲକ ଚନ୍ଦ୍ର କାନୁନ୍‌ଗୋ
ପୁରଣ ଅଳାବୋଳ, ଜଗତ୍‌ସିଂହପୁର
ଆବିର୍ଭାବ: ୨୧।୦୫।୧୯୨୩
ତିରୋଧାନ: ୨୮।୦୪।୨୦୦୭
(ମୋହିନୀ ଏକାଦଶୀ)
ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକାକୁଳ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୫୮୦୮୨

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ବିମଳା ତ୍ରିପାଠୀ
ଖୁଣ୍ଟୁଣୀ, କଟକ
ଆବିର୍ଭାବ: ତା୦୫।୦୬।୧୯୬୨ (ଶ୍ରୀ ଗୁଣ୍ଡିଚା)
ତିରୋଧାନ: ତା୧୦।୦୫।୨୦୧୪
(ମୋହିନୀ ଏକାଦଶୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ– କୈଳାସ ଚନ୍ଦ୍ର ଶତପଥୀ, ପୁଅ– କୀର୍ତ୍ତିରଞ୍ଜନ, ବିଶ୍ୱରଞ୍ଜନ, ବୋହୂ– ମୋନାଲିସା, ସ୍ମୃତିସନ୍ଧ୍ୟା, ନାତୁଣୀ–ଆଦ୍ୟାଶା
ଧ-୧୨୪୯୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦାଶରଥି ନନ୍ଦ ଶର୍ମା
ଆବିର୍ଭାବ: ୧୫।୧୨।୧୯୩୨
ତିରୋଧାନ: ୧୦।୦୫।୨୦୧୯
ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ, ବ୍ରହ୍ମପୁର ଦ୍ୱିତୀୟ ଗୌଡ ସାହି ସମିତିର ଉପଦେଷ୍ଟା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର– ନିରଞ୍ଜନ ନନ୍ଦ, ବୋହୂ– ରୀତାରାଣୀ ନନ୍ଦ, ବଡ଼ଝିଅ– ମୀରାବାଇ ଶତପଥୀ, ବଡ଼ଜ୍ୱାଇଁ– ସମୀର ଶତପଥୀ, ସାନଝିଅ– ଜାନକୀ ନନ୍ଦ (ମିନି), ସାନଜ୍ୱାଇଁ– ରାମମନୋହର ନନ୍ଦ, ନାତିନାତୁଣୀ– ରୁଦ୍ର, ଓମ୍, ଶୁଭ, ସୁନନ୍ଦା, ବାନା, କୁଲ୍‌ଲି, ବାଲାଜୀ, ଗୁଡ଼ି, ଝିଆରୀ, ପୁତୁରା, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ। ଧ-୪୯୨୯୬

**ଏକାଦଶାହ ଉପଲକ୍ଷେ**



✓ ଭଗବାନ ଭୂୟାଁ
ନୂଆପଡ଼ା, କଟକ
ଆର୍ବିଭାବ : ୧୯୨୭
ତିରୋଧାନ : ୦୫.୦୫.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ସମସ୍ତଙ୍କ ପାଇଁ ଦିଗ୍‌ଦର୍ଶନ ଓ ପ୍ରେରଣାର ଉତ୍ସ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ :
ହତଭାଗ୍ୟ ପୁତ୍ର : ଭରତ ଚନ୍ଦ୍ର ଭୂୟାଁ, ଶରତ ଚନ୍ଦ୍ର ଭୂୟାଁ, ଆରତ ତ୍ରାଣ ଭୂୟାଁ
ଶୋକ ସନ୍ତପ୍ତ : ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପୁତୁରା, ଝିଆରୀ ଏବଂ ପରିବାର ଓ ବନ୍ଧୁବର୍ଗ ।
ଧ-୬୨୦୯୬

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରାଜକିଶୋର ତ୍ରିପାଠୀ
କାଳିଆ-କୃପା, ଓଲ୍‌ଡ ଟାଉନ୍, ଭୁବନେଶ୍ୱର-୨
ଆବିର୍ଭାବ: ୦୯।୦୨।୧୯୨୬
ତିରୋଧାନ: ୧୧।୦୫।୨୦୧୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୨୫୦୦

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ମେ ୧୫/୨୦୧୯ Bhubaneswar, Wednesday, May 15/2019


## ୨ୟ ଦିନ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ କେନ୍ଦ୍ରୀୟ ଟିମ୍

# ବିପନ୍ନଙ୍କୁ ଭେଟିଲେ, ସ୍ଥିତି ପରଖିଲେ

**ପୁରୀ ଅଫିସ/କଟକ ଅଫିସ/ନିମାପଡ଼ା/ବାଲିଅନ୍ତା/ବାଲକାଟୀ/କଣ୍ଟାପଡ଼ା/ନିଆଳି (ଡି.ଏନ.ଏ.), ୧୪।୫**

ବାତ୍ୟା କ୍ଷୟକ୍ଷତିର ଅନୁଧ୍ୟାନ ଲାଗି ଆସିଥିବା କେନ୍ଦ୍ରୀୟ ଟିମ୍ ମଙ୍ଗଳବାର ଦ୍ୱିତୀୟ ଦିନରେ ପୁରୀ, ଖୋର୍ଦ୍ଧା ଏବଂ କଟକ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଟିମ୍ ସଦସ୍ୟମାନେ କ୍ଷତିଗ୍ରସ୍ତଙ୍କୁ ଭେଟି ସମସ୍ୟା ଓ ସରକାରୀ ସହାୟତା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଟିମ୍ କ୍ଷୟକ୍ଷତି ସମ୍ପର୍କିତ ସବିଶେଷ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।

ପୂର୍ବାହ୍ନରେ ୬ଜଣିଆ ଟିମ୍ ପ୍ରଥମେ ପୁରୀ ଜିଲାର ନିମାପଡ଼ା ଯାଇଥିଲେ। ନିମାପଡ଼ା ବ୍ଲକ ଅଧୀନ ବାମନାଳ ପଞ୍ଚାୟତର ବାମନାଳ, ନୂଆସନ୍ଥ ପଞ୍ଚାୟତର କୋଲଣା ସମେତ ବିଭିନ୍ନ ଗାଁ ବୁଲି କ୍ଷତିଗ୍ରସ୍ତ ଲୋକଙ୍କ ସହ କଥା ହୋଇଥିଲେ। ବାତ୍ୟା ପରେ କିପରି ଚଳୁଛନ୍ତି, କ'ଣ ଖାଉଛନ୍ତି, କେମିତି ରହୁଛନ୍ତି, କ'ଣ କ'ଣ ସବୁ କ୍ଷୟକ୍ଷତି ହୋଇଛି, ପ୍ରଶାସନ ପକ୍ଷରୁ କି ପ୍ରକାର ସହଯୋଗ ମିଳିଛି ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଲୋକଙ୍କ ଭଙ୍ଗାଘର ଭିତରକୁ ଯାଇ ସ୍ଥିତି ପରଖିଥିଲେ। କ୍ଷତିଗ୍ରସ୍ତ ଲୋକେ ନିଜର ଅସୁବିଧା ସମ୍ପର୍କରେ ଜଣାଇଥିଲେ। ଏହିଅବସରରେ ସ୍ୱତନ୍ତ୍ର ରିଲିଫ ଅଫିସର କାହ୍ନୁଚରଣ ମଲ୍ଲିକ, ତହସିଲଦାର କମଳଜିତ ଦାସ, ବିଡିଓ ଶ୍ରୀଧର ବିଶ୍ୱାଳ, ବ୍ଲକ ସହକାରୀ ଯନ୍ତ୍ରୀ ଅଜୟ ପ୍ରଧାନ, ସିଡିପିଓ କୁମୁଦିନୀ ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଇ ବିନୋଦ ପାତ୍ର, ଜିଲା କୃଷି ଅଧିକାରୀ ରମେଶ ବେଉରା, ବ୍ଲକ ଭେଟେରିନାରି ଅଫିସର ଡା. ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଟିମ୍ ପୁରୀରେ ପହଞ୍ଚିଥିଲେ। ଅପରାହ୍ନରେ ପେଣ୍ଟକଟା ବସ୍ତିକୁ ଯାଇଥିଲେ। ସେମାନେ ବସ୍ତିବାସିନ୍ଦାଙ୍କୁ ଭେଟି ବାତ୍ୟା ବେଳେ କେଉଁଠି ରହିଲେ, ବର୍ତ୍ତମାନ କିପରି ଚଳୁଛନ୍ତି ତାହା ବୁଝିଥିଲେ। ବସ୍ତିରେ ଥିବା ଚର୍ଚ୍ଚ ଉପରକୁ ଯାଇ ସମ୍ପୂର୍ଣ୍ଣ ବସ୍ତିର ଦୃଶ୍ୟ ଦେଖିଥିଲେ। ଇତସ୍ତତଃ ହୋଇ ପଡ଼ିରହିଥିବା ମତ୍ସ୍ୟଜୀବୀଙ୍କ ଡଙ୍ଗା ବୁଲି ଦେଖିଥିଲେ। ବାତ୍ୟା ପୂର୍ବରୁ ଡଙ୍ଗାଗୁଡ଼ିକୁ କିପରି ରଖିଥିଲେ ତାହା ବୁଝିଥିଲେ। ଏହି ଟିମ୍‌ରେ କେନ୍ଦ୍ର ସରକାରଙ୍କ ପାନୀୟଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ଅଜୟ କୁମାର, ଜଳସମ୍ପଦ ମନ୍ତ୍ରଣାଳୟର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ସମନ୍ୱୟ) ଅମ୍ରିଶ ପାଲ ସିଂ, କୃଷି ବିଭାଗ ନିର୍ଦ୍ଦେଶକ ଡ. ବୀରେନ୍ଦ୍ର ସିଂ, ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ ରାକେଶ କୁମାର, ଗ୍ରାମ୍ୟ ଉନ୍ନୟନ ବିଭାଗ ଡେପୁଟି ସେକ୍ରେଟାରୀ ଏସ୍.ଏସ୍.ମୋଦି, ମତ୍ସ୍ୟ ବିଭାଗର ସହକାରୀ କମିଶନର ଏସ୍.କେ. ରଥ ସାମିଲ ଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର ବେହେରା ପ୍ରମୁଖ ଏହି ଟିମ୍ ସହ ଉପସ୍ଥିତ ଥିଲେ।

ଏହାପରେ ଟିମ୍ ଭୁବନେଶ୍ୱର ଫେରିଯାଇ ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକରେ ସ୍ଥିତି ଅନୁଧ୍ୟାନ କରିଥିଲେ। ପୂରଣ ପ୍ରଧାନ ପଞ୍ଚାୟତର ବାରୁଦଖାନା, ପାଣିକଟା, ବୋଧଖଣ୍ଡି, ଝିଣ୍ଟି ପଞ୍ଚାୟତର ଭୋଇସାହି, ମହାନ୍ତିସାହି, କାକରୁଦ୍ରପୁର, ମହୁଖଣାରେ କ୍ଷୟକ୍ଷତି ଆକଳନ କରିଥିଲେ। ଜୟଦେବ ପଞ୍ଚାୟତ ଯାଇ ଜୟଦେବ ପୀଠରେ କ୍ଷୟକ୍ଷତି ବୁଲି ଦେଖିଥିଲେ। ଉଜୁଡ଼ା ଖେତ, କୁକୁଡ଼ା ଚାଷ, ପାନବରଜ ଓ ରିଲିଫ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲାପାଳ ଭୂପିନ୍ଦର ସିଂ ପୁନିଆ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମିଶ୍ର, ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା, ବାଲିଅନ୍ତା ବ୍ଲକ ଅନୁଧ୍ୟାନ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ଦେବାଶିଷ ସିଂ, ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ଜେନାମଣି, ବିଡିଓ ରଶ୍ମିରେଖା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ କଟକ ଜିଲାର ନିଆଳି ଓ କଣ୍ଟାପଡା ବ୍ଲକ୍ ଯାଇ ସ୍ଥିତି ପରଖିଛନ୍ତି। ଏହି ଟିମ୍ କଣ୍ଟାପଡ଼ା ବ୍ଲକ୍ ବାଇରୋଇ ଗ୍ରାମର ମଲ୍ଲିକ ସାହି ଓ ଭୋଇସାହି, ଅଡଶପୁର ପଞ୍ଚାୟତର ସଲେଇ, ନିଆଳି ବ୍ଲକ୍ ଅଁଳ ପଞ୍ଚାୟତର କପିଳେଶ୍ୱର, ମାଧବ ପଞ୍ଚାୟତର ମୁଣ୍ଡାସାହି ଓ ବାଲିସାହି ଆଦି ଗ୍ରାମ ବୁଲି ଦେଖିଥିଲେ। ଏଥିସହ ବିପନ୍ନଙ୍କୁ ଭେଟି ସରକାରୀ ସହାୟତା, ବାତ୍ୟା ପରେ କି ଅସୁବିଧା ହେଉଛି, ଫସଲ କ୍ଷୟକ୍ଷତି ଓ ଥଇଥାନ ବ୍ୟବସ୍ଥା ଆଦି ସମ୍ପର୍କରେ ବୁଝିଥିଲେ। ଉକ୍ତ ଟିମ୍‌ରେ ଶକ୍ତି ମନ୍ତ୍ରଣାଳୟର ମୁଖ୍ୟଯନ୍ତ୍ରୀ ବିବେକ ଗୋଏଲ, କେରଳ କୋଚିସ୍ଥିତ ନାରିକେଳ ଉନ୍ନୟନ ବୋର୍ଡର ମୁଖ୍ୟ ଅଧିକାରୀ ଶରଦିନ୍ଦୁ ଦାସ, ଗୃହ ଓ ସହରାଞ୍ଚଳ ଉନ୍ନୟନ ମନ୍ତ୍ରଣାଳୟର ମୁଖ୍ୟଯନ୍ତ୍ରୀ ରାକେଶ କୁମାର ସାମି ଓ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଯୁଗ୍ମସଚିବ ସୁରଜ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଉକ୍ତ ଟିମ୍‌ର ପରିଦର୍ଶନ ସମୟରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, ସଦର ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ନିଆଳି ଅଞ୍ଚଳରେ କେନ୍ଦ୍ରୀୟ ଟିମ୍ ବିପନ୍ନଙ୍କଠାରୁ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝୁଛନ୍ତି।

## ଜଟଣୀରେ ଚାଉଳ ବସ୍ତା ପିଛା ୨୫ ଟଙ୍କା ଆଦାୟ ଅଭିଯୋଗ

**ଜଟଣୀ, ୧୪।୫ (ଡି.ଏନ୍.ଏ.):** ଫନୀ ପ୍ରଭାବିତ କ୍ଷତିଗ୍ରସ୍ତଙ୍କୁ ୫୦ କେଜି ଚାଉଳ ମାଗଣା ପ୍ରଦାନ ପାଇଁ ସରକାର ଘୋଷଣା କରିଥିଲେ। ହେଲେ ଜଟଣୀ ବ୍ଲକ୍ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ବସ୍ତା ପିଛା ୨୫ ଟଙ୍କା ଲେଖାଏ ଆଦାୟ କରାଯାଉଛି। ମ୍ୟୁନିସିପାଲିଟି ଅଞ୍ଚଳରେ କଣ୍ଟ୍ରୋଲ ଡିଲର୍ ଓ ଗ୍ରାମାଞ୍ଚଳରେ ଯୋଗାଣ ସହାୟକମାନେ ଏହି ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। ଯେଉଁମାନେ ଟଙ୍କା ଦେଉନାହାନ୍ତି, ସେମାନଙ୍କୁ ଚାଉଳ ଦିଆଯାଉ ନ ଥିବା ଅଭିଯୋଗରୁ ଜଣାପଡିଛି। ଜଟଣୀ ବ୍ଲକ୍ ଅନ୍ତର୍ଗତ ଅଙ୍ଗାରପଡା ଗ୍ରାମର ଶତାଧିକ ଗ୍ରାମବାସୀ ଏ ନେଇ ଜିଲାପାଳ, ବିଡିଓ ଓ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିମପ୍ସି। ଜଟଣୀ ବ୍ଲକ ଅନ୍ତର୍ଗତ ଅଙ୍ଗାରପଡା ଗ୍ରାମର ଶତାଧିକ ଗ୍ରାମବାସୀ ଏ ନେଇ ଜିଲାପାଳ, ବିଡିଓ ଓ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବିଡିଓ ବାସୁଦେବ ମାହାରି ପଞ୍ଚାୟତ ସହାୟକ ତନ୍ମୟ ରଞ୍ଜନ ମଙ୍ଗରାଜଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦେଇଛନ୍ତି। ତୁରନ୍ତ ପଞ୍ଚାୟତ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ପ୍ରତି ବସ୍ତାରେ ୪ରୁ ୫ କେଜି ଚାଉଳ ଓଜନରେ କମ୍ ରହୁଥିବା ଅଭିଯୋଗରେ ଦର୍ଶାଇଛନ୍ତି।






## ଅସରଳାରେ ଡକାୟତି: ନେଇଗଲେ ୬ଲକ୍ଷ ଟଙ୍କା, ୯ ଭରି ସୁନା

**ବୋଲଗଡ଼, ୧୪।୫(ଡି.ଏ.ଏନ.)**

### ରାତିରେ ପୋଲିସ ପାଟ୍ରୋଲିଂ ଦାବି

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡିସ୍ଥିତ ଅସରଳା ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରିରେ ଏକ ବଡ ଧରଣର ଡକାୟତି ହୋଇଯାଇଛି। ଦୁର୍ବୃତ୍ତମାନେ ଗ୍ରାମର ୫ଟି ଘରେ ପଶି ଡକାୟତି ଉଦ୍ୟମ କରିଥିଲେ। ତେବେ ଶ୍ରୀନିବାସ ସ୍ୱାଇଁ ଏବଂ ତାଙ୍କ ବଡଭାଇ ଭାଗୀରଥି ସ୍ୱାଇଁଙ୍କ ଘରୁ ନଗଦ ପ୍ରାୟ ୬ ଲକ୍ଷ ଟଙ୍କା, ୯ ଭରି ସୁନା ଅଳଙ୍କାର, ୧୭ ଭରି ରୁପା ଗହଣା ସହ ଘରେ ଥିବା ଅନ୍ୟ ଆସବାବ ପତ୍ର ଲୁଟି ନେଇଥିବା ଶ୍ରୀନିବାସ ଥାନାରେ ଅଭିଯୋଗ କରିଛନ୍ତି। ଶ୍ରୀନିବାସ କହିଛନ୍ତି ଯେ, ସେ ତାଙ୍କ ବଡଭାଇଙ୍କ ଝିଅ ବାହାଘର ପାଇଁ ନଗଦ ଟଙ୍କା ରଖିଥିଲେ। ସେମାନେ ଖାଇସାରି ଶୋଇପଡ଼ିଥିବାବେଳେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଘରେ ପଶିଥିଲେ। ଆମେ ଉଠିବା ବେଳକୁ ସେମାନେ ସବୁକିଛି ଲୁଟି ନେଇ ପଳାଇଥିଲେ। ସେହିଭଳି ଗ୍ରାମର ଲକ୍ଷ୍ମଣ ପ୍ରଧାନ, ବାବାଜୀ ପାଇକରାୟ, ପବନା ବଳିୟାରସିଂ ଓ ଭୁଜବଳ ସାମନ୍ତରାୟଙ୍କ ଘରେ ମଧ ଡକାୟତି ଉଦ୍ୟମ କରି ସଫଳ ହୋଇପାରି ନ ଥିଲେ। ସୁର ମିଶ୍ରଙ୍କ ଘରେ ପଶି ଆଲମାରି ଭାଙ୍ଗୁଥିବାବେଳେ ପରିବାର ଲୋକେ ଉଠିପଡିବାରୁ ସେମାନେ ଚମ୍ପଟ ମାରିଥିଲେ। ଶ୍ରୀନିବାସଙ୍କ ଅଭିଯୋଗ ପାଇ ବାଙ୍କୋଇ ଫାଣ୍ଡି ପୋଲିସ ଅସରଳାରେ ପହଞ୍ଚି ଘଟଣାର ସନ୍ଧାନ ଚଳାଇଥିଲେ ମଧ ଡକାୟତିରେ ସମ୍ପୃକ୍ତ କୌଣସି ଅଭିଯୁକ୍ତଙ୍କୁ ଧରି ପାରି ନାହାନ୍ତି। ଘଟଣାକୁ ନେଇ ଗ୍ରାମରେ ଆତଙ୍କ ଖେଳିଯାଇଛି। ସାଧାରଣ ଲୋକଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ରାତିରେ ପୋଲିସ ପାଟ୍ରୋଲିଂ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି।

### ମଙ୍ଗୁଳି ଜେନା ହତ୍ୟା ଘଟଣା

## ଟିଆଇ ପରେଡ ପରେ ରିମାଣ୍ଡ ଆବେଦନର ଶୁଣାଣି

**ଖୋର୍ଦ୍ଧା ଅଫିସ, ୧୪।୫**

ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଗିରଫ ୫ ଅଭିଯୁକ୍ତଙ୍କୁ ଟାଙ୍ଗୀ ଜେଏମ୍‌ଏଫସି କୋର୍ଟରେ ମଙ୍ଗଳବାର ହାଜର କରାଯାଇଥିଲା। ମେ ୧୬ରେ ଟିଆଇ ପାରେଡ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଜେଲରେ ଟିଆଇ ପରେଡ ପରେ ରିମାଣ୍ଡ ଆବେଦନର ଶୁଣାଣି ହେବ। ଗିରଫ ୫ ଅଭିଯୁକ୍ତଙ୍କୁ ୧୦ ଦିନ ପାଇଁ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ ହୋଇଥିଲା। ପ୍ରକାଶଥାଉକି ଖୋର୍ଦ୍ଧା ଆଦର୍ଶ ଥାନାର ଗାନ୍ଧି ପଡିଆରେ ଭାଜପା ନେତା ଜେନାଙ୍କୁ ଗୁଳିମାରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ହତ୍ୟାକାରୀଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିବାରେ ସକ୍ଷମ ହୋଇନାହିଁ। ତେବେ ୨୧୦୧୬ରେ ନିରାକାରପୁର ଥାନା ଅଞ୍ଚଳରେ ମଙ୍ଗୁଳିଙ୍କ ଉପରେ ହୋଇଥିବା ଗୁଳିମାଡ ଘଟଣାରେ ସମ୍ପୃକ୍ତ ଥିବା ୫ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି ହତ୍ୟାକାଣ୍ଡ ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେଇଛି।

### ଟାୱାର ମରାମତିବେଳେ ଚୋରି ହୋଇଥିବା କେବୁଲ ଜବତ

## ଜେଲ୍‌ଗଲେ ପଶ୍ଚିମବଙ୍ଗର ତିନି ମିସ୍ତ୍ରି

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**


ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଟେଲିକମ୍ ଟାୱାର ମରାମତି ବେଳେ ଚୋରି ହୋଇଥିବା କେବୁଲକୁ ପୋଲିସ ଜବତ କରିବା ସହ ସମ୍ପୃକ୍ତ ୩ଜଣ ମିସ୍ତ୍ରିଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଶାହା ଆଲମ(୨୪), ସହୀଦ ଅନୱର(୨୦) ଏବଂ ଜାକିର ହୁସେନ(୨୪)। ସୂଚନା ମୁତାବକ, ବାତ୍ୟାରେ ନଷ୍ଟ ହୋଇଥିବା ଟେଲିକମ୍ ଟାୱାର ମରାମତି କାର୍ଯ୍ୟ ଚାଲିଥିଲା। ଗତ ୧୧ ତାରିଖରେ ସେଠାରୁ କେବୁଲ ବଣ୍ଡଲ୍ ଚୋରି ହୋଇଥିବା ଜଣାପଡିଥିଲା। ଏ ନେଇ ମ୍ୟାନେଜର ଶୁଭେନ୍ଦୁ ସାଇ ସୋମବାର ଥାନରେ ଅଭିଯୋଗ କରିଥିଲେ। ପୋଲିସ ୧୮୬/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେଠାରେ କାର୍ଯ୍ୟ କରୁଥିବା କେତେଜଣଙ୍କୁ ଥାନାକୁ ଡକାଇ ପୋଲିସ ପଚରାଉଚରା କରିଥିଲା। ଉପରୋକ୍ତ ୩ଜଣ କେବୁଲ ଚୋରି କରିଥିବା ମାନିଥିଲେ। ଚୋରି କେବୁଲକୁ ସେମାନେ ରହୁଥିବା କଟକ ଗୋପାଳପୁରସ୍ଥିତ ଘରେ ରଖିଥିଲେ। ପୋଲିସ ସେଠାରେ ଚଢ଼ାଉ କରି ଉକ୍ତ ଚୋରି କେବୁଲ ଜବତ କରିବା ପରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପଦ୍ମଶ୍ରୀ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ,୧୪।୫:** ଡଗରପଡ଼ାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ପ୍ରାଙ୍ଗଣରେ ଓଡ଼ିଶାର ପ୍ରଥମ ଆଡଭୋକେଟ ଜେନେରାଲ ତଥା କଲ୍ୟାଣ ଆଶ୍ରମର ପ୍ରତିଷ୍ଠାତା ପଦ୍ମଶ୍ରୀ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ୧୩୪ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଆଶ୍ରମର ସଭାପତି ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏ.ଏସ୍.ନାଇଡୁ ଯୋଗଦେଇ ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାତ୍ୟା ଫନୀରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ଡ. ଲକ୍ଷ୍ମୀ ନାରାୟଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ରଘୁନାଥ ପ୍ରସାଦ ଦାସ, ପ୍ରଫେସର ପ୍ରତାପ କେଶରୀ ମହାନ୍ତି, ବଂଶୀମୋହନ ଶତପଥୀ, ମଞ୍ଜୁଲତା ଜେନା ଓ ଡ. ହେମନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ସ୍ମୃତିଚାରଣ କରିଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସାଲେପୁର,୧୪।୫(ଡି.ଏନ.ଏ.):** ସାଲେପୁର ନାନ୍ଦୋଲଗଡ଼ାଠାରେ ଥିବା ଫ୍ରିଡମ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପକ୍ଷରୁ ଦଶମ ଶ୍ରେଣୀ ସିବିଏସ୍‌ଇ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସେକ୍ ଜାହାଙ୍ଗିର ଅଲ୍ଲୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ଅଧକ୍ଷ ଓମ୍ ପୁହାଣ, ଶିକ୍ଷୟିତ୍ରୀ ସୁନିତା ମହାନ୍ତି, ମଞ୍ଜୁଳା ଦେବୀ, ପୁଷ୍ପିତା ଭୂୟାଁ, ତପନ ରାଉତ, ଅର୍ଚ୍ଚନା ସାମଲ, ଅକସର୍ ଖାନ୍ ଓ ସୌରଭ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ପରୀକ୍ଷାରେ ସଫଳତା ହାସଲ କରିଥିବା ଆର୍. ଅବିନାଶ ପ୍ରସାଦ, ଏମ୍.ଡି. ସାଦବ ଜାକି, ସୁମୁଲ୍ ଅଜିଜ୍, ସୌମ୍ୟ ତ୍ରିପାଠୀ, ପ୍ରୀତିକ୍ରିଷ୍ଣା ମହାନ୍ତି, ସଞ୍ଜିବନୀ ଭୂୟାଁ, ତ୍ରିମାଗ୍ନୀ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ଅଧକ୍ଷ ଅଲ୍ଲୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କୃତୀ ଛାତ୍ରୀଛାତ୍ର ସେମାନଙ୍କ ବକ୍ତବ୍ୟରେ ବିଦ୍ୟାଳୟର ଶିକ୍ଷାଦାନ, ଶୃଙ୍ଖଳା ଓ ପରିଚାଳନାର ପ୍ରଶଂସା କରିଥିଲେ।

### ଶନିଶ୍ଚର ମହାଦେବଙ୍କ ଯଜ୍ଞ ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି,୧୪।୫(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଶ୍ୱେତବଟଠାରେ ବୈଷ୍ଣବ ଗୋପାଳ ଚରଣ ଦାସଜୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଶନିଶ୍ଚର ମହାଗ୍ରହଙ୍କ ଅନନ୍ତ ବାସୁଦେବ ମହାଯଜ୍ଞ ଶନିବାରରୁ ଆରମ୍ଭ ହୋଇ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଅଙ୍କୁରାରୋପଣ କରାଯିବା ପରେ ଅଗ୍ନିସ୍ଥାପନ, ହୋମଯଜ୍ଞ, ଶନିଶ୍ଚର ମହାତ୍ମ୍ୟପାଠ ଓ ଗୀତାପାଠ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଥ ବାବା ନିର୍ମଳ ଚନ୍ଦ୍ର ମିଶ୍ର ଶର୍ମାଙ୍କ ନିର୍ଦ୍ଦେଶ ଓ ଶ୍ୱେତବଟ ମହନ୍ତ ବୈଷ୍ଣବ ନିତ୍ୟାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣ୍ଡିତ ସୁବୋଧ ଷଡ଼ଙ୍ଗୀ ଏବଂ ନିରଞ୍ଜନ କରଙ୍କ ଦ୍ୱାରା ଯଥାବିଧି କାର୍ଯ୍ୟ କରାଯାଇଥିଲା। ଶନିଶ୍ଚର ଯଜ୍ଞ ପରିଚାଳନା କମିଟିର ସମସ୍ତ ସଭ୍ୟ, ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ରନାଥ ସେଠୀ, ଗୋଲକ ଚନ୍ଦ୍ର ପରିଡ଼ା, ସୁବାସ ଚନ୍ଦ୍ର ବେହେରା, ନିରୋଦ ପଣ୍ଡା, ରଘୁନାଥ ଦାଶ, ରଞ୍ଜନ ଦାସ ଓ ପତିତପାବନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଙ୍ଗଳା ମନ୍ଦିରର ବାର୍ଷିକୋତ୍ସବ

**ଚୌଦ୍ୱାର,୧୪।୫(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ୧୦ନଂ. ୱାର୍ଡ ଲେବରଟେନାମେଣ୍ଟସ୍ଥିତ ସିଂହ ବାହିନୀ ମା' ମଙ୍ଗଳାଙ୍କ ପୀଠରେ ୨୫ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ମା'ଙ୍କ ମନ୍ଦିରରେ ସୂର୍ଯ୍ୟ ପୂଜା, ଗୋପୂଜନ, ଘଟ ସ୍ଥାପନ, ମା'ଙ୍କ ବିବିଧ ଉପଚାର ପୂଜା, ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନା ଓ ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶରତ ଚନ୍ଦ୍ର ଜେନା ଓ ସରିତା ଜେନା ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ପୂଜକ ରଘୁନାଥ ପାଣି ଯଜ୍ଞ ପରିଚାଳନା କରିଥିଲେ। ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, ସୁକାନ୍ତ ଶେଖର ବରାଳ, ଅଭିରାମ ବଳିଆରସିଂ, ବିଜୟ ମଲ୍ଲିକ, ନବ କିଶୋର ଦାସ, ପ୍ରମୋଦ ବେହେରା ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

■ ତାତିରୁ ମିଳୁନି ନିସ୍ତାର, ମାତିଲେ ଲୋକେ

# ବିଦ୍ୟୁତ୍ ପାଇଁ ତାରପୁରରେ ରାସ୍ତାରୋକୋ

**ରଘୁନାଥପୁର, ୧୪।୫ (ଡି.ଏନ.ଏ.)**

ଫନୀ ବାତ୍ୟା ପରେ ସୁଧୁରୁନି ବିଦ୍ୟୁତ୍ ସମସ୍ୟା। ଏପରିକି ଗ୍ରାମାଞ୍ଚଳରେ ବାତ୍ୟା ପବନରେ ଧରାଶାୟୀ ହୋଇପଡିଥିବା ଖୁଣ୍ଟ ଓ ତାର ସେହିପରି ଗାଁ ଗଣ୍ଡାରେ ଓହଳି ରହିଛି। ୧୧ କେଭି ଖୁଣ୍ଟ ଓ ତାର ମଧ ସମାନ ଅବସ୍ଥାରେ ପଡି ରହିଛି। ସେସୁ ଓ ଏନଜେନ୍ କମ୍ପାନୀ କର୍ମଚାରୀଙ୍କ ଦେଖା ମିଳୁନି। ଅନ୍ୟପକ୍ଷରେ ଅସହ୍ୟ ଗ୍ରୀଷ୍ମ ପ୍ରଭାବ ଓ ପ୍ରବଳ ତାତିରେ ଜନଜୀବନ ଆଉଟପାଉଟ ହୋଇଯାଉଛନ୍ତି। ସେସୁ ଓ ଏନ୍‌ଜେଏନ କମ୍ପାନୀ କାର୍ଯ୍ୟଦକ୍ଷତାକୁ ଦାୟୀ କରି ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ମଙ୍ଗଳବାର ସକାଳ ସାଢେ ୬ଟାରେ ତାରପୁର, ଚିକିଣିଆ ଓ ଗୁଆଳିପୁର ପଞ୍ଚାୟତର ଲୋକେ ରଘୁନାଥପୁର ବ୍ଲକ କଟକ-ପାରାଦୀପ ରାସ୍ତାର ତାରପୁର ବାଇପାସ୍‌ଠାରେ ରାସ୍ତାରୋକୋ କରି ପ୍ରତିବାଦ କରିଥିଲେ। ସେମାନଙ୍କ କହିବା କଥା ହେଲା ରଘୁନାଥପୁରଠରୁ ଖଣ୍ଡତରୀ ପର୍ଯ୍ୟନ୍ତ



ଆନ୍ଦୋଳନକାରୀମାନେ ସେସୁ ଓ ଏନ୍‌ଜେଏନ୍ ଏସ୍‌ଡିଓଙ୍କ ସହ ଆଲୋଚନା କରୁଛନ୍ତି।

**ଦୁଇ ଏସ୍‌ଡିଓ ଦେଲେ ଲିଖିତ ପ୍ରତିଶ୍ରୁତି**

୧୦ କିମି ଦୂର। ସେସୁ ୧୧ କେଭି ଦାୟିତ୍ୱରେ ଏବଂ ଏନ୍‌ଜେଏନ କମ୍ପାନୀ ଗ୍ରାମାଞ୍ଚଳର ଏଲଟି ଲାଇନ୍ ଦାୟିତ୍ୱରେ ରହିଛନ୍ତି। ଯେଉଁ ପରିମାଣରେ ଖୁଣ୍ଟ ଓ ତାର ବିକ୍ଷିପ୍ତ ଭାବେ ପଡି ରହିଛି ତା'ର ପୁନରୁଦ୍ଧାର କାର୍ଯ୍ୟ କରିବାକୁ ଏନଜେଏନ୍ କମ୍ପାନୀ ଖାମ ଖିଆଲ କରୁଛି। ଅବସ୍ଥା ସୁଧୁରିବା ପରିବର୍ତ୍ତେ ଜଟିଳ ଆଡକୁ ଗତି କରୁଛି। ହଜାରରୁ ଊର୍ଦ୍ଧ୍ୱ ଜନତା ରାସ୍ତାରୋକୋ କରିବା ପରେ ତିର୍ତ୍ତୋଲ ଏସ୍‌ଡିପିଓ ଡି.ଆର. ଜେନା ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ସେସୁ ଜୋନ ଭବାନୀ ପ୍ରସାଦ ମହାନ୍ତି ପହଞ୍ଚି ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଜନତାଙ୍କ ଦାବି ଅନୁଯାୟୀ ସେସୁ ଏସଡିଓ ବିଶ୍ୱରଞ୍ଜନ ଦେହୁରି ଓ ଏନ୍‌ଜେଏନ ଏସଡିଓ ସୁନୀଲ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ସେସୁ ଏସ୍‌ଡିଓ ଦେହୁରି ୪ ଦିନ ମଧ୍ୟରେ ତାରପୁର ବାଇପାସ୍‌ରେ ଲାଇନ୍ ଜଳିବା ଏବଂ ଏସଡିଓ ସାହୁ ବୁଧବାରଠାରୁ ପ୍ରତି ପଞ୍ଚାୟତରେ ୨ ଟି ଲେଖାଏ ଟିମ୍ କାମ କରିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋରୁ ହଟିଥିଲେ। ଯଦି ଏଥିରେ ବ୍ୟତିକ୍ରମ ଦେଖାଯାଏ ତାହା ହେଲେ ପୁନର୍ବାର ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ଏଥିପାଇଁ ଉଭୟ ଏସ୍‌ଡିଓ ଦାୟୀ ରହିବେ ବୋଲି ଅବରୋଧକାରୀମାନେ ଚେତାବନୀ ଦେଇଥିଲେ। ଅନ୍ତର୍ଯ୍ୟାମୀ ରାଉତ, ଚୌଧୁରୀ ଇନ୍ଦୁଭୂଷଣ ଲେଙ୍କା, ପ୍ରତାପ ଚନ୍ଦ୍ର ରାଉତ, ଅଶୋକ ନାୟକ, ଜଗନ୍ନାଥ ବାରିକ, ପ୍ରଫୁଲ୍ଲ ମହାପାତ୍ର, ଦେବେନ୍ଦ୍ର ବରାଳ, ନବନିର୍ମାଣ କୃଷକ ସଙ୍ଗଠନର ଦେବୀ ପ୍ରସାଦ ମହାରଣା, ପୁରସ୍ତମ ଦାସ, ଉମା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦକା ଅଞ୍ଚଳରେ ରିଲିଫ ପାଇଁ ଲମ୍ଫାଧାଡ଼ି

**ବାରଙ୍ଗ,୧୪।୫(ଡି.ଏନ୍.ଏ.)**

**ବାତ୍ୟାରେ ୪୪୧୦ ଲୋକ କ୍ଷତିଗ୍ରସ୍ତ**

ବାତ୍ୟା ଫନୀ ପ୍ରଭାବରେ ଭୁବନେଶ୍ୱର ବ୍ଲକର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷତି ହୋଇଛି। ଘରଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ ହୋଇଛି। ଏବେ ଏହି କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଦେବା ପାଇଁ ଆରମ୍ଭ ହୋଇଛି ଚୟନ ପ୍ରକ୍ରିୟା। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପ୍ରତ୍ୟେକ ଗ୍ରାମ ବୁଲି କ୍ଷୟକ୍ଷତିର ଆକଳନ କରିବା ସହ ହିତାଧିକାରୀଙ୍କୁ ଚୟନ କରୁଛନ୍ତି। ମେଣ୍ଢାଶାଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ କଣ୍ଟାବାଡ ଓ ମେଣ୍ଢାଶାଳ ଦୁଇଟି ପଞ୍ଚାୟତର ୯ଟି ଗ୍ରାମ ରହିଛି। ଏହି ୯ଟି ଗ୍ରାମରେ ୧୪୨୪ଜଣଙ୍କର ବାତ୍ୟାରେ କ୍ଷତି ଘଟିଛି। ସେଥିମଧ୍ୟରେ ୧୦୭୦ ଚାଳଘର, ୯୨ଟିଗୁହାଳ, ୪୨ଟି ଆଜବେଷ୍ଟସ ଘର ଓ ୨୨୦ଟି ଝାଟିମାଟି ଘର ରହିଥିବାର ପ୍ରାଥମିକ ଆକଳନରେ ଜଣାପଡିଛି ବୋଲି ମେଣ୍ଢାଶାଳ ଆର୍‌ଆଇ ପ୍ରକାଶ ସେଠ କହିଛନ୍ତି। ସେହିଭଳି ଚନ୍ଦକା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଚନ୍ଦକା, ଅନ୍ଧାରୁଆ ଓ ଦାରୁଠେଙ୍ଗ ତିନୋଟି ପଞ୍ଚାୟତର ୧୭ଟି ଗ୍ରାମ ରହିଛି। ଏହି ଗ୍ରାମଗୁଡ଼ିକ ମଧ୍ୟରୁ ୨୯୮୬ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି। ସେଥିରୁ ୧୪୮୬ ଚାଳଘର, ୩୧୨ ଆଜବେଷ୍ଟସ, ୨୭୬ଟି ଗୁହାଳ ଓ ୯୧୨ଟି ଝାଟିମାଟି ଘର ଥିବାର ପ୍ରାଥମିକ ଆକଳନରେ ଜଣାପଡିଛି। ତେବେ ଶେଷ ପର୍ଯ୍ୟାୟ ଆକଳନ ବାକି ରହିଛି ବୋଲି ଚନ୍ଦକା ରାଜସ୍ୱ ନିରୀକ୍ଷକ ଦୁଃଖୀଶ୍ୟାମ ସ୍ୱାଇଁ କହିଛନ୍ତି। ଏହି ପର୍ଯ୍ୟାୟ ସୁଦ୍ଧା ମୋଟ ୪୪୧୦ଜଣ ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। କ୍ଷତିଗ୍ରସ୍ତ ତାଲିକାରେ ନିଜ ନାମ ସଂଯୋଗ ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଲୋକଙ୍କ ଭିଡ ରହୁଥିବାର ଦେଖାଯାଇଛି। ବାତ୍ୟାପରେ ଲୋକମାନଙ୍କୁ ସରକାରୀ ସହାୟତା ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଚନ୍ଦକାରେ ୧୮୬୪ଜଣ ହିତାଧିକାରୀଙ୍କୁ ଗୋଟିଏ ଜାଗାରେ ୫୦କେଜି ଚାଉଳ, ପଲିଥିନ, ୨ହଜାରେ ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦାନ କରାଯାଉଥିବାର ମଙ୍ଗଳବାର ଦେଖିବାକୁ ମିଳିଛି। ଏହି ଜାଗାରେ ପ୍ରବଳ ଗହଳି ଲାଗିରହିଥିବାବେଳେ ଗୁଳୁଗୁଳି ସହ ଲମ୍ଫାଧାଡିର ଭିଡ ଯୋଗୁ ହିତାଧିକାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନେଶ୍ୱର ବ୍ଲକ ତରଫରୁ ମନୋଜ କୁମାର ସାହୁ ଉପସ୍ଥିତ ରହି ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

## ପ୍ରାକ୍ ମକଦ୍ଦମା ବିଚାର କକ୍ଷ ଉଦ୍‌ଘାଟିତ

**ଆଠଗଡ଼,୧୪।୫(ସ୍ୱ.ପ୍ର.)**

ଆଠଗଡ଼ ତାଲୁକ୍ ଆଇନ ସେବା କମିଟି ଆନୁକୂଲ୍ୟରେ ଆଠଗଡ଼ ବିଚାର ବିଭାଗୀୟ ଅଦାଲତ ପରିସରରେ ମଙ୍ଗଳବାର ପ୍ରାକ୍ ମୋକଦ୍ଦମା ବିଚାର କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ସଞ୍ଜୁ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧିକରଣ ସମ୍ପାଦକ ଦେବାଶିଷ ନାୟକ, ସହସମ୍ପାଦକ ଦୀପକ ରଞ୍ଜନ ସାହୁ, କଟକ ଦେୱାନି କୋର୍ଟର ଅନୁବନ୍ଧକ ବିଭୂପ୍ରସାଦ ପଣ୍ଡା, ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ, ବରିଷ୍ଠ ଦେୱାନି ବିଚାର ବିଭାଗୀୟ ଅଧିକାରୀ ଶରତ ଜେନା, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସାଶ୍ୱତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କକ୍ଷରେ ମୋକଦ୍ଦମା ପଞ୍ଜୀକୃତ ହେବା ପୂର୍ବରୁ ଉପସ୍ଥାପନା କରାଯାଇ ଆପୋଷ ସମାଧାନ ହେବା ପାଇଁ ଆଇନଗତ ସହାୟତା ଯୋଗାଇ ଦିଆଯିବ। ଆଇନ ସହାୟତା ପାଇଁ ଆସୁଥିବା ବହୁ ଗରିବ ଜନସାଧାରଣ ଏହି ସୁବିଧା ପାଇପାରିବେ। ସାଧାରଣତଃ ବୈବାହିକ ଓ ଜମିଜମା ଜନିତ ମୋକଦ୍ଦମାଗୁଡ଼ିକ ଏହି ସ୍ଥାନରେ ଅତି ସହଜରେ ବିଚାର କରାଯାଇପାରିବ। ଉଦ୍‌ଘାଟନୀ ଉତ୍ସବରେ ଆଠଗଡ଼ ଓକିଲ ସଂଘ ସଭାପତି ପ୍ରସନ୍ନ ରାଉତ, ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ବିଷ୍ଣୁପ୍ରସାଦ ପଣ୍ଡା, ଶରତ ଦାଶ, ସମ୍ପାଦକ ମନୋରଞ୍ଜନ ମହାନ୍ତି, ଦିପାଳୀ ଦାଶ ଓ ପ୍ରଜ୍ଞାପରମିତା ଦାଶଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଠଗଡ଼ ତାଲୁକ ଆଇନ ସେବା କମିଟିର ସହାୟିକା ରାଜଶ୍ରୀ ମହଲା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ରାମଲୀଳା ଉତ୍ସବ ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି,୧୪।୫(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଓଥକା ଗ୍ରାମରେ ଚାଲିଥିବା ରାମଲୀଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ଏପ୍ରିଲ ୨୯ରୁ ଏହି ଉତ୍ସବ ଆରମ୍ଭ ହୋଇଥିଲା। ୪ ଦିନ ପ୍ରଭୁଙ୍କ ଅଲୌକିକ ଲୀଳା ପ୍ରଚାର ପରେ ହଠାତ୍ ବାତ୍ୟା ଆସିଥିଲା। ଫଳରେ ରାମଲୀଳାକୁ ୨ ତାରିଖଠାରୁ ବନ୍ଦ କରି ଦିଆଯାଇଥିଲା। ଏପରି କି ଫନୀ ବାତ୍ୟା ସମଗ୍ର ମଞ୍ଚ ଓ ମହୋତ୍ସବକୁ ଭସାଇ ଦେଇଥିଲା। ବାତ୍ୟା କମିବା ପରେ ଗ୍ରାମର ଯୁବକମାନେ ମହାପ୍ରଭୁ ରାମଚନ୍ଦ୍ରଙ୍କ ମହିମା ଓ ଗାଁର ପରମ୍ପରା ରକ୍ଷା ପାଇଁ ପୁଣି ୬ତାରିଖରୁ ପୁଣି ଉତ୍ସବ ଆରମ୍ଭ କରିଥିଲେ। ରବିବାର ତାହା ଶେଷ ହୋଇଛି। ସୋମବାର ସମଗ୍ର ଓଥକା ଗ୍ରାମରେ ବେଶଧାରୀମାନେ ପରିକ୍ରମା କରି ରାମଲୀଳାର ମହିମା ପ୍ରଚାର କରିଥିଲେ। ପରମ୍ପରା ରକ୍ଷା ପାଇଁ ବାତ୍ୟା ସତ୍ତ୍ୱେ ପ୍ରଭୁଙ୍କ ରାମଲୀଳା ଯାତ୍ରା ପରିଚାଳିତ ହୋଇଥିବାରୁ ଗାଁ ମୁରବୀମାନେ ଯୁବକମାନଙ୍କୁ ସାଧୁବାଦ ଜଣାଇଛନ୍ତି।



ନିଶ୍ଚିନ୍ତକୋଇଲି ବ୍ଲକର ଓଥକା ଗ୍ରାମରେ ଚାଲିଥିବା ରାମଲୀଳା ଉତ୍ସବ ଉଦ୍‌ଯାପନ ପରେ ବେଶଧାରୀ ଗ୍ରାମ ପରିକ୍ରମା କରୁଛନ୍ତି।

ଚନ୍ଦନ ଯାତ୍ରା ହୋଇ ପାରିଲାନି

## ହରଚଣ୍ଡୀ ମନ୍ଦିରରେ ତାଲା



ମନ୍ଦିର ଫାଟକରେ ତାଲା ପଡ଼ିଛି।

**ନିଶ୍ଚିନ୍ତକୋଇଲି,୧୪।୫(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଛପରିକଣା ତରତ ହରଚଣ୍ଡୀ ମନ୍ଦିରରେ ସୋମବାର ଅପରାହ୍ନରୁ ନୀତି ବନ୍ଦ ହୋଇଛି। ଫଳରେ ମା'ଅପୂଜା ରହିଛନ୍ତି। ଦେବୋତ୍ତର ବିଭାଗ ଅଧୀନରେ ଥିବା ମା'ଙ୍କ ମନ୍ଦିରରେ ଅକ୍ଷୟ ତୃତୀୟା ଦିନଠାରୁ ଚନ୍ଦନ ଯାତ୍ରା ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା ବେଳେ ଚାପ ଖେଳ ପାଇଁ ଥିବା ଡ଼ଙ୍ଗା ଭାଙ୍ଗିଯିବା ଓ ଚନ୍ଦନ ପୋଖରୀରେ ଦଳ ଭର୍ତ୍ତି ହୋଇଥିବାରୁ ଚନ୍ଦନ ଯାତ୍ରା ବନ୍ଦ ରହିଛି। ତେଣୁ ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟର ଅପାରଗତାକୁ ଦାୟୀ କରି ନାଜିବନ୍ତ ସେବାୟତ ମନ୍ଦିରରେ ତାଲା ପକାଇବା ସହ ମା'ଙ୍କ ନିତିକ୍ରାନ୍ତି ବନ୍ଦ କରିଛନ୍ତି। ତାଲାପଡ଼ିବା ପରେ ସେବାୟତଙ୍କ ମଧ୍ୟରେ ୨ ଗୋଷ୍ଠୀ ହୋଇଛି। ଗୋଟିଏ ଗୋଷ୍ଠୀ ତାଲା ପକାକୁ ବିରୋଧ କରୁଥିବାବେଳେ ଅନ୍ୟ ଗୋଷ୍ଠୀ ନିଜ ଜିଦରେ ଅଟଳ ରହିଛନ୍ତି। ମଙ୍ଗଳବାର ଉଭୟ ଗୋଷ୍ଠୀକୁ ନେଇ ଆପୋସ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲା। କିନ୍ତୁ ସେମାନେ ନିଜ ନିଜ ଜିଦରେ ଅଟଳ ରହିବାରୁ ତାଲା ଖୋଲା ଯାଇ ନ ପାରି ନ ଥିଲା। ଏ ନେଇ ଦେବତ୍ତୋର ବିଭାଗର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

### ସାଲେପୁରରେ ସତ୍‌ସଙ୍ଗ ଉତ୍ସବ

**ସାଲେପୁର,୧୪।୫(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ଚନ୍ଦ୍ରାଦେଇପୁର ଗ୍ରାମର ଅମ୍ବିକା ପ୍ରସାଦ ଦାଶଙ୍କ ବିୟୋଗରେ ତାଙ୍କ ପରିବାର ପକ୍ଷରୁ ସତ୍ୟଲକ୍ଷ୍ମୀମଣ୍ଡପରେ ଏକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଦିବ୍ୟ ଜୀବନ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ସ୍ୱାମୀ ବ୍ୟୋମକେଶ ନନ୍ଦଜୀ ଯୋଗଦେଇ ଉତ୍ସବକୁ ପରିଚାଳନା କରିଥିଲେ। ସଦ୍‌ଗୁରୁ ଶିବାନନ୍ଦ ମହାରାଜ ଓ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ପାଦପୂଜା ଏବଂ ସମୂହ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ପଣ୍ଡା, ଜ୍ଞାନନ୍ଦା ପ୍ରସାଦ ଦାଶ, ଶରତ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ରହି ଗୁରୁଦେବଙ୍କ ଉପଦେଶ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଅଞ୍ଚଳର ବହୁ ଗୁରୁଭାଇଭଉଣୀ ଯୋଗଦେଇ ଅମ୍ବିକାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ବ୍ୟାରେଜ ନିକଟରୁ ମିଳିଲା ନିଖୋଜ ଛାତ୍ରଙ୍କ ଗାଡ଼ି

**କଟକ ଅଫିସ,୧୪।୫**

ବରଯାତ୍ରୀ ଯିବେ ବୋଲି କହି ସୋମବାର ଘରୁ ବାହାରିଥିବା ଦୁଇ ନିଖୋଜ ଛାତ୍ରଙ୍କ ସ୍କୁଟିକୁ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ନରାଜ ଫାଣ୍ଡି ନିକଟସ୍ଥ ଯୋବ୍ରା ବ୍ୟାରେଜ ନିକଟରୁ ଉଦ୍ଧାର କରିଛି। ଗାଡ଼ି ଡିକିରେ ଥିବା ସେମାନଙ୍କ ପ୍ୟାଣ୍ଟ, ଶାର୍ଟ ଓ ଏକ ମୋବାଇଲ ଫୋନ ମଧ ପୋଲିସ ହାତରେ ପଡ଼ିଛି। ହେଲେ ଛାତ୍ର ଦ୍ୱୟଙ୍କ ଖବର ଏ ପର୍ଯ୍ୟନ୍ତ ମିଳି ପାରିନାହିଁ। ମାଲଗୋଦାମ ଥାନାରେ ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି ବୋଲି ଆଇଆଇସି ରବି ନାରାୟଣ ଭଞ୍ଜ କହିଛନ୍ତି। ଛାତ୍ର ଦ୍ୱୟ ହେଲେ ପ୍ରତୀକ ପରିଡ଼ା ଓ କୌସ୍ତୁଭ ତ୍ରିପାଠୀ। ପ୍ରତୀକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ହୋଇଥିବାବେଳେ କୌସ୍ତୁଭ ଜାତୀୟ କବି ବୀର କିଶୋର(ଜେକେବିକେ) ସରକାରୀ ମହାବିଦ୍ୟାଳୟରେ ପଢ଼ନ୍ତି। ଉଭୟ ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ର। କଲେଜଛକ ଅଞ୍ଚଳରେ ଏକ ଘରୋଇ ହଷ୍ଟେଲରେ ଉଭୟ ରୁହନ୍ତି। ସୋମବାର ପୂର୍ବାହ୍ନରେ ସେମାନେ ଯାଜପୁରକୁ ଏକ ବରଯାତ୍ରୀରେ ଯିବେ ବୋଲି ପରିବାର ଲୋକଙ୍କୁ କହିଥିଲେ। ସୋମବାର ସନ୍ଧ୍ୟାରେ ଫୋନ କଲ ରିସିଭ ନ କରିବା ଯୋଗୁ ପରିବାର ଲୋକଙ୍କ ଚିନ୍ତା ବଢ଼ିଥିଲା। ପରେ ମଙ୍ଗଳବାର ସକାଳେ ମଧ ପରିବାର ଲୋକ ବିଭିନ୍ନ ଜାଗା ଓ ସାଙ୍ଗମାନଙ୍କ ସହ ଯୋଗାଯୋଗ କରିଥିଲେ ମଧ ସେମାନଙ୍କ ସମ୍ପର୍କରେ କୌଣସି ଖବର ମିଳି ପାରି ନ ଥିଲା। ପରେ ମଙ୍ଗଳବାର ଅପରାହ୍ନରେ ମାଲଗୋଦାମ ଥାନାରେ ପରିବାର ଲୋକ ଅଭିଯୋଗ କରିଥିଲେ।

## ବାତ୍ୟାବିପନ୍ନ ଗ୍ରାମ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ମାହାଙ୍ଗା,୧୪।୫(ସ୍ୱ.ପ୍ର.)**

ବାତ୍ୟା ଫନୀ ଦ୍ୱାରା କ୍ଷୟକ୍ଷତି ହୋଇଥିବା ମାହାଙ୍ଗା ବ୍ଲକ୍ ଅଧୀନ ନାହାଙ୍ଗ ଗ୍ରାମର ବିଭିନ୍ନ ସାହି ବସ୍ତିକୁ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ବିଜେଡି ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି ମଙ୍ଗଳବାର ପରିଦର୍ଶନ କରିଥିଲେ। ଗ୍ରାମର ଭୋଇ ସାହି, ଡଗରେଇ, ମଲିକ ସାହି, ପଟଣା, ବ୍ରାହ୍ମଣ ସାହି, ରାଉତ ସାହି ଓ ମହାନ୍ତି ସାହି ପ୍ରମୁଖକୁ ଯାଇ ବିପନ୍ନଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ସେମାନଙ୍କୁ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ସହ ରାସ୍ତାଘାଟକୁ ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ବ୍ଲକ୍ ଅଧକ୍ଷ ଶରତ ନାୟକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ସରପଞ୍ଚ ଚିତ୍ତରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦେବରଞ୍ଜନ ମହାନ୍ତି, ବ୍ଲକ ଯୁବବିଜେଡି ସଭାପତି ଶରତ ମହାପାତ୍ର, ଭାଗବତ ସେଠୀ, ପ୍ରଦ୍ୟୁମ୍ନ ଘଡେଇ, ଉଦୟ ପୃଷ୍ଟି, ନଗେନ ସ୍ୱାଇଁ ଓ ସରୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ୨୮ରୁ ନୂଆପାଟଣା ଚନ୍ଦନ ଯାତ୍ରା

**ଟିଗିରିଆ,୧୪।୫(ଡି.ଏନ.ଏ.)**

ଟିଗିରିଆ ବ୍ଲକ ଅଧୀନ ହସ୍ତତନ୍ତ ଗ୍ରାମ ନୂଆପାଟଣାର ଆରାଧ୍ୟଦେବତା ମଦନମୋହନଙ୍କ ପ୍ରସିଦ୍ଧ ଚନ୍ଦନ ଯାତ୍ରା ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଗ୍ରାମ ପରିଚାଳନା କମିଟି ସଭାପତି ପ୍ରକାଶ ଦାସ ସଭାପତିତ୍ୱ କରିଥିଲେ। ଆସନ୍ତା ୨୬ରୁ ୨୮ ତିନି ଧରି ଏହି ଯାତ୍ରା ଅନୁଷ୍ଠିତ ହେବ। ଯାତ୍ରାର ପ୍ରତ୍ୟେହ ଅପରାହ୍ନରେ ସାହିଗଳିକୁ ପରିକ୍ରମା କରୁଥିବା ବହୁରୂପୀ ଏବଂ ମଦନମୋହନଙ୍କ ଚଳନ୍ତି ପ୍ରତିମାଙ୍କ ପଟୁଆଳ ଶୋଭାଯାତ୍ରା ସମୟରେ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଚଳିତ ବର୍ଷ ପ୍ରଥମ ଦିନରେ ୩ ସ୍ଥାନରେ ଏବଂ ୨ୟ ଦିନ ବଡ଼ଯାତ୍ରାରେ ୪ ସ୍ଥାନରେ ଯୁବଗୋଷ୍ଠୀଙ୍କ ପକ୍ଷରୁ ସାମାଜିକ ନାଟକ ପରିବେଷଣ ହେବ। ଏହାଛଡ଼ା ଗ୍ରାମର ୧୮ ସାହିର ମଣ୍ଡପରେ ମୃଣ୍ମୟ ପ୍ରତିମା ନିର୍ମାଣ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କିଭଳି ଶୃଙ୍ଖଳାର ସହିତ ହେବ ସେନେଇ ଆଲୋଚନା ହୋଇଥିଲା। ନିଶା ଦ୍ରବ୍ୟ ସେବନ ଓ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଡିଜେ ସାଉଣ୍ଡ ବଜାଇବା ଉପରେ କଟକଣା ଲଗାଯାଇଛି। ଗ୍ରାମର ସମସ୍ତ ସାହି କମିଟି କର୍ମକର୍ତ୍ତା, ଗ୍ରାମ୍ୟ ପରିଚାଳନା କମିଟି ସମ୍ପାଦକ ବିଦ୍ୟାଧର ଗୁଇଁ, ପ୍ରଫୁଲ୍ଲ ଦତ୍ତ, ସୋମନାଥ ଦାସ, ପ୍ରଦୀପ ବର୍ଦ୍ଧନ, ମହେନ୍ଦ୍ର କୁଣ୍ଡୁ ପ୍ରମୁଖଙ୍କ ସମେତ ଗ୍ରାମର ୬୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ବୈଠକରେ ସାମିଲ ହୋଇ ଯାତ୍ରାକୁ ଶୃଙ୍ଖଳିତ ଓ ସରସ ସୁନ୍ଦର କରିବାକୁ ମତ ରଖିଥିଲେ।

■ ଯୁବକଙ୍କ ମୃତଦେହ କୂଅରୁ ଉଦ୍ଧାର ଘଟଣା

# ରେଗେଡ଼ାପଡ଼ା ପୁରୁଷ ଶୂନ୍ୟ

**ଆଠଗଡ଼,୧୪।୫(ସ୍ୱ.ପ୍ର.)**

■ବାରମ୍ବାର ପୋଲିସ ଆସୁଥିବାରୁ ଭୟରେ ରହୁନାହାନ୍ତି ଲୋକେ

■ହତ୍ୟା ଅଭିଯୋଗ ପରେ ଅଭିଯୁକ୍ତ ଫେରାର

ଆଠଗଡ଼ ଥାନା ଖୁଣ୍ଟକଟା ପଞ୍ଚାୟତ ଅଧୀନ ରେଗେଡ଼ାପଡ଼ା ଗ୍ରାମରୁ ଗତ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଏକ କୂଅରୁ ଉଦ୍ଧାର କରାଯାଇଥିଲା। ଏହାପରେ ମୃତକଙ୍କ ପରିବାର ଲୋକେ ତାଙ୍କ ପୁଅକୁ ହତ୍ୟା କରାଯାଇ କୂଅରେ ଫିଙ୍ଗା ଯାଇଥିବା ଅଭିଯୋଗ କରିଥିଲେ। ଏଥିସହିତ ଏ ନେଇ ରେଗେଡାପଡ଼ା ଗ୍ରାମର କଙ୍କଡି ସ୍ୱାଇଁ, ଗଙ୍ଗାଧର ସ୍ୱାଇଁ ଓ ଅନ୍ୟମାନଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏପରି କି ବିଭିନ୍ନ ସମୟରେ ସେହି ଗ୍ରାମର ଚଢ଼ାଉ କରୁଛି। ହେଲେ ହତ୍ୟାକାରୀ ଫେରାର ହୋଇ ଯାଇଥିବାରୁ ସେମାନଙ୍କ ପତ୍ତା ପାଉନାହିଁ। ଅନ୍ୟପକ୍ଷରେ ବାରମ୍ବାର ପୋଲିସ ଆସି ବିଭିନ୍ନ ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରୁଥିବାରୁ ଏବେ ଗାଁ ସମ୍ପୂର୍ଣ୍ଣ ପୁରୁଷ ଶୂନ୍ୟ ହୋଇପଡ଼ିଛି।

ସୂଚନାଯୋଗ୍ୟ, ଗତ ବୁଧବାର ଖୁଣ୍ଟକଟା ଗ୍ରାମର ମେଘନାଦ ନାୟକଙ୍କ ପୁଅ ମନୋଜ(ମିଲୁ) ରେଗେଡ଼ିପଡ଼ାକୁ ଯାତ୍ରା ଦେଖିବାକୁ ଯାଇଥିବାବେଳେ ସେଠାରେ ତାଙ୍କର ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହିତ ବଚସା ହୋଇଥିଲା। ଗୁରୁବାର ରାତିରେ ମିଲୁ ପୁଣି ସେଠାକୁ ଯିବାରୁ ସେମାନେ ପୂର୍ବ ଶତ୍ରୁତା ରଖି ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ସେମାନେ ନିକଟସ୍ଥ ଏକ କୂଅରେ ମୃତଦେହକୁ ଫିଙ୍ଗି ଫେରାର ହୋଇ ଯାଇଥିଲେ। ରବିବାର ରାତିରେ କଟକ ଗ୍ରାମାଞ୍ଚଳ ଏସ.ପି. ରାଧାବିନୋଦ ପାଣିଗ୍ରାହୀ, ଆଠଗଡ ଏସଡିପିଓ ଆଲୋକ ରଞ୍ଜନ ରାୟ, ଆଇଆଇସି ପଦାରବିନ୍ଦ ତ୍ରିପାଠୀ ସଦଳବଳେ ରେଗେଡାପଡା ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ମଧ କାହାରିକୁ ପାଇ ନ ଥିଲେ।

### ବିଜୁ ଯୁବବାହିନୀ ପକ୍ଷରୁ ବିପନ୍ନଙ୍କୁ ସହାୟତା

**କଟକ ଅଫିସ,୧୪।୫**

ବିଜୁ ଯୁବବାହିନୀ ୱାର୍ଡ ନଂ. ୨୪ ତରଫରୁ ବାତ୍ୟା ଫନୀରେ କ୍ଷୟକ୍ଷତି ଲୋକଙ୍କ ପାଇଁ ସଂଗ୍ରହ ହୋଇଥିବା ୩୦,୧୦୦ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ମଙ୍ଗଳବାର ଜିଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ଯୁବ ବାହିନୀ ସଭାପତି ପ୍ରସନ୍‌ଜିତ ସ୍ୱାଇଁ, ସମ୍ପାଦକ ରାହୁଲ ସେନାପତି, କୋଷାଧ୍ୟକ୍ଷ ମନୋରଞ୍ଜନ ଦାସ, ନିଶାକର ମୁଳିଆ, ବିକ୍ରମ ଛାଟୋଇ, ସୌମ୍ୟରଞ୍ଜନ ପ୍ରଧାନ, ପ୍ରସାଦ ଜେନା, ଉଦିତ ନାରାୟଣ ମୁଳିଆ, ସୁମନ୍ତ ମୁଳିଆ, ବିଟୁ ସାହା, ରଞ୍ଜନ ସାହୁ, ଅମରେନ୍ଦ୍ର ଦାସ, ସନାତନ ସ୍ୱାଇଁ, ପ୍ରଭୁଦତ୍ତ ବେହେରା ଓ ପୂର୍ବତନ ସ୍ୱାସ୍ଥ୍ୟ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ଜିଲାପାଳ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଏଭଳି କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲେ।



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।

-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ରିଲିଫ୍ ଚାଉଳ ବଣ୍ଟନ ଅଖା ପାଇଁ ୨୦ ଟଙ୍କା ଦେବାକୁ ନେଇ ଅସନ୍ତୋଷ

ଟାଙ୍ଗୀ(ଖୋର୍ଦ୍ଧା), ୧୪।୫(ଡି.ଏନ.ଏ.)- ପ୍ରତି ରାଶନ କାର୍ଡଧାରୀ ଫନୀ ବିପନ୍ନଙ୍କୁ ୫୦ କେଜି ଚାଉଳ ବଣ୍ଟନ କରାଯାଇଛି। ତେବେ ଚାଉଳ ରଖିବା ଅଖା ପାଇଁ ଟଙ୍କା ଦେବାକୁ ନେଇ କେତେକ ସ୍ଥାନରେ ବିବାଦୀୟ ଓ ଅସନ୍ତୋଷଜନକ ପରିସ୍ଥିତି ସୃଷ୍ଟି ହୋଇଛି। କାରଣ ସମ୍ପୃକ୍ତ ଡିଲର ଓ ପଞ୍ଚାୟତ ଅଫିସ ତରଫରୁ ଅଖା ବାବଦକୁ ବିପନ୍ନଙ୍କଠାରୁ ୨୦ ଟଙ୍କା ମଗାଯାଉଛି। ଟଙ୍କା ନ ଦେଲେ ହିତାଧିକାରୀ ନିଜେ ଅଖା ଆଣିବାକୁ କୁହାଯାଉଛି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ କେବଳ ଚାଉଳ ଦେବାକୁ ନିୟମ ରହିଛି, ଅଖା ପାଇଁ ନୁହେଁ ବୋଲି କେତେଜଣ କର୍ମଚାରୀଙ୍କଠାରୁ ଶୁଣିବାକୁ ମିଳୁଛି। ଡିଲର ଏବଂ ରିଲିଫ୍ ପ୍ରଦାନକାରୀଙ୍କ ଏଭଳି ବ୍ୟବହାରକୁ ନେଇ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ତେଣୁ ପ୍ରଶାସନ ପକ୍ଷରୁ ଏଥିପାଇଁ ସ୍ପଷ୍ଟୀକରଣ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

### ସାପ କାମୁଡାରେ ମହିଳା ଗୁରୁତର

ନିରାକାରପୁର, ୧୪।୫(ଡି.ଏନ.ଏ.) ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ ପାଣ୍ଡବପାଟଣା ଗ୍ରାମର ଜଣେ ମହିଳା ମଙ୍ଗଳବାର ଏକ ବିଷାକ୍ତ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ବିଜୟିନୀ ବରାଳ(୪୦)। ବିଜୟିନୀ ସକାଳେ କୌଣସି କାମରେ ନିଜ ବାଡ଼ିପଟକୁ ଯାଇଥିବାବେଳେ ସାପଟି ତାଙ୍କୁ କାମୁଡ଼ି ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ପରିବାର ଲୋକଙ୍କ ସହାୟତାରେ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା।

### ଖିରିସାହିରେ ମାଗଣା ଚିକିତ୍ସା ଶିବିର





କୃଷ୍ଣପ୍ରସାଦ,୧୪।୫(ଡି.ଏନ.ଏ.)- ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ ଖିରିସାହି ଗ୍ରାମରେ ମଙ୍ଗଳବାର ମାଗଣା ଚିକିତ୍ସା ଶିବିର ଅୟୋଜିତ ହୋଇଯାଇଛି। ଚିଲିକା, ବ୍ରହ୍ମପୁର ପଞ୍ଚାୟତର ଇକୋସ ଆଇ ହସ୍ପିଟାଲ ତରଫରୁ ଏହି ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ରହ୍ମପୁର ସରପଞ୍ଚ କ୍ଷଣପ୍ରଭା କରଣ ଉଦ୍‌ଘାଟନ କରିଥିବାବେଳେ ଇକୋସ ଆଇ ହସପିଟାଲ ପ୍ରଶାସନିକ ଅଧିକାରୀ ଡା.ସଞ୍ଜୀବ ମୁନି ଶିବିର ପରିଚାଳନା କରିଥିଲେ। ଏଠାରେ ବିଭିନ୍ନ ରୋଗ ପରୀକ୍ଷଣ, ନିରାକରଣ, ସଚେତନତା ଓ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଡାକ୍ତର ହର୍ଷିତ ନାୟକ, ଡା.ଶଶିପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୭୫ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ରସିକ ରାଜ ଦିଗଲ, କାଳିଆ ଚରଣ ସାହୁ, ନିଶିକାନ୍ତ କରଣ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

■ ସର୍ଭେକୁ ଅପେକ୍ଷା କରିଛନ୍ତି ବିପନ୍ନ

# ଭଙ୍ଗା ଘରେ ପଡୁନି ପଲିଥିନ୍

**ଖୋର୍ଦ୍ଧା ଅଫିସ,୧୪।୫**

ଫନୀ ମାଡରେ ଖୋର୍ଦ୍ଧା ଜିଲା ଛାରଖାର ହୋଇଯାଇଛି। ମାଟିରେ ମିଶିଯାଇଛି ଓ ଅଧା ଭଙ୍ଗା ଅବସ୍ଥାରେ ରହିଛି ଅନେକ ଘର। ନୂଆ ଘର ଅଥବା ସରକାରୀ ସହାୟତାକୁ ଆଖି ଆଗରେ ରଖି ବିପନ୍ନମାନେ ସର୍ଭେକୁ ଅପେକ୍ଷା କରିଛନ୍ତି। ସର୍ଭେ ହେବା ପରେ ଚାଳରେ ପକାଇବେ ପଲିଥିନ। ପଲିଥିନକୁ ଘରେ ରଖି ବିପନ୍ନ ଅଗ୍ନିବର୍ଷାରେ କଳବଳ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ପଲିଥିନ୍ ବାବଦକୁ ନେଇଥିବା ୫୦୦ ଟଙ୍କା ଖର୍ଚ୍ଚ ବି ସରିଲାଣି ବୋଲି କେତେଜଣ ବିପନ୍ନ କହିଛନ୍ତି। ଗତ ୧୩ ତାରିଖ ସୁଦ୍ଧା ଜିଲାର ୬୯, ୮୫୮ ପରିବାର ପଲିଥିନ ଅଥବା ଏ ବାବଦରେ ୫୦୦ ଟଙ୍କା ନେଇ ସାରିଲେଣି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସରକାର ବୁଧବାରଠାରୁ ଘରଭଙ୍ଗା ସର୍ଭେ ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି। ଘରକୁ ଘର ବୁଲି ୭ ଦିନ ଧରି ସର୍ଭେ କରାଯିବାକୁ ନିର୍ଦ୍ଦେଶ ରହିଛି।



ଖୋର୍ଦ୍ଧା କୁମାରବସ୍ତ ଆଦିବାସୀ ସାହିରେ ଭଙ୍ଗାଘରେ ଲୋକେ ପଲିଥିନ ପକାଇ ନାହାନ୍ତି ।

ତେବେ ପ୍ରଶ୍ନ ଉଠୁଛି ସରକାର ବାତ୍ୟା ବିପନ୍ନଙ୍କୁ ପଲିଥିନ ଅଥବା ବଦଳରେ ୫୦୦ ଟଙ୍କା ଯୋଗାଇ ଲାଭ କ'ଣ ହେଲା। ଘରେ ରଖିବାକୁ ଓ ପଲିଥିନ ନ କିଣି ଟଙ୍କା ଖର୍ଚ୍ଚ କରିବାକୁ ସରକାର କ'ଣ ରିଲିଫ୍ ସହାୟତା ଦେଇଥିଲେ। ଯାହା ହେଉନା କାହିଁକି ସରକାର ଓ ପ୍ରଶାସନ ଠିକ୍ ଭାବେ ସମୀକ୍ଷା କରୁ ନ ଥିବାରୁ ବିପନ୍ନ ଦୁର୍ଦ୍ଦଶା ଭୋଗୁଛନ୍ତି। ଯେଉଁମାନେ ପଲିଥିନ ବ୍ୟବହାର ନ କରିବେ ସେମାନଙ୍କ ପାଇଁ ସରକାରୀ ସହାୟତା ମନା ବୋଲି ଘୋଷଣା କରାଯିବା ଉଚିତ ବୋଲି କେତେଜଣ ବିପନ୍ନ ମତ ରଖିଛନ୍ତି। ଜିଲାରେ ୧୫, ୯୮୦ ଘର ଭାଙ୍ଗି ଯାଇଥିବାବେଳେ ୩୯୦୦ କୁଡିଆ ଘର ଭାଙ୍ଗିଛି। ସେହିଭଳି ୫୯,୦୩୭ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜିଲା ପ୍ରଶାସନ ପ୍ରାରମ୍ଭିକ ଆକଳନ କରିଛି। ମୋଟ ଘର ଭଙ୍ଗା କ୍ଷତି ୧, ୮୩ , ୩୬, ୬୬୭ ଟଙ୍କା ବୋଲି ଦର୍ଶାଯାଇଛି ।

**ଧାର୍ଯ୍ୟ ତାରିଖ ଶେଷ: ମିଳିଲାନି ରିଲିଫ ସହାୟତା**

ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ରିଲିଫ ବଣ୍ଟନ କାର୍ଯ୍ୟ ୧୪ ରେ ଶେଷ ହୋଇଛି। ହେଲେ ସବୁ ବିପନ୍ନଙ୍କ ପାଖରେ ପହଞ୍ଚିପାରିନି ୨ ହଜାର ଟଙ୍କା, ୫୦ କିଲୋ ଚାଉଳ ଓ ପଲିଥିନ। ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଞ୍ଚାୟତର ଛତିପୁର ଗାଁରେ ୨୦୦ ପରିବାର ଏଯାବତ ରିଲିଫ ସହାୟତା ପାଇନାହାନ୍ତି। ସେହିଭଳି ଖୋର୍ଦ୍ଧା ସହରର ୧୧ ନଂ. ୱାର୍ଡ ଭାଲିଆବାଡି ଦଳିତ ସାହିର ପ୍ରାୟ ୨୦୦ ପରିବାର ଅନୁରୂପ ଭାବେ ରିଲିଫ୍ ସହାୟତା ପାଇନାହାନ୍ତି। ଜିଲାର ଗାଁଗୁଡିକ ଓ ସହରାଞ୍ଚଳର ବିଭିନ୍ନ ୱାର୍ଡରେ ମଧ୍ୟ କେତେଜଣ ବିପନ୍ନ ପରିବାର ରହିଛନ୍ତି। ରାଶନ କାର୍ଡ ନ ଥିବା ଅଧିକାଂଶ ବିପନ୍ନ ମଧ୍ୟ ପଲିଥିନ ପାଇ ପାରିନାହାନ୍ତି।


■ ବାତ୍ୟାର ୧୧ଦିନ ପରେ

## ଜଟଣୀରେ ବିଦ୍ୟୁତ୍ ଯୋଗାଣ ହେଲାନି

**ଜଟଣୀ, ୧୪। ୫ (ଡି.ଏନ୍.ଏ.)**

ବାତ୍ୟା ଫନୀର ୧୧ ଦିନ ପରେ ବି ଜଟଣୀରେ ଜନଜୀବନ ସ୍ୱାଭାବିକ ହୋଇପାରିଲାନି। ଚାରିଆଡେ ଖାଁ ଖାଁ ଲାଗୁଛି। ଅସହ୍ୟ ଗରମକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇ ନ ଥିବାରୁ ସନ୍ଧ୍ୟା ପରେ ମାଡି ଆସୁଛି ଅନ୍ଧକାର। ସନ୍ଧ୍ୟା ୮ଟା ପୂର୍ବରୁ ସମସ୍ତ ଦୋକାନ ବଜାର ବନ୍ଦ ହୋଇଯାଉଛି। ରାସ୍ତାଘାଟରେ କେତେଜଣ ଲୋକଙ୍କ ଚଳପ୍ରଚଳ ଛଡା ସମଗ୍ର ଜଟଣୀ ନିସ୍ତବ୍ଧ ପାଲଟି ଯାଉଛି। ପ୍ରକୃତିର ପବନ ଟିକେ ପାଇଁ ରାତିରେ କିଏ ଛାତ ଉପରେ ତ ଆଉ କାହାର ଘର ସମ୍ମୁଖ ବାରଣ୍ଡା ସାହା ପାଲଟିଛି। ବାତ୍ୟାର ୧୨ ଦିନ ପରେ ବି ଜଟଣୀକୁ ବିଦ୍ୟୁତ୍ ଯୋଗାଣ ହୋଇପାରିଲା ନାହିଁ। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ରୋଗୀ, ଛୋଟପିଲା ଓ ବରିଷ୍ଠ ନାଗରିକ ଅଧିକ କଷ୍ଟ ପାଉଛନ୍ତି। ଅପରପକ୍ଷରେ ବିଦ୍ୟୁତ୍ ନ ଥିବାରୁ ବ୍ୟବସାୟିକ କାରବାର ଠପ୍ ହୋଇପଡିଛି। ବିଦ୍ୟୁତ ଯୋଗାଣ ପାଇଁ କାର୍ଯ୍ୟ ଚାଲିବା ସହ ସମସ୍ତ ଉଦ୍ୟମ ହେଉଥିବା ସମ୍ପୃକ୍ତ ବିଭାଗର ଅଧିକାରୀମାନେ କହୁଥିଲେ ମଧ୍ୟ କେବଳ ସହର କଥା ଯଦି ଦେଖାଯାଏ, ତେବେ ୭୦ ଭାଗ ଅଞ୍ଚଳରେ ଏବେବି ବିପର୍ଯ୍ୟସ୍ତ ଅବସ୍ଥାରେ ଖୁଣ୍ଟ ଓ ତାର ପଡିରହିଛି। ଅତିବେଶୀରେ ୩୦ଭାଗ ଅଞ୍ଚଳରେ କିଛି କାମ ହୋଇଛି। କାମ ସରିଥିବା ଅଞ୍ଚଳକୁ ମଧ୍ୟ ବିଦ୍ୟୁତ୍ ଯୋଗାଣ କରାଯାଉନାହିଁ। ସହରାଞ୍ଚଳରେ ଏପରି ଅବସ୍ଥା ଥିବା ବେଳେ ଗ୍ରାମାଞ୍ଚଳର ସ୍ଥିତି ଯାହା ହୋଇଥିବ ଏଥିରୁ ଅନୁମେୟ। ଗ୍ରାମାଞ୍ଚଳରେ ଏଯାବତ୍ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଭୁବନେଶ୍ୱର ଉପକଣ୍ଠରେ ଥିବା ଜଟଣୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଏପରି ଅବସ୍ଥାକୁ ନେଇ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶୀଘ୍ର ବିଦ୍ୟୁତ୍ ଯୋଗାଣ ନ ହେଲେ ଲୋକଙ୍କ ମଧ୍ୟରେ କୁହୁଳୁଥିବା ନିଆଁ ବିସ୍ଫୋରକ ରୂପ ନେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟରେ ଦୈନିକ ଚାପା ଉତ୍ତେଜନା ସୃଷ୍ଟି ହେଉଛି। ଲୋକେ ଆସି ପାଟିତୁଣ୍ଡ କରୁଛନ୍ତି। ଫଳରେ ପୋଲିସ୍ ସମ୍ପୃକ୍ତ କାର୍ଯ୍ୟାଳୟରେ ମୁତୟନ ରହିଛନ୍ତି। ଜଟଣୀରେ ବିଦ୍ୟୁତ୍ ବିଭ୍ରାଟଠାରୁ ଆରମ୍ଭ କରି ଘରଭଙ୍ଗା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହେଲେ ଯେଉଁପରି ଭାବେ ଏଠାରେ କାମ ହେବା କଥା ତାହା ହେଉନଥିବା ଅଭିଯୋଗ ହୋଇଛି।

## ରିଲିଫ ନ ମିଳିବାରୁ ରାଜପଥ ଅବରୋଧ




ରିଲିଫ ଦାବିରେ ମୁକୁନ୍ଦପ୍ରସାଦଠାରେ ଜାତୀୟ ରାଜପଥ ଅବରୋଧ କରାଯାଇଛି ।

**ଖୋର୍ଦ୍ଧା ଅଫିସ,୧୪।୫:**

ଖୋର୍ଦ୍ଧା ସହର ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ମୁକୁନ୍ଦପ୍ରସାଦଠାରେ ବାସିନ୍ଦା ରିଲିଫରେ ଚାଉଳ, ଟଙ୍କା ଓ ପଲିଥିନ ନ ପାଇବାର ପ୍ରତିବାଦରେ ମଙ୍ଗଳବାର ରାଜପଥ ଅବରୋଧ କରିଥିଲେ। ଫଳରେ ଖୋର୍ଦ୍ଧା-ଜଟଣୀ ମଧ୍ୟରେ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ବିପନ୍ନଙ୍କ ଅଭିଯୋଗ ଘର ଭାଙ୍ଗିଲା। ପ୍ରଶାସନିକ କର୍ମଚାରୀ ଓ ଅଧିକାରୀ ବିପନ୍ନ ପାଦ ପଡିଲାନି। ସର୍ଭେ ହେଲା ନାହିଁ। ରିଲିଫ୍ ଦିଆଗଲାନି। ଆଉ କିପରି କ୍ଷତି ହୋଇଥିଲେ ସରକାର ରିଲିଫ୍ ଯୋଗାଇ ଥାନ୍ତେ ବୋଲି ମୁକୁନ୍ଦପ୍ରସାଦ ଅଞ୍ଚଳର ବିପନ୍ନ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଅପରାହ୍ନ ୧ଟାରେ ଶେଷ ହୋଇଥିଲା।

■ରିଲିଫ ଓ ଥଇଥାନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

## ବାତ୍ୟାର ୧୧ ଦିନ ପରେ ପ୍ରଶାସନ ପକ୍ଷରୁ ପ୍ରଥମ ସୂଚନା

**ଖୋର୍ଦ୍ଧା ଅଫିସ,୧୪।୫:**

ଭୁବନେଶ୍ୱରର ସ୍ୱତନ୍ତ୍ର ସର୍କିଟ ହାଉସ୍‌ଠାରେ ସୋମବାର ଜିଲାପାଳ ଭୂପିନ୍ଦର ସିଂ ପୁନିଆ ରିଲିଫ୍ ଓ ଥଇଥାନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ତେବେ ୧୪ ତାରିଖ ରିଲିଫ୍ ବଣ୍ଟନର ଶେଷଦିନ ବୋଲି ଗଣମାଧ୍ୟମ ଜରିଆରେ ଜିଲା ପ୍ରଶାସନ ସୂଚନା ଦେଇଛି। ଅନ୍ୟପକ୍ଷେ ବାତ୍ୟା ଯିବାର ୧୧ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ କିଛି ସୂଚନା ଦିଆଯାଇ ନ ଥିଲା। ପ୍ରଥମ ଥର ପାଇଁ ତଥ୍ୟ ଦିଆଗଲା ଅଥଚ ବିପନ୍ନ ଜାଣିବା ପୂର୍ବରୁ ତାରିଖ ଶେଷ ହୋଇଯାଇଛି। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବାସଗୃହଗୁଡିକର ତୁରନ୍ତ ଆକଳନ କରାଯିବା ସହ କ୍ଷତିଗ୍ରସ୍ତ ଗୃହ ଓ ହିତାଧିକାରୀଙ୍କର ଫଟୋ ଉତ୍ତୋଳନ କରିବାକୁ ତହସିଲଦାରମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଶନକାର୍ଡ ନ ଥିବା କ୍ଷତିଗ୍ରସ୍ତ ବିପନ୍ନଙ୍କୁ ପଲିଥିନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ୨୦୧୧ ଜନଗଣନାର ତଥ୍ୟ, ପିଠା କାର୍ଯ୍ୟକ୍ରମରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଆବେଦନ ପତ୍ର, ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସିଥିବା ଅଭିଯୋଗ, ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀଙ୍କ ତଥ୍ୟ, ପରିବାରର ସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥାକୁ ବିଚାରକୁ ନେଇ କାର୍ଡ ନ ଥିବା ବିପନ୍ନଙ୍କୁ ରିଲିଫ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ୧୪ ତାରିଖ ଶେଷ ହୋଇଥିବାବେଳେ ଯେଉଁମାନେ ବାଦ ପଡିଗଲେ ସେମାନେ ରିଲିଫ୍ ପାଇବେ କି ନାହିଁ ବିପନ୍ନଙ୍କ ମନରେ ପ୍ରଶ୍ନ ଉଠିଲାଣି।

## ଟାଙ୍ଗୀ ବ୍ଲକ: ୩୫,୪୨୪ ଜଣଙ୍କୁ ରିଲିଫ୍

**ଟାଙ୍ଗୀ(ଖୋର୍ଦ୍ଧା), ୧୪।୫ (ଡି.ଏନ.ଏ.)**

ସାମୁଦ୍ରିକ ଝଡ଼ ଫନୀରେ ଟାଙ୍ଗୀ ବ୍ଲକର ବିପୁଳ କ୍ଷୟକ୍ଷତି ଘଟିଛି। ତେଣୁ ସରକାରଙ୍କ ପକ୍ଷରୁ ବ୍ଲକର ୩୫,୪୨୪ ଜଣ ବିପନ୍ନଙ୍କୁ ରିଲିଫ୍ ପ୍ରଦାନ କରାଯାଇଥିବା ବିଡିଓ ଅକ୍ଷୟ କୁମାର ରାଉତ ପ୍ରକାଶ କରିଛନ୍ତି। ରିଲିଫ୍ ବାବଦରେ ପ୍ରତି ବିପନ୍ନଙ୍କୁ ୫୦ କେଜି ଚାଉଳ ଓ ୨୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିବା ବିଡିଓ କହିଛନ୍ତି ।

## ଟେଲିସେବା ପାଇଁ ଅଠରନଳାରେ ଜମୁଛି ଭିଡ଼

**ପୁରୀ ଅଫିସ,୧୪।୫:**

'ଫନୀ' ପ୍ରଭାବରେ ପୁରୀ ସହରରେ ବହୁ ଟେଲିକମ୍ ଟାୱାର କ୍ଷତିଗ୍ରସ୍ତ ହୋଇଛି। କେଉଁଠି ଟାୱାର ଉପୁଡ଼ି ପଡ଼ିଛି ତ, ଆଉ କେଉଁଠି ଛାତ ସହ ତଳେ ମୋଡ଼ିମାଡ଼ି ହୋଇ ପଡ଼ିରହିଛି। ଫଳରେ ଗତ ୩ତାରିଖଠାରୁ ଟେଲି ଯୋଗାଯୋଗ ଠପ୍ ହୋଇଯାଇଛି। କେତେକ ଟେଲିଫୋନ କମ୍ପାନୀଙ୍କ ମଧ୍ୟରେ ଆପୋଷ ବୁଝାମଣାରେ ସହରରେ ଅସ୍ଥାୟୀ ଟାୱାର ଲାଗିଛି। ସହରରେ ଅନେକ ସମୟରେ ନେଟୱର୍କ ଅପ୍‌ଡାଉନ ରହୁଛି। ଅନ୍ୟପଟେ ଅଠରନଳାରେ ନେଟୱର୍କ ଦ୍ରୁତଗତିରେ କାମ କରୁଥିବାରୁ ସନ୍ଧ୍ୟା ହେଲେ ସେଠାରେ ଲୋକଙ୍କ ଭିଡ଼ ଜମୁଛି। ଲୋକେ ନିଜ ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ଘଣ୍ଟା ଘଣ୍ଟା ଧରି କଥାବାର୍ତ୍ତା ହେଉଛନ୍ତି। ରାତି ହେଲେ ଯୁବବର୍ଗଙ୍କ ଭିଡ଼ ହେଉଛି। ଯୁବ ବ୍ୟବସାୟୀ ସୌମ୍ୟରଞ୍ଜନ ପାତ୍ର କୁହନ୍ତି ବାତ୍ୟା ପରଠାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏବେ ଏଥିରୁ ଆଶ୍ୱସ୍ତି ମିଳିଛି।

■ ଫନୀ ସର୍ଭେ ଉପରେ ଉଠିଲା ପ୍ରଶ୍ନ

## ୭ଦଫା ଦାବି ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

**ଖୋର୍ଦ୍ଧା ଅଫିସ,୧୪।୫**

ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ବିପନ୍ନଙ୍କ ପାଇଁ ରିଲିଫ୍ ସହାୟତା ଓ ପୁନର୍ବାସ ଦାବିରେ ଏସ୍‌ୟୁସିଆଇ(ସି) ଖୋର୍ଦ୍ଧା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏକ ପ୍ରତିବାଦ ସଭା କରାଯାଇ ବାତ୍ୟା ପରବର୍ତ୍ତୀ ରିଲିଫ୍ ସହାୟତା ଓ ପୁନର୍ବାସ ଠିକ୍ ଭାବେ ହେଉ ନ ଥିବା ବକ୍ତାମାନେ ଟିପ୍ପଣୀ ଦେଇଥିଲେ। ବାତ୍ୟା ଖୋର୍ଦ୍ଧା ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଛି। ଏଯାବତ୍ ବିପନ୍ନ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ପାଉନାହାନ୍ତି। ବାତ୍ୟାର ୧୧ ଦିନ ପରେ ବିପନ୍ନମାନେ ସରକାରୀ ସହାୟତା ପାଇ ପାରିନାହାନ୍ତି। ସରକାରୀ ସର୍ଭେ ଠିକ୍‌ରେ କରା ନ ଯିବାରୁ ବିପନ୍ନଙ୍କ ପାଖରେ ପଲିଥିନ୍ ଓ ଅନ୍ୟ ସହାୟତା ପହଞ୍ଚି ପାରିଲା ନାହିଁ ବୋଲି କହିଥିଲେ। ଏ ପରିପ୍ରେକ୍ଷୀରେ ୭ ଦଫା ଦାବିପତ୍ର ଜିଲାପାଳ ଭୂପିନ୍ଦର ସିଂ ପୁନିଆଙ୍କୁ ପ୍ରଦାନ କରାଯାଇଥିଲା।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଉଛି ।

ଫନୀ ବାତ୍ୟାର ପରିବର୍ତ୍ତିତ ପରିସ୍ଥିତିରେ ରିଲିଫ ସହାୟତା ଓ ପୁନର୍ବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ସର୍ଭେ କରି ପ୍ରକୃତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଓ ରିଲିଫ୍ ସହାୟତାର ବ୍ୟବସ୍ଥା, ଘର ଭାଙ୍ଗି ଯାଇଥିବା ପରିବାରକୁ ପଲିଥିନ୍ ଓ ଗୃହ ନିର୍ମାଣ କରାଇବା ଦାବି ସ୍ମାରକପତ୍ରରେ ସ୍ଥାନ ପାଇଛି। ସେହିଭଳି ଭୂମିହୀନଙ୍କୁ ଘରଭଙ୍ଗା ସହାୟତା ରାଶି ଯୋଗାଇବା, ବିଦ୍ୟୁତ୍ ସଂଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା, ଜଳଯୋଗାଣ କାର୍ଯ୍ୟର ଅବ୍ୟବସ୍ଥାକୁ ଦୂର କରିବାକୁ କୁହାଯାଇଛି। ଏ ଅବସରରେ ଖୋର୍ଦ୍ଧାର ନୂଆ ବସଷ୍ଟାଣ୍ଡଠାରୁ ପୂର୍ବାହ୍ନ ୧୦ଟାରେ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ କରିଥିଲେ। ସଙ୍ଗଠନର ସମ୍ପାଦକ ଅଶୋକ ସାହୁ, ଜୟନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଛାତ୍ରନେତା ଅବିନାଶ ପ୍ରଧାନ, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ରୀତାମଣୀ ସୁବୁଦ୍ଧି, ସଂଘମିତ୍ରା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ବିପନ୍ନଙ୍କୁ ରିଲିଫ, ପଲିଥିନ୍ ଯୋଗାଇ ଦେବାକୁ ଦାବି

**କୃଷ୍ଣପ୍ରସାଦ,୧୪।୫(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ ବ୍ରହ୍ମପୁର ପଞ୍ଚାୟତ ଅଧୀନ ଖିରିସାହି ଗ୍ରାମରେ ରାଶନ କାର୍ଡ ହିତାଧିକାରୀଙ୍କୁ ମଙ୍ଗଳବାର ରିଲିଫ ପ୍ରଦାନ କରାଯାଇଛି । ପ୍ରତି କାର୍ଡ ପିଛା ୫୦କେଜି ଚାଉଳ, ୨ହଜାର ଟଙ୍କା, ପଲିଥିନ୍ ଯୋଗାଇ ଦିଆଯାଇଛି । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ତରେଇ, ସରପଞ୍ଚ କ୍ଷଣପ୍ରଭା କରଣ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ, ଜିଆର୍‌ଏସ୍ ବିପିନ କୁମାର ତରେଇ ପ୍ରମୁଖ ଉପସ୍ଥିତ ରହି ସହାୟତା ବଣ୍ଟନ କରିଥିଲେ । ଏଥିସହିତ ଖିରିସାହି, ମହିଷା, ପରଳା ବିଦ୍ୟାଳୟ ସମେତ ବ୍ରହ୍ମପୁରର ୩ ସ୍ଥାନରେ ଦୁଇବେଳା ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ତେବେ ୨ଶହରୁ ଉର୍ଦ୍ଧ୍ୱ ପରିବାରକୁ ପଲିଥିନ ନ ମିଳିବାରୁ ସେମାନେ ଖୋଲା ଆକାଶ ତଳେ ରାତି ବିତାଉଛନ୍ତି। ତେଣୁ ଅବଶିଷ୍ଟ ଲୋକଙ୍କ ତୁରନ୍ତ ପଲିଥିନ୍ ଯୋଗାଇ ଦେବାକୁ ସରପଞ୍ଚ ପ୍ରଶାସନ ନିକଟରେ ଦାବି କରିଛନ୍ତି।

■ ପଲିଥିନ ନ ପାଇ ଖରା କାକରରେ ବିପନ୍ନ

## ଜିଲାପାଳଙ୍କୁ ଅବଗତ କରାଇଲେ ସରପଞ୍ଚ

**ଖୋର୍ଦ୍ଧା ଅଫିସ,୧୪।୫**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଠାରେ ପ୍ରାୟ ୧୦ ହଜାର ଲୋକ ବସବାସ କରୁଥିବାବେଳେ ୮୦ ପ୍ରତିଶତ ଲୋକଙ୍କ ଘର ଭାଙ୍ଗିଯାଇଛି। ତେବେ ୨୦ ପ୍ରତିଶତ ଲୋକ ପଲିଥିନ୍ ପାଇଛନ୍ତି। ସେହିପରି ରାଶନ କାର୍ଡ ନ ଥିବା କ୍ଷତିଗ୍ରସ୍ତ ପରିବାର କିଛି ସହାୟତା ପାଇନାହାନ୍ତି। ରାଶନ କାର୍ଡ ପାଇ ନ ଥିବା ଓ ରାଶନ କାର୍ଡ ଥାଇ ପଲିଥିନ ପାଇ ନ ଥିବା ବିପନ୍ନମାନେ ରିଲିଫ୍ ନ ପାଇ ପଞ୍ଚାୟତ ସମ୍ମୁଖରେ ପାଟିତୁଣ୍ଡ ଓ ହୋହଲ୍ଲା କରୁଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ପଲିଥିନ ନାହିଁ କହିଥିଲେ। ପଲିଥିନ୍ ଆସିଲେ ଦିଆଯିବ ନ ହେଲେ ୫୦୦ ଟଙ୍କା ଦିଆଯିବ ବୋଲି କହିଛନ୍ତି। ତେବେ ବିପନ୍ନ ବୁଝିବା ସ୍ଥିତିରେ ନ ଥିବାରୁ ଟାଙ୍ଗିପଡା ପଞ୍ଚାୟତର ବିପନ୍ନଙ୍କୁ ପଲିଥିନ୍ ଯୋଗାଇବାର ବ୍ୟବସ୍ଥା କରିବାକୁ ସରପଞ୍ଚ କଲ୍ୟାଣୀ ଦଳେଇ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇ ଅବଗତ କରାଇଛନ୍ତି।



ଟାଙ୍ଗିଆପଡା ପଞ୍ଚାୟତ ଅଫିସରେ ବାତ୍ୟା ସହାୟତା ନେବା ଲାଗି ବିପନ୍ନଙ୍କ ଲମ୍ବା ଲାଇନ ।

# ବଢୁଛି ଗୁଳିମାଡ଼, ହତ୍ୟା, ରାହାଜାନି

**ବେଗୁନିଆ, ୧୪।୫ (ଡି.ଏନ.ଏ.)**

■ ଅସୁରକ୍ଷିତ ସର୍ବସାଧାରଣ

■ ୪ ମାସରେ ୪ ପ୍ରମୁଖ ଡକାୟତି

ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବିଭାଗ ରହିଛି। ବିଶେଷକରି ଦୁର୍ବୃତ୍ତ, ମାଫିଆ ଓ ଅସାମାଜିକମାନଙ୍କୁ ଆୟତ୍ତ କରିବା ଏହି ବିଭାଗର କାର୍ଯ୍ୟ। ମାତ୍ର ସବୁକିଛି ଏଠି ଓଲଟ ପାଲଟ। ସତେ ଯେମିତି ବେଗୁନିଆ ଥାନା ପୋଲିସ ହାତ ଟେକି ଦେଇଛି। ଗତ ୬ ମାସ ମଧ୍ୟରେ ଥାନା ଇଲାକାରେ ହତ୍ୟା, ଗୁଳିମାଡ, ବୋମାମାଡ, ଡକାୟତି ଆଦି ପ୍ରମୁଖ ଘଟଣାମାନ ପୋଲିସ ଫାଇଲରେ ଲଟକି ରହିଛି। ଅନ୍ୟପକ୍ଷରେ ୩ ଦିନ ହେଲା ଦୁର୍ବୃତ୍ତମାନେ ଲଗାତର ଅଘଟଣ ଘଟାଇ ପୋଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି। ରବିବାର ଏଟିଏମ୍ ଗାଡିରୁ ଲୁଟ, ସୋମବାର ଏକ ଛାତ୍ରଙ୍କୁ ହତ୍ୟା, ମଙ୍ଗଳବାର ଗୋଟିଏ ରାତିରେ ୪ ଘରୁ ଚୋରିଛନ୍ତି ଦୁର୍ବୃତ୍ତମାନେ। ଏଥିଯୋଗୁ ପୋଲିସ ବିଭାଗ ଉପରେ ସ୍ଥାନୀୟ ଲୋକେ ଆସ୍ଥା ତୁଟାଇ ଅସୁରକ୍ଷିତ ଜୀବନ ଯାପନ କରୁଛନ୍ତି। ବିଶେଷକରି ବାଘମାରୀ-କଣ୍ଟିଲୋ ପ୍ରମୁଖ ପର୍ଯ୍ୟଟନ ରାସ୍ତାର ଗେଡିଆପଲୀଠାରୁ ବଡବେରଣା ପର୍ଯ୍ୟନ୍ତ ଅଞ୍ଚଳକୁ ଅସାମାଜିକମାନେ ସୁରକ୍ଷିତ କରିଡର ଭାବେ ଧରି ନେଲେଣି। କିଛିଦିନ ହେଲା ଦୁର୍ବୃତ୍ତମାନେ ୫୭ ନଂ. ଜାତୀୟ ରାଜପଥକୁ ଛାଡି ଏହି ରାସ୍ତାରେ ଗୁଳିମାଡ କରି ଟଙ୍କା ଲୁଟି ଚାଲିଛନ୍ତି। ୪ ମାସରେ ୪ଟି ହାଇପ୍ରୋଫାଇଲ ଡକାୟତି ହୋଇଥିବା ପୋଲିସ ମାମଲାରୁ ଜଣାପଡିଛି। ପୋଲିସ କେତେଗୋଟି ମାମଲାର ଅପରାଧୀମାନଙ୍କୁ କୋର୍ଟ ଚାଲାଣ କରି କର୍ତ୍ତବ୍ୟ ଶେଷ କରି ଦେଇଛି। ତେବେ ପୋଲିସ ପାଟ୍ରୋଲିଂ ଏଠି ଢିଲା ବୋଲି ବିଗତଦିନରେ ଘଟିଥିବା କ୍ରାଇମ ଘଟଣାରୁ ପ୍ରମାଣିତ କରିଛି।

୨୦୧୮ ନଭେମ୍ବରରେ ଜିଲାର ସବୁଠୁ ହାଇପ୍ରୋଫାଇଲ ଲୁଟ୍ ଗେଡିଆପଲୀ ଛକ ନିକଟରେ ହୋଇଥିଲା। ବନ୍ଧୁକ ମୁନରେ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କଠାରୁ ୬୧ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଏଥିରେ ପୋଲିସ ୮ ଦିନ ପରେ ୨୭ ଲକ୍ଷ ଟଙ୍କା ଉଦ୍ଧାର କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଜାନୁୟାରୀ ୧୩ରେ କଡବ ଗ୍ରାମର ସେକ୍ ତଫିକ୍‌ଙ୍କୁ ହତ୍ୟା କରାଯାଇ ଡିଙ୍ଗର ଗ୍ରାମର ଏକ ପରିତ୍ୟକ୍ତ କୂଅରେ ପକାଇ ଦିଆଯାଇଥିଲା। ୮ ଦିନ ପରେ ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ସେହିପରି ଜାନୁୟାରୀ ୧୫ରେ ଏହି ଥାନା ବୋଲଗଡ ବ୍ଲକ ବାଙ୍କପଲୀ ଗାଁ ଦାଣ୍ଡରେ ଜଣେ ମହିଳାଙ୍କୁ ବୀଭତ୍ସ ଭାବେ କାଠଫାଳିଆରେ ପିଟି ପିଟି ହତ୍ୟା କରାଯାଇଥିଲା। ଘଟଣାରେ ମଧ୍ୟ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା। ଫେବୃୟାରୀ ୧୮ରେ ଥାନା ଅନ୍ତର୍ଗତ ବୋଲଗଡ ବ୍ଲକ ଦେଉଳି ଗାଁ ଦାଣ୍ଡରେ ଚିନ୍ମୟ ସାହୁ(୨୨)ଙ୍କୁ ଗୋଡେଇ ଗୋଡେଇ ଏକ କଟୁରିରେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣା ଘଟିବାର ୮ ଦିନ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତ ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ମାର୍ଚ୍ଚ ୧୪ରେ ଥାନା କାର୍ଯ୍ୟାଳୟ ନିକଟରେ ଜଣୈକା ମହିଳାଙ୍କଠାରୁ ଦିନବେଳା ୧ଲକ୍ଷ ୯୦ହଜାର ଟଙ୍କା ଲୁଟ୍ ହୋଇଥିଲା। ତେବେ ଏହି ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସ ହାତ ଏଯାଏ ଖାଲିପଡିଛି। ସେହିପରି ରବିବାର ଅପରାହ୍ନ ସାଢେ ୪ଟାରେ ଗୋବିନ୍ଦପୁର ଛକ ନିକଟରେ ଏଟିଏମ୍ କାଉଣ୍ଟରରେ ଟଙ୍କା ବୋଝେଇ କରୁଥିବା ଏକ ଘରୋଇ କମ୍ପାନୀ ଗାଡିକୁ ଗୁଳି ଓ ବୋମାମାଡ କରି ୯୪ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ସୋମବାର ଏହି ଥାନା ବୋଲଗଡ ବ୍ଲକ ଅଧୀନ କୋଦବେରେଣି ସ୍କୁଲ ପଛପଟ ଏକ ପଡିଆରେ ନିଖୋଜ ଥିବା ଛାତ୍ର ବିଶ୍ୱଜିତ୍ ମହାପାତ୍ରଙ୍କୁ ଅମାନୁଷିକ ଭାବେ ହତ୍ୟା କରି ଫୋପାଡି ଦିଆଯାଇଥିଲା। ଏ ନେଇ ରାସ୍ତାରୋକୋ ସାଙ୍ଗକୁ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଣି ପୋଲିସକୁ ଚ୍ୟାଲେଞ୍ଜ ଦେବାକୁ ଯାଇ ଅସାମାଜିକମାନେ ସୋମବାର ବିଳମ୍ବିତ ରାତିରେ କୋଲୁହାପାଟଣା ଗ୍ରାମର ୪ ଜଣଙ୍କ ଘରୁ ଚୋରି କରିଛନ୍ତି। ଗ୍ରାମର ରାମଚନ୍ଦ୍ର ପଣ୍ଡା, ବାବୁଲି ପରିଡା ଓ ଭୀମସେନ ସାହୁଙ୍କ ଘରୁ ବିଭିନ୍ନ ଘରୋଇ ଉପକରଣ ନେବା ସହ ହେମନ୍ତ କୁମାର ପଣ୍ଡାଙ୍କ ଘରୁ ଅଳଙ୍କାର, ନଗଦ ୬ ହଜାର ଟଙ୍କା ସହ ପିତଳ ସାମଗ୍ରୀ ଲୁଟି ନେଇ ପଳାଇଛନ୍ତି। ଏ ନେଇ ଥାନାରେ ମଧ୍ୟ ଅଭିଯୋଗ କରାଯାଇନାହିଁ। ଏ ସଂକ୍ରାନ୍ତରେ ବେଗୁନିଆ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ଥାନା ଅଞ୍ଚଳରେ ଘଟୁଥିବା ଛୋଟବଡ ଅପରାଧକୁ ରୋକିବାକୁ ଆମ ପକ୍ଷରୁ ପ୍ରୟାସ ଜାରି ରହିଛି। ତଥାପି ବହୁ ପ୍ରମୁଖ ମାମଲାର ଅପରାଧୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛୁ।